ଧରିତ୍ରୀ 50 Years
ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୮/୨୦୨୪ (୧୨+୮= ୨୦ ପୃଷ୍ଠା) | Bhubaneswar, Wednesday, May 8/2024 | Page 20 | ₹ 7.00
୫୦ଶ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 163 | ମୂଲ୍ୟ ₹୭/-




# ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



## ମହିଳାଙ୍କ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ସୁଭଦ୍ରା ଯୋଜନା:**
  ପ୍ରତ୍ୟେକ ମହିଳାଙ୍କୁ **୫୦,୦୦୦ ଟଙ୍କା**ର ଭାଉଚର ଯାହା ୨ ବର୍ଷ ମଧ୍ୟରେ ଉପଯୋଗ ହୋଇପାରିବ
- ଓଡ଼ିଶାରେ **୨୫ ଲକ୍ଷ ଲକ୍ଷପତି** ଦିଦି ଏବଂ ପ୍ରତ୍ୟେକ ୫୦୦ SHG ପାଇଁ ଶିଳ୍ପ କ୍ଲଷ୍ଟର
- **ମୋ ମେଧାବୀ ଝିଅ ଯୋଜନା:** ସମସ୍ତ ବିପିଏଲ୍ ଝିଅମାନଙ୍କ ପାଇଁ **୨,୦୦,୦୦୦ ଟଙ୍କା**ର ଆଶ୍ୱାସନା ପ୍ରମାଣପତ୍ର
- **ମାତୃତ୍ୱ ସୁରକ୍ଷା ଯୋଜନା:** ୬ଟି ପୋଷଣ କିଟ୍ ପାଇଁ ୨୧,୦୦୦ ଟଙ୍କା ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ରୋଜଗାର ସହାୟତା



## ସୁଶାସନ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ଦୁର୍ନୀତିର ଅନ୍ତ:** ଭ୍ରଷ୍ଟାଚାର ବିରୁଦ୍ଧରେ ଶୁନ୍ୟ ସହନଶୀଳତା ନୀତି
- **ଚିଟ ଫଣ୍ଡ ସ୍କାମ**ର ଶିକାର ବ୍ୟକ୍ତିଙ୍କୁ **ଟଙ୍କା ଫେରସ୍ତ,** ଡିଏମଏଫ ଫଣ୍ଡର ସଠିକ ବ୍ୟବହାର
- **ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର:** ରତ୍ନଭଣ୍ଡାର ଚାବି ଠାବ, ରତ୍ନ ଭଣ୍ଡାର ହିସାବର ତଥ୍ୟ ସାର୍ବଜନୀନ
- ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସେବା ସୁବିଧା



## ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ **୩୬,୦୦୦ ଶଯ୍ୟା** ଉପଲବ୍ଧ ହେବ
- ପ୍ରତ୍ୟେକ ଜିଲ୍ଲାରେ **ମେଡିକାଲ କଲେଜ, ନର୍ସିଂ କଲେଜ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲ** ପ୍ରତିଷ୍ଠା
- ସୁନ୍ଦରଗଡ଼, କେନ୍ଦୁଝର ଏବଂ ଜୟପୁରରେ ୬୦୦ **ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ**



## ସମୃଦ୍ଧ ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ଏମ୍. ଏସ୍. ଏମ୍. ଇ.** ଗୁଡ଼ିକୁ ପ୍ରୋତ୍ସାହନ
- **୪ଟି ସହରରେ** ନୂଆ ଆଇ. ଟି. ପାର୍କର ନିର୍ମାଣ
- **ଶିଳ୍ପ କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ**
- **ଉତ୍କର୍ଷ ଉଦ୍ୟମ ଯୋଜନା:** ରପ୍ତାନୀରେ ଓଡିଶା ୫ମ ବୃହତ ରାଜ୍ୟ ହେବ
- ସମସ୍ତ ଜୋନ୍ **ରେ ମେଗା ଫୁଡ ପାର୍କ** ସ୍ଥାପନ



## ଯୁବଗୋଷ୍ଠୀଙ୍କୁ ମୋଦୀଙ୍କ ଗ୍ୟାରେଣ୍ଟି

- **୧.୫ ଲକ୍ଷ** ସରକାରୀ ପଦବୀରେ ନିଯୁକ୍ତି
- ନୂତନ **୩.୫ ଲକ୍ଷ** ପଦବୀ ସୃଷ୍ଟି କରାଯିବ
- **ଆଉ ଦାଦନ ଖଟିବାକୁ ଯିବେନି** ଶିକ୍ଷିତ ଯୁବପିଢ଼ି



## କୃଷକ ସମୃଦ୍ଧି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ସମୃଦ୍ଧ କୃଷକ ନୀତି:** କୁଇଣ୍ଟାଲ ପିଛା ଧାନର କ୍ରୟ ମୂଲ୍ୟ **୩,୧୦୦ ଟଙ୍କା**
- DBT ମାଧ୍ୟମରେ କେବଳ **୪୮ ଘଣ୍ଟା ଭିତରେ** ମିଳିବ ପ୍ରାପ୍ୟ, **କଟନି-ଛଟନି ସମାପ୍ତ** କରିବୁ
- **୧୦ଟି ନୂଆ ଜଳସେଚନ ପ୍ରକଳ୍ପ** ଏବଂ ତିନିଗୁଣ ହେବ ଜଳସେଚନଯୁକ୍ତ ଚାଷ ଜମି
- **ମତ୍ସ୍ୟଜୀବିଙ୍କ** ମାନ୍ଦା ଅବସ୍ଥାରେ ବାର୍ଷିକ ୧୦,୦୦୦ ଟଙ୍କାର ଭତ୍ତା



## ଜନଜାତି କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **କେନ୍ଦୁ ପତ୍ର ତୋଳାଳୀ କଲ୍ୟାଣ ଯୋଜନା:**
  କେରୀ ପିଛା ୨ ଟଙ୍କା, କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀଙ୍କୁ ବୋନସ
- **ମାଧୋ ସିଂ ହାତ ଖର୍ଚ୍ଚ:** ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଁ **ଆଦିବାସୀ ଛାତ୍ରଙ୍କୁ ବାର୍ଷିକ ୫,୦୦୦ ଟଙ୍କା**
- ମହୁଲ ପାଇଁ ସର୍ବନିମ୍ନ ସହାୟକ ରାଶି, ମହୁଲ ଚାଷୀଙ୍କୁ ବୋନସ ଏବଂ ନୂଆ ମହୁଲ ବ୍ୟବସାୟ ଉଦାରୀକରଣ ନୀତି



## ସାମାଜ କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ପିଏମ ଆବାସ ଯୋଜନା**ରେ ୧୫ ଲକ୍ଷ ଗରିବଙ୍କୁ ପକ୍କା ଘର
- **ଜଳ ଜୀବନ ମିଶନ**ରେ ୨୬ ଲକ୍ଷ ପରିବାରକୁ ପାନୀୟ ଜଳ ଯୋଗାଣ
- ସମସ୍ତ ବୟସ୍କ ବ୍ୟକ୍ତି, ଦିବ୍ୟାଙ୍ଗ, ବିଧବା ତଥା ନିରାଶ୍ରୟ ଲୋକଙ୍କୁ ମାସିକ **୩,୦୦୦ ଟଙ୍କା**
- ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ୮୦% ରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କୁ ମାସିକ **୩,୫୦୦ ଟଙ୍କା**ର ଭତ୍ତା
- **ପିଏମ-ସୂର୍ଯ୍ୟ ଘର** ଅନ୍ତର୍ଗତ ସମସ୍ତ ଗ୍ରାମୀଣ ଓ ସହରୀ ପରିବାରକୁ **ମାଗଣା ବିଜୁଳି ଯୋଜନା**
- **ବୁଣାକାର ସମ୍ମାନ ନିଧି:** ୪୦ ରୁ ୬୦ ବର୍ଷ ବୟସ୍କ ବୁଣାକାରମାନଙ୍କୁ ମାସିକ **୩,୦୦୦ ଟଙ୍କା** ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ମାସିକ **୩,୫୦୦ ଟଙ୍କା**ର ସହାୟତା ରାଶି



## ଆମ ଓଡ଼ିଶା, ଆମ ଅସ୍ମିତା, ଆମ ପରିଚୟ

- ପର୍ଯ୍ୟଟନ ଅର୍ଥନୀତିର ବିକାଶ ହୋଇ
  **ଓଡ଼ିଶା ତୃତୀୟ ସର୍ବବୃହତ ପର୍ଯ୍ୟଟନ ସ୍ଥଳୀରେ ପରିଣତ** ହେବ
- ଶୁଖିଲା ମହାପ୍ରସାଦ ବିତରଣ ପାଇଁ **ପ୍ରତି ଜିଲ୍ଲାରେ ମହାପ୍ରସାଦ ବିତରଣ କେନ୍ଦ୍ର**
- ସ୍ୱୀକୃତିପ୍ରାପ୍ତ ମଠଗୁଡିକୁ ଜମି ଆବଣ୍ଟନ ଏବଂ ମଠ ଗୁଡ଼ିକର ପୁନରୁଦ୍ଧାର ପାଇଁ **୫ ଲକ୍ଷ ଟଙ୍କା ସହାୟତା ରାଶି**



## ଓଡ଼ିଶା ନିର୍ମାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ସମ୍ପୂର୍ଣ୍ଣ ଓଡ଼ିଶା ସଂଯୋଗୀକରଣ ପାଇଁ **୭୫,୦୦୦ କିମି**ର ଗ୍ରାମୀଣ ଓ ରାଜ୍ୟ ରାଜପଥ ନିର୍ମାଣ
- **ସେତୁ ବନ୍ଧନ ଯୋଜନା:** କାଠ ପୋଲ ବଦଳରେ **୫୦୦** ନୂଆ କଂକ୍ରିଟ ପୋଲ ନିର୍ମାଣ

ଦୁଇଥର ପଦ୍ମ | ଦୁଇଗୁଣା ବିକାଶ

# ଓଡ଼ିଶାରେ ହେବ ବିଜେପି ସରକାର

Published by: Bharatiya Janata Party, 6 A, Pandit Deen Dayal Upadhyaya Marg, New Delhi

# ୯୩ ଆସନରେ ୬୪.୪% ମତଦାନ



ୟୁପିର ସୈଫାଇରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ସ୍ତ୍ରୀ ଡିମ୍ପଲ ଓ ଝିଅ ଆଦିତି ଭୋଟ ଦେବା ପୂର୍ବରୁ ବୁଥ୍ ବାହାରେ ପରିଚୟ ପତ୍ର ଦେଖାଉଛନ୍ତି।


ମହାରାଷ୍ଟ୍ରର କରାଡ଼ରେ ବରିଷ୍ଠ କଂଗ୍ରେସ ନେତା ସୁଶୀଲ କୁମାର ଶିନ୍ଦେ ତାଙ୍କ ପରିବାର ସଦସ୍ୟଙ୍କ ସହ ଭୋଟ ଦେବା ପରେ କାଳିଲଗା ଅଙ୍ଗୁଳି ଦେଖାଉଛନ୍ତି।

**ନୂଆଦିଲ୍ଲୀ,୭।୫**

ତୃତୀୟ ପର୍ଯ୍ୟାୟରେ ମଙ୍ଗଳବାର ୧୦ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୩ଟି ଲୋକ ସଭା ଆସନରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ମତଦାନ ହାର ପାଖାପାଖି ୬୪.୪ ପ୍ରତିଶତ ରହିଛି। ଏହି ପର୍ଯ୍ୟାୟରେ ଗୁଜରାଟର ୨୬ ଆସନ, କର୍ନାଟକର ୧୪, ମହାରାଷ୍ଟ୍ରର ୧୧, ଉତ୍ତରପ୍ରଦେଶର ୧୦, ମଧ୍ୟପ୍ରଦେଶର ୯, ଛତିଶଗଡ଼ର ୭, ବିହାରର ୫, ଆସାମ ଓ ପଶ୍ଚିମବଙ୍ଗର ୪ଟି ଲେଖାଏ, ଗୋଆ ଏବଂ ଦାଦ୍ରା ନଗର ହାବେଳି ଓ ଡାମନର ୨ଟି ଲେଖାଏ ଆସନରେ ମତଦାନ ହୋଇଥିଲା। ପଶ୍ଚିମବଙ୍ଗରେ କାଁଭାଁ ହିଂସାକୁ ବାଦ୍ ଦେଲେ ଅନ୍ୟ କୌଣସି ସ୍ଥାନରେ ଗଣ୍ଡଗୋଳର ଖବର ମିଳିନାହିଁ। ଆସାମରେ ସର୍ବାଧିକ ୭୫.୫୩ ପ୍ରତିଶତ ମତଦାନ ହୋଇଥିବାବେଳେ ଗୋଆରେ ୭୪.୪୭%, ପଶ୍ଚିମବଙ୍ଗରେ ୭୩.୯୩% ଏବଂ ମହାରାଷ୍ଟ୍ରରେ ସର୍ବନିମ୍ନ ୫୫.୫୪% ମତଦାନ ହୋଇଛି। ବିହାରରେ ୫୬.୫୫ ପ୍ରତିଶତ ଏବଂ ଗୁଜରାଟରେ ୫୬.୯୮ ପ୍ରତିଶତ ଭୋଟିଂ ହୋଇଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହୋଇଥିବାବେଳେ ୧୭ କୋଟିରୁ ଊର୍ଦ୍ଧ୍ୱ ମତଦାତା ୧ ଲକ୍ଷ ୮୫ ହଜାର ଭୋଟକେନ୍ଦ୍ରରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ। ଏହି ପର୍ଯ୍ୟାୟରେ ବରିଷ୍ଠ ଭାଜପା ନେତା ଅମିତ୍ ଶାହା, ମନସୁଖ ମାଣ୍ଡବ୍ୟ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ପ୍ରହ୍ଲାଦ ଜୋଷୀ, ଶିବରାଜ ସିଂ ଚୌହାନ, ବାସବରାଜ ବୋମାଇ, କଂଗ୍ରେସ ନେତା ଦିଗବିଜୟ ସିଂ, ସମାଜବାଦୀ ପାର୍ଟିର ଡିମ୍ପଲ ଯାଦବ ଏବଂ ଏନ୍‌ସିପି(ଏସ୍‌ପି) ନେତ୍ରୀ ସୁପ୍ରିୟା ସୁଲେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେମାନଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ମଙ୍ଗଳବାରର ଭୋଟ ସହ ଅର୍ଦ୍ଧାଧିକ ସଂସଦୀୟ ଆସନରେ ମତଦାନ ଶେଷ ହୋଇଛି। ସୁରଟର କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଖାରଜ ହୋଇଯିବାରୁ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଏବଂ ଜଙ୍ଗିପୁର ଆସନର କେତେକ ସ୍ଥାନରେ ଟିଏମ୍‌ସି, ଭାଜପା ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଉକ୍ତ ଦଳଗୁଡ଼ିକ ତରଫରୁ ନିର୍ବାଚନୀ ହିଂସା, ପୋଲିଂ ଏଜେଣ୍ଟଙ୍କୁ ଆକ୍ରମଣ, ଭୋଟରଙ୍କୁ ଧମକାଇବା ଆଦି ଅଭିଯୋଗ ହୋଇଛି। ସକାଳ ୯ଟା ସୁଦ୍ଧା ନିର୍ବାଚନ କମିଶନଙ୍କୁ ୧୮୨ଟି ଅଭିଯୋଗ ମିଳିଥିବାବେଳେ ସେଥିରୁ ଅଧିକାଂଶ ଉପରୋକ୍ତ ୨ ନିର୍ବାଚନ ମଣ୍ଡଳୀରୁ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ଅହମଦାବାଦରେ ଭୋଟ ଦେଇଛନ୍ତି। ପୂର୍ବ ୨ ପର୍ଯ୍ୟାୟରେ ମତଦାନ ଆପାତତଃ ହିଂସାମୁକ୍ତ ଥିବାରୁ ପ୍ରଧାନମନ୍ତ୍ରୀ ନିର୍ବାଚନ କମିଶନଙ୍କୁ ପ୍ରଶଂସା କରିଛନ୍ତି। ଅହମଦାବାଦ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଗାନ୍ଧୀନଗର ସଂସଦୀୟ କ୍ଷେତ୍ର ମଧ୍ୟରେ ରହିଛି।

## ସଂକ୍ଷେପରେ

### ଏନ୍‌ଇଇଟି ପୂର୍ବରୁ ଛାତ୍ରୀଙ୍କ ଆତ୍ମହତ୍ୟା

**ନାଗପୁର,୭।୫(ପି.ଟି.)**

ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ୟୁଜି) ପରୀକ୍ଷାର ଅଳ୍ପ କେତେଘଣ୍ଟା ପୂର୍ବରୁ ଜଣେ ୧୯ ବର୍ଷୀୟା ଛାତ୍ରୀ ନାଗପୁରର ଏକ ଫ୍ଲାଏଓଭରରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ନୀଳିମା ସାହୁ ନାମ୍ନୀ ଉକ୍ତ ଛାତ୍ରୀ ଶନିବାର ମଧ୍ୟରାତ୍ରରେ ବୁଟିବୋରି ଫ୍ଲାଏଓଭରରୁ ୫୦ ଫୁଟ ତଳକୁ ଡେଇଁପଡ଼ିଥିଲେ। ଭୋର ସମୟରେ ପୋଲିସ ଓଭରବ୍ରିଜ୍ ତଳୁ ତାଙ୍କ ମୃତଦେହ ପାଇଥିଲା। ସେ ଦ୍ୱିତୀୟ ଥର ପାଇଁ ଏନ୍‌ଇଇଟି ପରୀକ୍ଷା ଦେଇଥାନ୍ତେ। ଶନିବାର ରାତି ଗୋଟାଏ ବେଳେ ସେ ଫ୍ଲାଏଓଭର ଆଡ଼କୁ ଚାଲି ଚାଲି ଯାଉଥିବା ଏକ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଫ୍ଲାଏଓଭର ଉପରେ ତାଙ୍କ ଚପଲ ଥିବାରୁ ସେ ସେଠାରୁ ଡେଇଁ ଆତ୍ମହତ୍ୟା କରିଥିବା ବିଶ୍ୱାସ କରାଯାଉଛି।

### ମେଡିକାଲ ବିଲ୍ ଦେଇ ନ ପାରି ହସ୍ପିଟାଲ ବେଡ୍‌ରେ ସ୍ତ୍ରୀଙ୍କୁ ହତ୍ୟା

**ୱାଶିଂଟନ,୭।୫**

ଆମେରିକାର ମିସୌରୀ ରାଜ୍ୟର କାନ୍‌ସାସ ସିଟିରେ ଜଣେ ୭୫ ବର୍ଷୀୟ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ମେଡିକାଲ ବିଲ୍ ପୈଠ କରି ନ ପାରି ହସ୍ପିଟାଲ ବେଡ୍‌ରେ ସ୍ତ୍ରୀଙ୍କୁ ଗଳାଚିପି ମାରିଦେଇଛନ୍ତି। ମହିଳା ଜଣକ ନିଦାନର ନୂଆ ପଦ୍ଧତି ଆପଣାଇବା ପାଇଁ ହସ୍ପିଟାଲ ଯାଇଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି। ଆମେରିକାରେ ଚିକିତ୍ସା ଖର୍ଚ୍ଚ ବହୁ ଅଧିକ ହୋଇଥିବାବେଳେ କାନ୍‌ସାସ୍ ସିଟିରେ ଏହି ସଙ୍କଟ ଆହୁରି ତୀବ୍ର। ମହିଳା ଜଣଙ୍କ ରୋଗରେ ପ୍ରାଣ ହରାଇନାହାନ୍ତି, ବରଂ ଅତ୍ୟଧିକ ଚିକିତ୍ସା ଖର୍ଚ୍ଚ ଭରିବାରେ ଅକ୍ଷମତା ତାଙ୍କ ଜୀବନ ନେଇଛି। ମେଡିକାଲ ବିଲ୍ ପୈଠ କରି ନ ପାରି ସ୍ତ୍ରୀଙ୍କୁ ହତ୍ୟା କରିଥିବା ସ୍ୱାମୀ ଜଣକ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

### ସଲମାନଙ୍କ ଘରକୁ ଗୁଳି ମାମଲା: ୫ମ ଅଭିଯୁକ୍ତ ଗିରଫ

**ମୁମ୍ବାଇ, ୭।୫**

ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ଘର ସମ୍ମୁଖରେ ଗୁଳି ଚାଳନା ମାମଲାରେ ଆଉ ଜଣେ ଗିରଫ ହୋଇଛନ୍ତି। ମୁମ୍ବାଇ ପୋଲିସ କ୍ରାଇମବ୍ରାଞ୍ଚ ରାଜସ୍ଥାନରୁ ଅନ୍ୟତମ ଅଭିଯୁକ୍ତ ମହମ୍ମଦ ରଫିକ ଚୌଧୁରୀ(୩୭)ଙ୍କୁ ଗିରଫ କରିଛି। ଏହାସହ ମାମଲାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ସଲମାନଙ୍କ ଘର ସମ୍ମୁଖରେ ଗୁଳିଚାଳନା କରିଥିବା ଶୁଟରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଅଭିଯୋଗରେ ମହମ୍ମଦଙ୍କୁ ଗିରଫ କରାଯାଇଛି। ସେ ଲୋରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ହୋଇଥିବା କ୍ରାଇମବ୍ରାଞ୍ଚ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କଠାରୁ ପଚରାଉଚରା ସମୟରେ ମହମ୍ମଦଙ୍କ ଭୂମିକା ବିଷୟରେ ଜଣା ପଡ଼ିଥିବା ସେ କହିଛନ୍ତି।

## କର୍ନାଟକ ଭାଜପାର ପୋଷ୍ଟ ହଟାଇବାକୁ ଏକ୍ସ'କୁ ନିର୍ଦ୍ଦେଶ ଦେଲେ ଇସି

**ବେଙ୍ଗାଲୁରୁ, ୭।୫**

ମୁସଲମାନ ସଂରକ୍ଷଣକୁ ନେଇ କର୍ନାଟକ ଭାଜପା ପକ୍ଷରୁ ପୋଷ୍ଟ ହୋଇଥିବା ଏକ ବିବାଦୀୟ ଆନିମେଟେଡ୍ ଭିଡିଓକୁ ହଟାଇବାକୁ ମଙ୍ଗଳବାର ଭାରତୀୟ ନିର୍ବାଚନ ଆୟୋଗ(ଇସି), ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ' କୁ ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସର ଅଭିଯୋଗ ଆଧାରରେ ସୋମବାର ଏହି ମାମଲାରେ ପୋଲିସ ଏଫ୍‌ଆଇଆର୍ ରୁଜୁ କରିଛି। କର୍ନାଟକ ଭାଜପା ପକ୍ଷରୁ ପୋଷ୍ଟ ହୋଇଥିବା ଏହି ଭିଡିଓ ଆଦର୍ଶ ଆଚରଣ ବିଧି(ଏମ୍‌ସିସି)କୁ ଉଲ୍ଲଂଘନ କରୁଥିବା ଦର୍ଶାଇ ରବିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କର୍ନାଟକ ଭାଜପା ସଭାପତି ବି.ୱାଇ. ବିଜୟେନ୍ଦ୍ର ଓ ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟଙ୍କ ବିରୋଧରେ କଂଗ୍ରେସ ଇସିଙ୍କ ନିକଟରେ ଅଭିଯୋଗ କରିଥିଲା। ସୂଚନାଯୋଗ୍ୟ, କର୍ନାଟକ ଭାଜପା ପକ୍ଷରୁ ଏକ୍ସ'ରେ ପୋଷ୍ଟ ହୋଇଥିବା ଏହି ଭିଡିଓରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମେୟା ମୁସଲମାନ ସମ୍ପ୍ରଦାୟକୁ ଅଧିକ ପାଣ୍ଠି ଯୋଗାଉଥିବା ଦର୍ଶାଯାଇଥିଲା।

## ମହିଳା ପୋଲିଂ ଅଫିସରଙ୍କ ମୃତ୍ୟୁ

**ଆମ୍ରେଲି,୭।୫(ପି.ଟି.)**

ଗୁଜରାଟର ଆମ୍ରେଲି ଜିଲା ଅନ୍ତର୍ଗତ ଏକ ବୁଥରେ ମଙ୍ଗଳବାର ଜଣେ ୪୫ ବର୍ଷୀୟ ମହିଳା ପୋଲିଂ ଅଫିସରଙ୍କ ମୃତ୍ୟୁ ଘଟିଛି। କର୍ତ୍ତବ୍ୟରତ ଥିବାବେଳେ ସେ ଅପରାହ୍ନରେ ଅସୁସ୍ଥ ଅନୁଭବ କରିଥିଲେ। କୌଶିକ ବାବାରିୟା ଏକ ସରକାରୀ ସ୍କୁଲର ଶିକ୍ଷକ ହୋଇଥିବାବେଳେ ତାଙ୍କୁ ଜାଫରାବାଦ ସହରର ଏକ ସ୍କୁଲ୍‌ରେ ପୋଲିଂ ଅଫିସର ଭାବେ ନିୟୋଜିତ କରାଯାଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ଡାକ୍ତରମାନେ କହିଛନ୍ତି।

## ଜମ୍ମୁ-କଶ୍ମୀରରେ ୩ ଆତଙ୍କବାଦୀଙ୍କୁ ଏନ୍‌କାଉଣ୍ଟର

**ଶ୍ରୀନଗର, ୭।୫**

ଦକ୍ଷିଣ କଶ୍ମୀରର କୁଲ୍‌ଗାମଠାରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଲଶ୍କରର ଟପ୍ କମାଣ୍ଡର ବାସିତ୍ ଅହମ୍ମଦ ଡାରଙ୍କ ସହ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ବାସିତ୍ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ହୋଇଥିବାବେଳେ ତାଙ୍କୁ ଧରିବାକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଅନ୍ୟ ୨ ଆତଙ୍କବାଦୀଙ୍କ ପରିଚୟ ଜଣାପଡ଼ିନାହିଁ। କୁଲ୍‌ଗାମ ଅଞ୍ଚଳରେ ଲଶ୍କର ଆତଙ୍କବାଦୀ ଥିବା ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବାହିନୀ ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀ ଗୁଳି ଚଳାଇବାରୁ ସୁରକ୍ଷାବାହିନୀ ଏହାର ଜବାବ ଦେଇଥିଲା। ସୂଚନାଯୋଗ୍ୟ, ଗତ ୪ରେ ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ଭାରତୀୟ ବାୟୁସେନା ଗାଡ଼ି ଉପରକୁ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ଜଣେ ଯବାନ ଶହୀଦ ହୋଇଥିବାବେଳେ ୪ ଜଣ ଆହତ ହୋଇଥିଲେ।

## ପୋଲିସକୁ ଧରି ସ୍ୱାମୀଙ୍କୁ ହଇରାଣ କରିପାରିବେନି ମହିଳା

**ନୂଆଦିଲ୍ଲୀ,୭।୫**

**ଧାରା ୪୯୮ଏ'ର ଦୁରୁପଯୋଗ**

ସ୍ୱାମୀ ଓ ଶାଶୁଘର ଲୋକଙ୍କୁ ହଇରାଣ କରିବା ପାଇଁ ବିବାହିତ ମହିଳା ପୋଲିସ କଳର ଉପଯୋଗ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଆଇପିସିର ଧାରା ୪୯୮ଏ (ଶାଶୁଘରେ ମହିଳାଙ୍କ ପ୍ରତି ନିଷ୍ଠୁରତା)ର ଦୁରୁପଯୋଗ କରାଯାଉଥିବା ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତାବ୍ୟକ୍ତ କରିଛନ୍ତି। ସରକାର ଆଣିଥିବା ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ ଉକ୍ତ ଧାରା ଅନୁରୂପ ଭାବେ ରହିଥିବାରୁ ସେଥିରେ ପରିବର୍ତ୍ତନ ପାଇଁ ଅଦାଲତ ସ୍ୱରାଷ୍ଟ୍ର ଓ ଆଇନ ମନ୍ତ୍ରଣାଳୟକୁ କହିଛନ୍ତି। ଧାରା ୪୯୮ଏ'ରେ ସ୍ୱାମୀ ଓ ତାଙ୍କ ସମ୍ପର୍କୀୟଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ମହିଳାଙ୍କ ତୁଚ୍ଛ ଅଭିଯୋଗକୁ ନେଇ ସେମାନଙ୍କୁ ଜେଲ୍ ଯିବାକୁ ପଡୁଛି। ସ୍ୱାମୀ, ତାଙ୍କ ମାଆବାପା ଓ ଭଉଣୀଭାଇଙ୍କ ବିରୋଧରେ ଜଣେ ମହିଳା ଧାରା ୪୯୮ଏ'ରେ ଦାଏର କରିଥିବା ମାମଲାକୁ ଜଷ୍ଟିସ୍ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ମାଆବାପା ବା ସମ୍ପର୍କୀୟଙ୍କ ପ୍ରରୋଚନାରେ ସ୍ତ୍ରୀ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକଙ୍କୁ ଗିରଫଦାରି ଭୟ ଦେଖାଇ ଟଙ୍କା ଆଦାୟ ପାଇଁ ପୋଲିସ କଳକୁ ବ୍ୟବହାର କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ମନ୍ତ୍ରୀଙ୍କ ସଚିବଙ୍କୁ ଗିରଫକଲା ଇଡି

**ରାଞ୍ଚି,୭।୫(ପି.ଟି.)**

**ସହାୟକଙ୍କ ଘରୁ ୩୫ କୋଟି ଜବତ**

ଝାଡ଼ଖଣ୍ଡର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଆଲମଗିର ଆଲାମଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବ ଲାଲ୍‌ଙ୍କ ଘରୋଇ ସହାୟକ ଜାହାଙ୍ଗୀର ଆଲାମଙ୍କ ଘରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ୩୫.୨୩ କୋଟି ଟଙ୍କା ଜବତ କରିଥିଲା। ଏହି ମାମଲାରେ ସଞ୍ଜୀବ ଏବଂ ଜାହାଙ୍ଗୀରଙ୍କୁ ଇଡି ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) ବଳରେ ଗିରଫ କରିବା ପରେ ୬ ଦିନିଆ ରିମାଣ୍ଡରେ ନେଇଛି। ଗ୍ରାମାଞ୍ଚଳ ବିକାଶ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ବୀରେନ୍ଦ୍ର ରାମଙ୍କ ୬ଟି ସ୍ଥାନରେ ଥିବା ଘର ଉପରେ ଇଡି ଚଢ଼ାଉ ବେଳେ ଜାହାଙ୍ଗୀରଙ୍କ ଘରେ ତଲାସି ନିଆଯାଇଥିଲା। ମଙ୍ଗଳବାର ଇଡି ରାଞ୍ଚିର ଠିକାଦାର ରାଜୀବ କୁମାର ସିଂଙ୍କ ଘରୁ ୧.୫ କୋଟି ଟଙ୍କା ଜବତ କରିଛି।

## ୮୦୦ କୋଟିର ଦୁର୍ନୀତିରେ ଖାର୍ଗେଙ୍କ ଜ୍ୱାଇଁ

**ବେଙ୍ଗାଲୁରୁ, ୭।୫**


ରାଧାକୃଷ୍ଣ ଡୋଡ୍ଡାମଣି

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଜ୍ୱାଇଁ ତଥା ଗୁଲବର୍ଗା ଆସନରୁ ଦଳୀୟ ପ୍ରାର୍ଥୀ ରାଧାକୃଷ୍ଣ ଡୋଡ୍ଡାମଣିଙ୍କ ସମେତ ୫ ଜଣଙ୍କ ବିରୋଧରେ ଏକ ୮୦୦ କୋଟିର ଦୁର୍ନୀତି ମାମଲା ସାମ୍ନାକୁ ଆସିଛି। ଏହି ମାମଲାକୁ କେନ୍ଦ୍ରକରି ଦକ୍ଷିଣ ବେଙ୍ଗାଲୁରୁ ଜିଲା ଭାଜପା ସଭାପତି ଏନ. ଆର୍. ରମେଶଙ୍କ ପକ୍ଷରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଓ କର୍ନାଟକ ଲୋକାୟୁକ୍ତଙ୍କ ନିକଟରେ ମାମଲା ରୁଜୁ କରାଯାଇଛି। ଡୋଡ୍ଡାମଣି ବେଙ୍ଗାଲୁରୁର ଡକ୍ଟର ବି. ଆର୍. ଆମ୍ବେଡକର ମେଡିକାଲ କଲେଜ ଏବଂ ଡେଣ୍ଟାଲ କଲେଜର ପରିଚାଳନା କମିଟି ମୁଖ୍ୟ ହୋଇଥିବାବେଳେ ତାଙ୍କ ନାଁରେ ଦୁର୍ନୀତି, ଧୋକାବାଜ୍, ନକଲି ଦସ୍ତାବିଜ୍ ସୃଷ୍ଟି, କ୍ଷମତାର ଅପବ୍ୟବହାର ଆଦି ଅଭିଯୋଗ ହୋଇଛି। ନକଲି ଡକ୍ୟୁମେଣ୍ଟ ତିଆରି କରି ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମ ପାଇଁ ଧନୀ ପରିବାରର ଅଣ ମେଧାବୀ ଛାତ୍ରୀଛାତ୍ରଙ୍କଠାରୁ ଶହ ଶହ କୋଟି ଟଙ୍କା ଆଦାୟ କରାଯାଉଥିବାବେଳେ ଏଥିରେ ଡୋଡ୍ଡାମଣିଙ୍କ ସମ୍ପୃକ୍ତି ରହିଥିବା ରମେଶ ଅଭିଯୋଗ କରିଛନ୍ତି।

## ପଶ୍ଚିମବଙ୍ଗ ଶିକ୍ଷକଙ୍କୁ ସାମୟିକ ସୁରକ୍ଷା

**ନୂଆଦିଲ୍ଲୀ,୭।୫(ପି.ଟି.)**

- ସିବିଆଇ ତଦନ୍ତ ଜାରି ରହିବ
- ନିଯୁକ୍ତି ଦୁର୍ନୀତି ଏକ ବ୍ୟବସ୍ଥିତ ଧୋକା: ସୁପ୍ରିମକୋର୍ଟ

ପଶ୍ଚିମବଙ୍ଗ ନିଯୁକ୍ତି ଦୁର୍ନୀତି ମାମଲାରେ କାଲକାଟା ହାଇକୋର୍ଟ ୨୫,୭୫୩ ଶିକ୍ଷକ ଓ ଅଣଶୈକ୍ଷିକ କର୍ମଚାରୀଙ୍କ ନିଯୁକ୍ତିକୁ ରଦ୍ଦ କରିଥିବାବେଳେ ସୁପ୍ରିମକୋର୍ଟ ମଙ୍ଗଳବାର ଏହା ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ଶିକ୍ଷକମାନଙ୍କୁ ସାମୟିକ ସୁରକ୍ଷା ମିଳିଛି। ତେବେ ମାମଲାର ସିବିଆଇ ତଦନ୍ତ ଜାରି ରହିବ ଏବଂ ପ୍ରାର୍ଥୀ କିମ୍ବା ଅଫିସରଙ୍କ ବିରୋଧରେ କୌଣସି ବଳପୂର୍ବକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

ପଶ୍ଚିମବଙ୍ଗ ସ୍କୁଲ୍ ସେବା ଆୟୋଗଙ୍କ ଦ୍ୱାରା ୨୫,୭୫୩ ଶିକ୍ଷକ ନିଯୁକ୍ତିକୁ ଗତ ମାସ ୨୨ରେ କାଲ୍‌କାଟା ହାଇକୋର୍ଟ ରଦ୍ଦ କରିଦେବା ସହ ଶିକ୍ଷକମାନେ ନେଇଥିବା ବେତନ ୧୨ ପ୍ରତିଶତ ସୁଧ ସହ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁର୍ନୀତିରେ ସମ୍ପୃକ୍ତ ରାଜ୍ୟର ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସମେତ ଅନେକ ତୃଣମୂଳ କଂଗ୍ରେସ ନେତା ଏବଂ ପୂର୍ବତନ ଅଧିକାରୀ ଜେଲରେ ଅଛନ୍ତି। ହାଇକୋର୍ଟଙ୍କ ରାୟ ଯୋଗୁ ଏକାଥରେ ଏତେସଂଖ୍ୟାରେ ଶିକ୍ଷକ ଓ କର୍ମଚାରୀ ଚାକିରି ହରାଇବାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଳ୍ପ କେତେଜଣ ଦୁର୍ନୀତିଗ୍ରସ୍ତ ନେତା ଓ ଅଫିସରଙ୍କ ପାଇଁ ନିରୀହମାନେ ଦଣ୍ଡିତ ହେଲେ ବୋଲି ସୋସିଆଲ ମିଡିଆରେ ଅନେକେ ଅଭିଯୋଗ କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ନିଯୁକ୍ତିଦୁର୍ନୀତିଏକବ୍ୟବସ୍ଥିତଧୋକାବାଜି। ୨୫,୭୫୩ ଶିକ୍ଷକ ଓ ଅଣଶୈକ୍ଷିକ କର୍ମଚାରୀ ନିଯୁକ୍ତି ସମ୍ପର୍କିତ ଡିଜିଟାଲ ରେକର୍ଡ ରଖିବା ସରକାରଙ୍କ କର୍ତ୍ତବ୍ୟ ଥିଲା ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଆଜିକାଲି ସରକାରୀ ଚାକିରି ଦୁର୍ଲଭ। ଯଦି ଜନସାଧାରଣଙ୍କ ଆସ୍ଥା ଚାଲିଯାଏ, ତେବେ କିଛି ରହିବ ନାହିଁ। ଯଦି ନିଯୁକ୍ତି ବଦନାମ ହୁଏ, ତେବେ ବ୍ୟବସ୍ଥାରେ କ'ଣ ରହିବ ବୋଲି ସିଜେଆଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ନିଯୁକ୍ତି ପ୍ରକ୍ରିୟାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ କ'ଣ ପାଇଁ ଅଧିକ ପଦବୀ ସୃଷ୍ଟି କରାଯାଇ ପ୍ରତୀକ୍ଷାରେ ଥିବା ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଗଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଶିକ୍ଷକ ନିଯୁକ୍ତି ବେଆଇନ କେବଳ ସିବିଆଇ ମାମଲା ନୁହେଁ, ଶିକ୍ଷକ-ଛାତ୍ରୀଛାତ୍ର ଅନୁପାତ ମଧ୍ୟ ବାଜିରେ ଲାଗିଥିବା ସିଜେଆଇ କହିଛନ୍ତି।

**ଫୁର୍‌ସତ୍**

## ବାପାଙ୍କ ଦୋକାନ ବନ୍ଦ ହେବନି

**ନୂଆଦିଲ୍ଲୀ**




**ରୋଲ୍ ବିକି ଘର ଚଳାଉଛନ୍ତି ୧୦ ବର୍ଷୀୟ ବାଳକ**

ରୋଲ୍ ପ୍ରସ୍ତୁତ କରୁଥିବା ଏକ ୧୦ ବର୍ଷୀୟ ବାଳକର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯଶ୍‌ପ୍ରୀତ ନାମକ ଏହି ବାଳକଙ୍କ ମାତ୍ର ମାସେ ପୂର୍ବରୁ ପିତାଙ୍କୁ ହରାଇଛନ୍ତି। ଏବେ ସମ୍ପୂର୍ଣ୍ଣ ଘରର ଦାୟିତ୍ୱ ଯଶ୍‌ପ୍ରୀତଙ୍କ ଉପରେ ଥିବାରୁ ସେ ପିତାଙ୍କ ରୋଲ୍ ଦୋକାନକୁ କାର୍ଯ୍ୟକ୍ଷମ କରି ରୋଜଗାର କରିବା ଆରମ୍ଭ କରିଛନ୍ତି। ଏହି ଭିଡିଓରେ ବାଳକଟି ପ୍ରସ୍ତୁତ କରୁଥିବା ଚିକେନ୍ ଏବଂ ଅଣ୍ଡା ରୋଲ୍‌କୁ ଗ୍ରାହକମାନେ ମନ ଭରି ଖାଉଥିବା ଦେଖାଯାଉଛି।

ପଶ୍ଚିମ ଦିଲ୍ଲୀ ତିଲକନଗରର ବାସିନ୍ଦା ଏହି ନିରୀହ ବାଳକ ଯଶ୍‌ପ୍ରୀତ ସକାଳେ ପଢ଼ିବାକୁ ସ୍କୁଲ ଯାଆନ୍ତି। ସ୍କୁଲରୁ ଫେରି ଅପରାହ୍ନରେ ସେ ଟ୍ୟୁଶନ ଯାଆନ୍ତି ଏବଂ ସନ୍ଧ୍ୟାରେ ପିତାଙ୍କ ଦୋକାନ ଚଳାନ୍ତି। ଏହି ଦୋକାନକୁ ରାତି ୧୧ଟା ପର୍ଯ୍ୟନ୍ତ ସେ ଖୋଲା ରଖିଥାନ୍ତି। ଯଶ୍‌ପ୍ରୀତ ତିଲକନଗର ସର୍ବୋଦୟ ବାଲ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ହୋଇଥିବାବେଳେ ତାଙ୍କ ଭଉଣୀ କରଣପ୍ରୀତ(୧୪) ଏବେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ବାପାଙ୍କ ମୃତ୍ୟୁ ପରେ ମା' ପଞ୍ଜାବରେ ଥିବା ନିଜ ଗାଁକୁ ଚାଲିଯାଇଥିବା ବେଳେ ତାଙ୍କ ସହ ଆଉ ଯୋଗାଯୋଗ ହୋଇ ପାରୁ ନ ଥିବା ଯଶ୍‌ପ୍ରୀତ କହିଛନ୍ତି। ଏବେ ପିଉସୀ ଆସି ଉଭୟ ଯଶ୍‌ପ୍ରୀତ ଓ କରନପ୍ରୀତଙ୍କ ଦେଖାଶୁଣା କରୁଛନ୍ତି।

ପଶ୍ଚିମ ଦିଲ୍ଲୀର ତିଲକନଗର ଅଞ୍ଚଳରେ ଯଶ୍‌ପ୍ରୀତଙ୍କ ପିତାଙ୍କ ଏକ ପ୍ରସିଦ୍ଧ ରୋଲ୍ ଦୋକାନ ଥିଲା। ଏହି ଦୋକାନ ପିତାଙ୍କର ବେଶ୍ ପ୍ରିୟ ହୋଇଥିବାରୁ ଯଶ୍‌ପ୍ରୀତ ପ୍ରୀତ ଏହାକୁ ବନ୍ଦ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ପିତାଙ୍କ ବିୟୋଗ ପରେ ଭଉଣୀଙ୍କ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ରହିଥିବା ଯଶ୍‌ପ୍ରୀତ କହିଛନ୍ତି। ତେଣୁ ନିଜ ଦାୟିତ୍ୱକୁ ହୃଦ୍‌ବୋଧ କରିବା ସହ ସେ ପୁନର୍ବାର ବାପାଙ୍କ ଦୋକାନ ଖୋଲି ସେଠାରେ କାମ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଯଶ୍‌ପ୍ରୀତ ଓ ତାଙ୍କ ଭଉଣୀଙ୍କ ଶିକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବହୁ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗର ହାତ ବଢ଼ାଇଛନ୍ତି।

## ଗୋଡ଼ରେ ଭୋଟ ଦେଲେ

**ଅହମଦାବାଦ**





ମଙ୍ଗଳବାର ଭାରତର ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗଣତନ୍ତ୍ରର ଏହି ମହାପର୍ବରେ ଗୁଜରାଟର ଏକ ପୋଲିଂ ବୁଥ୍‌ରେ ଅଙ୍କିତ ସୋନି ନାମକ ଜଣେ ଭିନ୍ନକ୍ଷମ ଯୁବକ ଗୋଡ଼ରେ ଭୋଟ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ଭୋଟ ଦେଇଥିବାରୁ ବୁଥ୍‌ରେ ନିୟୋଜିତ ଅଧିକାରୀ ତାଙ୍କ ଗୋଡ଼ର ଏକ ଆଙ୍ଗୁଠିରେ ସ୍ୟାହି ଲଗାଇଛନ୍ତି। ତେବେ ଅଙ୍କିତ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ଭୋଟ୍ ଦେଇନାହାନ୍ତି। ପୂର୍ବରୁ ନିଜ ଗୋଡ଼ର ଆଙ୍ଗୁଠିକୁ ବ୍ୟବହାର କରି ଅନେକ ନିର୍ବାଚନରେ ଭୋଟ୍ ଦେଉଥିବା ସେ କହିଛନ୍ତି। ୨୦ ବର୍ଷ ତଳେ ଏକ ବିଦ୍ୟୁତ୍ ଆଘାତରେ ସେ ନିଜ ୨ ହାତ ହରାଇଥିଲେ। ସେ ନିଜ ଗୋଡ଼ର ବ୍ୟବହାର କରି ସମସ୍ତ ଦୈନ୍ୟନ୍ଦିନ କାର୍ଯ୍ୟ କରିପାରୁଥିବା କହିଛନ୍ତି। ଭିନ୍ନକ୍ଷମ ଥିବା ସତ୍ତ୍ୱେ ମଧ୍ୟ ପାଠ ପଢ଼ିବା ପାଇଁ ତାଙ୍କୁ ଉତ୍ସାହିତ କରିଥିବାରୁ ଏହି ଅବସରରେ ସେ ନିଜ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଅଙ୍କିତ ଏବେ ଏକ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ସେ ସମସ୍ତ ଭୋଟରଙ୍କୁ ଭୋଟ ଦେବା ପାଇଁ ଅପିଲ କରିଛନ୍ତି। ପ୍ରତ୍ୟେକ ଭୋଟ ମୁଲ୍ୟବାନ ହୋଇଥିବା ଦର୍ଶାଇ ନିଜ ନିଜ ପୋଲିଂ ବୁଥକୁ ଯାଇ ମତଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ଅଙ୍କିତ ଗୋଡ଼ରେ ଭୋଟ ଦେଉଥିବାର ଭିଡିଓକୁ ସୋସିଆଲ ମିଡିଆରେ ଲୋକେ ବେଶ୍ ପସନ୍ଦ କରିଛନ୍ତି।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ବୁଧବାର, ମେ ୮/୨୦୨୪ | Bhubaneswar, Wednesday, May 8/2024 | ପୃଷ୍ଠା-୧



## ରୋହିତଙ୍କୁ ବିଶ୍ରାମ ଆବଶ୍ୟକ

ରୋହିତ ଶର୍ମାଙ୍କୁ ଟି୨୦ ବିଶ୍ୱକପ୍ ପୂର୍ବରୁ ବିଶ୍ରାମ ଆବଶ୍ୟକ ବୋଲି ମତ ଦେଇଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ମାଇକେଲ କ୍ଲାର୍କ।

୧୦

୦୮

## ତିରୁପତି ମନ୍ଦିରରେ ବିବାହକୁ ଜାହ୍ନବୀଙ୍କ ଖଣ୍ଡନ

ଖୁବ୍‌ଶୀଘ୍ର ତିରୁପତି ବାଲାଜୀ ମନ୍ଦିରରେ ପ୍ରେମିକ ଶିଖରଙ୍କୁ ବିବାହ କରିବା ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ଅଭିନେତ୍ରୀ ଜାହ୍ନବୀ କପୁର ଖଣ୍ଡନ କରିଛନ୍ତି।



# ହରିୟାଣାର ଭାଜପା ସରକାର ସଂଖ୍ୟାଲଘୁ

ଚଣ୍ଡିଗଡ଼,୭।୫

ଦେଶରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ହରିୟାଣାରେ ଶାସକ ଭାଜପାକୁ ବଡ଼ ଝଟକା ଲାଗିଛି। ମୁଖ୍ୟମନ୍ତ୍ରୀ ନାୟାବ ସିଂ ସାଇନିଙ୍କ ନେତୃତ୍ୱାଧୀନ ସରକାରରୁ ମଙ୍ଗଳବାର ୩ ଜଣ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ବିଧାୟକ ସୋମବୀର ସଙ୍ଗୱାନ, ରଣଧୀର ଗୋଲେନ ଓ ଧର୍ମପାଳ ଗୋନ୍ଦର ଚଳିତ ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା ଓ ହରିୟାଣା କଂଗ୍ରେସ ମୁଖ୍ୟ ଉଦୟ ଭାନ୍‌ଙ୍କ ଉପସ୍ଥିତିରେ ୩ ସ୍ୱାଧୀନ ବିଧାୟକ ରୋହତକ୍‌ରେ ଏକ ଖବରଦାତା ସମ୍ମିଳନୀରେ ଏହି ବିଷୟରେ ଘୋଷଣା କରିବା ପରେ ସାଇନି ସରକାର ସଙ୍କଟ ଭିତରକୁ ଠେଲିହୋଇ ଯାଇଛନ୍ତି।

ଗୋନ୍ଦର କହିଛନ୍ତି, ସରକାରଙ୍କଠାରୁ ଆମେ ସମର୍ଥନ ପ୍ରତ୍ୟାହାର କରୁଛୁ। ଆମେ କଂଗ୍ରେସକୁ ସମର୍ଥନ କରୁଛୁ। କୃଷକଙ୍କ ସମସ୍ୟା ସମେତ ଅନେକ ପ୍ରସଙ୍ଗରେ ଆମେ ଏହି ନିଷ୍ପତ୍ତି ନେଇଛୁ। ଉଦୟ ଭାନ୍ କହିଛନ୍ତି, ହରିୟାଣା ବିଧାନସଭାର ମୋଟ ଆସନ ସଂଖ୍ୟା ୯୦। ଆମେ ୩ ସ୍ୱାଧୀନ ବିଧାୟକ ସରକାରରୁ ଓହରିଯାଇଛୁ। ବର୍ତ୍ତମାନ ଗୃହରେ ଭାଜପାର ୪୦ ବିଧାୟକ ଅଛନ୍ତି। ପୂର୍ବରୁ ଜନନାୟକ ଜନତା ପାର୍ଟି (ଜେଜେପି) ଏବଂ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ

| ହରିୟାଣା ବିଧାନସଭା: ୯୦ | ଇଣ୍ଡିଆ: ୩୪ |
| --- | --- |
| ବର୍ତ୍ତମାନ ସଦସ୍ୟଙ୍କ ସଂଖ୍ୟା ୮୮ | କଂଗ୍ରେସ: ୩୦ |
| ମ୍ୟାଜିକ୍ ନଂ: ୪୫ | ସ୍ୱାଧୀନ: ୪ |
| **ଏନ୍‌ଡିଏ: ୪୨** | **ଅନ୍ୟ: ୧୨** |
| ଭାଜପା: ୪୦ | ଜେଜେପି: ୧୦ |
| ଏଚ୍‌ଏଲ୍‌ପି: ୧ | ଆଇଏନ୍‌ଏଲ୍‌ଡି: ୧ |
| ସ୍ୱାଧୀନ: ୧ | ସ୍ୱାଧୀନ: ୧ |


ନାୟାବ ସିଂ ସାଇନି

ଭାଜପା ସରକାର ଗଢ଼ିଥିଲା। କିନ୍ତୁ ଜେଜେପି ସମର୍ଥନ ପ୍ରତ୍ୟାହାର କରିଥିଲା। ଏବେ ଆମେ ସ୍ୱାଧୀନ ବିଧାୟକମାନେ ମଧ୍ୟ ସମର୍ଥନ ପ୍ରତ୍ୟାହାର କରିଛୁ। ତେଣୁ ସାଇନି ସରକାର ବର୍ତ୍ତମାନ ସଂଖ୍ୟାଲଘୁ ସରକାରରେ ପରିଣତ ହୋଇଛନ୍ତି। ସାଇନି ବର୍ତ୍ତମାନ ୧ ମିନିଟ୍ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନରେ ରହିପାରିବେ ନାହିଁ। ତେଣୁ ସେ ତୁରନ୍ତ ଇସ୍ତଫା ଦେବା ଉଚିତ। ଏଥିସହ ତତ୍କାଳ ବିଧାନସଭା ନିର୍ବାଚନ କରାଯିବା ଉଚିତ ବୋଲି ଭାନ୍ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ହୁଡା ମଧ୍ୟ ସାଇନି ସରକାର ସଂଖ୍ୟାଲଘୁ ପାଲଟିଯାଇଥିବା ଦର୍ଶାଇ ରାଜ୍ୟରେ ତୁରନ୍ତ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀ ସାଇନି ଏନେଇ କହିଛନ୍ତି, କେତେଜଣ ନିର୍ଦ୍ଦଳୀୟ ବିଧାୟକ ସମର୍ଥନ ପ୍ରତ୍ୟାହାର କରିଥିବା ସୂଚନା ମିଳିଛି। ବୋଧେ କଂଗ୍ରେସ କେତେଜଣଙ୍କ ଇଚ୍ଛା ପୂରଣ କରିବାରେ ଲାଗିଛି। ସାଧାରଣ ଜନତାଙ୍କ ଇଚ୍ଛା ପୂରଣରେ ବିରୋଧୀ ଦଳର କୌଣସି ଆଗ୍ରହ ନାହିଁ ବୋଲି ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଜେଜେପି ସାଧାରଣ ସମ୍ପାଦକ ଦିଗ୍‌ବିଜୟ ସିଂ ଚୌଟାଲା ହୁଡାଙ୍କୁ ଫୋନ୍ କରି ସରକାର ଗଠନ ଦିଗରେ ଅଗ୍ରସର ହେବାକୁ ପରାମର୍ଶ ଦେଇଛନ୍ତି। ହୁଡା ଭାଜପା ସରକାରର ପତନ ଘଟାଇ ଜେଜେପି ଏବଂ ସ୍ୱାଧୀନ ବିଧାୟକମାନଙ୍କ ସହ ଆଲୋଚନା କରିବା ଉଚିତ ବୋଲି ସେ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ସୁଶୀଲ ଗୁପ୍ତା ରାଜ୍ୟର ଭାଜପା ସରକାରକୁ ବରଖାସ୍ତ କରିବା ପାଇଁ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କୁ ଅନୁରୋଧ କରିଛନ୍ତି। ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ପରେ ଏନ୍‌ଡିଏର ୪୨, ଇଣ୍ଡିଆ ବ୍ଲକ୍‌ର ୩୪ ଏବଂ ଜେଜେପି ସମେତ ୧୨ ବିଧାୟକ ରହିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ଜେଜେପି ଓ ଅନ୍ୟ ୨ ବିଧାୟକ ଆନୁଷ୍ଠାନିକ ସମର୍ଥନ ଘୋଷଣା କଲେ ଖୁବ୍ ଶୀଘ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ହୋଇପାରେ। ଏପରି ହେଲେ କେନ୍ଦ୍ରରେ କ୍ଷମତାସୀନ ଭାଜପା ପାଇଁ ବଡ଼ ଚ୍ୟାଲେଞ୍ଜ ହେବ।

ପ୍ରକାଶ ଯେ, ଲୋକ ସଭା ନିର୍ବାଚନ ପୂର୍ବରୁ ଆସନ ବୁଝାମଣାକୁ ନେଇ ଭାଜପା ଏବଂ ଜେଜେପି ମଧ୍ୟରେ ଟଣାଓଟରା ଲାଗିରହିଥିଲା। ମାର୍ଚ୍ଚ ୧୧ରେ ଜେଜେପି ନେତା ତଥା ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌଟାଲା ୨ଟି ଲୋକ ସଭା ଆସନ ଦାବି କରିଥିଲେ, ଯାହାକୁ ଭାଜପା ପ୍ରତ୍ୟାଖ୍ୟାନ କରିଦେଇଥିଲା। ଏହାର ଦିନକ ପରେ ଭାଜପା ଚୌଟାଲାଙ୍କୁ ବାହାର ରାସ୍ତା ଦେଖାଇ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ସରକାର ଗଢ଼ିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ କର୍ନାଲ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ କରିବା ପରେ ସେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ରାଜ୍ୟ ଭାଜପା ସଭାପତି ସାଇନି ଏକାଦଶ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ମେ' ୨୫ରେ କର୍ନାଲ ଆସନରେ ହେବାକୁ ଥିବା ବିଧାନସଭା ଉପନିର୍ବାଚନ ପାଇଁ ସାଇନି ପ୍ରାର୍ଥୀ ହୋଇଛନ୍ତି। ଏହା ପୂର୍ବରୁ ସ୍ୱାଧୀନ ବିଧାୟକମାନେ ତାଙ୍କ ଖେଳ ବିଗାଡ଼ି ଦେଇଛନ୍ତି।

**ଆଜିର ସମ୍ପାଦକୀୟ**
ଠକ ଓ ଜାଲିଆତି


ଗୁଜରାଟ ଅହମ୍ମଦାବାଦର ଏକ ବୁଥ୍‌ରେ ମଙ୍ଗଳବାର ପୂର୍ବାହ୍ନରେ ଭୋଟ ଦେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଳି ଲଗା ଆଙ୍ଗୁଠି ଦେଖାଉଛନ୍ତି। ନିକଟରେ ଅଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।

# ବ୍ରହ୍ମପୁରରେ ଛାତ୍ରୀଙ୍କୁ ଗଣବଳାତ୍କାର, ୮ ଗିରଫ

ବ୍ରହ୍ମପୁର,୭।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ଘଟଣା ଆଲୋଡନ ସୃଷ୍ଟି କରିଛି। ଯୁକ୍ତ ୨ ପଢୁଥିବା ନାବାଳିକା ଛାତ୍ରୀ ଜଣଙ୍କୁ ତାଙ୍କର ୮ଜଣ ସହପାଠୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ଥାନା ପୋଲିସ ପୀଡିତାଙ୍କ ଡାକ୍ତରୀମାଇନା କରିଥିବା ବେଳେ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ ଧରିଛି। ସମସ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁଚିତ୍ରା ପରିଡ଼ା କହିଛନ୍ତି।

ସହରର ଏକ ଘରୋଇ ଯୁକ୍ତ ୨ କଲେଜରେ ପଢୁଥିବା ଛାତ୍ରୀଙ୍କୁ ତାଙ୍କର ଜଣେ ସହପାଠୀ ଗତ ଶୁକ୍ରବାର ନିଜ ଘରକୁ ଡାକିଥିଲେ। ପରିବାର ଲୋକଙ୍କ ଅନୁପସ୍ଥିତିରେ ସେ ପୂର୍ବରୁ ଘରକୁ ଆଉ ୭ ଜଣ ସହପାଠୀଙ୍କୁ ଡାକିଥିଲେ। ସମସ୍ତେ ମିଶି କିଛି ସମୟ କଥା ହେବା ପରେ ଛାତ୍ରୀଙ୍କୁ ସହପାଠୀମାନେ ନିଶାଯୁକ୍ତ ମୃଦୁ ପାନୀୟ ପିଇବାକୁ ଦେଇଥିଲେ। ତାହା ପିଇ ଛାତ୍ରୀ ଜଣଙ୍କ ଅଚେତ ହୋଇପଡିଥିଲେ। ଏହାପରେ ଜଣକ ପରେ ଜଣେ ସହପାଠୀ ତାଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀଙ୍କ ଚେତା ଫେରିବା ପରେ ସେ ନିଜ ଘରକୁ ଫେରି ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ଛାତ୍ରୀଙ୍କ ପରିବାର ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡିତା ଛାତ୍ରୀଙ୍କ ବୟାନ ରେକର୍ଡ କରାଯିବା ସହ ଏମ୍‌କେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ଏହାପରେ ଯେଉଁ ସହପାଠୀ ଛାତ୍ରୀଙ୍କୁ ଘରକୁ ଡାକି ନେଇଥିଲେ ପୋଲିସ ତାଙ୍କୁ ପ୍ରଥମେ ଧରିଥିଲା। ପରେ ଅନ୍ୟମାନଙ୍କୁ ଧରାଯାଇଛି। ଏହି ଘଟଣାକୁ ନେଇ ସଂପୃକ୍ତ ଘରୋଇ କଲେଜର ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି।






**ଆଜିର ମନ୍ତବ୍ୟ**

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଜନୈତିକ ଫାଇଦା ପାଇଁ ଦେଶରେ ଘୃଣାର ପ୍ରସାର କରାଉଛନ୍ତି। ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଇଣ୍ଡିଆ ମେଣ୍ଟ ଉତ୍ସର୍ଗୀକୃତ।

– ସୋନିଆ ଗାନ୍ଧୀ, କଂଗ୍ରେସ ନେତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପାଖ, ସମୟ: ସକାଳ ୮ଟା ୩୦।
- ସୋସିଆଲିଷ୍ଟ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ରେଡକ୍ରସର ପ୍ରତିଷ୍ଠାତା ଜିନନ ହେନେରି ଡୁନାଣ୍ଟଙ୍କ ଜନ୍ମବାର୍ଷିକୀ, ସ୍ଥାନ: ଭରତପୁର ପୋଲିସ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିପିଆଇଏମ୍, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଡିସ୍ ଟିଭି ଇଣ୍ଡିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦି କ୍ରାଉନ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ରୁଚି ପକ୍ଷରୁ 'ରୁଚି ଚା' ଟିଭି ବିଜ୍ଞାପନ' ଉନ୍ମୋଚନ, ସ୍ଥାନ: ଚାଣକ୍ୟ ହଲ୍-୧, ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୪ଟା।
- ସ୍ୱାମୀ ଚିନ୍ମୟାନନ୍ଦ ମହାରାଜଙ୍କ ୧୦୮ତମ ଜନ୍ମୋତ୍ସବ ଉପଲକ୍ଷେ ଗୁରୁ ପ୍ରଣାମ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ, ସ୍ଥାନ: ବେଲଗଛିଆ କଲେଜ ପରିସର, ତ୍ରିସୁଲିଆ, ସମୟ: ଅପରାହ୍ନ ୫ଟା।

## ପୁରୀ

- ରେଡକ୍ରସ ଦିବସ ପାଳନ, ସ୍ଥାନ: ପୁରୀ ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ସକାଳ ୭ଟା ୩୦।
- ସିଂହଦ୍ୱାରଠାରୁ ରାଜ୍ୟର ବିଭିନ୍ନ ବିଧାନସଭାକୁ ଶ୍ରୀଜଗନ୍ନାଥଙ୍କ ମାଳ ମହାପ୍ରସାଦ ସହ ଯାତ୍ରା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟଭାମା ପତ୍ରିକାର ଶୁଭ ଲୋକାର୍ପଣ ଉତ୍ସବ ଓ କବିତା ପାଠୋତ୍ସବ, ସ୍ଥାନ: ବରାଳ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- କର୍ମୀ ସମ୍ମିଳନୀ, ସ୍ଥାନ: ପାଲ୍ମ ରିଶର୍ଟ, ବାଲିଘାଇ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲେଶ୍‌ଡ ସାକ୍ରାମେଣ୍ଟ ସ୍କୁଲ ପକ୍ଷରୁ ବୈଠକ, ସ୍ଥାନ: ସ୍କୁଲ ପରିସର, ଭିଆଇପି ରୋଡ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ବୈଠକ, ସ୍ଥାନ: ଭିଆଇପି ରେଶର୍ଟ, ଭିଆଇପି ରୋଡ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ବାବା ତ୍ରିନାଥ ମହାପ୍ରଭୁଙ୍କ ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ପାରିଚଅଁରପଦା, ନିମାପଡ଼ା, ସମୟ: ପୂଜା ଆରମ୍ଭ ସକାଳ ୭ଟା। ଓ ପୂର୍ଣ୍ଣାହୁତି, ସମୟ: ଅପରାହ୍ନ ୫ଟା।
- ମହାପ୍ରଭୁଙ୍କ ବନକ ଲାଗି ନୀତି, ସ୍ଥାନ: ଶ୍ରୀମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମଲୀଳା ଉତ୍ସବ, ସ୍ଥାନ: କାଶୀପୁର ବଡ଼ପାଟଣା, ଡିଆ, ସମୟ: ରାତି ୧୦ଟା।

## ବାଲେଶ୍ୱର

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର, ମଣ୍ଡଳ ବଜାର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ବ୍ଲଡ ଡୋନର ଆସୋସିଏଶନ୍ ଆନୁକୂଲ୍ୟରେ ନବମ ବାର୍ଷିକ ପ୍ରତିଷ୍ଠା ଦିବସ- ୨୦୨୪ ଓ ବିଶ୍ୱ ରେଡକ୍ରସ ଦିବସ ପାଳନ , ସ୍ଥାନ: ଶ୍ରୀଜଗନ୍ନାଥ ମଣ୍ଡପ, ରୂପସା, ସମୟ: ଅପରାହ୍ନ ୫ଟା।
- ବିଜୁ ଯୁବ ଜନତା ଦଳର ଯୁବକର୍ମୀ ସମ୍ମିଳନୀ, ସ୍ଥାନ: ମା' କଲ୍ୟାଣ ମଣ୍ଡପ, ସିମୁଳିଆ, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର କଂଗ୍ରେସ ବିଧାୟିକା ପ୍ରାର୍ଥିନୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ

- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଗୋପୀନାଥପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଭଦ୍ରକ ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ରାମଚନ୍ଦ୍ରପୁର, ବନ୍ତ, ସମୟ: ଅପରାହ୍ନ ୪ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୫ଟା। – ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଚଣ୍ଡୀଗାଁ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭାଜପାର ମହାମିଶ୍ରଣ ପର୍ବ ଓ ମେଗା ରୋଡ୍ ଶୋ, ସ୍ଥାନ: ମତୋ କଚେରି ପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ, ସ୍ଥାନ: ବଡ଼ଓସ୍ତିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ବିଜେଡି ପକ୍ଷରୁ ପଞ୍ଚାୟତ ସ୍ତରୀୟ କର୍ମୀ ବୈଠକ, ସ୍ଥାନ: ଭଗବାନପୁର ବଜାର, ଧାମନଗର, ସମୟ: ସନ୍ଧ୍ୟା ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ତାରିଣୀପଡ଼ିଆ, କୋଡ଼ବରୁଆଁ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।
- କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ, ସ୍ଥାନ: ତେନ୍ତୁଳିଡିଆ, ଚାନ୍ଦବାଲି, ସମୟ: ରାତି ୮ଟା।
- ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ, ସ୍ଥାନ: ଗୋପୀନାଥପୁର, ଚାନ୍ଦବାଲି, ସମୟ: ରାତି ୮ଟା।

## ମୟୂରଭଞ୍ଜ

- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବାର୍ ଆସୋସିଏଶନ ଗଭର୍ଣ୍ଣିଂ ବଡି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ,ସମୟ: ଅପରାହ୍ନ ୧ଟା ୩୦।

## ଢେଙ୍କାନାଳ

- ଗୀତାଜ୍ଞାନ ଯଜ୍ଞର ତୃତୀୟ ଦିବସ, ସ୍ଥାନ: ଦଧିବାବନ ଜୀଉ ମନ୍ଦିର ପରିସର ରଥଗଡା ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକଙ୍କ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର

- ମା'ଶାରଳାଙ୍କ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ମା'ଶାରଳା ମନ୍ଦିର, ପାରାଦୀପ, ସକାଳ ୬ଟା।
- ମଲ୍ଲିକେଶ୍ୱରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ବାଇପାସସ୍ଥିତ ମହାନଦୀ କୂଳ, ବାନାମ୍ବର ଘାଟ, ସମୟ: ସକାଳ ୮ଟା।
- ଭାଜପା ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ପାରାଦୀପ ଗଡପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ନିର୍ବାଚନୀ ପଦଯାତ୍ରା, ସ୍ଥାନ: ୱାର୍ଡ ନଂ.୧୭,୧୮,୧୯, ଷଣ୍ଢକୁଦ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: ଜିତ ମଣ୍ଡପ ରାହାମା, କୁଜଙ୍ଗ ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ବାର୍ଷିକ ବୈଠକ, ସ୍ଥାନ: ୟୁନିୟନ କାର୍ଯ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜୁନିୟର ରେଡକ୍ରସ ଟିମ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, ସମୟ: ସକାଳ ୭ଟା।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଆୟତପୁର, ମାର୍ଶାଘାଇ, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୫ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର

- ମା'ତାରିଣୀଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା,ସ୍ଥାନ: ଧର୍ମଶାଳା ବ୍ଲକ ଶଙ୍ଖାରୀଡ଼ିହ ହନୁମାନ ମନ୍ଦିର ପାଖ, ସମୟ: ସକାଳ ୭ଟା।
- ଜାରକା ରୋଟାରି କ୍ଲବ ପକ୍ଷରୁ ସମାବେଶ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ କଳ୍ପତରୁ ଦାସ ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ଛାତ୍ର ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।

## ନୟାଗଡ଼

- ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ସଚେତନତା ପାଇଁ ରୋଡ ଶୋ, ସ୍ଥାନ:ନୟାଗଡ଼, ସମୟ:ସକାଳ ୭.୧୫।
- ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ବୈଠକ ଓ ରକ୍ତଦାନ ଶିବିର, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ସକାଳ ୮ଟା ୩୦।
- ରାମଲୀଳାର ଷଷ୍ଠ ରଜନୀ, ସ୍ଥାନ:କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ରଘୁନାଥ ଜୀଉ ପୀଠ,ସମୟ:ରାତି ୧୧ଟା।
- ମହିଳା ମଣ୍ଡଳର ବାର୍ଷିକ ବୈଠକ, ସ୍ଥାନ: ଶୁଳିଆ ଠାକୁରାଣୀ ପୀଠ, ସମୟ:ପ୍ରାତଃ ୫ଟା।

## ରାୟଗଡ଼ା

- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କାଶୀପୁର ବ୍ଲକ ଗୋଡ଼ିବାଲି ଓ ସିରିପାଇ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ।
- ଛତିଶଗଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ରୋଡ଼ ଶୋ, ସ୍ଥାନ: କାଶୀପୁର ବ୍ଲକ କାର୍ଯ୍ୟାଳୟରୁ ହାଟପଦା, ସମୟ: ପୂର୍ବାହ୍ନ ୧୧ଟା ୩୫ ।
- କୋରାପୁଟ ଲୋକ ସଭା ବିଜେଡି ଏମ୍‌ପି ପ୍ରାର୍ଥିନୀ, ରାୟଗଡ଼ା ବିଧାୟକ ପ୍ରାର୍ଥିନୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: କାଶୀପୁର ହାଟ, ସମୟ: ମାଧ୍ୟାହ୍ନ ୧୨ଟା ୩୦ରୁ ୧ଟା ୩୦ ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ଆଇସିଆର ପଡିଆ, ବାରିଝୋଲା ରୋଡ଼, ରାୟଗଡା, ସମୟ: ଅପରାହ୍ନ ୩ଟା ୪୦।

## ନବରଙ୍ଗପୁର

- ବିଜେଡିର ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ବ୍ଲକର ୮ ପଞ୍ଚାୟତ, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟକର୍ମୀଙ୍କ କର୍ମଶାଳା, ସ୍ଥାନ: ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ନବରଙ୍ଗପୁର ବିଧାନସଭା ମଣ୍ଡଳୀ ଅଧିନ ସାନଆମ୍ବଡ଼ା, ସମୟ: ଅପରାହ୍ନ ୧ଟା ୪୦। ସ୍ଥାନ: ରାଇଘର ବ୍ଲକ, କୁନ୍ଦେଇ, ସମୟ: ଅପରାହ୍ନ ୨ଟା। ସ୍ଥାନ: ଉମରକୋଟ ବିଧାନସଭା ନିର୍ବାଚନୀ ମଣ୍ଡଳୀ ଅଧିନ ହାଟବରଣ୍ଡି, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ମା' ମୁଠ୍ୟାଲୁମାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟସ୍ଥିତ ଅସ୍ଥାୟୀ ମଣ୍ଡପ, ସମୟ: ସକାଳ ୬ଟା।
- ଆନ୍ତର୍ଜାତୀୟ ସେବିକା ଦିବସ ପରିପ୍ରେକ୍ଷୀରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କୋରାପୁଟ ମେଡିକାଲ କଲେଜ ବ୍ଲଡ ବ୍ୟାଙ୍କ, ସମୟ : ପୂର୍ବାହ୍ନ ୧୦ ଟା।
- ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: କୁନ୍ଦୁରା ଶାସ୍ତ୍ରୀ ମଇଦାନ, ସମୟ: ପୂର୍ବାହ୍ନ ୧୧ଟା ୦୫।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ଜିଲା ଭାଜପା ପକ୍ଷରୁ ଚାଏ ପେ ଚର୍ଚ୍ଚା, ସ୍ଥାନ: କୁଞ୍ଜେଲପଡା ଛକ, ସମୟ : ସକାଳ ୭ଟା।
- ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ହଷ୍ଟେଲ ସମସ୍ୟାକୁ ନେଇ ସଚେତନତା ରଥ, ସ୍ଥନ : ଜିଲାସ୍କୁଲ ଛକ, ସମୟ : ପୂର୍ବାହ୍ନ ୧୦ଟା।
- ଶଙ୍କର ଜ୍ୟୋତି ମାତୃସଂଘ ଓ ଭତରା ଗ୍ରାମବାସୀ ଆୟୋଜିତ ଶ୍ରୀମଦ ଭାଗବତ ମହାପୁରାଣ ତାତ୍ତ୍ୱିକ ପ୍ରବଚନ, ସ୍ଥାନ : ଭତରା ଶଙ୍କର ମଠ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା, ସ୍ଥାନ: ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା୩୦।

## ସୁବର୍ଣ୍ଣପୁର

- ବିଶ୍ୱ ରେଡକ୍ରସ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ନୂଆ ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାର, ସମୟ: ସକାଳ ୮ଟା ।
- ବିଜେଡି ବଲାଙ୍ଗୀର ଏମ୍‌ପି ଓ ସୋନପୁର ବିଧାୟକ ପ୍ରାର୍ଥୀଙ୍କ ତରଭା ବ୍ଲକ ଗସ୍ତ ଓ ନିର୍ବଚନୀ ସଭା। ସ୍ଥାନ: ବାଲିଖମାର ପଡିଆ, ସମୟ: ସକାଳ ୯ଟା୩୦।

## ରାଉରକେଲା

- ହାପି ମୁମେଣ୍ଟ ପକ୍ଷରୁ ରକ୍ତଦାନ ଶିବିର,ସ୍ଥାନ: ସେକ୍ଟର-୧୯ ଆଇଜିଏଚ୍, ସମୟ: ସକାଳ ୮ଟା ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ମାଲଗୋଦାମ, ସନ୍ଧ୍ୟା ସାଢେ ୭ଟା।
- ମାଗଣା ମଧୁମେହ ଶିବିର ସ୍ଥାନ: ଉଦିତନଗର, ସମୟ: ସକାଳ ୯ଟା।
- ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ସାହାନାଇ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ ମତଦାତାଙ୍କ ଗଣତାନ୍ତ୍ରିକ ଅଧିକାର ଶିର୍ଷକ ଆଲୋଚନା ଚକ୍ର, ସ୍ଥାନ: ସେକ୍ଟର--୧୬, ସମୟ: ସନ୍ଧ୍ୟା:୬ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମରେ ଏମପି ଜୁଏଲ ଓରାମଙ୍କ ନିର୍ବାଚନୀ ସଭା, ସ୍ଥାନ: ବାଜରଦାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ରୁନଗା ଗ୍ରାମରେ ଏମପି ଜୁଏଲ ଓରାମଙ୍କ ନିର୍ବାଚନୀ ପ୍ରଚାର ସଭା,ସ୍ଥାନ: ପାହାଡି ମନ୍ଦିର ପରିସର, ସମୟ: ଅପରାହ୍ନ ୧୨ ଟା।

## ବରଗଡ଼

- ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପିପିଲିପାଲି, ସୋହେଲା, ସମୟ: ସକାଳ ୮ଟା।
- କୃଷକ ଜାଗରଣ ସମାବେଶ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାମଲୀଳାରେ ରାବଣ ଦରବାର କାର୍ଯ୍ୟକ୍ରମ, ସ୍ଥାନ: କଟାପାଲି, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଂଗ୍ରେସର ନିର୍ବାଚନୀ ସଭା, ସ୍ଥାନ: ବିଶ୍ୱନାଥପୁର ଧନୁଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୧ଟା।

## ନୂଆପଡ଼ା

- ଭାଗବତ ମହାପରାୟଣ ୧୩ଦିନରେ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଖୁଣ୍ଟିଗୋରା କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିନ, ସ୍ଥାନ:ଖୁଣ୍ଟିଗୋରା ସତସଙ୍ଗ ପଡିଆ,କନ୍ଧମାଳ, ସମୟ : ସନ୍ଧ୍ୟା ୭ଟା।

## ଦେବଗଡ଼

- ସମ୍ବଲପୁର ଲୋକ ସଭା ପ୍ରାର୍ଥୀଙ୍କ ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ତିଲେଇବଣି ବ୍ଲକ, ହାଇସ୍କୁଲ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍, ରିଆମାଳ ବ୍ଲକ, ବୀରସୁରେନ୍ଦ୍ର ସାଏ ଖେଳପଡିଆ ଛତାବର, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ବିଜେଡିର ମାରାଥନ ପ୍ରଚାର, ସ୍ଥାନ: ଲଇକେରା ବ୍ଲକସ୍ଥିତ ସାହସପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ଭାଗିପାଲି ଗ୍ରାମ, ସମୟ: ଅପରାହ୍ନ ୩ଟା ୩୦ ମିନଟ୍।
- କଂଗ୍ରେସର ମାରାଥନ ପ୍ରଚାର, ସ୍ଥାନ: କିରମିରା ବ୍ଲକ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରବି ରଶ୍ମିରେ ଶୁକ୍ର ଓ ଚନ୍ଦ୍ର ଅସ୍ତଗତ କାରଣରୁ ବିରୋଧର ସମ୍ମୁଖୀନ ହେବେ। ଅବଶ୍ୟ ବୃହସ୍ପତିଙ୍କ ପ୍ରଭାବରୁ ଧନଲାଭ କରାଇବା ସହ କଳା, ସାହିତ୍ୟ, ସଙ୍ଗୀତ ପ୍ରଭୃତି ସକାଶେ ଆଗ୍ରହୀ ହେବେ। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ପରିବାରରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି।

**ବୃଷ** ଦେବଗୁରୁଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଚାପରେ ପଡ଼ି ବ୍ୟସ୍ତବିବ୍ରତ ହେବେ। ସାଂଗଠନିକ ଓ ଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା କାରଣରୁ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** ଧନାଧିପ କର୍ମସ୍ଥ ହେତୁ ଦିନଟିରେ ଆର୍ଥିକ ଓ ପାରିବାରିକ କ୍ଷେତ୍ର ବହୁତ ଭଲ ରହିବ। ମାତ୍ର ସମ୍ପର୍କୀୟ ମାନଙ୍କ ଭିତିରେ ଶତ୍ରୁତାରୁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅବଶ୍ୟ ବାଣିଜ୍ୟ,ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବ ନାହିଁ। ଅନ୍ୟମାନଙ୍କର କାନକୁହା କଥା ଶୁଣିବାରୁ ଦୂରେଇ ରହିବା ଭଲ ହେବ।

**କର୍କଟ** କର୍ମଭାବସ୍ଥ ଗ୍ରହ ପ୍ରଭାବରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ ଏବଂ ନିଜ ପରିସରସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ। ପାରିବାରିକ ଜୀବନରେ ଅନୁକୂଳ ବାତାବରଣ ସୃଷ୍ଟି ହେବାର ସୂଚନା ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ।

**ସିଂହ** ଭାଗ୍ୟସ୍ଥାନରେ ଉଚ୍ଚସ୍ଥ ରବିଜନିତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆପଣଙ୍କ ଯୁକ୍ତିଯୁକ୍ତ କଥାକୁ ବନ୍ଧୁମାନେ ପସନ୍ଦ କରିବା ସହ ଆପଣଙ୍କ କାର୍ଯ୍ୟରେ ସହମତି ପ୍ରକାଶ କରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇପାରନ୍ତି। ଦୀର୍ଘ ଦିନରୁ ପ୍ରତୀକ୍ଷିତ ଖବରଟି ପାଇ ମନ ଖୁସି ହୋଇଯିବ।

**କନ୍ୟା** ବୃହସ୍ପତି ଭାଗ୍ୟସ୍ଥାନରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। କେତେକ କ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ସହକର୍ମୀଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟିକ, ସାମାଜିକ, ପ୍ରଶାସନିକ ତଥା ରାଜନୈତିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ତୁଳା** ଶୁକ୍ରଙ୍କ ସୁପ୍ରଭାବରେ କାବ୍ୟ, ସାହିତ୍ୟ, ନାଟକ ରଚନା, କଳା, କାରିଗରି ପ୍ରତି ରୁଚି ବଳିବ। ବିଳାସବ୍ୟସନ ଦିଗକୁ ମନ ବଳାଇ ପାରନ୍ତି ଏବଂ ତତ୍ ସମ୍ପର୍କିତ ଜିନିଷ ପାଇବାରେ ଅସୁବିଧା ହେବନାହିଁ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ।

**ବିଛା** ଧନାଧିପ କେନ୍ଦ୍ରସ୍ଥ ହେତୁ ଆର୍ଥିକ ଉନ୍ନତି ସହିତ ଯାତ୍ରା, ବ୍ୟବସାୟ ମଧ୍ୟ ସନ୍ତୋଷଜନକ ରହିବ। ସୁସ୍ଥ ନିରାମୟ ସ୍ୱାସ୍ଥ୍ୟ ସଙ୍ଗକୁ ଯୁକ୍ତିଯୁକ୍ତ ବଳିଷ୍ଠ ମାନସିକତା କାର୍ଯ୍ୟହାସଲ ପାଇଁ ପ୍ରେରଣା ଯୋଗାଇବ। ସଂଗଠନ, ରାଜନୀତି, ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିପାରିବେ। ସଫଳତାର କ୍ଷୀଣ ଆଶା ରହିଛି।

**ଧନୁ** ଚତୁର୍ଥକେନ୍ଦ୍ରରେ ରାହୁ ଥିବାରୁ ଭୁଲ୍ ବୁଝାମଣାଜନିତ ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କ ସହ ମତ ପାର୍ଥକ୍ୟ ଦେଖାଦେବ। ଟାଣଖରାରେ କାମକରିବା କିମ୍ବା ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିବାର ସୂଚନା ରହିଛି।

**ମକର** ଧନାଧିପ ଶନି ସ୍ୱଗୃହସ୍ଥ ଯୋଗୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶା ନିରର୍ଥକ ହେବନାହିଁ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସବୁକିଛି ଜାଣିଥିଲେ ମଧ୍ୟ ସାମାଜିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରିବେ। ବୁଝାମଣା ଅଭାବରୁ ପାଖପଡ଼ୋଶୀଙ୍କ ସହ ସମ୍ପର୍କ ତିକ୍ତ ହୋଇପାରେ।

**କୁମ୍ଭ** ଅଷ୍ଟମାଧିପତି ଯୁକ୍ତ ମଙ୍ଗଳ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଶିଳ୍ପ, ବ୍ୟବସାୟ, ବିବାଦ, ତର୍କ, ଆଲୋଚନା, କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରନ୍ତି। କାମ ହାସଲ କରିବା ସକାଶେ ଆଗନ୍ତୁକଟି ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିବ।

**ମୀନ** କୌଣସି ଭଦ୍ରବ୍ୟକ୍ତିଙ୍କ ସହ ଆଲୋଚନା ପରେ ମନଃସ୍ଥିତିକୁ ଦୃଢ଼ କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହେବାକୁ ପଡ଼ିପାରେ।

ଆଜି ମେ ୮ତାରିଖ, ବିଶ୍ୱ ରେଡକ୍ରସ ଦିବସ, ବିଶ୍ୱ ଥାଲାସେମିଆ ଦିବସ, ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ, ବୈଶାଖ ମାସର ରୁକ୍ମିଣୀ ଅମାବାସ୍ୟା ଯୁକ୍ତ ପ୍ରତିପଦା ବୁଧବାର, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୭ମି. ଗତେ ଘ.୦୭.୦୦ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

## ଓଡ଼ିଶା ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ: ବୈଜୟନ୍ତ

**ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)**

ଗତ ୧୦ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଦ୍ରୁତଗତିରେ ଆଗକୁ ବଢ଼ିଚାଲିଛି। ଭାରତ ବିଶ୍ୱର ୫ମ ଅର୍ଥନୈତିକ ରାଷ୍ଟ୍ରରୁ ୩ୟ ସ୍ଥାନରେ ପହଞ୍ଚିବାକୁ ଯାଉଛି। ୨୫ କୋଟିରୁ ଉର୍ଦ୍ଧ୍ୱ ଗରିବ ସୀମାରେଖାରୁ ବାହାରକୁ ଆସିଛନ୍ତି। କିନ୍ତୁ ଓଡ଼ିଶାର ବିକାଶ ବହୁ ପଛରେ ପଡ଼ିଯାଇଛି। ୨୫ବର୍ଷର ବିଜେଡି ଶାସନରେ ଓଡ଼ିଶାର ଅନେକ ବିକାଶ ସ୍ତମ୍ଭ ହୋଇଥାନ୍ତା। କିନ୍ତୁ ବ୍ୟାପକ ଦୁର୍ନୀତି, ଭ୍ରଷ୍ଟାଚାର ଆଦି ବାଧକ ସାଜିଥିବାରୁ ରାଜ୍ୟର ବିକାଶ ସମ୍ଭବ ହେଲା ନାହିଁ। ଓଡ଼ିଶାରେ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ନିହାତି ଜରୁରୀ ବୋଲି ଭାଜପା ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୈଜୟନ୍ତ କହିଛନ୍ତି, ବିଜେଡି ଶାସନରେ ଚାଷୀକୁଳ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ୩୫% ଚାଷ ଜମି ଜଳସେଚନ କରିବାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ବିଜେଡି ସରକାରର ଚାଷୀମାରଣ ନୀତି ଯୋଗୁ କୃଷକଙ୍କୁ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ମିଳିପାରି ନାହିଁ। କୃଷି ଯନ୍ତ୍ରପାତି ଦୁର୍ନୀତିରେ ବିଜେଡିର ନେତାଙ୍କ ସମ୍ପୃକ୍ତି ଅତ୍ୟନ୍ତ ଲଜ୍ଜାଜନକ। ସମଗ୍ର ଦେଶ ସମେତ ଓଡ଼ିଶାରେ ମଧ୍ୟ ମୋଦି ଲହର ଚାଲିଛି। ପ୍ରତିଦିନ ଶତାଧିକ ନେତା, କର୍ମୀ ଅନ୍ୟ ଦଳରୁ ଆସି ଭାଜପାରେ ମିଶୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମିଶନ ଶକ୍ତି ଭଳି ଯୋଜନା ବନ୍ଦ ହୋଇଯିବ ବୋଲି ବିଜେଡି ସରକାର ପରାଜୟ ଭୟରେ ମିଛପ୍ରଚାର କରୁଛନ୍ତି ବୋଲି ବୈଜୟନ୍ତ କହିଛନ୍ତି।

## ମୂଳ ଆବେଦନ ଅନୁସାରେ ସତ୍ୟପାଠ ଦାଖଲ କର:ଏନ୍‌ଜିଟି

**ଯାଜପୁର,୭।୫(ହର୍ଷବର୍ଦ୍ଧନ ବେହେରା)**

କେନ୍ଦୁଝର ଓ ଯାଜପୁର ଜିଲା ଦେଇ ପ୍ରବାହିତ କୁଶେଇ ନଦୀର ପ୍ରାୟ ୨ କି.ମି. ଅଞ୍ଚଳରୁ ଅନୁମତିଠାରୁ ଢେର ଗୁଣ ଅଧିକ ବାଲି ଲୁଟ ଅଭିଯୋଗ ଉପରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) କଡ଼ା ପଦକ୍ଷେପ ଗ୍ରହଣ କରିଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ଖଣି ଉପନିର୍ଦ୍ଦେଶକ ଅବମାନନା କରି କୌଣସି ସତ୍ୟପାଠ ଦାଖଲ କରିନାହାନ୍ତି। ଏନେଇ ଟ୍ରିବ୍ୟୁନାଲ କଡ଼ା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଷ୍ଟେଟ୍ ଏନ୍‌ଭାଇରନ୍ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ) ଓ ଦାନଗଦି ତହସିଲଦାର ମୂଳ ଆବେଦନ ଅଭିଯୋଗ ଅନୁସାରେ ଉତ୍ତର ଦେଇ ନାହାନ୍ତି। ଦାଖଲ ହୋଇଥିବା ବିଭାଗୀୟ ସତ୍ୟପାଠଗୁଡ଼ିକ ପ୍ରବନ୍ଧ ଭଳି ହୋଇଛି। ତେଣୁ ୪ ସପ୍ତାହ ମଧ୍ୟରେ ମୂଳ ଆବେଦନ ଅନୁସାରେ ପାରାୱାଇଜ୍ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଜାରି କରିଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ଦାନଗଦି ତହସିଲ ଅଧୀନ ଗୋବର୍ଦ୍ଧନପୁର ଆରଆଇ ସର୍କଲ ବାଙ୍ଗରକୋଟା, ତେଲିବାହାଲି, କୁମ୍ଭନାଗରା ମୌଜା ଏବଂ କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନ ପଡିଆପାଲ ଓ ରେଙ୍ଗୁଟିଆ ମୌଜା ଅଞ୍ଚଳର କୁଶେଇ ନଦୀର ବାଲି ଲୁଟ ହୋଇଛି। ଶ୍ରୀସାଇ କନଷ୍ଟ୍ରକ୍ସନ ଠିକାସଂସ୍ଥା ପକ୍ଷରୁ ସରକାରୀ ଅନୁମତିଠାରୁ ଏଯାଏ ପ୍ରାୟ ୪୮୬୯.୧୬୨ ଘନମିଟର ବାଲି ଅଧିକ ଉତ୍ତୋଳନ ହୋଇଛି। ଏନେଇ ଏନ୍‌ଜିଟିରେ ୦୨/୨୦୨୪/ଇଜେଡ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାକୁ ଏନ୍‌ଜିଟି ପକ୍ଷରୁ ଗ୍ରହଣ କରିବା ସହ ଏକ ୩ଜଣିଆ କମିଟି ଗଠନ କରି ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଜଷ୍ଟିସ ଅମିତ ସ୍ଥାଲେକର ଓ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମା କେନ୍ଦୁଝର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଦୁଇ ଜିଲା ପ୍ରଶାସନ ପକ୍ଷରୁ ଯେଉଁ ସତ୍ୟପାଠଗୁଡ଼ିକ ଦାଖଲ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ଖାମଖିଆଲି ବୋଲି ଏନ୍‌ଜିଟି ଅନୁଭବ କରି ପୁଣି ୩୧।୫।୨୦୨୪ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

**କୁଶେଇ ନଦୀରୁ ବାଲି ଲୁଟ୍ ଅଭିଯୋଗ**

## ଭିସିଆଇ କମ୍ପାନୀ ଜମିରୁ ମୋରମ୍ ଲୁଟ୍ ଘଟଣାରେ ଲୋକାୟୁକ୍ତରେ ଅଭିଯୋଗ

**ଯାଜପୁର,୭।୫(ହର୍ଷବର୍ଦ୍ଧନ ବେହେରା)**

ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ କମ୍ପାନୀ କଳିଙ୍ଗନଗର ଶିଳ୍ପାଞ୍ଚଳର ଯଖପୁରା ମୌଜା ଶାଳ ଜଙ୍ଗଲ କିସମ ଜମିକୁ ଇଡ୍‌କୋ ଜରିଆରେ ନେଇ ବିପୁଳ ପରିମାଣର ମୋରମ୍ ଲୁଟ କରୁଛି। ଏନେଇ ଅଞ୍ଚଳବାସୀ ଲୋକାୟୁକ୍ତଙ୍କ ସମେତ ଷ୍ଟେଟ୍ ଏନ୍‌ଭାଇରନ୍ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ଯାଜପୁର ଜିଲାପାଳ, ଖଣି ନିର୍ଦ୍ଦେଶକ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସହ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି। ତେବେ ଗତ ଏପ୍ରିଲ ତୃତୀୟ ସପ୍ତାହରେ ଯାଜପୁର ଲଘୁ ଖଣି ବିଭାଗ ପକ୍ଷରୁ ଡ୍ରୋନ କ୍ୟାମେରାରେ ମାପଚୁପ କରାଯାଇଥିଲେ ହେଁ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି କ୍ରମରେ ମୋରମ୍ ଲୁଟ ଅଭିଯୋଗକୁ ଚପାଇ ଦେବାକୁ ଭିସିଆଇ କର୍ତ୍ତୃପକ୍ଷ ଓ ଲଘୁ ଖଣି ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଏକ ବଡଧରଣର ଦେଣନେଣ ହୋଇଥିବା ଚର୍ଚ୍ଚା ଜୋର ଧରିଛି।

ଅଞ୍ଚଳବାସୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ କମ୍ପାନୀକୁ କାରଖାନା ପ୍ରତିଷ୍ଠା ପାଇଁ ୨୨ ଏକର ଜମି ଇଡ୍‌କୋ ଜରିଆରେ ଯୋଗାଇ ଦିଆଯାଇଛି। ୨୯।୧୧।୨୦୨୩ରେ କାରଖାନା ପ୍ରତିଷ୍ଠା ପାଇଁ ହୋଇଥିବା ଜନଶୁଣାଣିରେ ଅଞ୍ଚଳବାସୀ ବିଭିନ୍ନ ସର୍ତ୍ତ ରଖି କମ୍ପାନୀ ପ୍ରତିଷ୍ଠା ପାଇଁ ସମର୍ଥନ କରିଥିଲେ। ଏହାପରେ ଉକ୍ତ ୨୨ ଏକର ଜମିରେ ୧.୦ ଏଲ୍‌ଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେଶନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ଉକ୍ତ ଜମିରୁ ବିପୁଳ ପରିମାଣର ମୋରମ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି।

## କଟକ ଲୋକ ସଭା, ୬ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀପତ୍ର ଯାଞ୍ଚ ଶେଷ | ୧୧ ଲୋକ ସଭା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ

**କଟକ,୭।୫ (କାର୍ତ୍ତିକ ସାହୁ)**

କଟକ ଲୋକ ସଭା ସଂସଦୀୟ କ୍ଷେତ୍ର ସମେତ ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀର ନାମାଙ୍କନପତ୍ର ଦାଖଲ ସୋମବାର ଶେଷ ହୋଇଛି। ସେହିପରି ଏହି ଲୋକ ସଭା ସଂସଦୀୟ କ୍ଷେତ୍ର ଅଧୀନ ଖଣ୍ଡପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ନିର୍ଦ୍ଧାରିତ ବିଜ୍ଞପ୍ତି ଅନୁଯାୟୀ ପ୍ରାର୍ଥୀପତ୍ରଗୁଡ଼ିକ ମଙ୍ଗଳବାର ଯାଞ୍ଚ କରାଯାଇଛି। କଟକ ଲୋକ ସଭା ସଂସଦୀୟ କ୍ଷେତ୍ରର ସମସ୍ତ ୧୧ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଆବେଦନ କରିଥିବା ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଦୁଇ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବାବେଳେ ୧୩ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ଦୁଇ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇ ୧୩ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଅନ୍ୟପକ୍ଷରେ ବାଙ୍କୀ ନିର୍ବାଚନମଣ୍ଡଳୀ ନିମନ୍ତେ ଆବେଦନ କରିଥିବା ୮ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ଆଠଗଡ଼ ନିର୍ବାଚନମଣ୍ଡଳୀର ୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାବେଳେ ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ୧୧ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।




# ୧୦ରେ ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର ମୋଦିଙ୍କ ରୋଡ୍ ଶୋ

**ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନଆ ଓଡ଼ିଶା ଗସ୍ତ ଶେଷକରି ରବିବାର ଫେରିଥିବା ବେଳେ ପୁଣି ଥରେ ଆସନ୍ତା ୧୦ରେ ଆସୁଛନ୍ତି। ସେହିଦିନ ସେ ରାଜଧାନୀରେ ଏକ ବିଶାଳ ରୋଡ୍ ଶୋ' କରିବା କାର୍ଯ୍ୟକ୍ରମ ରହିଛି। ୧୦ ତାରିଖ ସନ୍ଧ୍ୟା ୬ଟାରୁ ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ' ଆୟୋଜନ ହେବ। ଏହି ଶୋ' ମାଷ୍ଟରକ୍ୟାଣ୍ଟିନ ଛକ ରୁ ବାହାରି ବାଣୀବିହାର ପର୍ଯ୍ୟନ୍ତ ଯିବ। ଏହି ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଏଥିରେ ବହୁ ସଂଖ୍ୟାରେ ନେତା ଓ କର୍ମୀ ଯୋଗଦେବେ। ଏହି ରୋଡ୍ ଶୋ'ରେ ବିପୁଳ ସଂଖ୍ୟାରେ ଲୋକଙ୍କୁ ଯୋଗଦେବାକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନିବେଦନ କରିଛନ୍ତି। ଏକ ଅଡିଓ ବାର୍ତ୍ତା ଜରିଆରେ ସେ ଲୋକଙ୍କୁ ଏନେଇ ଅପିଲ କରିଛନ୍ତି। ସେହିଦିନ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ରାତ୍ରି ଯାପନ କରିବେ। ୧୧ ତାରିଖରେ ସେ ବଲାଙ୍ଗୀରଠାରେ ହେବାକୁ ଥିବା ଏକ ସମାବେଶରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ରାଜଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଛି। ଭୁବନେଶ୍ୱର ବିମାନବନ୍ଦର ଅଧିକାରୀ, ଏସ୍‌ପିଜିଙ୍କ ସହ କମିଶନରେଟ ପୋଲିସର ବୈଠକ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ନେଇ କୁହାଯାଇଛି। ତେବେ ମୋଦିଙ୍କ ରୋଡ୍ ଶୋ' ହେବାକୁ ଥିବାବେଳେ ଭାଜପା ନେତା ଓ କର୍ମୀ ଏନେଇ ବହୁ ଉତ୍ସାହିତ ଅଛନ୍ତି।

କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ଭାଜପା କେନ୍ଦ୍ରୀୟ ନେତାମାନଙ୍କ ଘନ ଘନ ଓଡ଼ିଶା ଗସ୍ତ ଆରମ୍ଭ ହୋଇଯାଇଛି। ଓଡ଼ିଶାରେ ସରକାର

- ଆଜି ଆସୁଛନ୍ତି ରାଜନାଥ ସିଂ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ
- ଗୁରୁବାର ପ୍ରଚାର କରିବାକୁ ଆସିବେ ଗଡକରୀ, ହିମନ୍ତ ବିଶ୍ୱଶର୍ମା
- ଭାଜପା ଷ୍ଟାର୍ କ୍ୟାମ୍ପେନର ତାଲିକାରେ ସିନ୍ଧିଆଙ୍କ ସ୍ଥାନରେ ହେମାମାଳିନୀ

କରିବାର ଦମ୍ଭୋକ୍ତି ଦେଖାଉଥିବା ଭାଜପା ବର୍ତ୍ତମାନ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ବ୍ୟାପକ କରିଛି। ସେହି କ୍ରମରେ ଓଡ଼ିଶାରେ ଭାଜପା ପାଇଁ ବଲିଉଡ୍‌ର ଡ୍ରିମ୍ ଗାର୍ଲ ତଥା ଏମ୍‌ପି ହେମାମାଳିନୀ ପ୍ରଚାର କରିବେ। ରାଜ୍ୟ ଭାଜପାର ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ହେମାମାଳିନୀଙ୍କ ନାମ ସ୍ଥାନ ପାଇଛି। ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସ୍ଥାନରେ ହେମାମାଳିନୀ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ତେବେ ହେମାମାଳିନୀ କେବେ ଓଡ଼ିଶା ଆସିବେ ଓ ପ୍ରଚାର କରିବେ, ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ନିର୍ବାଚନ ପ୍ରଚାର ପାଇଁ ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ଆସିବେ। ରାଜନାଥ ଭବାନୀପାଟଣା ଓ ରାୟଗଡ଼ାରେ ଜନସଭାକୁ ସମ୍ବୋଧିତ କରିବେ। ନବରଙ୍ଗପୁର ଓ କୋରାପୁଟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସାଏ ସଭା କରିବେ। ସେହିପରି ୯ ତାରିଖରେ ଭାଜପାର ଆଉ ୨ ବରିଷ୍ଠ ନେତା, କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓଡ଼ିଶା ଆସିବେ। ପୁରୀ ଓ କୃଷ୍ଣପ୍ରସାଦ ସମାବେଶରେ ଗଡକରୀ ଯୋଗଦେବେ। ସେହିପରି ହିମନ୍ତ ମାଲକାନଗିରି, ଚିତ୍ରକୋଣ୍ଡା ଓ ଖଲ୍ଲିକୋଟରେ ସଭା କରିବେ ବୋଲି ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ୬ ଲୋକ ସଭା, ୪୨ ବିଧାନସଭା ଆସନ ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୭।୫(ଅନିଲ ଦାସ)**

ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ(ଏସ୍‌ଟି), ବାଲେଶ୍ୱର, ଭଦ୍ରକ(ଏସ୍‌ସି), ଯାଜପୁର(ଏସ୍‌ସି), କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର(ଏସ୍‌ସି) ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ର ପାଇଁ ମତଦାନ ହେବ। ଏଥିପାଇଁ ୨୦୨୪ ମେ' ୧୪ (ମଙ୍ଗଳବାର) ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ମେ' ୧୫ରେ ନାମାଙ୍କନ ପତ୍ର ଯାଞ୍ଚ, ମେ' ୧୭ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଜୁନ୍ ୧ରେ ଭୋଟ ଗ୍ରହଣ ହେବ।

ଏହି ୬ଟି ସଂସଦୀୟ କ୍ଷେତ୍ର

**ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ**

- ୧୦,୮୫୭ ବୁଥ୍‌ରେ ହେବ ମତଦାନ
- ୯୯.୫୫ ଲକ୍ଷ ଭୋଟର

ଅଧୀନରେ ଅନ୍ୟ ପର୍ଯ୍ୟାୟ ତୁଳନାରେ ସର୍ବାଧିକ ମତଦାତା, ଯୁବ ମତଦାତା ଓ ସର୍ବାଧିକ ମତଦାନ କେନ୍ଦ୍ର ରହିଛି। ଉକ୍ତ ପର୍ଯ୍ୟାୟରେ ସର୍ବମୋଟ ୯୯ ଲକ୍ଷ ୫୫ ହଜାର ୫୫୬ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରେ ୪୮ ଲକ୍ଷ ୬୯ ହଜାର ୩୩୧ ମହିଳା ମତଦାତା ଥିବାବେଳେ ୫୦ ଲକ୍ଷ ୮୫ ହଜାର ୫୩୮ ପୁରୁଷ ଏବଂ ୬୮୭ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି। ଏହି ପର୍ଯ୍ୟାୟରେ ୧୦,୮୫୭ଟି ବୁଥ୍‌ରେ ମତଦାନ ହେବ। ଏଥିସହିତ ୨୫ଟି ଅତିରିକ୍ତ ମତଦାନ କେନ୍ଦ୍ର ମଧ୍ୟ କରାଯାଇଛି। ଏହି ପର୍ଯ୍ୟାୟରେ ମୋଟ ୨,୫୬,୦୦୭ ଜଣ ପ୍ରଥମ ଥର ମତଦାତା (୧୮-୧୯ ବର୍ଷ) ଥିବା ବେଳେ ୨୦,୪୮,୭୦୫ ଜଣ ଯୁବ ମତଦାତା (୨୦ରୁ ୨୯ ବର୍ଷ) ରହିଛନ୍ତି। ଏହି ପର୍ଯ୍ୟାୟରେ ସର୍ବମୋଟ ମତଦାତା ଲିଙ୍ଗ ଅନୁପାତ ୯୫୭ ରହିଛି।

ଏହି ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରରୁ ସି-ଭିଜିଲ୍ ମାଧ୍ୟମରେ ୨୦୨୪ ମାର୍ଚ୍ଚ ୧ରୁ ମେ' ୬ ମଧ୍ୟରେ ୨୪୦୮ଟି ଅଭିଯୋଗ ପ୍ରାପ୍ତ ହୋଇଥିବା ବେଳେ ୨୪୦୧ ଅଭିଯୋଗ ପାଇଁ ବିଧି ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୪ ମାର୍ଚ୍ଚ ପହିଲାରୁ ମେ' ୬ ମଧ୍ୟରେ ମୋଟ ୨୭୯୩ ଲକ୍ଷ ଟଙ୍କାର ସାମଗ୍ରୀ ଓ ଟଙ୍କା ଜବତ କରାଯାଇଛି। ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇସାରିଛି ଏବଂ ପ୍ରତିଟି ବୁଥ୍‌ରେ ମୁକ୍ତ, ଅବାଧ, ସ୍ୱଚ୍ଛ ନିର୍ବାଚନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ମତଦାତା ମତଦାନ କରି ନିଜ ନିଜର ଗଣତାନ୍ତ୍ରିକ କର୍ତ୍ତବ୍ୟ ନିର୍ବାହ କରିବା ସହ ଦେଶର ସର୍ବବୃହତ୍ ଗଣତାନ୍ତ୍ରିକ ମହାପର୍ବରେ ଅଂଶୀଦାର ହେବା ପାଇଁ ସେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଛନ୍ତି।

# କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

**ଫୁଲବାଣୀ, ୭।୫**
**(ରାକେଶ କୁମାର ରାଉତ)**

କେକେବିଏନ୍ ମାଓବାଦୀ ସଙ୍ଗଠନର ଜଣେ କ୍ୟାଡର ମାଓବାଦୀ ଦକ୍ଷିଣାଞ୍ଚଳ ଆଇଜି ଜେ.ଏନ୍. ପଙ୍କଜଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀ(ସିପିଆଇ) ଜଣକ ଛତିଶଗଡ ସୁକୁମା ଜିଲାର କିଷ୍ଟାରାମ ପଞ୍ଚାୟତ ମଙ୍ଗଳଗୁଡା ଗ୍ରାମର ସମୟ ମାଡକାମ ଓରଫ ନରେଶ ଓରଫ ରୂପେଶ ଓରଫ ପୁନିତ। ସେ ସଂଗଠନରେ ଡିଭିଜନାଲ କମିଟି ମେମ୍ବର ଭାବେ କନ୍ଧମାଳ, କଳାହାଣ୍ଡି, ନୂଆପଡା, ବୌଦ୍ଧ ଜିଲାରେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଦକ୍ଷିଣାଞ୍ଚଳ ଆଇଜି ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମୟଙ୍କୁ ୧୦ ବର୍ଷ ହୋଇଥିବାବେଳେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ମାଓବାଦୀମାନେ ସାଙ୍ଗରେ ନେଇଯାଇଥିଲେ। କିନ୍ତୁ ସଂଗଠନରେ ପହଞ୍ଚିଲା ପରେ ତାଙ୍କୁ ଅନେକ ସମୟରେ ନିର୍ଯାତନା ଦିଆଯାଉଥିଲା। ମହିଳା ମାଓବାଦୀମାନଙ୍କୁ ଯୌନ ଶୋଷଣ, ଭୟ ପ୍ରଦର୍ଶନ କରି ଚାନ୍ଦା ଆଦାୟ କରିବା ସହ ଯୁବତୀ ଯୁବକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସଂଗଠନରେ ସାମିଲ କରୁଥିବା ଦେଖି ସମୟ ଅତିଷ୍ଠ ହୋଇ ପଡ଼ିଥିଲେ। ଏଥିପାଇଁ ସେ ପୁଣି ଘରକୁ ଚାଲି ଆସିବାକୁ ଚିନ୍ତା କରି ପୋଲିସ ସହ ଯୋଗାଯୋଗ କରିଥିଲେ। ସରକାରଙ୍କ ଥଇଥାନ ନୀତିରେ ଆକୃଷ୍ଟ ହୋଇଛନ୍ତି। ଘରକୁ ଫେରି ଚାଷବାସ କରି ଭଲରେ ଜୀବନ ନିର୍ବାହ କରିବି ବୋଲି ସମୟ କହିଛନ୍ତି। ଥଇଥାନ ନୀତି ଅନୁସାରେ ତାଙ୍କୁ ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ଆଇଜି ପଙ୍କଜ କହିଛନ୍ତି। ସେହିପରି ମାଓବାଦୀମାନେ ଗଞ୍ଜେଇ କାରବାରରେ ସାମିଲ ଅଛନ୍ତି। ସେମାନେ ଗଞ୍ଜେଇ ବ୍ୟବସାୟ କରୁଥିବା ଲୋକଙ୍କ ପାଖରୁ ମୋଟା ଅଙ୍କର ଚାନ୍ଦା ନେଉଛନ୍ତି ବୋଲି ମଧ୍ୟ ସୂଚନା ଦେଇଛନ୍ତି। ସମୟ କନ୍ଧମାଳ ଜିଲାରେ କାର୍ଯ୍ୟ କରୁଥିଲେ। ଆଇଡି ବ୍ଲାଷ୍ଟ, ଯବାନଙ୍କ ଉପରେ ଫାୟାରିଂ ଆଦି କାର୍ଯ୍ୟରେ ଲିପ୍ତ ଥିଲେ। ଆମେ କୋମ୍ବିଙ୍ଗକୁ ଜୋରଦାର କରୁଛୁ। ଗତ ୪/୫ ମାସରେ ୭ରୁ୮ ଥର ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଆଗକୁ ନିର୍ବାଚନ, ଚଳିତ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ହେବ। ଏଥିପାଇଁ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୩ରେ କନ୍ଧମାଳ ଜିଲା ବାଲିଗୁଡା ସୁଦ୍ରା ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କ୍ୟାଡର ମାଓବାଦୀ ନେତା ଦାସୁରୁ ନିହତ ହୋଇଥିଲେ। ତାଙ୍କ ନାଁରେ କନ୍ଧମାଳ ଓ ବୌଦ୍ଧ ଜିଲାର ବିଭିନ୍ନ ଥାନାରେ ୨୨ଟି ମାମଲା ଥିଲା। ସେଥି ମଧ୍ୟରୁ ୨୦୧୯ ନିର୍ବାଚନ ବେଳେ ସେ କନ୍ଧମାଳ ଜିଲା ଲୁଇସିଂ ଜିଆରଏସ୍ ସଂଯୁକ୍ତା ଡିଗାଲଙ୍କୁ ହତ୍ୟାରେ ସାମିଲ ଥିଲେ।

# ଧଳାପଥରର ଚୋରାଚାଲାଣ

**ପାଖେଇଲାଣି ନିର୍ବାଚନ, ବଢ଼ୁଛି ଲୁଟ୍ କାରବାର**

**ସୋନପୁର,୭।୫**
**(ମୃତ୍ୟୁଞ୍ଜୟ ଶତପଥୀ)**


କର୍ଡାପାଲ-ତେଲିପାଲି ରାସ୍ତା ପାର୍ଶ୍ୱରେ ଧଳାପଥର ଗଚ୍ଛିତ ରଖାଯାଇଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ଧଳାପଥର (କ୍ୱାର୍ଜଷ୍ଟୋନ୍) ବେଧଡ଼କ ଭାବେ ଲୁଟ୍ ଚାଲିଛି। ଉପାନ୍ତ ଅଞ୍ଚଳରେ ଥିବା ସରକାରୀ ଜମିରୁ ଦିନରାତି ଚୋରାଚାଲାଣ ଚାଲିଛି। ଏହା ପଛରେ ଏକ ପ୍ରଭାବଶାଳୀ ର‍୍ୟାକେଟ୍ କାମ କରୁଛି। ଖଣି କିମ୍ବା ତହସିଲ ପ୍ରଶାସନ ନୀରବ ବସିଥିବା ବେଳେ ସ୍ଥାନୀୟ ପୋଲିସକୁ ହାତ କରି ଉତ୍ତୋଳନ ଓ ରପ୍ତାନି ହେଉଛି। ପ୍ରଥମେ ଟ୍ରାକ୍ଟରରେ ଆଣି ଧଳାପଥରଗୁଡ଼ିକୁ ଗଚ୍ଛିତ କରାଯାଉଛି। ପରେ ବଡ଼ ଟ୍ରକ୍‌ରେ ବାହାର ଜିଲାର ଇସ୍ପାତ ଶିଳ୍ପକୁ ପଠାଯାଉଛି। ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ସେହି ପରିମାଣରେ ଧଳାପଥର ଲୁଟ୍ କାରବାର ବଢ଼ିବାରେ ଲାଗିଛି। ଏହା ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ଅଧୀନରେ ବୃହତ୍ ଖଣିଜ ଦ୍ରବ୍ୟ ପରିଚାଳନା ଦାୟିତ୍ୱ ରହିଛି। ସୁବର୍ଣ୍ଣପୁରରେ ଖଣି ବିଭାଗର କାର୍ଯ୍ୟାଳୟ ନଥିବା ବେଳେ ବଲାଙ୍ଗୀରରେ ବିଭାଗର ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଛି। ଏଠାରେ ଧଳାପଥର ବେଆଇନଭାବେ ଉତ୍ତୋଳନ ହେଉଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନି। ସରକାରୀସ୍ତରରେ ଆବଶ୍ୟକ ସହଯୋଗ ଅଭାବରୁ ଏହି ବିଭାଗ ଜିଲାରେ ପ୍ରାୟ ସୁପ୍ତ ଥିବା ମନେହେଉଛି। ସୂଚନା ଅନୁଯାୟୀ ବୀରମହାରାଜପୁର ତହସିଲ ଅଧୀନରେ ଥିବା ଦାଦରପାଲି ଓ ବଙ୍କିଆ ଉତ୍ସରୁ ଧଳାପଥର ଉତ୍ତୋଳନ ପାଇଁ ରାଜ୍ୟ ଇସ୍ପାତ ଓ ଖଣିବିଭାଗ ପକ୍ଷରୁ ଲିଜ୍ ଦିଆଯାଇଛି। ଲିଜ୍‌ଧାରୀ ଉକ୍ତ ଉତ୍ସରୁ ଉତ୍ତୋଳନ ବନ୍ଦ କରିଛନ୍ତି। ତେବେ ଅଞ୍ଚଳର ତେଲିପାଲି, କର୍ଡାପାଲ, ଲୁହୁମୁଣ୍ଡା, ବଙ୍କିଆ, ବାରଖୁଲା, ଦାଦରପାଲି ଓ ପର୍ଡିଆପାଲି ଗାଁ ନିକଟରେ ଥିବା ଅଣସ୍ୱୀକୃତି ଖାଦାନ ଗୁଡ଼ିକରୁ ବେଆଇନ ଭାବେ ଧଳାପଥର ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଅନ୍ୟପକ୍ଷେ ଉପରୋକ୍ତ ଖଣି ଲୁଟ୍‌ରୁ ଆୟ ହେଉଥବା ଅର୍ଥକୁ ଆସନ୍ତା ନିର୍ବାଚନରେ ବିନିଯୋଗ କରିବାକୁ ଏଭଳି ଲୁଟ୍ କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଏହା ପଛରେ ବହୁ ପ୍ରଭାବଶାଳୀ ନେତାଙ୍କ ଆଶୀର୍ବାଦ ଥିବାରୁ ଖଣି ବିଭାଗ କୌଣସି ଧାର ଧରୁନାହିଁ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଙ୍ଗୁ ପଚାରିବାରୁ ସେ କହିଛନ୍ତି, ଏହା ଖଣି ବିଭାଗର କାମ। ଆମ ନିକଟରେ କୌଣସି କାଗଜପତ୍ର ନାହିଁ କି ସେଭଳି କିଛି ଅଭିଯୋଗ ନାହିଁ। ତେବେ ଘଟଣାର ନିଶ୍ଚିତ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଗୁଳି କରି ବାଘ ଶିକାର

- ବ୍ୟବଚ୍ଛେଦ ପରେ ବାହାରିଲା ୩ ଗୁଳି
- ୬ ଅଟକ, ବନ୍ଧୁକ ଜବତ


ମୃତବାଘକୁ ବ୍ୟବଚ୍ଛେଦ ପୂର୍ବରୁ ପାଲ ଟାଙ୍ଗି ରଖାଯାଇଛି।

**ନାକଟୀଦେଉଳ, ୭।୫**
**(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ଅନ୍ତର୍ଗତ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରୁ ଏକ କଲରାପତରିଆ ବାଘର ମୃତଦେହ ବନ ବିଭାଗ ଜବତ କରିଛି। ଛାଲ ପାଇଁ ଶିକାରୀମାନେ ଗୁଳିକରି ବାଘ ଶିକାର କରିଥିବା ସନ୍ଦେହ କରାଯାଉଛି। ପେଣ୍ଡବାହାଲ ଚମ୍ପାଳି ପୋଲ ନିକଟ ଜାତୀୟ ରାଜପଥଠାରୁ ଭୀମମଣ୍ଡଳୀ ରାସ୍ତାର ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରୁ ବାଘ ମୃତଦେହ ସୋମବାର ରାତିରେ ଠାବ କରିଥିଲା ବନ ବିଭାଗ। ମଙ୍ଗଳବାର ସକାଳେ ରେଢାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର, ନାକଟୀଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଏକ ଜଏଣ୍ଟ ଟାସ୍କଫୋର୍ସ ଟିମ୍ ମଧ୍ୟ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ନାକଟୀଦେଉଳ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଶ୍ରବଣ କୁମାର ଆଚାରୀ ମୃତ ବାଘର ବ୍ୟବଚ୍ଛେଦ କରିଥିଲେ। ବ୍ୟବଚ୍ଛେଦ ସମୟରେ ବାଘ ଶରୀରରୁ ୩ଟି ଗୁଳି ବାହାରିଥଲା। ପରେ ମୃତଦେହକୁ ସେଠାରେ ପୋଡ଼ି ଦିଆଯାଇଥିଲା। ମୃତ ବାଘର ବୟସ ୧୦ରୁ ୧୨ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ରେଢାଖୋଲ ଡିଏଫ୍‌ଓ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ବନ ବିଭାଗ ପେଣ୍ଡବାହାଲ ଗ୍ରାମର ୬ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ରବିବାର ରାତି କିମ୍ବା ସୋମବାର ସକାଳୁ ଶିକାରୀମାନେ ବାଘକୁ ଗୁଳି କରିଥିବା ଜଣାପଡୁଛି। ଗୁଳି ବାଜିବା ପରେ ବାଘ ସେଠାରୁ ଜଙ୍ଗଲ ଭିତର ଭୀମମଣ୍ଡଳୀ ରାସ୍ତାକୁ ଯାଇ ପଡ଼ିଯାଇଥିଲା। ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ଏହା ଦେଖିବାକୁ ପାଇବା ପରେ ଘଟଣା ସାମ୍ନାକୁ ଆସିଥିଲା। ସୂଚନାଯୋଗ୍ୟ, ବର୍ଷକ ତଳେ ପେଣ୍ଡବାହାଲ ନିକଟ ଚମ୍ପାଳି ନଦୀ ନିକଟରେ ବିକ୍ରି ପାଇଁ ଡିଲ୍ ହେଉଥିବା ବେଳେ ବନ ବିଭାଗ ଟାସ୍କଫୋର୍ସ ଚଢ଼ାଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
One WORKER STAFF for our Distributor godown at Khordha.
Contact:
9556070670

ଇଲେକ୍ଟ୍ରିସିଆନ ଆବଶ୍ୟକ
ଭୁବନେଶ୍ୱର ଫରେଷ୍ଟପାର୍କସ୍ଥିତ ଏକ ଆପାର୍ଟମେଣ୍ଟ ପାଇଁ ଅତି କମ୍‌ରେ ୫ ବର୍ଷ ଅଭିଜ୍ଞତା ଥିବା ଇଲେକ୍ଟ୍ରିସିଆନ ଆବଶ୍ୟକତା ଅଛି। ମାସିକ ବେତନ ସହ ରହିବା ପାଇଁ ବାସଗୃହ ଦିଆଯିବ। ଇଚ୍ଛୁକ ପ୍ରାର୍ଥୀ
8349343554
ରେ ଯୋଗାଯୋଗ କରନ୍ତୁ।

आईआरईएल (इंडिया) लिमिटेड
IREL (India) Limited
ऑसकॉम / OSCOM, माटिखालो / Matikhalo
NOTIFICATION NO.: IREL/OS/AA/2024
DATE OF NOTIFICATION: 26/04/2024
LAST DATE FOR RECEIPT OF APPLICATION:16/05/2024
NOTIFICATION FOR ENGAGEMENT OF APPRENTICES FOR THE YEAR 2024-25
UNDER THE APPRENTICES ACT, 1961
IREL (India) Limited, OSCOM, Matikhalo, Dist.: Ganjam, Odisha, a Central Public Sector Undertaking under the administrative control of Department of Atomic Energy, Government of India is engaged in mining, mineral separation and value addition of Atomic Minerals. The Minerals and Rare Earth compounds produced by IREL (India) Limited are used in various industries as well as Strategic Sectors.
2.0 Applications are invited from eligible candidates for engagement of 30 nos. of Apprentices in Trade, Technician and Graduate Apprentices disciplines under the Apprentices Act,1961(as amended from time to time).
3.0 Application should be sent by post preferably through speed post in closed envelop super-scribing the cover:-
'APPLICATION FOR ENGAGEMENT OF APPRENTICES AGAINST NOTIFICATION NO.IREL/OS/AA/2024
Discipline:________'
4.0 Applications should be addressed to The HoD, HRM Department, OSCOM Unit, IREL(India) Limited, At/P.O.-Matikhalo, Dist.-Ganjam,Odisha-761 045. It should reach us on or before the last date 16/05/2024. For more details, please visit Company's website http://www.irel.co.in, by clicking 'careers' option for downloading detailed notification & application blank format.
Manager-HRM (L & E), IREL (India) Limited

REQUIREMENT
Required Mech/Elec Degree Engg, pass out before year 2015-16.
Send Biodata
inforaipur2022@gmail.com
Cont. - 6261272838

WANTED
Wanted 10th / 12th pass Caretakers of disabled children in school hostel.
Salary Rs.12000/-
Autism Ashram Hyderabad,Amruta
Cont. - 7798017027

CLASSIFIED DISPLAY
MORE SPACE * SAME PRICE
TARIFF GST 5%

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୭୧ ଶିବପୁରୀ
ୟୁପି-ଏ୭୬, ସେକ୍ଟର ୫, ନୋଏଡ଼ା
9810432170
7606841840

ଦ.ପୂ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଇଇ (ଜି), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୫-ଇଏଲ-ଡବ୍ଲ୍ୟୁଟି-୨୦୨୪-୨୫, ତାରିଖ: ୦୪।୦୫।୨୦୨୪। କାର୍ଯ୍ୟର ନାମ: "ସୁଗମ୍ୟ ଭାରତ ଅଭିଯାନ" ଅଧୀନରେ ୦୩ ଗୋଟି ଲିଫ୍ଟ (ଟାଟାଠାରେ ୦୧ ଗୋଟି ଏବଂ ଚକ୍ରଧରପୁରଠାରେ ୦୨ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ସମ୍ବନ୍ଧିତ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧୯,୯୬,୪୭୭.୮୭। ଇଏମ୍‌ଡି: ₹୩୯,୯୦୦। ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ। ବନ୍ଦ ହେବା/ଖୋଲାଯିବା ତାରିଖ: ୩୧।୦୫।୨୦୨୪, ୧୫.୦୦ ଘଟିକା। ଟେଣ୍ଡର http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଆବଶ୍ୟକ। (PR-120)

ପୂର୍ବ ତଟ ରେଳପଥ
(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-01-24
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ୍‌ର ମଣ୍ଡଳ ରେଳ ଚିକିତ୍ସାଳୟ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସେବା ଭବନଗୁଡ଼ିକରେ ପାରମ୍ପରିକ ସିଲିଂ ଫ୍ୟାନ୍‌ଗୁଡ଼ିକ ସ୍ଥାନରେ ବ୍ରସଲେସ୍ ଡାଇରେକ୍ଟ କରେଣ୍ଟ (BLDC) ଫ୍ୟାନ୍‌ଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 36,57,147.06, EMD : ₹ 73,200/-
(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-02-24
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ୍ ଠାରେ ନୂତନ ଭାବେ ନିର୍ମିତ 36 ୟୁନିଟ୍ ଟାଇପ୍-II କ୍ୱାର୍ଟରଗୁଡ଼ିକରେ ଲିଫ୍ଟଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 58,10,502.20, EMD : ₹ 1,16,200/-
(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-03-24
କାର୍ଯ୍ୟର ବିବରଣୀ : ପୂର୍ବ ତଟ ରେଳପଥରେ LHB କୋଚ୍ ଏବଂ LHB ପାୱାର କାରଗୁଡ଼ିକରେ 750/415 V, 200 VA କଣ୍ଟ୍ରୋଲ୍ ଟ୍ରାନ୍ସଫର୍ମର ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 11,03,478.88, EMD : ₹ 22,100/-
ଶେଷ ହେବା ଅବଧି : 6 ମାସ (ସମସ୍ତ କ୍ରମ ସଂ. ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.05.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ହାତ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍
PR-87/P/24-25

ଦ.ପୂ. ରେଳପଥ - ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୮-୨୦୨୪, ତାରିଖ ୦୭।୦୫।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଏସ୍‌ଟିଇ/ ସିଓ/ଚକ୍ରଧରପୁର/ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୮-୨୦୨୪-୧, ୨, ୩, ୪ ଓ ୫ ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ତା୨୭।୦୫।୨୦୨୪ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। କ୍ର.ସଂ.-୧, କାର୍ଯ୍ୟର ନାମ: ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡଠାରେ ଟ୍ରାଫିକ୍ ସୁବିଧାକୁ ଉନ୍ନତ କରିବା ପାଇଁ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂର ରିଡିଜାଇନିଂ ନିମନ୍ତେ ପରିବର୍ତ୍ତନ/ରୂପାନ୍ତରଣ। ଟେଣ୍ଡର ମୂଲ୍ୟ: ₹୯୨,୪୫,୬୭୭.୧୫। ଅମାନତ ରାଶି: ₹୧,୮୪,୯୦୦। ସମାପ୍ତି ଅବଧି: ୦୬ (ଛଅ) ମାସ। କ୍ର.ସଂ.-୨, କାର୍ଯ୍ୟର ନାମ: ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୧୩ ଗୋଟି ପଥର ସେତୁର ପୁନଃନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୪୩,୧୨,୩୯୪.୧୩। ଅମାନତ ରାଶି: ₹୮୬,୩୦୦। ସମାପ୍ତି ଅବଧି: ୧୫ (ପନ୍ଦର) ମାସ। କ୍ର.ସଂ.-୩, କାର୍ଯ୍ୟର ନାମ: ଏସ୍‌ଏସ୍‌ଇ/ଟେଲି/ରାଉରକେଲା ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ୍ କ୍ଷମତାର ଟ୍ରକ୍ ନିୟୋଜିତ କରିବା। ଟେଣ୍ଡର ମୂଲ୍ୟ: ₹୧୭,୮୦,୭୩୩.୫୫। ଅମାନତ ରାଶି: ₹୩୫,୬୦୦। ସମାପ୍ତି ଅବଧି: ୩୬ (ଛତିଶ) ମାସ। କ୍ର.ସଂ.-୪, କାର୍ଯ୍ୟର ନାମ: ଏସ୍‌ଏସ୍‌ଇ/ଟେଲି/ବଣ୍ଡମୁଣ୍ଡା ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ୍ କ୍ଷମତାର ଟ୍ରକ୍ ନିୟୋଜିତ କରିବା। ଟେଣ୍ଡର ମୂଲ୍ୟ: ₹୧୭,୮୦,୭୩୩.୫୫। ଅମାନତ ରାଶି: ₹୩୫,୬୦୦। ସମାପ୍ତି ଅବଧି: ୩୬ (ଛତିଶ) ମାସ। କ୍ର.ସଂ.-୫, କାର୍ଯ୍ୟର ନାମ: ଲାଇକେରାଠାରେ ଆରପିଏଫ୍ ଷ୍ଟାଣ୍ଡାର୍ଡ ବାରାକ୍‌ର ଟେଲିଯୋଗାଯୋଗ ସୁବିଧାର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୨,୨୮,୧୫୪.୯୬। ଅମାନତ ରାଶି: ₹୪,୬୦୦। ସମାପ୍ତି ଅବଧି: ୧୫ (ପନ୍ଦର) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-117)

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୧୦୫ ତା:୩୦।୦୪।୨୦୨୪
ବିଜ୍ଞାପନ
No. CAD-99: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏ.ଏମ୍.-୨୦ (AM-20) ବାସନ୍ତୀ କଲୋନୀ, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ରାଜଲକ୍ଷ୍ମୀ ସାହୁ, ସ୍ୱାମୀ: ୰ ଆନନ୍ଦ ସାହୁ, ଘର ନଂ. ଏ.ଏମ୍-୨୧, ବାସନ୍ତୀ କଲୋନୀ, ଫେଜ୍-୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ରାଜଲକ୍ଷ୍ମୀ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ନୃସିଂହ ଚରଣ ନାୟକ, ପିତା: ୰ଶ୍ୟାମସୁନ୍ଦର ନାୟକ, ଗ୍ରା: ମଧୁସୂଦନପାଲି, ପୋ: ରାଉରକେଲା-୧୩, ଥାନା: ପ୍ଲାଣ୍ଟ ସାଇଟି, ଜିଲ୍ଲା: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0084/2425

STATE SELECTION BOARD
DEPARTMENT OF HIGHER EDUCATION
GOVT. OF ODISHA, BHUBANESWAR - 09
NOTICE
No. 165/SSB Date: 07.05.2024
No. N-4: It is for information of all concerned that the written examination for recruitment to the post of Trained Graduate Teachers (Arts, PCM, CBZ), Hindi Teachers, Classical Teachers (Sanskrit), Urdu Teachers and P.E.T. in Non-Government Fully Aided High Schools of Odisha (Advt. No. 01/2024) will be held in three sittings on 07.06.2024 (Friday) at Angul, Balasore, Berhampur, Bhubaneswar, Bolangir, Cuttack, Kendrapara, Keonjhar, Koraput and Sambalpur Zones as per the following programme.

| 1st Sitting (08.00 A.M. - 10.00 A.M.) | 2nd Sitting (11.30 A.M. - 01.30 P.M.) | 3rd Sitting (03.00 P.M. - 05.00 P.M.) |
|---|---|---|
| TGT (Arts) | Hindi Teachers | TGT (CBZ) |
| TGT (PCM) | | Classical Teachers (Sanskrit) |
| Urdu Teachers | | Physical Education Teachers |

Hall Tickets (Admit Cards) of the candidates will be available in the official website of State Selection Board, Odisha: www.ssbodisha.ac.in w.e.f 1.00 P.M. of 01.06.2024. Candidates are advised to download their Hall Tickets (Admit Cards) from the above website by entering their Date of Birth and Mobile No.
OIPR-11015/11/0005/2425 Sd./- Secretary

# ଠକ ଓ ଜାଲିଆତି

ଭାରତର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପ୍ରତିବର୍ଷ ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ସର୍ବଭାରତୀୟ ସ୍ତରରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) କରାଯାଉଛି। ସରକାରୀ ଓ ବେସରକାରୀ ମେଡିକାଲ ଶିକ୍ଷାନୁଷ୍ଠାନରେ ଏମ୍‌ବିଏସ୍‌ଏସ୍, ବିଡିଏସ୍ ଓ ଆୟୁଷ କୋର୍ସ ସକାଶେ ଏହା କରାଯାଉଛି। ୨୦୧୩ରେ ଆରମ୍ଭ ହୋଇଥିବା ପ୍ରଥମ ନିଟ୍ ପରୀକ୍ଷାରେ ୭ ଲକ୍ଷ ୧୭ ହଜାରରୁ ଅଧିକ ଆଶାୟୀ ପଞ୍ଜୀକୃତ ହୋଇଥିଲେ ଓ ଚଳିତବର୍ଷ ଏହି ସଂଖ୍ୟା ପାଖାପାଖି ୨୪ ଲକ୍ଷରେ ପହଞ୍ଚିଛି। ପ୍ରତିବର୍ଷ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହି ପ୍ରବେଶିକା ପରୀକ୍ଷାରେ ଠକାମି ବଢ଼ିବାରେ ଲାଗିଛି। ନକଲି ପରୀକ୍ଷାର୍ଥୀ ଓ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସୁଛି। ଚଳିତବର୍ଷ ରାଜସ୍ଥାନ, ଦିଲ୍ଲୀ, ବିହାର ଏବଂ ଓଡ଼ିଶାରୁ ନକଲି ପ୍ରାର୍ଥୀଙ୍କ ସମେତ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ନକଲି ପରୀକ୍ଷାର୍ଥୀ ଭାବେ କେତେଜଣ ମେଡିକାଲ ଛାତ୍ର ଗିରଫ ହେବା। ନକଲି ପରୀକ୍ଷାର୍ଥୀ କହିଲେ ଜଣେ ଛାତ୍ରଙ୍କ ନାମରେ ଆଉ ଜଣେ ବ୍ୟକ୍ତି ପରୀକ୍ଷା ଦେଉଛନ୍ତି। ଓଡ଼ିଶାର ଭଦ୍ରକ ପୋଲିସ ଅସଲ ନିଟ୍ ଆଶାୟୀ ମୟୂରଭଞ୍ଜର ଶାଶ୍ୱତ ତ୍ରିପାଠୀଙ୍କ ପାଇଁ ପରୀକ୍ଷା ଦେଇଥିବା କୋଲକାତାର ମେଡିକାଲ ଛାତ୍ର ଅଙ୍କିତ ରାଜଙ୍କ ସମେତ ଦୁଇ ମଧ୍ୟସ୍ଥଙ୍କୁ ଗିରଫ କରିଛି। ସେହିଭଳି ରାଜସ୍ଥାନର ଯୋଧପୁରସ୍ଥିତ ଏସ୍.ଏନ୍. ମେଡିକାଲ କଲେଜର ପ୍ରଥମ ସେମିଷ୍ଟର ଛାତ୍ର ଭଗୀରଥ ରାମ ବିଷ୍ଣୋଇ ତାଙ୍କ ସାନଭାଇ ଗୋପାଳ ରାମଙ୍କ ପାଇଁ ପରୀକ୍ଷା ଦେଇଥିଲେ ଓ ଉଭୟ ଗିରଫ ହୋଇଛନ୍ତି। ଆଧାର କାର୍ଡରେ ଫଟୋ ଏଡିଟ୍ କରି ସେ ଏହି ପରୀକ୍ଷା ଦେଇଥିବା ଜଣାପଡ଼ିଛି। କେବଳ ଏତିକି ନୁହେଁ, ଚଳିତ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ଆସିଥିଲେ ମଧ୍ୟ ଏନ୍‌ଟିଏ ଏହାକୁ ଅସ୍ୱୀକାର କରିଛି। ଅପରପକ୍ଷରେ ବିହାର ପୋଲିସ ପ୍ରକୃତ ଆଶାୟୀଙ୍କ ପାଇଁ ପରୀକ୍ଷା ଦେଇଥିବା ୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୨୪ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରିବା ଅନିୟମିତତାର ଗମ୍ଭୀରତାକୁ ପ୍ରକାଶ କରିଛି। ତେବେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଉପରେ ତଦନ୍ତ ଜାରି ରହିଥିବାବେଳେ ଏହି ୧୪ ଜଣ ନକଲି ପ୍ରାର୍ଥୀ ଭାବେ ପରୀକ୍ଷା ଦେଇ ଜଣକା ୫ରୁ ୧୦ ଲକ୍ଷ ଟଙ୍କା ନେଇଥିବା ଜଣାପଡ଼ିଛି।

**ଧରାପଡ଼ିଥିବା ନକଲି ପରୀକ୍ଷାର୍ଥୀଙ୍କ ସଂଖ୍ୟା ସେହି ଧରାପଡ଼ିଥିବା ସଂଖ୍ୟା ଭିତରେ ସୀମିତ ହୋଇ ନ ଥିବା ଅର୍ଥାତ୍ ଆହୁରି ଅନେକେ ଧରା ନ ପଡ଼ି ନିଶ୍ଚିତ ଭାବେ ଖସିଯାଇଛନ୍ତି। ଏହା ନୂତନ ଭାରତର ଠକାମି ଉପରେ ଆଧାରିତ ଚରିତ୍ରକୁ ଅତି ଭଲ ଭାବେ ଦର୍ଶାଉଛି। ଏହି ଛାତ୍ରୀଛାତ୍ରମାନେ ଯେତେବେଳେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦାୟିତ୍ୱରେ ରହିବେ, ସେତେବେଳେ ଦେଶବାସୀ କେଉଁ ପରିସ୍ଥିତିରେ ପଡ଼ିବେ ତାହା ଆଜି ଅନୁମାନ କରିବା ସମ୍ଭବପର ନୁହେଁ।**

ଏଭଳି ପରିସ୍ଥିତିରେ ହୁଏତ ନିଟ୍ ବ୍ୟବସ୍ଥାରେ କିଛି ଦୋଷତ୍ରୁଟି ଖୋଜି ବାହାର କରିହେବ। କିନ୍ତୁ ତା'ଠାରୁ ଅଧିକ ମାରାତ୍ମକ ହେଉଛି ଯେଉଁ ଛାତ୍ରୀଛାତ୍ର ମେଡିକାଲ ପଢ଼ି ଆସନ୍ତାକାଲିର ଡାକ୍ତର ହେବାକୁ ଇଚ୍ଛା କରୁଛନ୍ତି, ସେମାନେ ତାଙ୍କ ଭବିଷ୍ୟତ ଜୀବନକୁ ଠକାମି ଏବଂ ଚାଲ୍‌ବାଜିରେ ଆରମ୍ଭ କରୁଛନ୍ତି। ଭବିଷ୍ୟତର ସ୍ୱାସ୍ଥ୍ୟସେବା ଏହି ଛାତ୍ରୀଛାତ୍ରଙ୍କ ହାତରେ ପଡ଼ିଲେ ଯେଉଁ ମାନର ହେବା କଥା ତାହା ସନ୍ଦେହ ଘେରରେ ରହୁଛି। ଏଠାରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ଧରାପଡ଼ିଥିବା ନକଲି ପରୀକ୍ଷାର୍ଥୀଙ୍କ ସଂଖ୍ୟା ସେହି ଧରାପଡ଼ିଥିବା ସଂଖ୍ୟା ଭିତରେ ସୀମିତ ହୋଇ ନ ଥିବ। ଅର୍ଥାତ୍ ଆହୁରି ଅନେକେ ଧରା ନ ପଡ଼ି ନିଶ୍ଚିତ ଭାବେ ଖସିଯାଇଛନ୍ତି। ଏହା ନୂତନ ଭାରତର ଠକାମି ଉପରେ ଆଧାରିତ ଚରିତ୍ରକୁ ଅତି ଭଲ ଭାବେ ଦର୍ଶାଉଛି। ଏହି ଛାତ୍ରୀଛାତ୍ରମାନେ ଯେତେବେଳେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦାୟିତ୍ୱରେ ରହିବେ, ସେତେବେଳେ ଦେଶବାସୀ କେଉଁ ପରିସ୍ଥିତିରେ ପଡ଼ିବେ ତାହା ଆଜି ଅନୁମାନ କରିବା ସମ୍ଭବପର ନୁହେଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 9 | | | | 8 | |
| | 2 | | 6 | | | 4 | | |
| 9 | 8 | | | | 4 | 7 | 3 | |
| | | | | | | 9 | 4 | |
| | | | | | | 1 | | |
| 2 | | | 7 | 1 | 5 | | | |
| 7 | | | | | 6 | | 2 | |
| | 6 | | | | | | | |
| 5 | | 9 | 4 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 4 | 7 | 3 | 8 | 6 | 1 | 2 |
| 3 | 7 | 8 | 2 | 1 | 6 | 9 | 5 | 4 |
| 1 | 6 | 2 | 5 | 9 | 4 | 7 | 8 | 3 |
| 9 | 8 | 7 | 3 | 4 | 2 | 5 | 6 | 1 |
| 4 | 2 | 1 | 6 | 5 | 9 | 3 | 7 | 8 |
| 6 | 3 | 5 | 8 | 7 | 1 | 4 | 2 | 9 |
| 7 | 5 | 9 | 1 | 2 | 3 | 8 | 4 | 6 |
| 2 | 4 | 6 | 9 | 8 | 7 | 1 | 3 | 5 |
| 8 | 1 | 3 | 4 | 6 | 5 | 2 | 9 | 7 |

ଗତକାଲିର ଉତ୍ତର



# ନିର୍ବାଚନ ପ୍ରଚାରରେ ଡିପ୍‌ଫେକ୍ ଭିଡିଓ

ସହଦେବ ସାହୁ

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସମ୍ପର୍କରେ ଡିପ୍‌ଫେକ୍ ଭିଡିଓ କରି ସୋସିଆଲ୍ ମିଡିଆରେ ଛାଡ଼ିଥିବା ୫ ତେଲଙ୍ଗାନା କଂଗ୍ରେସୀ କର୍ମୀଙ୍କୁ ହାଇଦ୍ରାବାଦ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ଜଣକା ୧୦,୦୦୦ ଟଙ୍କିଆ ୨ ଜାମିନଦାର ଦେଇ ଜାମିନରେ ଅଛନ୍ତି। ଏ ଘଟଣା ଘଟିଛି ମେ ମାସ ଆରମ୍ଭରେ ନିର୍ବାଚନ ଆବହାୱାରେ। ଆଗରୁ ଲୋକେ କାଗଜ ହେରଫେର କରି ମିଛକୁ ସତ ପ୍ରମାଣିତ କରାଉଥିଲେ, ବଡ଼ ବଡ଼ ଷ୍ଟୁଡିଓରେ ଫଟୋ ଯୋଡ଼ାଯୋଡ଼ି କରି ସମ୍ପୃକ୍ତ ଲୋକଙ୍କୁ ବଦନାମ କରିବା ଭୟ ଦେଖାଇ ଅର୍ଥ ଆଦାୟ କରୁଥିଲେ, ସ୍ମାର୍ଟ ଫୋନ୍ ଆସିଗଲା ପରେ ଲୋକଙ୍କୁ ଫୁସୁଲାଇ ସେମାନଙ୍କ ବ୍ୟାଙ୍କରୁ ଅର୍ଥ କାଢ଼ି ନେଉଛନ୍ତି। ଏବେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଉପରେ ପର୍ଯ୍ୟବସିତ ଡିପ୍‌ଫେକ୍ ଟେକ୍ନୋଲୋଜି ବ୍ୟବହାର କରି ଖଳଲୋକେ ଜଣାଶୁଣା ଲୋକର କୌଣସି ଭିଡିଓକୁ ବଦଳାବଦଳି (ଏଡିଟ୍) କରି ତାଙ୍କ ମୁହଁରେ ନିଜ କଥା କୁହାଉଛନ୍ତି, ନିର୍ବାଚନରେ ନିଜର ପ୍ରାର୍ଥୀକୁ ସମର୍ଥନ କଲା ଭଳି ଆଳାପ ଶୁଣାଉଛନ୍ତି। ଏପରି କି ଆଠ ଦଶ ଟଙ୍କାରେ ସ୍ୱଳ୍ପ ମିନିଟ୍‌ର ଡିପ୍‌ଫେକ୍ ଭିଡିଓ ମିଳିଯାଉଛି। ନିର୍ବାଚନ ନ ଥିବା ସମୟରେ ଡିପ୍‌ଫେକ୍ ଭିଡିଓ ଜରିଆରେ ଦୋକାନୀ ତା'ର ନିକୃଷ୍ଟ ଜିନିଷକୁ ଭଲ ଜିନିଷ ଦେଖାଇ ବେଶି ଦାମ୍‌ରେ ବିକୁଛି, ସାଇବର-ଠକମାନେ ଲୋକଙ୍କ ବ୍ୟାଙ୍କ ଏକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇନେଉଛନ୍ତି ଏବଂ ଯୌନକେଲେଙ୍କାରୀ ଭିଡିଓ କରି ବୟସ୍କମାନଙ୍କଠାରୁ ବେଶ୍ ଅର୍ଥ ଆଦାୟ କରୁଛନ୍ତି। ଠକମାନେ ରାତାରାତି କୋଟିପତି ହୋଇଯାଉଛନ୍ତି। ପିଲାବେଳେ 'ଯାହା ନ ଦେଖିବ ବେନି ନୟନେ ପରତେ ନ ଯିବ ଗୁରୁ ବଚନେ' ପ୍ରବଚନ ଶୁଣିଥିବା ଲୋକେ ଏ ଭିଡିଓକୁ ବେନି ନୟନେ ଦେଖି ବିଶ୍ୱାସ କରିପାରନ୍ତି। ଆମ ଦେଶରେ ୨୦୨୨ରୁ ଏହାର ଆବିର୍ଭାବ ହୋଇଥିଲେ ବି ୨୦୨୪ର ନିର୍ବାଚନରେ ବେଶି ବ୍ୟବହାର ହେବାର ଆଶଙ୍କା ଅଛି। ବହୁତ ଲୋକେ ଏହାଦ୍ୱାରା ପ୍ରଭାବିତ ହେଲେ (ପ୍ରକୃତ ମିଡିଆ ଓ ମିଛ ମିଡିଆ ଭିତରେ ପାର୍ଥକ୍ୟ ନ ଜାଣିପାରିବା ଲୋକେ) ଭୁଲ୍ ପ୍ରାର୍ଥୀକୁ ବାଛି ପାରନ୍ତି। ଆଜିକାଲି ତ ଡିପ୍‌ଫେକ୍ ଭିଡିଓ ତିଆରି କରିବାର ୱେବ୍‌ସାଇଟ୍ ମଧ୍ୟ ମିଳିଲାଣି। ଗୋଟିଏ ଉଦାହରଣ ହେଉଛି ଦି ଇଣ୍ଡିଆନ୍ ଡିପ୍‌ଫେକର୍। ଏନ୍‌କୋଡର୍ ଓ ଡିକୋଡର୍ ନେଟ୍‌ୱର୍କରେ, ଜେନେରେଟିଭ୍ ଆଡଭର୍‌ସାରିଆଲ୍ ନେଟୱର୍କସ୍ ଭିତରେ ଡିପ୍‌ଫେକ୍ ତିଆରି କରାଯାଏ।



ଡିପ୍‌ଫେକ୍ ଭଲ କାମ ବି କରେ, ଯଥା ଫିଲ୍ମ ତିଆରିରେ ଅସମ୍ଭବ ଛବିକୁ ସମ୍ଭବ ଭଳି ଦେଖାଇପାରେ, ୩ଡି ଆର୍ଟିଷ୍ଟମାନେ ଏହାର ଉଦାହରଣ ନେଇ ଭଲ କଳାକୃତି କରିପାରନ୍ତି, ଶିକ୍ଷା କ୍ଷେତ୍ରରେ ଅଧ୍ୟାପନାରେ ଶିକ୍ଷକମାନେ ଏହାର ସାହାଯ୍ୟ ନେଇଥାନ୍ତି। ଭିଡିଓ ବା ଚଳଚ୍ଚିତ୍ରର ଲେଖା ବଦଳାଯାଇପାରେ, ଭାଷା ବଦଳାଯାଇପାରେ। ଆପଣ ନିଜର ଫଟୋକୁ କୌଣସି ପ୍ରସିଦ୍ଧ ଫିଲ୍ମର ହିରୋ ସାଙ୍ଗରେ ଯୋଡ଼ି ବଡ଼ ଖୁସି ହୋଇପାରନ୍ତି। ଡିପ୍ ଫେକ୍ ନୂଆ ନୂଆ ଖେଳଣାର ଡିଜାଇନ୍ ଦେଇପାରେ। ଡିପ୍‌ଫେକ୍‌ର ଆଲଗୋରିଦିମ୍ ଏମିତି ଯେ ତାହା ନିଜେ ନିଜେ ନିଷ୍ପତ୍ତି ନେଇପାରିବ। ମୂଳ ବା ଅସଲି ଭିଡିଓରେ ଥିବା ବ୍ୟକ୍ତି ସ୍ଥାନରେ ଆଉ ଜଣକୁ ଥୋଇପାରିବ, ତୁମ ମୁହଁରେ ଆଉ ଜଣକର କଥା ପୂରାଇପାରିବ। ଖରାପ କଥା ବି କରିପାରିବ, ଗୋଟିଏ ଅଜଣା ଯୌନକ୍ରିୟାରତ ବ୍ୟକ୍ତି ବଦଳରେ ତୁମ ଛବି ଯୋଡ଼ିଦେଇପାରିବ। ଅସଲ ଜିନିଷ ବା ଦୃଶ୍ୟର ଭିଡିଓ ଭିତରେ ବଦଳ କରି ଲୋକଙ୍କୁ ଠକିହେବ, ଡରାଇ ଲକ୍ଷ ଲକ୍ଷଟଙ୍କା ଆଦାୟ କରିହେବ। ପରିବାରର ରୋଜଗାରିଆ ଲୋକର ଛବି ଭର୍ତ୍ତି କରି ସେ ବିପଦରେ ପଡ଼ିଛନ୍ତି କହି ଅନ୍ୟ କୁଟୁମ୍ବଠାରୁ ଟଙ୍କା ଆଦାୟ କରାଯାଇପାରେ। ସାକ୍ଷ୍ୟ ପ୍ରମାଣ ତିଆରି କରାଯାଇ (କୋର୍ଟ ନ ଧରି ପାରିଲେ) ନିରପରାଧକୁ ଦୋଷୀ ସାବ୍ୟସ୍ତ କି ଅପରାଧୀକୁ ନିର୍ଦ୍ଦୋଷ ଭାବେ ଖଲାସ କରାଯାଇପାରେ।

ଆମେ ଏତେ ବେଶି ପରିମାଣରେ ଫେସବୁକ୍ ଓ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ମଞ୍ଚରେ ଅଛୁ ଯେ ଠକମାନେ ସେଗୁଡ଼ିକୁ ଡିପ୍‌ଫେକ୍‌ରେ ବ୍ୟବହାର କରି ଆମର ବ୍ୟକ୍ତିଗତ ସୂଚନା ଏପରି କି ଆମ ନାଁରେ ଜାଲ୍ ଏକାଉଣ୍ଟ ଖୋଲିପାରନ୍ତି ଓ ଆମର ଅସଲ ଏକାଉଣ୍ଟକୁ ହାତକୁ ନେଇପାରନ୍ତି - ତେବେ ଆମେ ସହଜରେ ସର୍ବସ୍ୱାନ୍ତ ହେବା। ଠକମାନେ ଆମ ଫୋନ ଜରିଆରେ ଅଡିଓ(ସ୍ୱର), ଭିଡିଓ (ଚଳମାନ ଚିତ୍ର) ଓ ଫଟୋ ନେଇ (ଟାପ୍ କରି) ଲୋକଙ୍କୁ ଠକିପାରିବେ ଯଦି ଆମେ ଆମ ଏକାଉଣ୍ଟକୁ ବାରମ୍ବାର ଯାଞ୍ଚ ନ କରୁଛୁ ଓ ପାସୱାର୍ଡକୁ ବାରମ୍ବାର ନ ବଦଳାଉଛୁ (ଅପଡେଟ୍ ନ କରୁଛୁ)।

ଡିପ୍‌ଫେକ୍‌କୁ ଚିହ୍ନିପାରିଲେ ଆମେ ଠକାମିରୁ ବଞ୍ଚିପାରିବା। ସବୁଠୁ ବଡ଼ ଓ ସାଧାରଣ ଉପାୟ ହେଉଛି ଆଖିପତା ନ ପଡ଼ିବା। ଗବେଷକମାନେ କହନ୍ତି, ଏଆଇ ଜରିଆରେ ଗୁଡ଼ିଏ ଛବି ଉଠାଇଲେ ତାହା ଲୋକର ଯେଉଁ ମୁହଁ ଉଠାଏ ସେଥିରେ ଆଖିମିଟିକା ରହିପାରେ ନାହିଁ, ଗୋଟିଏ ମୁହୂର୍ତ୍ତରେ ଆଖି ଖୋଲିଥିଲେ ପର ମୁହୂର୍ତ୍ତରେ ପତା ବନ୍ଦ ହେବ, ଏ ପ୍ରାକୃତିକ କଥା, କିନ୍ତୁ ଏଆଇ ବହୁତ ଗୁଡ଼ାଏ ଫଟୋ କପି କରୁଥିବାରୁ ପ୍ରତି ଫଟୋରେ ଆଖି ଖୋଲା ଥିବାର ଫଟୋ ଉଠିଯାଏ। ଏଆଇର ଆଲଗୋରିଦିମ୍‌ରେ ନାହିଁ ମିଟିମିଟିକା ଚିତ୍ର ଉଠାଇବା। ଆଉ ଗୋଟିଏ ଦୋଷ ଯେ, ଦୁଇଟା ମୁହଁ ପାଖାପାଖି ହୋଇଗଲେ ବେଢଙ୍ଗିଆ ଦିଶେ। ଆଖି ସବୁବେଳେ ଖୋଲା ଥିବା ଦିଶିବ। ଚମ ବି ମସୃଣ ବା ସମତଳ ଦିଶିବ ନାହିଁ, ରଙ୍ଗ ମଳିଛା ମଳିଛା ଦିଶିବ, ଓଠ ଉପରେ ଓଠ ପଡୁ ନ ଥିବ। ଦାନ୍ତ ଆଉ ବାଳ ପ୍ରାକୃତିକ (ନାଚୁରାଲ୍) ଦିଶୁ ନ ଥିବ। ଆମାଜନ, ଫେସ୍‌ବୁକ୍ ଓ ମାଇକ୍ରୋସଫ୍ଟ ଡିପ୍‌ଫେକ୍ ଚିହ୍ନିବାର ବ୍ୟବସ୍ଥା କଲେଣି।

ଡିପ୍‌ଫେକ୍ ଚିହ୍ନିବା ଗୋଟିଏ କଥା, କିନ୍ତୁ ତାକୁ ରୋକିପାରିବା ଆଉ ଗୋଟିଏ ସମସ୍ୟା। ଆଧାର କାର୍ଡ ପାଇଁ ବ୍ୟବହାର ହେଉଥିବା ବାୟୋମେଟ୍ରିକ୍ ପ୍ରଣାଳୀରେ ଏ ପାଖ ସେ ପାଖ ଅନେଇବା, ଆଖିମିଟିକା ମାରିବା, ହସିବା, ଖତେଇହେବା, ଡରେଇବା ଆଦି ଜୀବନ୍ତ ପ୍ରାଣୀର ବିଭିନ୍ନ କାମର ଛବି ନିଆଯାଇଥାଏ, କିନ୍ତୁ ଡିପ୍‌ଫେକ୍ ପ୍ରଣାଳୀରେ କେବଳ ସ୍ଥିର ଛବି ନିଆଯାଏ। ଗୋଟି ଗୋଟି ସ୍ଥିର ଛବିକୁ ନେଇ ଚଳଚ୍ଚିତ୍ର (ଭିଡିଓ) କଲେ ଛବିଗୁଡ଼ିକ ଡେଉଁଥିବା ଭଳି ଲାଗିବ। ଯଦି ତୁମେ ବାରିପାରୁନାହଁ ତେବେ ଆଇଡେନ୍‌ଫାଏ (iDenfy) ନାମକ ଏକ ପାଠ (ସଫ୍ଟୱେର) ଜରିଆରେ ଏମିତି ଠକାମି ଧରିହେବ। ବ୍ୟକ୍ତିର ପ୍ରାଇଭେସି (ଗୋପନୀୟତା) ଭଙ୍ଗ କରି ତା'ର ଛବି, କଥାବାର୍ତ୍ତା ଆଦି ଗ୍ରହଣ କରିବା, ପ୍ରକାଶ କରିବା ଓ ପ୍ରସାର କରିବା, ଅଧିକନ୍ତୁ ମାସ୍ ମିଡିଆରେ ପ୍ରକାଶ କରିବା ଏକ ଅପରାଧ ବୋଲି ଆଇଟି ଆକ୍ଟର ୬୬ଇ ସେକ୍ସନ କହେ। ତେଣୁ ତୁମେ ଡିପ୍‌ଫେକ୍ ଭିଡିଓ ଦେଖିଲେ ତୁମେ ସାଇବର୍ ଥାନାରେ ମାମଲା ଦାଏର କରିପାରିବ।

sahadevas@yahoo.com



# ଆଦର୍ଶ ମଦ୍ୟପ

ଶୁଭନାରାୟଣ ଶତପଥୀ

ମଦ ପିଇ ମାତାଲ ହେଉଥିବା ମଦ୍ୟପ ବା ମଦୁଆ। ସେହି ମଦ୍ୟପ ସମାଜରେ ବିଭିନ୍ନ ଅସାମାଜିକ କାର୍ଯ୍ୟ କରେ। ତା' ଘରଠାରୁ କାର୍ଯ୍ୟକ୍ଷେତ୍ର କିମ୍ବା ବିଚରଣ କରୁଥିବା ସ୍ଥାନ ଓ ପରିବେଶକୁ କଳୁଷିତ କରେ। ସମସ୍ତଙ୍କ ନିମନ୍ତେ ଅଶାନ୍ତିର କାରଣ ପାଲଟେ। ନିଜର ସାଧାରଣ ମାନସିକ ସ୍ଥିତିକୁ ବିକୃତ କରିବା ତଥା ଶାରୀରିକ ଦୁରାରୋଗ୍ୟ ଓ ଅସୁସ୍ଥତାର କାରଣ ପାଇଁ ସେ ନିଜେ ହିଁ ଦାୟୀ। ମଦ୍ୟପ ଯେ ନିଜର ମାନସିକ ଭାରସାମ୍ୟ ହରାଇ କେବେ ଅନ୍ୟକୁ ଗାଳିଗୁଲଜ ମାର୍‌ପିଟ କରେ ତ କେବେ ଅସାମାଜିକ, ହିଂସାତ୍ମକ, ଅମାନବୀୟ କାର୍ଯ୍ୟ କରେ। ମଦ ଅଭ୍ୟାସ ମାନସିକ ଓ ଶାରୀରିକ ଅବସ୍ଥାର ପତନ କରାଏ। ଏହା ସହିତ ବେଳେବେଳେ ମଦ୍ୟପ ତା'ର ସାଙ୍ଗ, ବନ୍ଧୁ, ପରିବାରଙ୍କୁ ମଦ ପ୍ରତି ଆକୃଷ୍ଟ କରାଇବାକୁ ଚେଷ୍ଟା କରେ। ଏମିତି କୁକାର୍ଯ୍ୟ କରୁଥିବା ଓ ନିଶାସକ୍ତ ହୋଇ ନିଜର, ଅନ୍ୟର ଓ ସମାଜର କ୍ଷତି ସାଧନ କରୁଥିବା ମଦ୍ୟପ କେବେ କାହା ପାଇଁ କ'ଣ ଆଦର୍ଶ ହୋଇପାରେ? ଉତ୍ତର ଆସିବ ନା। ଏ ପ୍ରବନ୍ଧର ଶୀର୍ଷକ ଅପ୍ରଯୁଜ୍ୟ ମନେହେଉଥିଲେ ହେଁ ଏହାର ସପକ୍ଷରେ ଅନେକେ ଯୁକ୍ତି ବାଢ଼ନ୍ତି। ଉଦାହରଣ ସ୍ୱରୂପ ଦୀନବନ୍ଧୁବାବୁଙ୍କର ସ୍ତ୍ରୀଙ୍କ ପେଟରେ ଏକ ଅପରେଶନ ହୋଇଥିଲା। ଯେଉଁ ଡାକ୍ତର ସେ ଅପରେଶନ କରି ସଫଳ ହୋଇଥିଲେ ସେ ଜଣେ ଶଲ୍ୟ ବିଶେଷଜ୍ଞ। ଜଣାଶୁଣା ବ୍ୟକ୍ତିତ୍ୱ। କିନ୍ତୁ ପ୍ରତିଟି ଅପରେଶନ କରିବାକୁ ଯିବା ପୂର୍ବରୁ ମଦ୍ୟପାନ କରନ୍ତି। ଅଳ୍ପ କରନ୍ତି କି ବେଶି ସେଥିରେ କଥା ନ ଥାଏ। କିନ୍ତୁ ରୋଗୀଙ୍କ ସମ୍ପର୍କୀୟ କୁହନ୍ତି, ସାର୍ ମଦ ପିଇଲେ ହିଁ ସଫଳତାର ସହ ଅପରେସନ କରନ୍ତି। ଏମିତିକି ରୋଗୀଙ୍କ ସମ୍ପର୍କୀୟ ସାର୍‌ଙ୍କୁ ମଦ ଯୋଗାନ୍ତି। ତଥାପି ସେଠାରେ ସର୍ଜରି ପାଇଁ ନାହିଁ ନଥିବା ଭିଡ଼। ସର୍ଜରିରେ ସେ କେବେ ଅସଫଳ ହୋଇଥିବା କାହାରି ନଜରକୁ ପ୍ରାୟତଃ ଆସିନାହିଁ। ତେବେ କେଉଁ ଉଦ୍ଦେଶ୍ୟ ନେଇ ମଦ୍ୟପାନ କରନ୍ତି ଓ ମଦ କେଉଁ ଭଳି ଭାବରେ ଚିକିତ୍ସାରେ ସାହାଯ୍ୟ କରେ ତାହା ସେ ହିଁ ଜାଣନ୍ତି। ମଦ ପିଇବାଟା ତାଙ୍କର ବ୍ୟକ୍ତିଗତ ଓ ନିଜସ୍ୱ ବ୍ୟାପାର। ମଦ୍ୟପାନ କରି ଏପର୍ଯ୍ୟନ୍ତ ସୁକାର୍ଯ୍ୟ କରିଆସୁଥିବାରୁ ରୋଗୀଙ୍କ ପାଇଁ ସେ ଆଦର୍ଶ। ବର୍ଷ ବର୍ଷ ଧରି ମଦ୍ୟପାନ କରି ସଫଳ ଚିକିତ୍ସା ଦ୍ୱାରା ରୋଗୀଙ୍କୁ ଉପକୃତ କରାଉଛନ୍ତି, ଜୀବନ ବଞ୍ଚାଉଛନ୍ତି ବୋଲି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଆଦର୍ଶ? ତେବେ ଉକ୍ତ ଚିକିତ୍ସକଙ୍କ ସହିତ ଯେଉଁମାନେ ଜଡ଼ିତ, ସେମାନେ ତାଙ୍କ ମଦ୍ୟପାନ ଓ ଚିକିତ୍ସା ଉଭୟକୁ ପ୍ରଶଂସା କରନ୍ତି। ଏଣୁ ଯେତେବେଳେ କୌଣସି କାର୍ଯ୍ୟ ସାର୍ବଜନୀନ ଭାବରେ ଗ୍ରହଣୀୟ ହୋଇଯାଏ, ସେତେବେଳେ ମଦ୍ୟପ ବି ଆଦର୍ଶ ହୋଇଯାଏ।

ଶ୍ମଶାନରେ ଶବଦାହ କରୁଥିବା କିଛି ବ୍ୟକ୍ତି ଯାହାଙ୍କୁ ମାଲଭାଇ କୁହାଯାଏ, ସେମାନେ ହୁଅନ୍ତୁ ବା ଭୋଜିରେ ଖାଦ୍ୟ ପରଷୁଥିବା କିଛି ସ୍ୱେଚ୍ଛାସେବୀ କିମ୍ବା ମଇଳା ସଫା କରୁଥିବା କିଛି କର୍ମୀ ହୁଅନ୍ତୁ ବା ଶୟନ ପୂର୍ବରୁ ମଦ୍ୟପାନ କରି ଅବସାଦକୁ ଏଡ଼ାଇ ଶାନ୍ତିରେ ଶୋଇବାକୁ ଚେଷ୍ଟା କରୁଥିବା ଆଉ କିଛି ବ୍ୟକ୍ତିମାନେ, ମଦ୍ୟପାନ କରି ଏସବୁ ମହତ୍ତ୍ୱପୂର୍ଣ୍ଣ କାମକୁ ସମ୍ପାଦନ କରନ୍ତି କିମ୍ବା କାହାର କିଛି କ୍ଷତି ନ କରି ନିଷ୍କ୍ରିୟ ହୋଇ ରୁହନ୍ତି। ଏମାନେ କେବଳ ନିର୍ଦ୍ଦିଷ୍ଟ କାର୍ଯ୍ୟ ଓ ନିର୍ଦ୍ଦିଷ୍ଟ ସମୟ ପାଇଁ ନିଜର ସଉକ ବା ଅଭ୍ୟାସକୁ ପୂରା କରନ୍ତି। କିନ୍ତୁ କାହାର କ୍ଷତି କରିବା ବଦଳରେ ସ୍ୱଚ୍ଛତା, ସାମାଜିକ ସହଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଆନ୍ତି। ତେବେ ଏହି ବ୍ୟକ୍ତିମାନେ ମଦ ସହ ଯୋଡ଼ି ହୋଇଥିବାରୁ ମଦ ବିନା ଏସବୁ କାମ କରିପାରିବେନି ଲୋକେ ଆଗରୁ ସ୍ୱୀକାର କରିନିଅନ୍ତି। କିଛି କାର୍ଯ୍ୟ ଅତି ଆବଶ୍ୟକୀୟ ଓ ଏହା କରିବାକୁ ଅନେକେ କୁଣ୍ଠା ପ୍ରକାଶ କରୁଥିବାରୁ ଯେଉଁ ବ୍ୟକ୍ତି ମଦ୍ୟପାନ କରି ଏହି କାମ କରନ୍ତି ତାଙ୍କର ଗୁରୁତ୍ୱ ବେଶି ଥାଏ। ତେବେ ଏସବୁ କାର୍ଯ୍ୟ ଅନେକ ବ୍ୟକ୍ତି ମଦ୍ୟପାନ ନ କରି ମଧ୍ୟ କରିଥାଆନ୍ତି। କିନ୍ତୁ ମନ ଭିତରେ ଅନେକଙ୍କ ଧାରଣାଥାଏ ଯେ ମଦ୍ୟପାନ କରୁଥିବା ବ୍ୟକ୍ତି ମଦ ପିଇ ଆରମ୍ଭ କରୁଥିବା କାର୍ଯ୍ୟକୁ ଅଧିକ ସଫଳତା ଓ ଗୁଣାତ୍ମକ ଭାବରେ କରିପାରନ୍ତି। ତେବେ କେଉଁ ପରିସ୍ଥିତିରେ କିପରି ଏହି ବ୍ୟକ୍ତିମାନେ ମଦ୍ୟପାନର ଶିକାର ହେଲେ ଓ ମଦକୁ ସହଚର କରି ରଖିଆସୁଛନ୍ତି ତାହା ସେମାନେ ଭଲଭାବରେ କହିପାରିବେ। କିନ୍ତୁ ଏହା ସର୍ବାଦୌ ସ୍ୱୀକାର୍ଯ୍ୟଯେ ସେମାନଙ୍କ ଉପସ୍ଥିତିରେ ସମାଜର ଅନେକ ଗୁରୁଦାୟିତ୍ୱ ସମ୍ପାଦିତ ହେଉଛି। ଏଣୁ ମଦ୍ୟପାନ କରି କାହାର କ୍ଷତି ନ କରି ସୁକାର୍ଯ୍ୟ କରୁଥିବାରୁ ସେମାନେ ସମାଜ ନିମନ୍ତେ ଆଦର୍ଶ। ଏହାକୁ ଗ୍ରହଣ କରି ନେଇ ମଦୁଆଙ୍କ ସହଯୋଗ ଲୋଡ଼ନ୍ତି। ଏମିତିକି ନିଜର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ସେମାନଙ୍କୁ ମଦ ପିଇବାକୁ ପ୍ରୋତ୍ସାହିତ କରିବାକୁ ପଛାନ୍ତି ନାହିଁ। କାରଣ କାମଟିର ଏତେ ଗୁରୁତ୍ୱ ବେଶି ଥାଏ ଯେ, ଆମେ କହୁ ସେ ମଦ ପିଉ ପଛେ ପାରିଶ୍ରମିକ ନେଇ ମୋ କାମଟି କରିଦେଉ।



ତେବେ ଏଠାରେ ପ୍ରତ୍ୟେକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କୁ ମଦୁଆ କିମ୍ବା ମଦୁଆ ଜଣେ ଆଦର୍ଶ ନୁହେଁ ଏକଥାର ପ୍ରାସଙ୍ଗିକତା ବଦଳିଯାଏ। ମଦ୍ୟପାନ କରିବାକୁ ନେଇ ମାନବୀୟ ପ୍ରେରଣାଦାୟୀ ବ୍ୟବହାର ବିଷୟରେ ଶୁଣିବାକୁ ମିଳେ, ଯେପରିକି ମାନସିକ ଚାପରୁ ମୁକ୍ତିପାଇବା, ଆନନ୍ଦ ଲାଭକରିବା, ନିଜକୁ ସାହସୀ ଅନୁଭବ କରିବା, ଉତ୍କଣ୍ଠାକୁ ପରିପୂରଣ କରିବା ନିମନ୍ତେ କିଛି ବ୍ୟକ୍ତି ମଦ୍ୟପାନ କରିଥାଆନ୍ତି। ତେବେ ନିଶାମୁକ୍ତ ଅଭିଯାନ ମାଧ୍ୟମରେ ଏହି ଭୟଙ୍କର ଦୁଃସାହସିକ ଉତ୍କଣ୍ଠା, ଦୁଃସ୍ଥ ମାନସିକତାକୁ ଦୂରେଇ ଦେଇ ସୁରକ୍ଷିତ ଆନନ୍ଦଦାୟକ ଜୀବନ ପାଇଁ ଚେଷ୍ଟା କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ କ୍ଷତିକାରକ ମଦ୍ୟପାନ ଯୋଗୁଁ ୩ ମିଲିୟନରୁ ଅଧିକ ବ୍ୟକ୍ତି ପ୍ରତିବର୍ଷ ମୃତ୍ୟୁମୁଖରେ ପଡ଼ନ୍ତି। ତେବେ ପ୍ରାୟ ୧୭ ପ୍ରତିଶତ ଲୋକ ଆନନ୍ଦ ଉପଭୋଗ ସମୟରେ ମଦ୍ୟପାନ କରନ୍ତି ଏବଂ ୭ ପ୍ରତିଶତ ଅତ୍ୟଧିକ ମଦ୍ୟପାନ କରନ୍ତି ବୋଲି ଜଣାଯାଏ। ସେ ଯାହାହେଉନା କାହିଁକି ଆମେରିକାର ପ୍ରସିଦ୍ଧ ଔପନ୍ୟାସିକ ଏଫ୍ ସ୍କଟ୍ ଫିଟଜରାଲ୍ଡ ଯିଏ ଅତ୍ୟଧିକ ମଦ୍ୟପାନ କରି ୪୪ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ ସେ କହିଛନ୍ତି ପ୍ରଥମେ ତୁମେ ମଦ ପିଅ, ତା'ପରେ ପିଇବା ପାଇଁ ପିଅ, ତା'ପରେ ପିଇବା ତୁମକୁ ପିଏ। ପିଇବାର ଅଭ୍ୟାସରେ ପଡ଼ି ମଣିଷର ସତ୍ତା ଲୋପ ପାଇଯିବାର ଇଏ ଏକ ବାଣୀ, ଯାହାକୁ ସବୁ ମଦ୍ୟପାନ କରୁଥିବା ବ୍ୟକ୍ତି ମନେରଖିବା ଉଚିତ। କାରଣ ମଦ କେବେ ଆଦର୍ଶର ଅଂଶବିଶେଷ ହୋଇପାରେନା। କିଛି ସକାରାତ୍ମକ କାମ ଯୋଗୁଁ ଏହି ବ୍ୟକ୍ତିମାନଙ୍କୁ ସାଧାରଣ ମଦୁଆ ଗୋଷ୍ଠୀର ଲୋକମାନଙ୍କ ସହିତ ତୁଳନା କରାଯାଏ ନାହିଁ। ଭଲ କାମର ପ୍ରତିଫଳନ ମଦ୍ୟପାନର ବଦନାମୀକୁ କିଛିମାତ୍ରାରେ କମାଇଦିଏ ବା ପ୍ରତିଷ୍ଠା ସହିତ ସାମାଜିକ ସ୍ତରରେ ସେମାନଙ୍କ ସମ୍ମାନରେ ପ୍ରାୟତଃ ଊଣା ହୋଇନଥାଏ। ଏହା ସ୍ୱୀକାର୍ଯ୍ୟ ଯେ ଆଦର୍ଶ ମଦ୍ୟପ ହେଉଛି ଏକ ଅଣ-ଆନୁଷ୍ଠାନିକ ସ୍ୱୀକୃତି, ଯାହାକୁ କିଛି ବ୍ୟକ୍ତି ବା ସମାଜ ପ୍ରଦାନ କରିଥାଆନ୍ତି।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ପଚାଶ କି ଶହେ ନୁହେଁ, ୨୩୦ କିସମର ଆମ୍ବ ଚାଷକରି ବର୍ଷକୁ ୪୫ ଲକ୍ଷ ଟଙ୍କା ରୋଜଗାର କ'ରୁଛନ୍ତି ଗୁଜରାଟର ସୁମିତ ଝରିଆ। ୧୨.୫ ଏକର ଜମିରେ ସେ ଏହି ଚାଷ କରୁଛନ୍ତି। ତାଙ୍କ ଫାର୍ମଟି ଏକ ଆମ୍ବ ମ୍ୟୁଜିୟମ ପାଲଟିଯାଇଛି। ଏହି ଫାର୍ମରେ ୧୦୦୦ରୁ ଅଧିକ ଗଛ ଅଛି। ଗିର୍ ଫରେଷ୍ଟ ନ୍ୟାଶନାଲ ପାର୍କ ନିକଟସ୍ଥ ଭାଲଚିଲ ଗାଁରେ ଏହି ଫାର୍ମର ରକ୍ଷଣାବେକ୍ଷଣରେ ସୁମିତଙ୍କୁ ତାଙ୍କ ପିତା ସମସୁଦ୍ଦିନ ସହଯୋଗ କରୁଛନ୍ତି। ୧୯୮୫ରେ ସୁମିତଙ୍କ ଜେଜେବାପା ନୁର ଅଲି ବିରା ଝରିଆ ପ୍ରଥମେ ୧୦ ଏକର ଜମି କିଣି ଏହି ଫାର୍ମ ଆରମ୍ଭ କରିଥିଲେ। ସେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଥମେ ୧୪ଟି କିସମର ଆମ୍ବ ସଂଗ୍ରହ କରିଥିଲେ। ୧୯୯୦ ସୁଦ୍ଧା ସେ ବର୍ଷକୁ ୧୦,୦୦୦ ଆମ୍ବଚାରା ବିକ୍ରି କରୁଥିଲେ। ଏବେ ବର୍ଷକୁ ୨ ଲକ୍ଷ ଆମ୍ବଚାରା ବିକ୍ରି କରାଯାଉଛି ଓ ୪୫ ଲକ୍ଷ ଟଙ୍କା ଲାଭ ମିଳୁଛି। ଫାର୍ମରେ ଜୈବିକ ପଦ୍ଧତିରେ ୨୩୦ ପ୍ରକାର ଆମ୍ବଚାଷ କରାଯାଉଛି। ଏଥିରେ ଜଳ ସଂରକ୍ଷଣ ଲାଗି ସିଞ୍ଚନ ଜଳସେଚନ ବ୍ୟବସ୍ଥା କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ମେ ୧୯୭୫

- ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଶ୍ରମିକ ନେତା ଓ ରାଜନୀତିଜ୍ଞ ପିଟର ଆଲଭାୟାର୍ସଙ୍କ ୬୬ ବର୍ଷ ବୟସରେ ପରଲୋକ।
- ବାଂଲାଦେଶର ବରିସାଲଠାରୁ ୧୬ କିମି ଦୂରବର୍ତ୍ତୀ ଏକ ନଦୀରେ ଗୋଟିଏ ଯାତ୍ରୀବାହୀ ମଟର ଲଞ୍ଚ ଓଲଟି ପଡ଼ିବା ଫଳରେ ୭ ଶିଶୁଙ୍କ ସମେତ ୪୦ ଯାତ୍ରୀ ନିଖୋଜ।

## ଚିରନ୍ତନୀ

ସକଳ ଧରା ଅଙ୍ଗେ ମହା
କମ୍ପନ ହେ କମ୍ପନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ବଡ଼ ମେଡିକାଲରେ ଅବ୍ୟବସ୍ଥା

ମହାଶୟ,

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ଓଡ଼ିଶାବାସୀ ନୁହନ୍ତି, ଉତ୍ତର ପୂର୍ବାଞ୍ଚଳ ଅନେକ ରାଜ୍ୟର ଗରିବ ରୋଗୀମାନେ ଏହା ଉପରେ ନିର୍ଭରଶୀଳ। ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାନିରୀକ୍ଷା ପାଇଁ ଏମ୍‌ଆରଆଇ ବିନା ମୂଲ୍ୟରେ ରୋଗୀମାନେ ପାଇଥା'ନ୍ତି। ପୂର୍ବରୁ ଏଥିରେ ଉଭୟ ଇଣ୍ଡୋର ରୋଗୀ ଓ ଆଉଟ୍‌ଡୋର ରୋଗୀ ସେମାନଙ୍କ କ୍ରମ ଅନୁଯାୟୀ ଏମ୍‌ଆରଆଇରେ ପରୀକ୍ଷା କରିପାରୁଥିଲେ। କିନ୍ତୁ ନୂଆ ବ୍ୟବସ୍ଥା ଅନୁଯାୟୀ ଗୁରୁତର ଆଉଟ୍‌ଡୋର ରୋଗୀଙ୍କୁ ପୂର୍ବପରି ଏମ୍‌ଆରଆଇ ପରୀକ୍ଷା ସୁବିଧା ଦିଆଯାଉ ନାହିଁ। ସେମାନେ ଆଉଟ୍‌ଡୋରରୁ ରେଫର ହୋଇ ଇନ୍‌ଡୋରରେ ରହିବା ପରେ ଏହି ସୁବିଧା ଦିଆଯାଉଛି। ଫଳରେ ଗୁରୁତର ରୋଗୀ ଅସୁବିଧାରେ ପଡ଼ି ବେସରକାରୀ କେନ୍ଦ୍ରକୁ ଯାଉଛନ୍ତି। ସେହିପରି ବଡ଼ମେଡିକାଲ ପରିସରରେ ଥିବା ଏମଆରଆଇ ପରୀକ୍ଷା କେନ୍ଦ୍ରରେ ସବୁ ସୁବିଧା ସୁଯୋଗ ଥିଲେ ମଧ୍ୟ ରୋଗୀମାନଙ୍କୁ ବିନା କାରଣରେ ଆଞ୍ଚଳିକ ହରିହର କ୍ୟାନ୍‌ସର କେନ୍ଦ୍ରକୁ ପଠାଯାଉଛି। ସେମାନଙ୍କ ଯିବା ପାଇଁ କୌଣସି ଷ୍ଟ୍ରେଚର ବା ହ୍ୱିଲଚେୟାର କର୍ତ୍ତୃପକ୍ଷ ଯୋଗାଇ ନାହାନ୍ତି। ଆଉ ଏକ ବିଚିତ୍ର କଥା ହେଉଛି, ଡାକ୍ତର ରୋଗୀଙ୍କ ଏମ୍‌ଆରଆଇ ପରୀକ୍ଷା ପାଇଁ ସ୍ୱୀକୃତି ଓ ପରାମର୍ଶ ଦେଲେ ମଧ୍ୟ ମେଡିକାଲର ରିଜିଓନାଲ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଜଣେ କିରାଣିଙ୍କ ସ୍ୱୀକୃତି ନେବାକୁ ପଡୁଛି ଯେ ରୋଗୀ ଜଣଙ୍କ ବଡ଼ମେଡିକାଲରେ କରିବେ କିମ୍ବା ଆଞ୍ଚଳିକ ହରିହର କ୍ୟାନ୍‌ସର କେନ୍ଦ୍ରକୁ ଯିବେ। ସରକାର ଏହି ଅବ୍ୟବସ୍ଥାର ପ୍ରତିକାର କରନ୍ତୁ।

-ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୟୁକ୍ରେନ ଯୁଦ୍ଧ ପାଇଁ ମାନବ ଚାଲାଣ

## ରୁଷୀୟଙ୍କ ସମେତ ୪ ଗିରଫ

ନୂଆଦିଲ୍ଲୀ,୭ା୫

ଭାରତୀୟମାନଙ୍କୁ ରୁଷିଆରେ ଚାକିରି ଦେବାକୁ କହି ୟୁକ୍ରେନ୍ ଯୁଦ୍ଧ ଭିତରକୁ ଠେଲିଦେଇଥିବା ୪ ଜଣଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ସିବିଆଇ କହିଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଠିକା ଅନୁବାଦକ ଭାବେ କାର୍ଯ୍ୟରତ ଜଣେ ବ୍ୟକ୍ତି ଅଛନ୍ତି। ତାଙ୍କ ନାମ ନିଜିଲ ଜୋବି ବେନ୍‌ସାମ। ଅନ୍ୟମାନେ ହେଲେ କେରଳ ଥିରୁଭାନନ୍ତପୁରମ୍‌ର ନିଯୁକ୍ତିଦାତା ଅରୁଣ, ୟେସୁଦାସ ଜୁନିୟର ଏବଂ ମୁମ୍ବାଇର ଆଣ୍ଟୋନୀ ମିଖାଇଲ ଏଲାନଗୋଭାନ। ବେନ୍‌ସାମ ଓ ଏଲାନଗୋଭାନଙ୍କୁ ସିବିଆଇ ହାଜତରେ ରଖାଯାଇଛି। ବେନ୍‌ସାମ ରୁଷିଆ ସେନା ସହ ଯୋଗସୂତ୍ର ରଖି ଭାରତୀୟ ଯୁବକମାନଙ୍କୁ ସେଠାରେ ଭଲ ଦରମାରେ ସରକାରୀ ଚାକିରି ଦେବାକୁ କହି ୟୁକ୍ରେନ ବିରୋଧରେ ଯୁଦ୍ଧ ଲଢ଼ିବା ପାଇଁ ନେଉଥିଲେ। ଏହି ର୍‍ୟାକେଟରେ ସମ୍ପୃକ୍ତ ଥିବା ଆହୁରି କେତେଜଣଙ୍କୁ ଗିରଫ କରାଯିବ ବୋଲି ସିବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

# ଶିବକୁମାର ବାଣ୍ଟିଛନ୍ତି ୨୫ ହଜାର ପେନଡ୍ରାଇଭ: କୁମାରସ୍ୱାମୀ

ବେଙ୍ଗାଲୁରୁ, ୭ା୫

ହାସନ ଲୋକ ସଭା ଆସନରୁ ଜନତା ଦଳ ଧର୍ମ ନିରପେକ୍ଷ(ଜେଡିଏସ୍) ପ୍ରାର୍ଥୀ ପ୍ରଜ୍ୱଳ ରେଭନ୍ନାଙ୍କ କଥିତ ସେକ୍ସ ସ୍କାଣ୍ଡାଲ ଭିଡିଓ ଥିବା ୨୫ ହଜାର ପେନ୍‌ଡ୍ରାଇଭକୁ ନିର୍ବାଚନର ଠିକ୍ ପୂର୍ବରୁ ବଣ୍ଟାଯାଇଥିବା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଅଭିଯୋଗ ଆଣିଛନ୍ତି। କର୍ନାଟକ ଉପ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ପ୍ରଜ୍ୱଳଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବା ସେ କହିଛନ୍ତି। ସେହିପରି ଏହି ସେକ୍ସ ସ୍କାଣ୍ଡାଲର ତଦନ୍ତ କରିବା ପାଇଁ କର୍ନାଟକ ସରକାର ଗଠନ କରିଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି)କୁ ସେ ସମାଲୋଚନାକରି ଏହା ଶିବକୁମାର ତଦନ୍ତକାରୀ ଦଳ ହୋଇଥିବା କହିଛନ୍ତି। ଶିବକୁମାରଙ୍କ ଭାଇ ଡି.କେ. ସୁରେଶ ପ୍ରାର୍ଥୀ ହୋଇଥିବା ବେଙ୍ଗାଲୁରୁ ଗ୍ରାମୀଣ ଆସନରେ ଏହି ସବୁ ପେନ୍‌ଡ୍ରାଇଭକୁ ବାଣ୍ଟିବାକୁ ପୋଲିସ ଉପରେ ଚାପ ପକାଯାଇଥିବା କୁମାରସ୍ୱାମୀ ଅଭିଯୋଗ ଆଣିଛନ୍ତି।




ଇସ୍ରାଏଲୀ ସୈନ୍ୟ ମଙ୍ଗଳବାର ଇଜିପ୍ଟ ଓ ଗାଜାର ଦକ୍ଷିଣ ସୀମାସ୍ଥିତ ମୁଖ୍ୟ କ୍ରସିଂ ପଏଣ୍ଟକୁ ଦଖଲ କରିଛନ୍ତି। ସେମାନେ ରାଫାହରୁ ଓହରିଯିବା ପରେ ମଧ୍ୟ କେତେକ ସ୍ଥାନରେ ବୋମା ବର୍ଷଣ ଜାରି ରଖିଥିବାରୁ ବିସ୍ଥାପିତ ପାଲେଷ୍ଟିନୀୟମାନେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ପାଇଁ ଯାଉଛନ୍ତି। ଇତିମଧ୍ୟରେ ସଶସ୍ତ୍ର ହାମାସ୍ ଫାଇଟରମାନେ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। କିନ୍ତୁ ଇସ୍ରାଏଲ ଏହାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ କରିବ ନାହିଁ ବୋଲି କହିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଶାନ୍ତି ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

# ବଳାତ୍କାର ଅଭିଯୁକ୍ତ ୫ ବର୍ଷ ୪ ମାସ ଜେଲରେ ଥିଲେ, ମିଛ ଅଭିଯୋଗକାରିଣୀଙ୍କୁ ସମାନ ଅବଧିର ଦଣ୍ଡ

ନୂଆଦିଲ୍ଲୀ,୭ା୫

ଜଣେ ବ୍ୟକ୍ତିଙ୍କ ନାଁରେ ମିଛ ବଳାତ୍କାର ଅଭିଯୋଗ ଆଣିବା ମହିଳାଙ୍କୁ ମହଙ୍ଗା ପଡ଼ିଛି। ଉତ୍ତରପ୍ରଦେଶର ବରେଲି ଜିଲା ଅଦାଲତ ତାଙ୍କୁ ୪ ବର୍ଷ ୫ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୋଗର ବିଚାର ଚାଲିଥିବା ସମୟରେ ବ୍ୟକ୍ତି ଜଣକ ଯେତିକି ଦିନ ଜେଲରେ ରହିଛନ୍ତି, ଅଭିଯୋଗକାରିଣୀଙ୍କୁ ସେତିକି ଦିନ ଜେଲରେ ରହିବାକୁ ପଡ଼ିବ। ବିନା ଦୋଷରେ ବ୍ୟକ୍ତି ଜଣକ ଜେଲରେ ରହିବା ଫଳରେ ସେ ରୋଜଗାର ସୁଯୋଗ ହରାଇଥିଲେ। ଏଥିପାଇଁ ୫.୮୮ ଲକ୍ଷ ଟଙ୍କା ଜରିମାନା ଦେବା ପାଇଁ ଅଦାଲତ ମହିଳାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଛ ମାମଲାକୁ ନେଇ ଅଦାଲତ ମହିଳାଙ୍କୁ ଭର୍ତ୍ସନା କରିଥିଲେ। ଏଭଳି ମହିଳାଙ୍କ କାର୍ଯ୍ୟକଳାପ ଯୋଗୁ ପ୍ରକୃତ ପୀଡ଼ିତାମାନଙ୍କୁ ହଇରାଣ ହେବାକୁ ପଡ଼ିବ। ଏହା ସମାଜ ପାଇଁ ଅତ୍ୟନ୍ତ ଗମ୍ଭୀର ସ୍ଥିତି। ଜଣେ ନିଜ ଅଭିସନ୍ଧି ପାଇଁ ପୋଲିସ ଓ ଅଦାଲତଙ୍କୁ ବ୍ୟବହାର କରିବା ଆପତ୍ତିଜନକ। ଅନୁଚିତ ଫାଇଦା ପାଇଁ ପୁରୁଷଙ୍କ ସ୍ୱାର୍ଥହାନି କରିବାକୁ ମହିଳାଙ୍କୁ ଅନୁମତି ଦିଆଯାଇପାରିବ ନାହିଁ। ପ୍ରକାଶ ଯେ, ୨୦୧୯ରେ ମହିଳାଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କ ମାଆ ଅଜୟ ଓରଫ ରାଘବଙ୍କ ବିରୋଧରେ ଅପହରଣ ଓ ବଳାତ୍କାର ଅଭିଯୋଗ କରିଥିଲେ। ସେତେବେଳେ ଅଜୟଙ୍କୁ ୨୧ ବର୍ଷ ହୋଇଥିଲା। ଅଜୟ ଜାଗ୍ରତ କମ୍ପାନୀରେ ନାବାଳିକାଙ୍କ ଭଉଣୀଙ୍କ ସହ କାମ କରୁଥିବାବେଳେ ତାଙ୍କ ଘରକୁ ବୁଲିବାକୁ ଯାଉଥିଲେ। ସେହି ସମୟରେ ନାବାଳିକାଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ରାଘବ ତାଙ୍କୁ ପ୍ରସାଦରେ ନିଶା ମିଶାଇ ଦିଲ୍ଲୀକୁ ନେଇଯାଇଥିଲେ ଏବଂ ସେଠାରେ ଏକ ରୁମ୍‌ରେ ବଳାତ୍କାର କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଅଜୟଙ୍କୁ ଜେଲ ହୋଇଥିଲା। ତେବେ ଶୁଣାଣି ବେଳେ ମହିଳା ତାଙ୍କ ବୟାନ ବଦଳାଇ ଅଜୟ ତାଙ୍କୁ ଅପହରଣ କି ବଳାତ୍କାର କରି ନ ଥିବା କହିଥିଲେ।

# ବିଜ୍ଞାପନ କଲାବେଳେ ସତର୍କ ହୁଅନ୍ତୁ ସେଲିବ୍ରିଟି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭ା୫

ବିଭ୍ରାନ୍ତିକର ବିଜ୍ଞାପନ ପ୍ରସାରଣ ପାଇଁ ବିଜ୍ଞାପନଦାତା ଓ ଏହାର ସମର୍ଥନକାରୀ ସମାନ ଭାବେ ଦାୟୀ । ତେଣୁ ଖାଉଟି ସାମଗ୍ରୀଗୁଡ଼ିକର ବିଜ୍ଞାପନରେ ଅଭିନୟ କରୁଥିବା ସେଲିବ୍ରିଟିମାନେ ଅଧିକ ଉତ୍ତରଦାୟୀ ହୋଇ ଭୂମିକା ନିର୍ବାହ କରନ୍ତୁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି।

ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଥିବା ବିଜ୍ଞାପନଗୁଡ଼ିକୁ ସର୍ବୋଚ୍ଚ ଅଦାଲତ ନାପସନ୍ଦ କରିବା ସହ ସେଗୁଡ଼ିକର ପ୍ରସାରଣ ପୂର୍ବରୁ କେବୁଲ ଟେଲିଭିଜନ ନେଟ୍‌ୱର୍କ୍ସ ରୁଲ୍ସ, ୧୯୯୪ ଭଳି ବିଜ୍ଞାପନଦାତାଙ୍କଠାରୁ ଘୋଷଣାନାମା ହାସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମର ରୁଲ୍-୭ରେ ବିଜ୍ଞାପନ କୋଡ୍ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ନୈତିକତା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଦର୍ଶକଙ୍କ ଧର୍ମୀୟ ଭାବାବେଗ ପ୍ରତି ଯେପରି କୁଠାରାଘାତ ନ ହେବ, ସେଥିପ୍ରତି ଦୃଷ୍ଟି ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ବିଜ୍ଞାପନଦାତା, ଆଡ୍ ଏଜେନ୍ସି ଏବଂ ସେଗୁଡ଼ିକର ସମର୍ଥନକାରୀ ସେଲିବ୍ରିଟି ତଥା ହାଇପ୍ରୋଫାଇଲ ବ୍ୟକ୍ତିମାନେ ମିଛ ବିଜ୍ଞାପନ ପାଇଁ ଦାୟୀ ବୋଲି ଜଷ୍ଟିସ୍ ହିମା କୋହଲି ଏବଂ ଅହସାନୁଦ୍ଦିନ ଅମାନୁଲା ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ଉପଭୋକ୍ତାମାନେ ଯେପରି ସହଜ ଓ ସୁବିଧାରେ ଅଭିଯୋଗ ଦାଖଲ କରିପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ମନ୍ତ୍ରଣାଳୟଗୁଡ଼ିକ ନିର୍ଦ୍ଦିଷ୍ଟ ତରିକା ଆପଣାଇବେ। ବିଜ୍ଞାପନଦାତାମାନଙ୍କ ଘୋଷଣାନାମାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପରିଚାଳିତ 'ବ୍ରଡ୍‌କାଷ୍ଟ ସେବା' ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ। ସେହିପରି ଏହି ମନ୍ତ୍ରଣାଳୟ ୪ ସପ୍ତାହ ମଧ୍ୟରେ ଏକ ପୋର୍ଟାଲ ତିଆରି କରିବ। ବିଜ୍ଞାପନଦାତାମାନେ କୌଣସି ବିଜ୍ଞାପନ ଜାରି ପୂର୍ବରୁ ସେଥିରେ ସେଲ୍ଫ ଡିକ୍ଲାରେଶନ ଦାଖଲ କରିବେ।

ଖାଦ୍ୟ ସାମଗ୍ରୀ ସମ୍ପର୍କିତ ଭୁଲ୍ ବିଜ୍ଞାପନଗୁଡ଼ିକୁ ନେଇ ୨୦୧୮ରୁ ଅଦ୍ୟାବଧି ଭାରତର ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)କୁ ମିଳିଥିବା ଅଭିଯୋଗ ଏବଂ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବ। ଯୋଗଗୁରୁ ବାବା ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦର ବିଭ୍ରାନ୍ତିକର ବିଜ୍ଞାପନ ପ୍ରସଙ୍ଗରେ ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

# ମାକ୍ରଁ-ଜିନ୍‌ପିଙ୍ଗ୍ ଆଲୋଚନା



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ଫ୍ରାନ୍ସ ପ୍ରତିପକ୍ଷ ଇମାନ୍ୱେଲ ମାକ୍ରଁ।

ଟର୍ବେସ୍,୭ା୫

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ୨ ଦିନିଆ ଫ୍ରାନ୍ସ ଗସ୍ତ ଶେଷ କରି ସର୍ବିଆ ଓ ହଙ୍ଗେରି ଅଭିମୁଖେ ଯାତ୍ରା କରିଛନ୍ତି। ଫ୍ରାନ୍ସର ଟର୍ବେସ୍ ସହରରେ ଫରାସୀ ପ୍ରତିପକ୍ଷ ଇମାନ୍ୱେଲ ମାକ୍ରଁଙ୍କ ସହ ସେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ମାକ୍ରଁ ବିଶେଷକରି ବାଣିଜ୍ୟିକ ଅନ୍ତଲୁନ ହ୍ରାସ କରିବା ଉପରେ ବୁଝାଇବା ସହ ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ପ୍ରସଙ୍ଗ ଉଠାଇଥିଲେ। ଆଲୋଚନା ଶେଷରେ ମାକ୍ରଁ ଓ ତାଙ୍କ ସ୍ତ୍ରୀ ବ୍ରିଗିଟେ ଜିନ୍‌ପିଙ୍ଗ ଓ ତାଙ୍କ ସ୍ତ୍ରୀ ପେଙ୍ଗ୍ ଲିୟୁଆନ୍‌ଙ୍କୁ ବିଦାୟ ଜଣାଇଥିଲେ। ୟୁରୋପୀୟ କୂଟନୀତିଜ୍ଞମାନେ ଜିନ୍‌ପିଙ୍ଗ୍‌ଙ୍କୁ ଏହି ଉଚ୍ଚସ୍ତରୀୟ ଆଲୋଚନାର ବିଜେତା ବୋଲି ଅଭିହିତ କରିଛନ୍ତି।

# ହନୁମାନଙ୍କୁ ପକ୍ଷଭୁକ୍ତ କରିବାରୁ ଲକ୍ଷେ ଟଙ୍କା ଜରିମାନା

ନୂଆଦିଲ୍ଲୀ,୭ା୫

ଏକ ଘରୋଇ ଜମିରେ ନିର୍ମାଣାଧୀନ ମନ୍ଦିରକୁ ନେଇ ଉପୁଜିଥିବା ବିବାଦରେ ହନୁମାନଙ୍କୁ ପକ୍ଷଭୁକ୍ତ କରିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି। ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ତାଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ବେଳେ ଜଷ୍ଟିସ ସି. ହରିଶଙ୍କର କହିଛନ୍ତି, ମୋ ଅଦାଲତରେ ଦିନେ ପ୍ରଭୁ ହନୁମାନ ପକ୍ଷଭୁକ୍ତ ହୋଇ ଆସିବେ ବୋଲି କେବେ ଭାବି ନ ଥିଲି। ଅଙ୍କିତ ମିଶ୍ରା ନାମକ ଆବେଦନକାରୀଙ୍କୁ ବିଚାରପତି ଭର୍ତ୍ସନା କରିବା ସହ ଲକ୍ଷେ ଟଙ୍କା ଜମି ମାଲିକ ସୂରଜ ମଲିକଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଶଙ୍କର କହିଛନ୍ତି, ଯଦି ଜଣେ ବ୍ୟକ୍ତି ନିଜ ତଥା ତାଙ୍କ ପରିବାର ପାଇଁ ଘରୋଇ ସମ୍ପତ୍ତି ଉପରେ ମନ୍ଦିର ନିର୍ମାଣ କରନ୍ତି, ତେବେ ପର୍ବପର୍ବାଣୀରେ ସେହି ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ସର୍ବସାଧାରଣଙ୍କୁ ଅନୁମତି ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ଯଦି ଲୋକେ ସେଠାକୁ ଯାଇ ପୂଜା କରନ୍ତି, ତାକୁ ସର୍ବସାଧାରଣ ମନ୍ଦିର ବୋଲି କୁହାଯାଇପାରିବ ନାହିଁ।

## ରାଜ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଣ ଦେବତାଙ୍କୁ ପତର ପୂଜା;**
**ବାଲିଗରଡ଼ାକୁ ଚାଉଳ ଭଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯାହାକୁ ଯେମିତି, ଯେଉଁଠି ଯେମିତି ତାହାହିଁ କରିବା ଠିକ୍। ଅବସ୍ଥା ଦେଖି ବ୍ୟବସ୍ଥା। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଟ ଘର ଦେଲି ତାଟି;**
**ଚାହିଁ ବସି ବସି ବଅସ ଗଲା,**
**ନଇଲେ କାନତରାଟି।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ଦୀର୍ଘ ବର୍ଷ ଧରି ପ୍ରେମିକକୁ ପ୍ରତୀକ୍ଷା କରି ହତାଶ ହୋଇ ପଡ଼ିଥିବା ପ୍ରେମିକାର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପିଜିଆଇଏମ୍‌ଇଆର୍: ପିଜି ପାଇଁ ୨ ବିଭାଗକୁ ଅନୁମୋଦନ

ଭୁବନେଶ୍ୱର, ୭ା୫(ଅସମାପିକା ସାହୁ)

କ୍ୟାପିଟାଲ ହସ୍ପିଟାଲର ଡାକ୍ତରୀ ଶିକ୍ଷା ଏବଂ ଅନୁସନ୍ଧାନ ସ୍ନାତକୋତ୍ତର ପ୍ରତିଷ୍ଠାନ (ପିଜିଆଇଏମ୍‌ଇଆର୍)ରେ ଏଣିକି ଆନାସ୍ଥେସିଆ ଏବଂ ଚକ୍ଷୁ ଚିକିତ୍ସା ବିଭାଗର ପିଜି ପାଠ୍ୟକ୍ରମ ଆରମ୍ଭ ହେବ। ଏ ନେଇ ନ୍ୟାଶନାଲ ମେଡିକାଲ କମିଶନ ଅନୁମୋଦନ ଦେଇସାରିଛି। ଦୁଇଟିଯାକ ପାଠ୍ୟକ୍ରମରେ ତିନୋଟି ଲେଖାଏ ସିଟ୍ ରହିବ। ୨୦୨୪-୨୫ ଶିକ୍ଷାବର୍ଷରୁ ଏହି ନୂଆ ପାଠ୍ୟକ୍ରମ ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ 'ଏକ୍ସ' ମାଧ୍ୟମରେ ସୂଚନା ଦିଆଯାଇଛି। ଏହା ରାଜ୍ୟରେ ଡାକ୍ତରୀ ଶିକ୍ଷାକୁ ସୁଦୃଢ଼ କରିବ ବୋଲି ବିଭାଗ ଲକ୍ଷ୍ୟ ରଖିଛି।

ସୂଚନାଯୋଗ୍ୟ, ପିଜିଆଇଏମ୍‌ଇଆର୍ ସାଢ଼େ ୪ଏକର ଜମିରେ ନିର୍ମାଣ କରାଯାଉଛି। ତେବେ ୨୦୨୨-୨୩ ଶିକ୍ଷାବର୍ଷରୁ କ୍ୟାପିଟାଲ ହସ୍ପିଟାଲରେ ପ୍ରଥମ ବ୍ୟାଚ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ମୋଟ ୧୫ଟି ବିଭାଗରେ ପାଠ୍ୟକ୍ରମ ଖୋଲିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୬ଟି ବିଭାଗକୁ ଅନୁମୋଦନ ମିଳିଥିଲା। ୬ଟି ବିଭାଗରେ ୨୪ଟି ସିଟ୍ ପାଇଁ ପିଜି ଓ ୬ଟି ସ୍ପେଶାଲ ଏମ୍‌ଏସ୍/ଏମ୍‌ଡି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଥିଲା। ମେଡିସିନ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ସର୍ଜରି ବିଭାଗକୁ ୫ଟି ଲେଖାଏ ସିଟ୍ ସହିତ ଅସ୍ଥିଶଲ୍ୟ ବିଭାଗରେ ୨, ଶିଶୁରୋଗ ବିଭାଗରେ ୪, ଶ୍ୱାସରୋଗ ବିଭାଗରେ ୩ଟି ସିଟରେ ପିଜି ପାଠ୍ୟକ୍ରମ ଖୋଲିଥିବାବେଳେ ଆହୁରି ପର୍ଯ୍ୟାୟକ୍ରମେ ଅନ୍ୟ ବିଭାଗ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି।

# କଳାହାଣ୍ଡି ଲୋକ ସଭା ଆସନର ସ୍ୱାଧୀନ ପ୍ରାର୍ଥୀଙ୍କୁ ଆକ୍ରମଣ

ଭବାନୀପାଟଣା,୭ା୫
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଲୋକ ସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ନରେଶ ନିଆଲଙ୍କୁ କେତେ ଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିବା ମଙ୍ଗଳବାର କର୍ଲାପଡ଼ା ଫାଣ୍ଡିରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ନରେଶ ଏକ ବୈଠକରେ ଯୋଗଦେବାକୁ ସୋମବାର ସନ୍ଧ୍ୟାରେ ଭବାନୀପାଟଣା ଯାଉଥିଲେ। ହେଲେ ଭବାନୀପାଟଣା ସଦର ଥାନା କର୍ଲାପଡ଼ା ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆକ୍ରମଣର କାରଣ ଜଣାପଡି ନାହିଁ। ଏହା ଏକ ରାଜନୈତିକ ହିଂସାକାଣ୍ଡ ବୋଲି ଅନୁମାନ କରାଯାଉଛି। ଏନେଇ କର୍ଲାପଡ଼ା ଫାଣ୍ଡିରେ ଏତଲା ଦିଆଯାଇଛି। ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଅତନୁ ସବ୍ୟସାଚୀଙ୍କ ହେଲିକପ୍ଟର ଯାଞ୍ଚ

ରାୟଗଡ଼ା,୭ା୫(ଆଶିଷ ରଞ୍ଜନ ପଣ୍ଡା)

ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ଉଚ୍ଚ ଶିକ୍ଷା, ଖାଦ୍ୟ ଯୋଗାଣ ମନ୍ତ୍ରୀ ତଥା ରାୟଗଡ଼ା ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକଙ୍କ ହେଲିକପ୍ଟର ଯାଞ୍ଚ କରାଯାଇଛି। ମନ୍ତ୍ରୀ ନାୟକ ମଙ୍ଗଳବାର ଦଳର ନିର୍ବାଚନୀ ସ୍ଥିତି ସମୀକ୍ଷା ପାଇଁ ରାୟଗଡ଼ା ଆସିଥିବାବେଳେ ଦୁଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ତାଙ୍କ ହେଲିକପ୍ଟର ଯାଞ୍ଚ କରିଥିଲେ। ତେବେ ହେଲିକପ୍ଟରରୁ କିଛି ମିଳି ନ ଥିବା ସୂଚନା ମିଳିଛି। ଏହି ଯାଞ୍ଚ ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ଡେପୁଟି କଲେକ୍ଟର ଭୋଳାନାଥ ମାଝି ଏବଂ ରାୟଗଡ଼ା ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଚାନ୍ଦିଲି ଥାନା ପୋଲିସ ଓ ଆୟକର ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାୟଗଡ଼ା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଫ୍ଲାଇଂ ସ୍କ୍ୱାଡ୍ ପ୍ରତିଦିନ ବିଭିନ୍ନ ସ୍ଥାନରେ ଯାଞ୍ଚ ଚଳାଇଛନ୍ତି। ଏଭଳିକି ବିଭିନ୍ନ ଦଳର ପ୍ରଚାର ପାଇଁ ଜିଲା ବାହାରୁ ଆସୁଥିବା ନେତାମାନଙ୍କ ହେଲିକପ୍ଟର ଓ ବ୍ୟାଗ୍ ମଧ୍ୟ ଯାଞ୍ଚ କରାଯାଉଛି।

# ଜିଲା ରକ୍ତଭଣ୍ଡାରରେ ରକ୍ତ ଅଭାବ, ଫେରୁଛନ୍ତି ରୋଗୀ

- ଜିଲା ମୁଖ୍ୟ ଚିକିତ୍ସାଳୟରୁ ବ୍ଲଡ୍ ବ୍ୟାଙ୍କ ୩୦୦ ଟଙ୍କାର ବାଟ
- ଆବଶ୍ୟକ କର୍ମଚାରୀ ନିୟୋଜନକୁ ଅଣଦେଖା

କେନ୍ଦ୍ରାପଡ଼ା, ୭ା୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଏକମାତ୍ର ରକ୍ତଭଣ୍ଡାରରେ ଘୋର ରକ୍ତ ସଙ୍କଟ ଦେଖାଦେଇଛି। ମାସକୁ ଅନ୍ୟୂନ ୬୦୦ରୁ ୭୦୦ ୟୁନିଟ ରକ୍ତ ଆବଶ୍ୟକ ଥିବାବେଳେ ଅଦ୍ୟାବଧି ୫୦ ୟୁନିଟ ମଧ୍ୟରେ ଷ୍ଟକ ରହିଛି। ଫଳରେ ଥାଲାସେମିଆ, ପ୍ରସୂତି ଓ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ରକ୍ତ ଯୋଗାଇବା ଅସମ୍ଭବ ହୋଇପଡ଼ିଛି। ରକ୍ତ ଅଭାବ ଯୋଗୁ ରୋଗୀ ଫେରୁଛନ୍ତି। ଅପରପକ୍ଷରେ ୫ଟି ସ୍ଥାନରେ ୩ ଲାବରେଟୋରି ଟେକ୍ନିସିଆନଙ୍କୁ ଛାଡ଼ି ଦେଲେ ୨ ନର୍ସ, ୩ ଆଟେଡାଣ୍ଟ ଓ ୨ ସୁଇପର ପଦବୀ ପୂରଣ ହୋଇନାହିଁ। ସେହିପରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଏହି ରକ୍ତ ଭଣ୍ଡାରକୁ ଯାତାୟାତ ପାଇଁ ଅଟୋରେ ଅନ୍ୟୂନ ୩୦୦ ଟଙ୍କା ଖର୍ଚ୍ଚ ହେଉଛି। ବ୍ଲଡ ବ୍ୟାଙ୍କର ଏହି ରକ୍ତ ଅଭାବ ପାଇଁ ଯଥେଷ୍ଟ ସଚେତନତା ସୃଷ୍ଟି ହେଉ ନ ଥିବାରୁ ଉକ୍ତ ସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।




ଏ ସମ୍ପର୍କରେ ସାମାଜିକ କର୍ମୀ ମନୋଜ କୁମାର ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରର ଶୁଚିସ୍ମିତା ସାମଲ(୧୧) ଜଣେ ଥାଲାସେମିଆ ରୋଗୀ। ପ୍ରତିମାସରେ ତାଙ୍କର ରକ୍ତ ଆବଶ୍ୟକ। ରକ୍ତଭଣ୍ଡାରରେ ଆବଶ୍ୟକ ରକ୍ତ ନ ଥିବାରୁ ନିରାଶରେ ଘରକୁ ଫେରୁଛନ୍ତି। ଶରୀରର ହିମୋଗ୍ଲୋବିନ କମିବାରୁ ନିସ୍ତେଜ ହୋଇ ପଡୁଛନ୍ତି। ଶୁଚିସ୍ମିତାଙ୍କ ବାପା କୈଳାସଙ୍କ ଯୋଗାଯୋଗ ପରେ ଦୁଇଦିନ ପୂର୍ବେ ରକ୍ତଦାନ କରିଛନ୍ତି। କେବଳ ଶୁଚିସ୍ମିତା କୁହନ୍ତି, ତାଙ୍କ ପରି ପ୍ରାୟ ୧୪୦ ଜଣ ଥାଲାସେମିଆ ରୋଗୀ ଜିଲାରେ ଅଛନ୍ତି। ଏହା ବ୍ୟତୀତ ବିଭିନ୍ନ କ୍ଷେତ୍ରର ସ୍ୱାସ୍ଥ୍ୟ ସେବା ପାଇଁ ଅନ୍ୟୂନ ୭୦୦ ୟୁନିଟ ରକ୍ତ ଆବଶ୍ୟକ। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଦୀର୍ଘଦିନର ପ୍ରତୀକ୍ଷା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସହରର ଖଡିଅଙ୍ଗରୁ ଶ୍ୟାମଗୁଡିଆକୁ ୨୦୨୩ ଜାନୁଆରୀରେ ସ୍ଥାନାନ୍ତର ହୋଇଛି। ପୁରୁଣାରୁ ନୂଆ ଚିକିତ୍ସାଳୟ ସ୍ଥାନର ଦୂରତା ୫ କିଲୋମିଟର। ରକ୍ତର ଆବଶ୍ୟକତା ପୂରଣ ପାଇଁ ଏହି ଦୂରତା ଯାତାୟାତ କରିବାକୁ ଅଟୋ ଭଡ଼ା ପ୍ରାୟ ୩୦୦ ଟଙ୍କା ଲାଗୁଛି। ରୋଗୀଙ୍କ ସମ୍ପର୍କୀୟ ଏଥିପାଇଁ ବିଶେଷ ଅସୁବିଧାରେ ପଡୁଛନ୍ତି। ରକ୍ତଦାନ ମହାପୁଣ୍ୟ ଭାବେ ଗ୍ରହଣ କରାଯାଉଛି। ତେବେ ଜିଲାର ଏକମାତ୍ର ରକ୍ତଭଣ୍ଡାରରେ ହେଉଥିବା ରକ୍ତ ଅଭାବ ସମ୍ପର୍କରେ କୌଣସି ସଚେତନତା କାର୍ଯ୍ୟକ୍ରମ ହେଉନାହିଁ। କେତେଗୋଟି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ କ୍ୟାମ୍ପ ଯୋଗୁ ସାମୟିକ ଭାବେ ରକ୍ତ ଅଭାବ ପୂରଣ ହେଉଛି। ବିଜେଡି ମୋ ସରକାରର ଜୀବନବିନ୍ଦୁ ସଂଯୋଜକ ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ଖରାଦିନ ପାଇଁ ରକ୍ତ ସଂଗ୍ରହରେ ବାଧା ସୃଷ୍ଟି ହୋଇଛି। ଜିଲା ପାଇଁ ଏନ୍‌ଏଟିପିସିଆର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ତେବେ ନୂତନ ଚିକିତ୍ସାଳୟର ଆନୁଷଙ୍ଗିକ ବ୍ୟବସ୍ଥା ହୋଇ ନ ଥିବାରୁ ରକ୍ତଭଣ୍ଡାର ସ୍ଥାନାନ୍ତର ହୋଇନାହିଁ। ଜଣେ ସୁସ୍ଥ ଲୋକ ପ୍ରତି ୩ ମାସ ଅନ୍ତରରେ ଗୋଟିଏ ୟୁନିଟ୍ ରକ୍ତ ଦେଲେ ସମ୍ପୃକ୍ତ ବ୍ୟକ୍ତିର ସ୍ୱାସ୍ଥ୍ୟଗତ ସମସ୍ୟା ଅନେକାଂଶରେ କମିଯାଏ ବୋଲି ବୁଝା ଯାଉଥିବା ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ରକ୍ତଭଣ୍ଡାରରେ ରକ୍ତ ଅଭାବ ସମସ୍ୟା ରହୁଛି। ଏହାର ନିରାକରଣ ପାଇଁ ବିଭିନ୍ନ ଅନୁଷ୍ଠାନ ସହ ଯୋଗାଯୋଗ କରାଯାଇ କ୍ୟାମ୍ପ କରାଯାଉଛି। ରକ୍ତଭଣ୍ଡାର କର୍ମଚାରୀଙ୍କ ସମସ୍ୟା ନିକଟରେ ସମାଧାନ ହେବ ବୋଲି ଏଡିଏମ୍‌ଓ ଡା. ମିଶ୍ର ସୂଚନା ଦେଇଛନ୍ତି।

# ଦମ୍ ଅଛି ଯଦି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କର

ଭୁବନେଶ୍ୱର/ହିଞ୍ଜିଳିକାଟୁ/ଶେରଗଡ଼/ଖଲ୍ଲିକୋଟ ୭।୫(ଅନିଲ ଦାସ/ ଦ୍ୱିତୀକୃଷ୍ଣ ପଣ୍ଡା/ସୂର୍ଯ୍ୟନାରାୟଣ ଦାଶ/ପ୍ରଶାନ୍ତ ମିଶ୍ର)


ହିଞ୍ଜିଳିରେ ପ୍ରଚାର କରୁଛନ୍ତି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍। ନିକଟରେ ଅଛନ୍ତି ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁ।

■ହିଞ୍ଜିଳି-ଶେରଗଡ଼-ଖଲ୍ଲିକୋଟରେ ପାଣ୍ଡିଆନ୍‌ଙ୍କ ମାରାଥନ ପ୍ରଚାର
■ଭାଜପାକୁ କଲେ ସଣ୍ଟୁଆଶି ଆକ୍ରମଣ

କିଛିଲୋକ ଦିନରେ ସ୍ୱପ୍ନ ଦେଖୁଛନ୍ତି, ଭାବୁଛନ୍ତି ନବୀନବାବୁ ଆଉ ମୁଖ୍ୟମନ୍ତ୍ରୀ ହେବେ ନାହିଁ, କିନ୍ତୁ ଭାଜପାକୁ ଯଦି ପଚାରିବେ ତୁମର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ? କିଛି ଉତ୍ତର ଦେଇପାରିବେ ନାହିଁ। ଦମ୍ ଅଛି ଯଦି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରନ୍ତୁ। ଦେଖିବେ ୧୦ ପ୍ରତିଶତ ଭୋଟ ବି ପାଇବେ ନାହିଁ ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ମଙ୍ଗଳବାର ପାଣ୍ଡିଆନ ଗଞ୍ଜାମର ହିଞ୍ଜିଳି-ଶେରଗଡ଼ ଓ ଖଲ୍ଲିକୋଟରେ ମାରାଥନ ନିର୍ବାଚନ ପ୍ରଚାର ଓ ରୋଡ୍ ଶୋ' କରିଛନ୍ତି। ଆରମ୍ଭରେ ସେ ଗୋପାଳପୁରର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିରକୁ ଯାଇ ବାବାଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସେ କହିଛନ୍ତି, ଜାତୀୟ ଦଳଗୁଡ଼ିକ ହାଇକମାଣ୍ଡ ଉପରେ ନିର୍ଭରଶୀଳ। ହାଇକମାଣ୍ଡଙ୍କ ନିଷ୍ପତ୍ତିରେ ମୁଖ୍ୟମନ୍ତ୍ରୀ ହେଲେ, ସେମାନେ ଓଡ଼ିଶାବାସୀଙ୍କ ପ୍ରତି ନୁହେଁ, ବରଂ ହାଇକମାଣ୍ଡ ପ୍ରତି ଉତ୍ତରଦାୟୀ ରହିବେ। ସେ ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲରେ ଚାଲିବେ। କିନ୍ତୁ ନବୀନବାବୁ ଆପଣମାନଙ୍କ ପାଖରେ ଉତ୍ତରଦାୟୀ। ତାଙ୍କ ରିମୋଟ୍ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ପାଖରେ ଅଛି।

୧୦ ବର୍ଷ ହେଲା ଜଣେ କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀ ହେବା ପାଇଁ ଚେଷ୍ଟା କରୁଛନ୍ତି, କିନ୍ତୁ ତାଙ୍କ ଦଳର ମଧ୍ୟ ତାଙ୍କ ଉପରେ ଆସ୍ଥା ନାହିଁ। ତା'ହେଲେ ଲୋକେ କେମିତି ଆସ୍ଥା ରଖିବେ। ଭାଜପାର କେନ୍ଦ୍ରୀୟ ନେତୃବୃନ୍ଦ କହୁଛନ୍ତି ଯେ ଜୁନ୍ ୪ରେ ଗଣତି ସରିବା ପରେ ୬ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଓଡ଼ିଶାବାସୀ ନିର୍ଣ୍ଣୟ କରିବେ ନା ଭାଜପା ହାଇକମାଣ୍ଡ। ଭାଜପା ଯଦି ଶାସନକୁ ଆସେ, ତା'ହେଲେ ଓଡ଼ିଶା ୨୪ବର୍ଷ ପଛକୁ ପଳାଇବ। ଆଗରୁ କଂଗ୍ରେସ ଦଳ ବି ଥିଲା। ବନ୍ୟା, ବାତ୍ୟା ସବୁଥିରେ କେନ୍ଦ୍ରକୁ ପଚାରିବେ। ତେଣୁ ସେତେବେଳେ କିଛି କାମ ହୋଇପାରିନି। ମହାବାତ୍ୟା ସମୟରେ କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିବାରୁ ବିପୁଳ ଧନ ଜୀବନ କ୍ଷୟକ୍ଷତି ଘଟିଥିଲା। ଖଲ୍ଲିକୋଟରେ ଆୟୋଜିତ ନିର୍ବାଚନୀ ସଭାରେ ପ୍ରଥମେ ଖଲ୍ଲିକୋଟର ଦିବଂଗତ ରାଣୀମା'ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଥିଲେ ଯେ ରାଣୀମା' ଆମ ସମସ୍ତଙ୍କ ହୃଦୟରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ରାଣୀମା'ଙ୍କୁ ବହୁତ ସମ୍ମାନ କରନ୍ତି, ରାଣୀମା' ମୋ ପାଇଁ ଓ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଥିଲେ। ଖଲ୍ଲିକୋଟର ବିକାଶ ପାଇଁ ରାଣୀମା'ଙ୍କ ଅବଦାନ ଅତୁଳନୀୟ ଥିଲା। ପରେ ସଭାରେ ଓଡ଼ିଶାର ବିକାଶ ଉପରେ ବିରୋଧୀଙ୍କ ମନ୍ତବ୍ୟ ଉପରେ ଟିପ୍ପଣୀ ଦେଇ ପାଣ୍ଡିଆନ କହିଛନ୍ତି ଯେ ଓଡ଼ିଶାର ବିକାଶ ଓ ରୂପାନ୍ତର ସମସ୍ତଙ୍କୁ ଦେଖାଯାଉଛି, କିନ୍ତୁ ବିରୋଧୀଙ୍କୁ ଦେଖାଯାଉନାହିଁ। ଆପଣଙ୍କ ମୁହଁରେ ହସ ଫୁଟିଲେ ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ହସ ଫୁଟେ। ଉପସ୍ଥିତ ଜନତାଙ୍କୁ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ବହୁତ ଭଲ ପାଆନ୍ତି ଏବଂ ପଚାରିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କୁ ଆପଣମାନେ ଭଲ ପାଉଛନ୍ତି କି? ପ୍ରତ୍ୟୁତ୍ତରରେ ସମବେତ ଜନତା ଉଚ୍ଛ୍ୱସିତ ସ୍ୱରରେ ଜଣାଇଲେ ସମ୍ମତି, 'ହଁ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳ। ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ନିଜ ପରିବାରର ସଦସ୍ୟ ବୋଲି ଭାବିଥାନ୍ତି। ୫ବର୍ଷରେ ଥରେ ସୁଯୋଗ ଆସିଛି ତାଙ୍କୁ ଆଶୀର୍ବାଦ କରିବା ପାଇଁ। ଆପଣମାନଙ୍କ ଗୋଟିଏ ଗୋଟିଏ ଭୋଟ ମୁଖ୍ୟମନ୍ତ୍ରୀଙ୍କୁ ଆହୁରି ଶକ୍ତି ଦେବ। ଲୋକଙ୍କୁ ବିକାଶର ହିସାବ ଦେଇ ସେ କହିଥିଲେ ଯେ ହିଞ୍ଜିଳି-ଶେରଗଡ଼ର ଜଗନ୍ନାଥ ମନ୍ଦିର, ତାରାତାରିଣୀ, ସ୍ୱପ୍ନେଶ୍ୱର ଓ ଉଦୟନାଥ ମନ୍ଦିରର ଉନ୍ନତି ପାଇଁ ୧.୩୦ କୋଟି ଟଙ୍କା, ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ୧୭୦ କୋଟି ଟଙ୍କା ଦିଆଯାଇଛି, ଏହି ପ୍ରକଳ୍ପ ଜରିଆରେ ୭ ହଜାର ଏକର ଜମିକୁ ଜଳସେଚନ ସୁବିଧା ମିଳିବ। ସେହିପରି ଶେରଗଡ଼ ଓ ପଥରପୁଞ୍ଜୀ ମେଗାଲିଫ୍ଟ ପାଇଁ ୬୦କୋଟି ଟଙ୍କା, ୪୫ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୧୪ କୋଟି ଟଙ୍କା ଦିଆଯାଇଛି। ଶେରଗଡ଼ କଲେଜକୁ କଟକ, ଭୁବନେଶ୍ୱରର ଅଗ୍ରଣୀ କଲେଜ ସହିତ ମୁଖ୍ୟମନ୍ତ୍ରୀ ସମକକ୍ଷ କରିଛନ୍ତି। ଆହୁରି ମଧ୍ୟ ଉଦୟ ପ୍ରତାପ ହାୟର ସେକେଣ୍ଡାରି ସ୍କୁଲ ଓ ଡିଗ୍ରୀ କଲେଜର ରୂପାନ୍ତରଣ କରିଛନ୍ତି, ପିତ୍ତଳ ହାୟର ସେକେଣ୍ଡାରି ସ୍କୁଲର ରୂପାନ୍ତରଣ ପାଇଁ ୫୦ ଲକ୍ଷ ଟଙ୍କା, କାଞ୍ଚିଆମା ହାଇସ୍କୁଲ, ପିତ୍ତଳ ଗାର୍ଲସ୍ ହାଇସ୍କୁଲ, ନରେନ୍ଦ୍ରପୁର ହାଇସ୍କୁଲ, ରାମଚନ୍ଦ୍ରପୁର ହାଇସ୍କୁଲ ଏବଂ ବ୍ରାହ୍ମଣସାହି ହାଇସ୍କୁଲର ରୂପାନ୍ତରଣ ପାଇଁ ପ୍ରତ୍ୟେକକୁ ୫୦ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ପିତ୍ତଳର ସ୍କୁଲ, କଲେଜ, ମନ୍ଦିର ଆଦି ଅନେକ ଅନୁଷ୍ଠାନର ମୁଖ୍ୟମନ୍ତ୍ରୀ ରୂପାନ୍ତରଣ କରିଛନ୍ତି । ପୂର୍ବରୁ ୧୦୦ ଟଙ୍କା, ୩୦୦ ଟଙ୍କା, ୫୦୦ ଟଙ୍କା ଭତ୍ତା ଥିଲା, ଏବେ ମଧୁବାବୁ ପେନ୍‌ସନ ଯୋଜନାରେ ଓଡ଼ିଶାର ୫୦ ଲକ୍ଷ ପରିବାର ୧୦୦୦ ଟଙ୍କା ଭତ୍ତା ପାଉଛନ୍ତି ବୋଲି ପାଣ୍ଡିଆନ୍ କହିଥିଲେ।

## 'ମିଛ ମେନିଫେଷ୍ଟୋ' ଧର୍ମେନ୍ଦ୍ର ପ୍ରଧାନଙ୍କ ଗ୍ୟାରେଣ୍ଟି: ବିଜେଡି



ରାଜ୍ୟସଭା ସଦସ୍ୟ ଡ. ସସ୍ମିତ ପାତ୍ର ଓ ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୭।୫(ଅନିଲ ଦାସ)

ନିର୍ବାଚନ ସମୟରେ ଓଡ଼ିଶା ଭାଜପା ପକ୍ଷରୁ ଜାରି କରାଯାଇଥିବା ନିର୍ବାଚନୀ ଇସ୍ତାହାରର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଏକ ପୁସ୍ତିକା ଉନ୍ମୋଚନ କରାଯାଇଛି। ଏହାର ଶୀର୍ଷକ ରହିଛି- ମିଛ ମେନିଫେଷ୍ଟୋ...ଧର୍ମେନ୍ଦ୍ର ପ୍ରଧାନଙ୍କ ଗ୍ୟାରେଣ୍ଟି। ନା କାମ କରିବି, ନା କାମ କରେଇଦେବି। ଶଙ୍ଖ ଭବନରେ ଏହି ପୁସ୍ତିକାକୁ ବିଜେଡି ରାଜ୍ୟ ସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ଓ ଦଳର ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର ଉନ୍ମୋଚନ କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ମିଛ ମେନିଫେଷ୍ଟୋରେ ଉଲ୍ଲେଖ କରାଯାଇଥିବା ୩ଟି ଦିଗ ଉପରେ ଉଭୟେ ଆଲୋକପାତ କରିଛନ୍ତି। ପ୍ରଥମ ଭାଗରେ ଓଡ଼ିଶା ଭାଜପା ଯାହା ପ୍ରତିଶ୍ରୁତି ଦିଏ, ତାହା କିଭଳି ପାଳନ କରେନାହିଁ ସେନେଇ ଉଲ୍ଲେଖ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସୁଯୋଗ ପାଇଲେ କେଉଁସବୁ ଯୋଜନାକୁ ଓଡିଶା ଭାଜପା ବନ୍ଦ କରିଦେବ ସେନେଇ ମଧ୍ୟ ବିଶଦ ଭାବେ ଉପସ୍ଥାପନ କରିଛନ୍ତି। ଶେଷରେ ଓଡ଼ିଶାବାସୀଙ୍କ ଉପରେ କାହାକୁ ବି ମୁଖ୍ୟମନ୍ତ୍ରୀ ଭାବେ ଲଦିବାକୁ ଓ ଦିଲ୍ଲୀର ହାଇକମାଣ୍ଡ ପ୍ରଥା

### ବିଜେଡି ଜାରି କଲା କଟାକ୍ଷଭରା ପୁସ୍ତିକା

ଫେରାଇ ଆଣିବାକୁ କରାଯାଉଥିବା ମସୁଧା ଉପରେ ସ୍ପଷ୍ଟ ଭାବେ ପୁସ୍ତକରେ ଉଲ୍ଲେଖ କରାଯାଇଥିବା ତଥ୍ୟ ରଖିଛନ୍ତି।

୨୦୧୪ ହେଉ ଅବା ୨୦୧୯, ଏପରିକି ୨୦୨୪ରେ ମଧ୍ୟ ସମାନ କ୍ଷେତ୍ରରେ ଓଡ଼ିଶା ଭାଜପା ପ୍ରତିଶ୍ରୁତି ମାନ ଦେଇଛି। ହେଲେ ପରବର୍ତ୍ତୀ ସମୟରେ ଏସବୁକୁ ଅଟକାଇଛି ଅଥବା କାମ ଆଗକୁ ବଢ଼ିଲା ବେଳକୁ ବାଧା ଆଣିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଡ. ପାତ୍ର ଓ ମହାପାତ୍ର ଉଲ୍ଲେଖ କରିଛନ୍ତି। ଭାଜପାକୁ ଯଦି ସୁଯୋଗ ମିଳେ, ତେବେ ସେମାନେ ମିଶନ ଶକ୍ତି, ବିଏସ୍‌କେୱାଇ, ୫-ଟି ସ୍କୁଲ ରୂପାନ୍ତରଣ, ମୋ ସରକାର କାର୍ଯ୍ୟକ୍ରମ, କାଳିଆ, ନୂଆ- ଓ ସ୍କଲାରଶିପ୍, ମନ୍ଦିର ରୂପାନ୍ତରଣ, ଲକ୍ଷ୍ମୀ, ମମତା, ଭତ୍ତା, ନୂଆ ମେଡିକାଲ କଲେଜ, ଆମ ଓଡ଼ିଶା ନବୀନ ଓଡ଼ିଶା, ଶିଳ୍ପାୟନ ଓ ନିଯୁକ୍ତି, ସରକାରୀ ନିଯୁକ୍ତି, ପକ୍କାଘର, ସଡ଼କ ଓ ଗମନାଗମନ ସବୁକିଛି କାର୍ଯ୍ୟକ୍ରମ ଯାହା ରାଜ୍ୟର ଜନସାଧାରଣଙ୍କ ପାଇଁ କରାଯାଉଛି, ସବୁକିଛି ବନ୍ଦ କରିଦେବେ ବୋଲି ଉଭୟେ କହିଛନ୍ତି।

# ରାଜଶ୍ରୀ, ରମାକାନ୍ତଙ୍କ ଗାଡ଼ି ଅଟକାଇ ବିରୋଧ


ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାବେଳେ ଭାଜପା ନେତା ରାକେଶ ମହାପାତ୍ର (ଫେଲୁ)ଙ୍କ ଉପସ୍ଥିତିକୁ ନେଇ ବିରୋଧ।

ଜଗତ୍‌ସିଂହପୁର, ୭।୫ (ପ୍ରମୋଦ କୁମାର ନାୟକ)

ଚତୁର୍ଥପର୍ଯ୍ୟାୟ ନାମାଙ୍କନପତ୍ର ଦାଖଲର ମଙ୍ଗଳବାର ପ୍ରଥମ ଦିନରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବିଜେଡିରେ ବିଶୃଙ୍ଖଳା ଦେଖିବାକୁ ମିଳିଛି। ଜଗତ୍‌ସିଂହପୁର ଲୋକ ସଭା ଆସନ ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ (ଅନୁସୂଚିତ ଜାତି) ପାଇଁ ବିଜେଡି ପ୍ରାର୍ଥୀ ଭାବେ ରାଜଶ୍ରୀ ମଲ୍ଲିକ ଏବଂ ରମାକାନ୍ତ ଭୋଇ ଶୋଭାଯାତ୍ରାରେ ଯାଉଥିବା ବେଳେ ଏଭଳି ପରିଲକ୍ଷିତ ହୋଇଛି। ଏହି ଦୁଇ ନେତା ମା' ଶାରଳାଙ୍କ ଦର୍ଶନ ସାରି ଗୋଟିଏ ଖୋଲାଗାଡିରେ ଶୋଭାଯାତ୍ରାରେ ଜଗତ୍‌ସିଂହପୁର ଅଭିମୁଖେ ଯାତ୍ରା କରୁଥିଲେ। ସେମାନଙ୍କ ସହ ସହସ୍ରାଧିକ ଦଳୀୟ କର୍ମୀ ଓ ନେତା ଯାଉଥିଲେ। ଜଇପୁର-ଜଗତ୍‌ସିଂହପୁର ମୁଖ୍ୟରାସ୍ତାର ଜଇପୁର ଡାକ୍ତରଖାନା ନିକଟରେ ପୂର୍ବପ୍ରସ୍ତୁତି ମୁତାବକ ରେଢୁଆ ପଞ୍ଚାୟତର ଦଳୀୟ ନେତା ଓ କର୍ମୀ ରୁଣ୍ଡ ହୋଇଥିଲେ। ଶୋଭାଯାତ୍ରା ଏହି ସ୍ଥାନରେ ପହଞ୍ଚିଲା ପରେ ରାଜଶ୍ରୀ ଓ ରମାକାନ୍ତଙ୍କ ସହ ଖୋଲା ଗାଡିରେ ରାକେଶ ମହାପାତ୍ର (ଫେଲୁ) ନାମକ ଜଣେ ବ୍ୟକ୍ତି ଯାଇଥିଲେ । ଫେଲୁ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥନରେ ରେଢୁଆ ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ ଥିଲେ। ତେଣୁ ତାଙ୍କ ଉପସ୍ଥିତି ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀଙ୍କୁ ଆଘାତ ଦେଇଥିଲା । ଏ ସମ୍ପର୍କରେ ସରପଞ୍ଚ କିଶୋର କହିଛନ୍ତି, ସେ ରେଢୁଆ ପଞ୍ଚାୟତର ନେତୃତ୍ୱ ନେଉଛନ୍ତି। ଫେଲୁଙ୍କ ଯୋଗୁ ବିଜେଡି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ହାରିଯାଇଥିଲେ। ଯଦି ସେ ବିଜେଡିରେ ମିଶିବାକୁ ଚାହୁଁଥିଲେ ତେବେ ବିଧିବଦ୍ଧଭାବେ ଦଳରେ ସାମିଲ ହୋଇଥାନ୍ତେ। ତା'ପରେ ଶୋଭାଯାତ୍ରାରେ ଯାଇଥିଲେ ଭଲ ହୋଇଥାନ୍ତା। କିନ୍ତୁ ସେଭଳି କିଛି ହୋଇନାହିଁ। ଫେଲୁ କେବେ ବିଜେଡିରେ ମିଶିଲେ ତାହା କେହି ଜାଣିନାହାନ୍ତି। ବିଧାୟକ ପ୍ରାର୍ଥୀ ରମାକାନ୍ତ ତାଙ୍କୁ କେଉଁ ଆଧାରରେ ଗୁରୁତ୍ୱ ଦେଇ ଦୁଇ ପ୍ରାର୍ଥୀଙ୍କ ମଝିରେ ତାଙ୍କୁ ଛିଡା କରାଇ ନେଉଥିଲେ ତାହା ସେମାନଙ୍କୁ ଚକିତ କରିଥିଲା। ତେଣୁ ସେମାନେ ଶୋଭାଯାତ୍ରା ଗାଡି ଅଟକାଇ ରମାକାନ୍ତଙ୍କୁ ଏ ସମ୍ପର୍କରେ କୈଫିୟତ ମାଗିଥିଲେ। କିନ୍ତୁ ରମାକାନ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏନେଇ ପାଖାପାଖି ୧୦/୧୫ ମିନିଟ୍ କାଳ ଶୋଭାଯାତ୍ରା ଅଟକି ଯାଇଥିଲା। ଏପରି କି ସରପଞ୍ଚ କିଶୋରଙ୍କ ନେତୃତ୍ୱରେ ସହସ୍ରାଧିକ ଦଳୀୟ ନେତା ଓ କର୍ମୀ ଶୋଭାଯାତ୍ରାକୁ ବର୍ଜନ କରି ଫେରିଯାଇଥିଲେ। କେବଳ ଏତିକି ନୁହେଁ, ଅନ୍ୟ କେତେଜଣ ଦଳୀୟ ନେତା ଓ କର୍ମୀ ମଧ୍ୟ ବିଭିନ୍ନ କାରଣରୁ ଅସନ୍ତୋଷ ବ୍ୟକ୍ତ କରି ଶୋଭାଯାତ୍ରାରୁ ପଳାଇଥିଲେ। ଫଳରେ ଶୋଭାଯାତ୍ରା ଜଗତ୍‌ସିଂହପୁରରେ ପହଞ୍ଚିଲାବେଳକୁ ସଂଖ୍ୟା ବହୁତ କମି ଯାଇଥିଲା, ଯାହା ଜିଲା ମୁଖ୍ୟାଳୟରେ ଆଲୋଚନାର ବିଷୟ ହୋଇଛି। ଅତୀତରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଭାବ ଥିଲା। କିନ୍ତୁ କେଉଁ କାରଣରୁ ଦଳରେ ଫାଟ ବଢୁଛି ସେନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ୨ନେତା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଲାବେଳକୁ ଅପରାହ୍ନ ପାଖାପାଖି ୨ଟା ହୋଇ ଯାଇଥିଲା। ଲୋକ ସଭା ଆସନ ପ୍ରାର୍ଥୀ ରାଜଶ୍ରୀ ଜିଲାପାଳ ତଥା ରିଟର୍ନିଂ ଅଫିସର ଅନୁପମ ଶାହା ଏବଂ ବିଧାୟକ ପ୍ରାର୍ଥୀ ରମାକାନ୍ତ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଅଭିମନ୍ୟୁ ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ।

# ବାଲୁଗାଁରେ ଅରୂପ, ରଘୁନାଥଙ୍କ ଶକ୍ତି ପ୍ରଦର୍ଶନ

ବାଲୁଗାଁ,୭।୫
(ସଂଗ୍ରାମ ପାଇକରାୟ)

ନାମାଙ୍କନପତ୍ର ଦାଖଲ ପରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ସମର୍ଥକ ଓ କର୍ମୀମାନଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିବା ସହ ଲୋକଙ୍କୁ ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି। ଏହିକ୍ରମରେ ମଙ୍ଗଳବାର ଚିଲିକା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବ ଛାତ୍ରଙ୍କ ପକ୍ଷରୁ ବାଲୁଗାଁରେ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରଳାପଦର ଛକ ସ୍ଥିତ ମା'ଉତ୍ତରାୟଣୀ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରିଥିଲା। ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ଚିଲିକା ବିଧାନସଭା ପ୍ରାର୍ଥୀ ରଘୁନାଥ ସାହୁ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାଲୁଗାଁ ନଗର ପରିକ୍ରମା ପରେ ରାମପୁର ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ନିର୍ବାଚନୀ ସଭା ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରାଯିବା ସହ ଆଗାମୀ ନିର୍ବାଚନରେ ପୁନର୍ବାର ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ଉକ୍ତ ସଭାରେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ନଗରପାଳ ମିଟୁ ନାୟକ, ପୂର୍ବତନ ମନ୍ତ୍ରୀ ଡା. ଦେବେନ୍ଦ୍ରନାଥ ମାନସିଂହ, ବାଣପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଚିଲିକା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ, ଜିଲା ବିଜେଡି ସାଧାରଣ ସମ୍ପାଦକ ଶୁଧାଂଶୁ ଶେଖର ପରିଡ଼ା, ଯୁବ ସଙ୍ଗଠକ ସନ୍ତୋଷ ପାଇକରାୟ, କାଉନ୍‌ସିଲର ଅଭିମନ୍ୟୁ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



ରାମପୁର ଛକ ନିକଟ ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଚିଲିକା ବିଧାନସଭା ପ୍ରାର୍ଥୀ ରଘୁନାଥ ସାହୁ ଏବଂ ଅନ୍ୟମାନେ।

# 'ବିଜେଡିର ପ୍ରଚାର କରୁଛନ୍ତି ମିଶନ ଶକ୍ତି ମହିଳା'

### ସିଇଓଙ୍କ ନିକଟରେ ଅଭିଯୋଗକଲା ଭାଜପା

ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)



ସିଇଓଙ୍କ ନିକଟରେ ଭାଜପାର ପ୍ରତିନିଧିଦଳ।

ମହିଳାଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ର ସୃଷ୍ଟି କରାଯାଇଥିଲା। କିନ୍ତୁ ବିଜେଡି ଓଲଟା ନିଜର ଭୋଟ ବ୍ୟାଙ୍କକୁ ସଶକ୍ତ କରିବା ପାଇଁ ଏସ୍ଏଚ୍‌ଜିର ମହିଳାଙ୍କୁ ପ୍ରଲୋଭିତ କରିଆସୁଛି। ଏହି ପ୍ରଲୋଭନର ଶିକାର ହୋଇ କେତେଜଣ ମୁଷ୍ଟିମେୟ ମିଶନ ଶକ୍ତି ମହିଳା- ଜିପିଏଫ୍ ଲିଡର, ଏମ୍‌ବିକେ, ସିଆର୍‌ପି, ଜିଆର୍‌ଏସ୍ ନିଜର ଦାୟିତ୍ୱ ଭୁଲି ବିଜେଡିର ପ୍ରଚାର କରୁଛନ୍ତି, ଯାହା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରୁଥିବା ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗ କରିଛି ଯେ, ଏହା ନିର୍ବାଚନ ଭଳି ଗଣତନ୍ତ୍ରର ସର୍ବୋଚ୍ଚ ପର୍ବର ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପଞ୍ଚାୟତ ମହାସଂଘକୁ ମୋଦି ସରକାର ଦେଉଥିବା ଲକ୍ଷାଧିକ ସିଆଇଏଫ୍ ଟଙ୍କାକୁ ମହିଳାମାନଙ୍କ ଟ୍ରେନିଂରେ ଉପଯୋଗ ନ କରି ବିଜେଡି ସରକାର ନିଜର ମିଛ ପ୍ରଚାର ଯଥା- 'ପିତଳକୁ କିଭଳି ସୁନା' କହିବେ ସେ ପ୍ରକାର ଟ୍ରେନିଂ ଦେଉଛନ୍ତି। ଏହା ଏସ୍ଏଚ୍‌ଜିର ମୂଳ ଲକ୍ଷ୍ୟ ବିରୋଧୀ। ଯେଉଁ ମହିଳାମାନେ ପ୍ରକୃତରେ ସଶକ୍ତ ହେବାକୁ ଚାହୁଁଛନ୍ତି ସେମାନଙ୍କୁ ଧାର୍ଯ୍ୟ କାର୍ଯ୍ୟରେ ନ ଲଗାଇ ଏମ୍‌ବିକେ, ସିଆର୍‌ପି ପଦାଧିକାରୀର ଛଦ୍ମ ରୂପରେ ବିଜେଡିର କେତେଜଣ ମହିଳା ଭ୍ରମାତ୍ମକ ତଥ୍ୟ ପ୍ରଦାନକରି ବିଜେଡିକୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି। ଏହା ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି।

# ଅସନ୍ତୁଷ୍ଟଙ୍କୁ ଧରି ରଖିବାରେ ବିଜେଡି ଆଗରେ

ରସୁଲପୁର,୭।୫(ରଂଜିତ ରାଉତ)

### ଯାଜପୁର ସଂସଦୀୟ କ୍ଷେତ୍ର

ଯାଜପୁର ସଂସଦୀୟ କ୍ଷେତ୍ର ଅଧୀନ ୭ ନିର୍ବାଚନମଣ୍ଡଳୀରେ ପ୍ରମୁଖ ୩ ଦଳ ବିଜେଡି, ଭାଜପା, କଂଗ୍ରେସ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଛନ୍ତି। ପ୍ରାର୍ଥୀ ଘୋଷଣା ପରେ ବିଭିନ୍ନ ଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ଟିକେଟରୁ ବଞ୍ଚିତ ହୋଇ ଅସନ୍ତୁଷ୍ଟମାନେ ଦଳ ବଦଳ କରୁଛନ୍ତି। ହେଲେ ଅସନ୍ତୁଷ୍ଟମାନଙ୍କୁ ଧରି ରଖିବାରେ ବିଜେଡି ଆଗରେ ରହିଥିବା ବେଳେ ଭାଜପା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସଂସଦୀୟ କ୍ଷେତ୍ରର ସୁକିନ୍ଦା, କୋରେଇ, ଯାଜପୁର, ବଡ଼ଚଣା ଭଳି ନିର୍ବାଚନ ମଣ୍ଡଳୀରେ ଅସନ୍ତୁଷ୍ଟ କଂଗ୍ରେସ ନେତାମାନେ ଦଳ ଡିଆଁ କରିବା ବଦଳରେ ଅନ୍ୟ ଦଳର ପ୍ରାର୍ଥୀଙ୍କ ସହ ଭିତିରି ବୁଝାବଣାକୁ ଅଧିକ ପସନ୍ଦ କରିଛନ୍ତି। ଏହିକ୍ରମରେ ଦେଖିଲେ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି କୋରେଇ, ବଡ଼ଚଣା, ବରୀ, ଯାଜପୁର ଆସନରେ ପ୍ରାର୍ଥୀ ବଦଳାଇଛି। ବିଧାୟକ ଅଶୋକ କୁମାର ବଳ, ଅମର ପ୍ରସାଦ ଶତପଥୀ, ବିଧାୟିକା ସୁନନ୍ଦା ଦାସ, ପ୍ରଣବ ପ୍ରକାଶ ଦାସଙ୍କ ଟିକେଟ କଟିଛି। ତାଙ୍କ ସ୍ଥାନରେ ସନ୍ଧ୍ୟାରାଣୀ ଦାସ, ବର୍ଷା ପ୍ରିୟଦର୍ଶିନୀ, ବିଶ୍ୱରଞ୍ଜନ ମଲ୍ଲିକ ଓ ସୁଜାତା ସାହୁଙ୍କୁ ଦଳ ପ୍ରାର୍ଥୀ କରିଛି। ଏଠାରେ ଦଳୀୟ ଟିକେଟ ଆଶାୟୀମାନେ କେହି ଦଳ ଛାଡ଼ିନାହାନ୍ତି। ଆଗରୁ ବିଜେଡିରେ ବିଧାୟକମାନଙ୍କ ଟିକେଟ କଟିଲେ ସେମାନେ ଦଳବଦଳ କରିବେ ବୋଲି ଚର୍ଚ୍ଚା ହେଉଥିଲା। ମାତ୍ର ଏହି ସଂସଦୀୟ କ୍ଷେତ୍ରରେ ସେମିତି କିଛି ଘଟିଲା ନାହିଁ। ବିଜେଡି ସମସ୍ତ ଅସନ୍ତୁଷ୍ଟ ନେତାଙ୍କୁ ଦଳରେ ବାନ୍ଧି ରଖିବାରେ ସଫଳ ହୋଇପାରିଛି। ସେହି କ୍ଷେତ୍ରରେ ଭାଜପା ବରୀ, କୋରେଇରେ ପ୍ରାର୍ଥୀ ବଦଳାଇଛି। ଏହି ୨ ନିର୍ବାଚନମଣ୍ଡଳୀରେ ଯୁନେତା ଉମେଶ ଜେନା, ଆକାଶ ଦାସନାୟକଙ୍କୁ ପ୍ରାର୍ଥୀ କରାଇଛି। ପ୍ରାର୍ଥୀଙ୍କ ନାମ ଘୋଷଣା ହେବା ପରେ ବରୀ ନିର୍ବାଚନମଣ୍ଡଳୀରେ ଟିକେଟ ଆଶା ରଖି ଦଳରେ ସାମିଲ ହୋଇଥିବା ବିଜେଡିର ପୂର୍ବତନ ବିଧାୟକ ଦେବାଶିଷ ନାୟକ ଦଳ ତ୍ୟାଗ କରିଛନ୍ତି। ସେ ଏବେ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ଏଠାରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଆରତୀ ଦେଓ ଦଳ ଛାଡିବାକୁ ମନସ୍ଥ କଲେଣି। ସେହିପରି କୋରେଇରେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ବିଜେଡିର ପୂର୍ବତନ ବିଧାୟକ ଆକାଶ ଦାସନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ଏଠାରେ ୨୦୧୯ ନିର୍ବାଚନରେ ବିଶ୍ୱଜିତ୍ ନାୟକ ପ୍ରାର୍ଥୀ ହୋଇଥିଲେ। ଆକାଶ ପ୍ରାର୍ଥୀ ହେବା ପରେ ସେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଭାଜପାର ଅନ୍ୟ ଜଣେ ଆଶାୟୀ ଆଲେକଜାଣ୍ଡର ଦାସ ଦଳ ଛାଡ଼ିବା ପରେ ବିଜେଡିରେ ସାମିଲ ହେବା ଚର୍ଚ୍ଚା ଆରମ୍ଭ ହେଲାଣି। ସେହିପରି ଯାଜପୁର ପାଇଁ ଆଶାୟୀ ସନ୍ତୋଷ ନନ୍ଦଙ୍କୁ କଂଗ୍ରେସ ଟିକେଟ ନ ଦେବାରୁ ସେ ଦଳ ପରିତ୍ୟାଗ କରିଛନ୍ତି। ଏଭଳି ଭାବରେ ଦେଖିବାକୁ ଗଲେ ବିଭିନ୍ନ ଦଳରେ ନେତାଙ୍କ ଦଳ ପରିବର୍ତ୍ତନ ହୋଇଛି। ଯାଜପୁର ସଂସଦୀୟ କ୍ଷେତ୍ରରେ ଦଳ ପରିବର୍ତ୍ତନରେ ଭାଜପାକୁ ଅଧିକ କ୍ଷତି ପହଞ୍ଚି ଥିବାବେଳେ ବିଜେଡି ଅଧିକ ଲାଭବାନ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଦଳ ପରିବର୍ତ୍ତନ ଭୋଟ ହାରକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ତେବେ ଆଗକୁ ସ୍ଥିତି କେଉଁ ରୂପ ନେଉଛି ଓ ଦଳ ବଦଳରେ କେଉଁ ଦଳର ପ୍ରାର୍ଥୀକୁ କେତେ ଫାଇଦା ମିଳୁଛି ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇପାରିବ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି।

**ଯୁଧିଷ୍ଠିର ବିଜେଡି ସମ୍ପାଦକ, ରଞ୍ଜନ ସାନଖେମୁଣ୍ଡି ପର୍ଯ୍ୟବେକ୍ଷକ ନିଯୁକ୍ତ**

ଭୁବନେଶ୍ୱର,(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜଗତ୍‌ସିଂହପୁର ଜିଲା ତାରପୁର ଗୋରଡିଆ ଗ୍ରାମର ଯୁଧିଷ୍ଠିର ସେଠୀଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ରଞ୍ଜନ କୁମାର ପୋଲାଇଙ୍କୁ ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ମଙ୍ଗଳବାର ଏ ନେଇ ବିଜୁ ଜନତା ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ରାଜ୍ୟବାସୀ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇସାରିଛନ୍ତି

## ଖବରଦାତା ସମ୍ମିଳନୀରେ କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୭।୫(ପ୍ରମୋଦ ବହିଦାର)

ଓଡ଼ିଶାରେ ମୋଦିଙ୍କ ପ୍ରତିବିଶ୍ୱସନୀୟତା ବୃଦ୍ଧି ପାଇଛି। ଓଡ଼ିଶାବାସୀ ଚଳିତ ନିର୍ବାଚନରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି। ତେଣୁ ଆସନ୍ତା ଜୁନ ୧୦ରେ ଓଡ଼ିଶାରେ ଭାଜପା ସରକାର ଗଢ଼ିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ପ୍ରସ୍ତୁତ ଓଡ଼ିଶା ସଙ୍କଳ୍ପ ପତ୍ର ସମ୍ପର୍କରେ ସୂଚନା ଦେଇ ପ୍ରଧାନ କହିଛନ୍ତି, ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ସଙ୍କଳ୍ପ ପତ୍ରର ସମସ୍ତ ଘୋଷଣାକୁ ପାଳନ କରିବ। ଦୁର୍ନୀତିକୁ ନେଇ ଜିରୋ ଟଲେରାନ୍ସ ନୀତି ଅବଲମ୍ବନ କରିବ। ଖବରଦାତା ସମ୍ମିଳନୀ ଜରିଆରେ ଭାଜପାକୁ ବିଜୟୀ କରିବା ପାଇଁ ଉଭୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ଶିକ୍ଷାର ବିକାଶକୁ ନେଇ ସେ କହିଛନ୍ତି ଯେ, ଭାଜପା ସରକାର ହେଲେ ରାଜ୍ୟରେ ସହରରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକରେ ୨ଟି ହିସାବରେ ୮ଶହ ପିଏମ୍‌ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବ। କୃଷିପ୍ରଧାନ ସମ୍ବଲପୁର ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ଟଙ୍କା ଧାର୍ଯ୍ୟ କରାଯିବ। ହସ୍ତତନ୍ତର ବିକାଶ ପାଇଁ ସମ୍ବଲପୁର ବସ୍ତ୍ରର ଗୁଣବତ୍ତା ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ସହ ବୁଣାକାରଙ୍କୁ ପ୍ରୋତ୍ସାହିତ କରାଯିବ। ସମ୍ବଲପୁରକୁ ଏକ ଟେକ୍ସଟାଇଲ୍ ହବ୍‌ରେ ପରିଣତ କରାଯିବ। ପଶ୍ଚିମ ଓଡ଼ିଶାରେ ୩ଟି ସମନ୍ୱିତ ଟେକ୍ସଟାଇଲ୍ ପାର୍କ ସ୍ଥାପନ କରି ୫୧ ହଜାରରୁ ଅଧିକ ଚାକିରି ସୃଷ୍ଟି କରାଯିବ। ବୁଣାକାର ଓ ହସ୍ତତନ୍ତ ଶିଳ୍ପୀଙ୍କ ପାଇଁ ବୁଣାକାର ସମ୍ମାନ ନିଧି ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। କେନ୍ଦୁପତ୍ର ତୋଳାଳିମାନଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ ଓ କେନ୍ଦୁପତ୍ର କେରି ପିଛା ୨ଟଙ୍କାରେ କ୍ରୟର ବ୍ୟବସ୍ଥା କରାଯିବ।




ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଇସ୍ତାହାର ପୁସ୍ତିକା ପ୍ରଦର୍ଶନ କରୁଛନ୍ତି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ମିଳିବ ପେନ୍‌ସନ

ଓଡ଼ିଶାରେ ସମସ୍ତ ଶ୍ରେଣୀର ସାମ୍ବାଦିକଙ୍କ ପାଇଁ ନୂଆ ଅଧିସ୍ୱୀକୃତିର ପୁନଃ ରଚନା କରାଯିବ। ବିନା ପ୍ରତିବନ୍ଧକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସରକାରୀ କାର୍ଯ୍ୟର ସମୀକ୍ଷା ପାଇଁ ସୁଯୋଗ ଦିଆଯିବା ସହ ଅନ୍ୟ ରାଜ୍ୟ ଭଳି ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ପେନ୍‌ସନର ବ୍ୟବସ୍ଥା କରାଯିବ ବୋଲି ଧର୍ମେନ୍ଦ୍ର କହିଥିଲେ।

ସାଧାରଣ ନିର୍ବାଚନରେ ବିଜୟୀ ହୋଇ ଓଡ଼ିଶାରେ ଭାଜପା ସରକାର ଗଢ଼ିଲେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିବ। ଏଥିରେ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯିବ, ଯାହାକୁ ଫେରସ୍ତ ନକରି ମହିଳାମାନେ ଦୁଇ ବର୍ଷ ମଧ୍ୟରେ ଖର୍ଚ୍ଚ କରିପାରିବେ। ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ବୟସ୍କ, ଦିବ୍ୟାଙ୍ଗ, ବିଧବା ଓ ନିଃସହାୟ ବ୍ୟକ୍ତିଙ୍କୁ ମାସିକ ୩ ହଜାର ଟଙ୍କାର ଭତ୍ତା ପ୍ରଦାନ କରାଯିବ। ୮୦ ପ୍ରତିଶତ ଅକ୍ଷମ ଦିବ୍ୟାଙ୍ଗ ଓ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ। କ୍ଷମତାକୁ ଆସିବାର ଶହେ ଦିନ ମଧ୍ୟରେ ଓଡ଼ିଶାରେ ଦେଶର ସବୁଠୁ ବଡ଼ ସ୍ୱାସ୍ଥ୍ୟବୀମା ଯୋଜନା ଆୟୁଷ୍ମାନ୍ ଭାରତକୁ କାର୍ଯ୍ୟକାରୀ କରାଯିବ। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବ। ଗ୍ରାମପଞ୍ଚାୟତ ଓ ଜିଲା ସଦର ମହକୁମାକୁ ରାଜଧାନୀ ସହ ଯୋଡ଼ିବା ଲକ୍ଷ୍ୟରେ ୭୫ ହଜାର କିଲୋମିଟର ଗ୍ରାମ୍ୟ ଓ ଜାତୀୟ ରାଜପଥ ନିର୍ମାଣ କରାଯିବ। ୨୦୨୯ ସୁଦ୍ଧା ୩ ଲକ୍ଷ ୫୦ ହଜାର ଯୁବତୀ ଓ ଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ କହିଥିଲେ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ ଲକ୍ଷ ଘର ନିର୍ମାଣ କରାଯିବ, ଜଳ ଜୀବନ ମିଶନରେ ୪୦ ହଜାର ସର୍ବସାଧାରଣ ସ୍ଥାନ ଓ ୨୬ ଲକ୍ଷ ଗୃହକର୍ତ୍ତାଙ୍କୁ ଜଳ ଯୋଗାଣ କରାଯିବ, ଅଣସଂଗଠିତ ଶ୍ରମିକଙ୍କୁ ୫ ଲକ୍ଷ ଟଙ୍କାର ବୀମା ପ୍ରଦାନ, ବିଦ୍ୟାଳୟରେ ଡ୍ରପଆଉଟ୍ ରୋକିବାକୁ ଜନଜାତି ଛାତ୍ରୀଛାତ୍ରଙ୍କୁ ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ, ମିଶନ ସ୍ୱାସ୍ଥ୍ୟ ଓଡ଼ିଶା ଯୋଜନା ମାଧ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୬ ହଜାର ନୂତନ ଶଯ୍ୟା ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ଜିଲାରେ ଗୋଟିଏ ନର୍ସିଂ କଲେଜ, ମେଡିକାଲ କଲେଜ ତଥା ଗୋଟିଏ ଲେଖାଏଁ ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଗ୍ୟାରେଣ୍ଟି ଦେଇଥିଲେ ଧର୍ମେନ୍ଦ୍ର ପ୍ରଧାନ। ଖବରଦାତା ସମ୍ମିଳନୀରେ ସମ୍ବଲପୁର ବିଧାନସଭା ଆସନ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ପ୍ରାର୍ଥୀ ନାଉରୀ ନାଏକ, ଜିଲା ସଭାପତି ଗିରୀଶ ପଟେଲ, ବରିଷ୍ଠ ନେତା ପ୍ରମୋଦ ରଥ, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଗଣମାଧ୍ୟମ ସଂଯୋଜକ ସଂଜୟ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ପ୍ରଣବଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

## ବିଜେଡି ଦେଖାଇଲା ଯୁକ୍ତ ୨ ବିଜ୍ଞାନ ପ୍ରମାଣପତ୍ର

ସମ୍ବଲପୁର, ୭।୫ (ପ୍ରମୋଦ ବହିଦାର)



ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ।



ଖବରଦାତା ସମ୍ମିଳନୀରେ ବିଜେଡି ନେତା ଡ.ଲେନିନ୍ ମହାନ୍ତି ସୂଚନା ଦେଉଛନ୍ତି।

ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଦଳର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପ୍ରଶ୍ନ ଉଠାଇଛି ଭାଜପା। ନାମାଙ୍କନ ସତ୍ୟପାଠରେ ପ୍ରଣବ ଉଲ୍ଲେଖ କରିଥିବା ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ତଥ୍ୟ ଭୁଲ୍। ତେଣୁ ତାଙ୍କ ନାମାଙ୍କନକୁ ରଦ୍ଦ କରିବା ପାଇଁ ମଙ୍ଗଳବାର ଭାଜପା ପକ୍ଷରୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିକଟରେ ବିଧିବଦ୍ଧଭାବେ ଅଭିଯୋଗ କରାଯାଇଛି। ଭାଜପାର ନିର୍ବାଚନ ଏଜେଣ୍ଟ ଆଇନଜୀବୀ ପ୍ରଦୀପ ବହିଦାର ବିଜେଡି ଲୋକ ସଭା ପ୍ରାର୍ଥୀ ପ୍ରଣବ ୩ଟି ଗ୍ରାଉଣ୍ଡରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

ସେହିପରି ଭାଜପା ନେତା ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ସମ୍ବଲପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ପ୍ରସଙ୍ଗରେ ତୁଳନାତ୍ମକ ତଥ୍ୟ ଦେଇ ବିଜେଡିକୁ ଘେରିବାକୁ ଚେଷ୍ଟା କରିଛନ୍ତି। ପ୍ରଣବଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ତଥ୍ୟ ୨୦୦୯ ନିର୍ବାଚନ ସମୟରେ ଯୁକ୍ତ ୨ କଳା ପାସ୍ ବୋଲି ସତ୍ୟପାଠରେ ଉଲ୍ଲେଖ ଥିବା ବେଳେ ୨୦୨୪ରେ ସେ ଯୁକ୍ତ ୨ ବିଜ୍ଞାନରେ ପାସ୍ କରିଥିବା ସେ ଦର୍ଶାଇଛନ୍ତି। ସେହିପରି ପ୍ରଣବ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଦେଇନାହାନ୍ତି। ବିଧାୟକ ଭାବେ ଦରମା ଓ ଅନ୍ୟାନ୍ୟ ଭତ୍ତା ପାଉଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସେ ନିଜର ଆୟ ଶୂନ୍ୟ ବୋଲି ଦର୍ଶାଇଥିବା ନେଇ ଆଇନଜୀବୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ସତ୍ୟପାଠରେ ୫ ବର୍ଷର ଆୟ ବଦଳରେ ୪ବର୍ଷର ଦର୍ଶାଇ ଗୋଟିଏ ବର୍ଷର ଆୟ ଲୁଚାଇଥିବା ସେ କହିଛନ୍ତି। ଏହି ଆଧାରରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ଅନେକ ନିର୍ବାଚିତ ବିଧାୟକ ଓ ଏମ୍‌ପିଙ୍କ ନିର୍ବାଚନକୁ ଖାରଜ କରିଛନ୍ତି। ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପରି ସଂସ୍କୃତିସମ୍ପନ୍ନ ମାଟିରେ ନିଜର ଶିକ୍ଷାଗତ ଯୋଗ୍ୟତା ଓ ଆୟକୁ ଲୁଚାଇବା ଘଟଣା ସମ୍ବଲପୁରବାସୀଙ୍କ ପ୍ରତି ଅପମାନ ବୋଲି ଆଚାର୍ଯ୍ୟ କହିଛନ୍ତି।

ପୀତାମ୍ବର ଆଚାର୍ଯ୍ୟଙ୍କ ଅଭିଯୋଗର ପ୍ରତିକ୍ରିୟା ରଖିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି। ପ୍ରଣବଙ୍କ ସାର୍ଟିଫିକେଟ ଏବଂ ଜିରୋ ଆଇଟି ରିଟର୍ନ ସମ୍ପର୍କରେ ତଥ୍ୟ ରଖି ପୀତାମ୍ବର ଦେଖାଇଥିବା ପ୍ରଣବଙ୍କ ସାର୍ଟିଫିକେଟ ଟାମ୍ପରିଂ ହୋଇଥିବା ଡ. ମହାନ୍ତି କହିଛନ୍ତି। ୧୯୯୧ରେ ପ୍ରଣବ ପ୍ରକାଶ ଯୁକ୍ତ ୨ ବିଜ୍ଞାନରେ ପାସ୍ ହୋଇଥିବା ସାର୍ଟିଫିକେଟ ଦେଖାଇଥିଲେ ଲେନିନ୍। ପ୍ରଣବ କୋଭିଡ୍ ସମୟରେ ସବୁ ରୋଜଗାର ସିଏମ୍ ଫଣ୍ଡକୁ ଦେଇଛନ୍ତି। ସେଥିପାଇଁ ତାଙ୍କର ଆଇଟି ରିଟର୍ନ ଜିରୋ ହୋଇଛି ବୋଲି ଲେନିନ୍ କହିଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ଭାଜପାରୁ ବହିଷ୍କୃତ ହେଲେ ୧୨ ନେତା

ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)

ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ବହୁ ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ସେମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାଧନା ପାଣ୍ଡେ, ବୀରମିତ୍ରପୁରର ପୂର୍ବତନ କାଉନସିଲର ମହାଗଡ଼ଦେବୀ କୋଇଲି ଭଗତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ବୀରମହାରାଜପୁରର ଆଶ୍ରୟ ମହାନନ୍ଦ, ଫୁଲବାଣୀର ଟିକେଶ୍ୱର କହଁର, କନ୍ଧମାଳର ସୁଧାଂଶୁ ଡାଙ୍ଗ, ଦଶପଲ୍ଲାର ରବୀନ୍ଦ୍ରନାଥ ସେଠୀ, ନୟାଗଡ଼ ଜିଲା ଉପସଭାପତି ଇନ୍ଦୁମତି ନାୟକ, ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ, ମନୋଜ ପଟ୍ଟନାୟକ, କୋରାପୁଟ ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଭାଗୀରଥି ପାଟଣିଆ ଏବଂ କୋ-ଅପରେଟିଭ ସେଲ୍ ସଂଯୋଜକ କର୍ପୂର ହନ୍ତାଳଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଏନେଇ ଦଳର ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ପିପିଲିରେ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଭରିଲେ ରୁଦ୍ରଙ୍କ ସ୍ତ୍ରୀ

ପିପିଲି,୭।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କ ସ୍ତ୍ରୀ ଜାଗୃତି ପଣ୍ଡା ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିବା ପରେ ତାହାକୁ ନେଇ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ରୁଦ୍ରପ୍ରତାପ ତାଙ୍କ ସ୍ତ୍ରୀଙ୍କୁ ଡମି କ୍ୟାଣ୍ଡିଡେଟ ଭାବେ ସ୍ୱାଧୀନରେ ନାମାଙ୍କନ ଭରିଥିବା କୁହାଯାଉଛି। ତେବେ ବାସ୍ତବ କଥା କ'ଣ ତାହା ଚୂଡ଼ାନ୍ତ ପ୍ରାର୍ଥୀପତ୍ର ଘୋଷଣା ପରେ ଜଣାପଡ଼ିବ।

ପ୍ରକାଶ ଯେ, ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ଅନୁଷ୍ଠିତ ଉପ ନିର୍ବାଚନରେ ପୁଅ ରୁଦ୍ରପ୍ରତାପ ବିଜେଡି ଟିକେଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କେତେକଙ୍କ କହିବା ଅନୁଯାୟୀ ୨୦୨୪ ନିର୍ବାଚନରେ ରୁଦ୍ରପ୍ରତାପଙ୍କ ସ୍ତ୍ରୀ ଜାଗୃତି ପ୍ରାର୍ଥୀ ହେବାକୁ ଆଶା ରଖିଥିଲେ। ହେଲେ ଦଳ ରୁଦ୍ରପ୍ରତାପଙ୍କୁ ପୁଣି ଟିକେଟ ଦେବାରୁ ଜାଗୃତି ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଛନ୍ତି। ଯଦି ଉଭୟଙ୍କ ମଧ୍ୟରେ ଲଢ଼େଇ ହୁଏ, ତେବେ ବିରୋଧୀ ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀଙ୍କୁ ଫାଇଦା ମିଳିପାରେ ବୋଲି କୁହାଯାଉଛି। ତେଣୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ହିଁ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ହେବ।



କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମଙ୍ଗଳବାର ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ କଣମଣାର ପୂର୍ବତନ ସରପଞ୍ଚ ବିଜୟଲକ୍ଷ୍ମୀ ବେହେରାଙ୍କ ଘରେ ଭୋଜନ କରୁଛନ୍ତି।

# କଂଗ୍ରେସ ଛାଡ଼ିଲେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ

## ଶ୍ରୀକାନ୍ତ ଜେନାଙ୍କ ନାଁରେ ଆଣିଲେ ଦୁର୍ବ୍ୟବହାର ଅଭିଯୋଗ

ନୀଳଗିରି,୭।୫(ପ୍ରଶାନ୍ତ ବିଶ୍ୱାଳ)



ଖବରଦାତା ସମ୍ମିଳନୀରେ ଚିତ୍ତରଞ୍ଜନ ଷଡ଼ଙ୍ଗୀ।

ବଲେଶ୍ୱର ଜିଲା ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ କଂଗ୍ରେସ ଛାଡିଛନ୍ତି। ଶ୍ରୀକାନ୍ତ ଜେନାଙ୍କ ନାଁରେ ଦୁର୍ବ୍ୟବହାର ଅଭିଯୋଗ ଆଣିବା ସହ ବାଲେଶ୍ୱରର ଏମ୍‌ପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ସେ ଘୋଷଣା କରିଛନ୍ତି।

ମଙ୍ଗଳବାର କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଚିତ୍ତରଞ୍ଜନ ଇସ୍ତଫା ଦେଇଥିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଏଆଇସିସି ସଭାପତି ନୂଆଦିଲ୍ଲୀ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ବାଲେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ଶ୍ରୀକାନ୍ତ ଜେନା ସର୍ବସମ୍ମୁଖରେ ତାଙ୍କୁ ଦୁର୍ବ୍ୟବହାର କରିବା ଓ ନୀଳଗିରି ବିଧାନସଭା ଟିକେଟ ଚୟନରେ ଅନିୟମିତତା କରିଥିବା ନେଇ ସେ ମର୍ମାହତ ହୋଇ ଦଳ ଛାଡ଼ିଥିବା ସୂଚନା ଦେଇଛନ୍ତି। ଷଡଙ୍ଗୀ ଛାତ୍ର ଜୀବନରୁ ରାଜନୀତିକୁ ଆସି ସ୍ୱାଧୀନ ପ୍ରାର୍ଥୀ ଭାବେ ୧୯୯୦ ମସିହାରେ ନୀଳଗିରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ଦଳର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ନୀଳଗିରି ନିର୍ବାଚନମଣ୍ଡଳୀରେ କାର୍ଯ୍ୟ କରିଆସୁଥିଲେ। ଚଳିତ ନିର୍ବାଚନରେ ସେ କଂଗ୍ରେସ ଦଳର ନୀଳଗିରି ବିଧାନସଭା ଟିକେଟ ପାଇବା ଲାଗି ଆଶା ରଖିଥିବା ବେଳେ ଏମ୍‌ପି ପ୍ରାର୍ଥୀଙ୍କର ତାଙ୍କ ପ୍ରତି ଏପରି ମନୋଭାବକୁ ସେ ନାପସନ୍ଦ କରି ଦଳ ଛାଡ଼ିଛନ୍ତି। ତେବେ ଶ୍ରୀକାନ୍ତଙ୍କୁ ଚ୍ୟାଲେଞ୍ଜ ଦେଇ ସେ କହିଛନ୍ତି ନିର୍ବାଚନରେ ସେ ବାଲେଶ୍ୱର ଲୋକସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ଏବଂ ନୀଳଗିରିରୁ ତାଙ୍କଠାରୁ ଅଧିକ ଭୋଟ ପାଇବେ।

# ଭାଜପାରୁ ଆଲେକ୍‌ଜାଣ୍ଡରଙ୍କ ଇସ୍ତଫା

ଯାଜପୁରରୋଡ୍,୭।୫ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲା ଭାଜପାର ପୂର୍ବତନ ଜିଲା ଯୁବ ମୋର୍ଚ୍ଚା ସଭାପତି ତଥା କୋରେଇ ନିର୍ବାଚନମଣ୍ଡଳୀର ନେତା ଇଂ. ଆଲେକଜାଣ୍ଡର ଦାସ ମଙ୍ଗଳବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରକୁ ଦଳ ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। କୋରେଇରୁ ବିଧାୟକ ପ୍ରାର୍ଥୀ କରିବାକୁ ଭାଜପା ରାଜ୍ୟ ଓ ଜିଲା ସଭାପତି ତାଙ୍କୁ କଥା ଦେଇ ଶେଷ ସମୟରେ ନିରାଶ କରିଥିବା ଦାସ କହିବା ସହ ଦଳୀୟ ନେତୃତ୍ୱ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଦଳ ପାଇଁ କରିଥିବା ଦୀର୍ଘ ବର୍ଷର ପରିଶ୍ରମ ବ୍ୟର୍ଥ ହୋଇଛି, ଯାହା ତାଙ୍କୁ ଏବଂ ତାଙ୍କ ସମର୍ଥକଙ୍କୁ ନିରାଶ କରିଛି। ଏଣୁ ଦଳୀୟ କର୍ମୀଙ୍କ ସହ ଆଲୋଚନା କରି ସେ ଭାଜପା ଦଳରୁ ଇସ୍ତଫା ଦେଇଥିବା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ବୁଧବାର ସେ ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ମିଶିବା ନେଇ ସୂଚନା ମିଳିଛି।

# ସିଇଓଙ୍କୁ ଫେରାଦ ହେଲା ବିଜେଡି

## ବିଜେଡି ପ୍ରଚାର ଗାଡ଼ିକୁ ଭାଜପା ଅଟକାଇବା ପ୍ରସଙ୍ଗ

ଭୁବନେଶ୍ୱର,୭।୫(ଅନିଲ ଦାସ)

ବିଜେଡି ପ୍ରଚାର ଗାଡ଼ିକୁ ଭାଜପା ପ୍ରାର୍ଥୀଙ୍କ ସମର୍ଥକ ଅଟକାଇ ଧମକାଇବାକୁ ନେଇ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଳନ୍ଥରାଠାରେ ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କ ପ୍ରଚାର ଗାଡ଼ିକୁ ଭାଜପା ବିଧାନସଭା ପ୍ରାର୍ଥୀ ବିଭୂତି ଭୂଷଣ ଜେନାଙ୍କ ବାଇକ ରାଲିରେ ଆସୁଥିବା ସମର୍ଥକ ଓ କର୍ମୀ ଅଟକାଇଥିଲେ। ବିଜେଡି ପ୍ରଚାର ଗାଡିରେ ଥିବା ପୋଷ୍ଟର ଓ ବ୍ୟାନର ଚିରିବା ସହ ଗାଡିର ଡ୍ରାଇଭରଙ୍କୁ ଧମକାଇଥିଲେ। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଏ ନେଇ ସିଇଓଙ୍କ ନିକଟରେ ଅଭିଯୋଗ କରିଛି। ଭାଜପା କର୍ମୀ ଓ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି।

ସେହିପରି ରାଉରକେଲାରେ କୋଏଲନଗର ଭାଜପା ମଣ୍ଡଳ ସଭାପତି ସପ୍ତେଶ୍ୱର ପାତ୍ର, ଜଗବନ୍ଧୁ ସାହୁ ଏବଂ ଅନ୍ୟ କେତେଜଣ ବ୍ୟକ୍ତି ସ୍ଥାନୀୟ ବିଶ୍ୱକର୍ମା ବସ୍ତିରେ ଟଙ୍କା ବାଣ୍ଟୁଥିବା ନେଇ ବିଜେଡି ଅଭିଯୋଗ କରିଛି। ଏହା ନିର୍ବାଚନ ଆଚରଣବିଧିର ଘୋର ଉଲ୍ଲଂଘନ। ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି।

# ଉତ୍ତର ନ ଦେଇ କେବଳ ମିଥ୍ୟା ଭାଷଣ ଦେଲେ ପ୍ରଧାନମନ୍ତ୍ରୀ: କଂଗ୍ରେସ

ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଯେଉଁସବୁ ମିଥ୍ୟା ଭାଷଣ ଉପସ୍ଥାପନକଲେ ତାକୁ ଓଡ଼ିଶାର ସାଢ଼େ ୪ କୋଟି ଜନତା କେବେହେଲେ ଗ୍ରହଣ କରିବେ ନାହିଁ। ଗତ ୧୦ ବର୍ଷ ଧରି କେନ୍ଦ୍ରରେ ସରକାର ଥିବା ସତ୍ତ୍ୱେ ମୋଦି ସରକାର ରାଜ୍ୟର ଯୁବକ, ମହିଳା, ଶ୍ରମିକ, କୃଷକ ସମସ୍ତ ବର୍ଗଙ୍କ ପ୍ରତି ଅନ୍ୟାୟ କରିଛନ୍ତି। କଂଗ୍ରେସ ସରକାର ସମୟରେ ଆରମ୍ଭ ହୋଇଥିବା କେବିକେ ଯୋଜନା କାହିଁକି ବନ୍ଦ ହେଲା। କେନ୍ଦ୍ରରେ ଉପା ସରକାର ଥିବା ସମୟରେ ଯୋଜନାଗୁଡ଼ିକ ୯୦:୧୦ ଅନୁପାତରେ ଆସୁଥିଲା। କିନ୍ତୁ ବର୍ତ୍ତମାନ ୬୦:୪୦ ଅନୁପାତରେ ଆସୁଛି। ଏହି ପାତରଅନ୍ତର ନୀତି କାହା ସ୍ୱାର୍ଥରେ ହେଲା ପ୍ରଧାନମନ୍ତ୍ରୀ ଉତ୍ତର ନ ଦେଇ କେବଳ ତୁହାକୁ ତୁହା ମିଥ୍ୟା ଭାଷଣ ଦେଲେ କ'ଣ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ ଓଡ଼ିଶା ପାଇଁ ଆରମ୍ଭ ହୋଇଥିବା ୩୩ ଗୋଟି ଯୋଜନାରୁ ୮ଟି ବନ୍ଦ କାହିଁକି ହେଲା। ଏହି ଯୋଜନା ମଧ୍ୟରେ ୨ଟି ଯୋଜନା ଅନ୍ନଦାତାଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରଶ୍ନ ଉଠୁଛି ମୋଦିଙ୍କ ସରକାର ଆସିବା ପରେ ରାଜ୍ୟ ପୁନର୍ଗଠନ ହେଲା। କିନ୍ତୁ ଖରସୁଆଁ, ଷଢ଼େଇକଳା ଇତ୍ୟାଦି ଅଞ୍ଚଳ ଓଡ଼ିଶାକୁ କାହିଁକି ଫେରିଲା ନାହିଁ। ଛତିଶଗଡ଼ରେ ଭାଜପା ସରକାର ଥିବା ସମୟରେ ଓଡ଼ିଶାର ପାଣି ଅଟକିଲା। ଏସବୁର ଉତ୍ତର ମୋଦିଙ୍କ ପାଖରେ ନ ଥିଲା। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କଥା ମୋଦି କହିବା ହାସ୍ୟାସ୍ପଦ। କାରଣ ରାଜ୍ୟରେ ଉଭୟ ଭାଜପା ଓ ବିଜେଡି ପ୍ରଥମ ୯ ବର୍ଷ ଘୋଷିତ ଏହାପରେ ୧୫ ବର୍ଷ ଧରି ଅଘୋଷିତ ମେଣ୍ଟ ସରକାର ଚାଲିଛି। ବିଜେଡି ନେତାମାନେ ଏବେ ଜଗିରଖି ମତ ରଖୁଛନ୍ତି। କେନ୍ଦ୍ରୀୟ ଅବହେଳା ଓ ଶୋଷଣ ବିଷୟରେ ଏମାନେ ସମ୍ପୂର୍ଣ୍ଣ ନୀରବ। ଉଭୟ ଦଳର ଏହି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓଡ଼ିଶାର ଅସ୍ମିତା ଓ ବିକାଶ ପାଇଁ ବିପଦ ବୋଲି ପଞ୍ଚାନନ କହିଛନ୍ତି।

# ବିଧାୟକ ପ୍ରାର୍ଥୀଙ୍କ ଫଟୋରେ ଜୋତାମାଳ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ପାଟଣା (ବୀର କିଶୋର ଦାଶ),୭।୫

କେନ୍ଦୁଝର ଜିଲା ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାୟକଙ୍କ ଫଟୋରେ କେହି ଜୋତାମାଳ ଝୁଲାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ତାଙ୍କ ବିରୋଧରେ କେତେଜଣ ଅସନ୍ତୁଷ୍ଟ ନେତା ଓ କର୍ମୀ ସ୍ଲୋଗାନ ଦେବା ସହ ଭୋଟ ନ ଦେବା ପାଇଁ ଶପଥ ନେଉଥିବା ଭିଡିଓ ଭାଇରାଲ ହୋଇଥିଲା। ଏବେ ତାଙ୍କ ପୋଷ୍ଟରରେ ଜୋତାମାଳ ଝୁଲିବା ଚିନ୍ତାର ବିଷୟ ହୋଇଛି। ଜୋତାମାଳ କେଉଁ ଅଞ୍ଚଳରେ ଲାଗିଛି ଜଣା ପଡିନାହିଁ। ମାତ୍ର ଫଟୋ ଭାଇରାଲ ହେବା ପରେ ଏହାକୁ ଅନେକ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ଅନ୍ୟ ନିର୍ବାଚନ ମଣ୍ଡଳୀରେ ସବୁ ଠିକ୍ ଚାଲିଥିବା ବେଳେ ପାଟଣାରେ ନିର୍ବାଚନ ପୂର୍ବରୁ ଏଭଳି ଘଟଣା ଦଳୀୟ ନେତାଙ୍କ ଚିନ୍ତା ବଢ଼ାଇ ଦେଇଛି। ତେବେ ଏହା ଏକ ଷଡ଼ଯନ୍ତ୍ର। ଯେତେ ବଦନାମ କଲେ ମଧ୍ୟ ବିରୋଧୀ କେବେ ସଫଳ ହୋଇପାରିବେ ନାହିଁ ବୋଲି ଜଗନ୍ନାଥଙ୍କ ସମର୍ଥକମାନେ କହିଛନ୍ତି।

# ବିଜେଡିରେ କୋରେଇର ଭାଜପା ନେତା ବିଶ୍ୱଜିତ, କେନ୍ଦ୍ରାପଡ଼ାର ଅମ୍ବିକା

ଭୁବନେଶ୍ୱର,୭।୫(ଅନିଲ ଦାସ)



କେନ୍ଦ୍ରାପଡ଼ାର ଭାଜପା ନେତା ଅମ୍ବିକା ପ୍ରସାଦ ପରିଡ଼ାଙ୍କୁ ଶଙ୍ଖ ଭବନରେ ବିଜେଡି କର୍ମକର୍ତ୍ତାମାନେ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରୁଛନ୍ତି।

ଯାଜପୁର ଜିଲା ଅନ୍ତର୍ଗତ କୋରେଇ ନିର୍ବାଚନମଣ୍ଡଳୀର ୨୦୧୪ ସାଧାରଣ ନିର୍ବାଚନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଏବଂ ୨୦୧୯ ସାଧାରଣ ନିର୍ବାଚନର ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକଙ୍କ ସହ ଶତାଧିକ ଭାଜପା କର୍ମୀ ମଙ୍ଗଳବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ସେ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ କୋରେଇ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ କହିଛନ୍ତି। ଏହି ମିଶ୍ରଣ ପର୍ବରେ ବିକ୍ରମ ବିଶ୍ୱାଳ, ପ୍ରମୋଦ ନାୟକ, ରବୀନ୍ଦ୍ର ବେହେରା, ବିକ୍ରମ ରାଜ, ଗୌରାଙ୍ଗ ମଲିକ, ଘବିନା ଦଲେଇ, ହେମନ୍ତ ସେଠୀ, କ୍ଷୀରୋଦ ଦାଶଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ନେତା ଅମ୍ବିକା ପ୍ରସାଦ ପରିଡ଼ାଙ୍କ ସହ ଶତାଧିକ ଭାଜପା କର୍ମୀ ମଧ୍ୟ ଶଙ୍ଖଭବନଠାରେ ପୂର୍ବତନ ମନ୍ତ୍ରୀ, ମାହାଙ୍ଗା ବିଧାୟକ ତଥା କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ୨୦୨୪ ସାଧାରଣ ନିର୍ବାଚନର କେନ୍ଦ୍ରାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଓ ରାଜ୍ୟ ସଭା ସଦସ୍ୟ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ଅମ୍ବିକା ଓ ଭାଜପା କର୍ମୀଙ୍କୁ ବିଜେଡି ନେତା ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଉକ୍ତ ଦଳୀୟ ନେତା କହିଛନ୍ତି। ଏହି ମିଶ୍ରଣ ପର୍ବରେ ଦିଲୀପ ଦାଶ, ପ୍ରଦୀପ ନାୟକ, ସୁଶାନ୍ତ ପରିଡ଼ା, ନିର୍ମଳ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ମମତାମୟୀ ସାମଲ, ଗୌର ପ୍ରସାଦ ମହାପାତ୍ର, ଦେବେନ୍ଦ୍ର ଜେନା, ଗୌରୀ ଶଙ୍କର ଦାସ, ରଞ୍ଜିତା ସେଠୀ, ଭକ୍ତିପଦ ବେହେରା, ଜିତେନ୍ଦ୍ର ମହାନ୍ତିଙ୍କ ସହ ଶତାଧିକ ଭାଜପା କର୍ମୀ ସାମିଲ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଉଭୟ ନେତା ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବେ। ଦଳରେ ଗ୍ରହଣ କରାଯାଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା


ଗୁନ୍‌ଗୁନ୍
ପରିବାରବର୍ଗ

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଆସିକା,୭।୫ (ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ମହାରାଜପୁର ଗ୍ରାମ ଉପକଣ୍ଠରେ ଥିବା କାଜୁତୋଟାରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଜବତ କରାଯାଇଛି। ସେ ହେଲେ ମହାରାଜପୁର ଗ୍ରାମର ପି. ପହଲ୍ଲାଦ ପାତ୍ର (୪୨)। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟିଲା ତାହା ସ୍ପଷ୍ଟ ହୋଇନାହିଁ।

# ତିରୁପତି ମନ୍ଦିରରେ ବିବାହକୁ ଜାହ୍ନବୀଙ୍କ ଖଣ୍ଡନ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଅନେକ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଛନ୍ତି। ସେ ଗତ କିଛି ଦିନ ଧରି ତାଙ୍କ ପ୍ରେମିକ ଶିଖର ପହରିୟାଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଉଭୟ ବିଭିନ୍ନ ପାର୍ଟି ଓ ଇଭେଣ୍ଟରେ ଏକାଠି ଯୋଗ ଦେଉଥିବାର ଅନେକବାର ନଜର ଆସିଛନ୍ତି। ତେବେ ନିକଟରେ ଜାହ୍ନବୀଙ୍କୁ ନେଇ ଏକ ଗୁଜବ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେ ତିରୁପତି ମନ୍ଦିରରେ ପ୍ରେମିକ ଶିଖରଙ୍କୁ ବିବାହ କରିବାକୁ ଚାହୁଁଥିବା ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏହି ସମସ୍ତ ରିପୋର୍ଟକୁ ଭିତ୍ତିହୀନ କହି ଜାହ୍ନବୀ ଖଣ୍ଡନ କରିଛନ୍ତି।

ବିଭିନ୍ନ ବଲିଉଡ୍ ଅପଡେଟ୍ ଦେଉଥିବା ଏକ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଏକ ପୋଷ୍ଟ ଶେୟାର କରାଯାଇଥିଲା, ଯେଉଁଥିରେ ଜାହ୍ନବୀ ଓ ଶିଖରଙ୍କ ଫଟୋ ରହିଥିଲା। ଆନ୍ଧ୍ରପ୍ରଦେଶର ତିରୁପତି ବାଲାଜୀ ମନ୍ଦିରରେ ଶିଖରଙ୍କୁ ଜାହ୍ନବୀ ବିବାହ କରିବାକୁ ଚାହୁଁଛନ୍ତି ବୋଲି ଏହି ପୋଷ୍ଟରେ ଦର୍ଶାଯାଇଥିଲା। ତେବେ ଜାହ୍ନବୀ ଏହି ପୋଷ୍ଟକୁ ନେଇ ରିଆକ୍ଟ କରିଛନ୍ତି। ସେ ଏହି ପୋଷ୍ଟର କମେଣ୍ଟ ସେକ୍ସନକୁ ଯାଇ ‘କୁଛ ଭି’ କମେଣ୍ଟ କରିଛନ୍ତି। ଜାହ୍ନବୀଙ୍କ କମେଣ୍ଟ ପରେ ସୋସିଆଲ ମିଡିଆରେ ଏହି ପୋଷ୍ଟ ଏବେ ଭାଇରାଲ ହେବାରେ ଲାଗିଛି। ତେବେ ସେ ଅନେକ ଥର ତିରୁପତି ଯାଇଛନ୍ତି ଏବଂ ସେଠାରେ ବିବାହ କରିବାକୁ ଚାହୁଁଛନ୍ତି ବୋଲି ଜାହ୍ନବୀ ପୂର୍ବରୁ ଏକ ଗଣମାଧ୍ୟମରେ ସାକ୍ଷାତ୍‌କାର ଦେଇ କହିଥିଲେ। ସେ ଗ୍ରାଣ୍ଡ ୱେଡିଂକୁ ପସନ୍ଦ କରୁ ନ ଥିବା ଏହି ସାକ୍ଷାତ୍‌କାରରେ କହିଥିଲେ।

ଶେଷଥର ପାଇଁ ଜାହ୍ନବୀ ଗତବର୍ଷ ରିଲିଜ୍ ହୋଇଥିବା ‘ବୱାଲ’ ଚଳଚ୍ଚିତ୍ରରେ ନଜର ଆସିଥିଲେ। ଏଥିରେ ସେ ବରୁଣ ଧାୱନଙ୍କ ସହ ମୁଖ୍ୟ ଭୂମିକାରେ ରହିଥିଲେ। ଆଗାମୀ ଦିନରେ ସେ ଶରନ୍ ଶର୍ମାଙ୍କ ନିର୍ଦ୍ଦେଶିତ ‘ମିଷ୍ଟର ଆଣ୍ଡ ମିସେଜ୍ ମାହୀ’ ଫିଲ୍ମରେ ରାଜକୁମାର ରାଓଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ଆସନ୍ତା ୩୧ରେ ମୁକ୍ତିଲାଭ କରିବ।

# Classified Everyday

**0674-2580101, 2549949**



## MATRIMONIAL

### BRIDE WANTED

Bride wanted for Odiya Brahmin groom Bhubaneswar based age 38, 5.11”, Doctor (ENT), Divorced. Contact: 7205426354. D-176

Bride wanted. Height between 5’8” to 6 feet. Caste no bar. Mob-9167706177. D-223

### GROOM WANTED

Age-35, Government Job ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ any caste ପୁଅ ଦରକାର। 8658267680. D-250

Wanted well settled Odia groom 35-38yrs. for a beautiful bride M.Tech, Ph.D., caste no bar. 8917585202. D-74319

**Groom wanted for Brahmin, 34yrs, Govt. Gazetted Officer, 79000/-Monthly, own house Bhubaneswar, single daughter. 9438650271.** D-217



## REAL ESTATE

### SALE

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call-9437631769.** D-093

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788.** D-082

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.-1850/-, 950/-, 650/-. 9938016295. D-75952

**Duplex sale at Bhubaneswar @ 57 Lakhs only. Contact: 9777433701.** D-75954

2/3 BHK premium completed flat sale Patia Mainroad side - 9776866520. D-75953

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75735

## PURCHASE

Yellow zone plot at Bhubaneswar near KIIT (Patia) Jagannath Mandir. Gharabari, Road, Baundary, Electri, Finance available- 8984911275. D-240



## CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-083



Kerala body Massage best Therapist, Bhubaneswar. 9337672475. D-210

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

Monalisa massage Club:All types Body massage with hiprofile smart lady rooms service available. 9708545108. D-226

Relax, refresh your body, mind by expert therapist. Contact- 9938843929. D-76118

Newly opened central SPA full-body massage. Trend Therapist. 8456885600. D-75738




2BHK with 2toilets Ground Floor, Parking facility with both side road at Chintamaniswar, Cuttack Road, Bhubaneswar, near to Railway Station for Office cum Residence, Guest House, Godown for light goods. 6370087588. D-227

## AFFIDAVIT

By virtue of the affidavit in the Court of the Executive Magistrate, Talcher on date 26.07.2023 the name of Sanjukta Samal, W/o- 765817-K Ex- Sgt Santosh Kumar Samal was changed to Sanjukta Bishi. Here after all the documents like Aadhaar Card, PAN Card her name will be reflected as Sanjukta Bishi. D-241

By virtue of an affidavit sworn before Executive Magistrate, Nayagarh, dated 26.04.2024 I, Pradeep Kumar Sengupta, Address- At/P.O.- Kendudhipi, Nayagarh-752079 declare that I have changed my daughter’s name from SUMANA SENGUPTA to SSRIMITRA SENGGUPTA. Henceforth, he/she shall be known as SSRIMITRA SENGGUPTA for all purposes.
Pradeep Kumar Sengupta
D-248

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Bargarh on the 7th May 2024, I Durllavi Deheri W/o- Madhei Deheri, At/P.O.- Kuruan, Dist.- Bargarh have changed my name from Durllavi Chhanda to Durlavi Deheri. Henceforth, I shall be known as Durlavi Deheri for all purposes. D-238

By virtue of an affidavit sworn before the Notary Public, Keonjhar, dated 13.03.2024, I, Punit Kumar Solanki, son of Late Mukund Rathor, Village- Magurgadia, P.O.- Keonjhargarh, P.S.-Town, Dist.- Keonjhar, Odisha, declare that I have changed my surname from Punit Kumar Rathor to Punit Kumar Solanki. Henceforth, I shall be known as Punit Kumar Solanki for all purposes.
Sd./-Punit Kumar Solanki
D-247

I, Bibhuti Bhusan Behera, aged about 38 years, S/o- Ankura Charan Behera, At- Duplex No. 18 OM Paradise, Mahadev Nagar, Jharpada, P.S- Laxmisagar, Bhubaneswar, Dist.- Khurda hereby solemnly state and affirm as follows: That I had one Current account in HDFC Bank, Nayapalli Branch, Bhubaneswar in which one cheques book no. 000001 to 000100 was issued to me. That the said cheque book was misplaced somewhere or stolen by somebody with some unused blank cheques signed by me for which I have informed the Bank and accordingly the account was closed. That anybody in possession of the said unused blank cheques has no value at present as the account is closed. That five (5) no. of Rs.10/- judicial stamp paper and Five (5) blank green papers signed and kept with me has been misplaced or stolen by somebody. D-252

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩ ଇଜିଲାସ, ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ,
ଭୁବନେଶ୍ୱର, ଓ.ଏସ୍.ଏସ୍. କେସ୍
ନଂ.-୧୧୬୮/୨୦୧୮

ଏମ୍/ଏସ୍ ହାଇ-ଟେକ୍ ଇଷ୍ଟେଟ୍ ଆଣ୍ଡ ପ୍ରୋମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ....ବାଦୀ
ବନାମ
ଶରତ ଚନ୍ଦ୍ର ନିଶଙ୍କ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫
ରୁଲ୍-୨୦ ମୁତାବକ

୨। ରଙ୍ଗଲତା ନିଶଙ୍କ, ସ୍ୱାମୀ- ସ୍ୱର୍ଗତ ଭିକାରି ନିଶଙ୍କ, ୩। ଭାଗବତ ନିଶଙ୍କ, ପିତା- ଗୋପୀନାଥ ନିଶଙ୍କ, ୪। ଆଶାମଣି ସାମନ୍ତଶିଙ୍ଗାର, ୫। ବାଳାମଣି ମଙ୍ଗରାଜ, ୬। ଲାବଣ୍ୟ ପ୍ରଧାନ, ୭। ସାବନା ସାମନ୍ତରାୟ ପ୍ରତିବାଦୀ ନଂ.-୪ ଠାରୁ ୭ ମାନଙ୍କର ପିତା ସ୍ୱର୍ଗତ ଚକ୍ରଧର ନିଶଙ୍କ,
୮। ଉଦୟନାଥ ନିଶଙ୍କ, ୯। ବ୍ରଜବନ୍ଧୁ ନିଶଙ୍କ ପ୍ରତିବାଦୀ ନଂ. ୮, ୯ଙ୍କର ପିତା ଗୋପୀନାଥ ନିଶଙ୍କ
୧୧। ସୁରେଶ ଚନ୍ଦ୍ର ନିଶଙ୍କ, ୧୨। ଲେଖନ ନିଶଙ୍କ
ପ୍ରତିବାଦୀ ନଂ.୧୧, ୧୨ଙ୍କର ପିତା କମଳ ଲୋଚନ ନିଶଙ୍କ, ସମସ୍ତଙ୍କର ବାସସ୍ଥାନ ସା- ଭାତଖୁରି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।
୧୫। ନବ କୁମାର ପୃଷ୍ଟି, ପିତା- ଜମା ସୁବାରାଓ ପୃଷ୍ଟି, ସା- ପ୍ଲଟ୍ ନଂ.-୩/୩୮୮, ଆଇ ଆର୍. ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ରିଭିଜନ୍ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୩, ୮ ଏବଂ ୯ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.-୨, ୪, ୫, ୬, ୭, ୧୧, ୧୨ ଏବଂ ୧୫ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୩୦।୦୫।୨୪ ଦିବା ୩:୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଭାତଖୁରି, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୨୬୫, ସାବକ ପ୍ଲଟ୍ ନଂ.-୧୦୭୪, ଏରିଆ- ଏ୦.୧୮୫ଡି., ହାଲ୍ ଖାତା ନଂ.- ୪୩୧, ହାଲ୍ ପ୍ଲଟ୍ ନଂ.-୧୬୮୨, ଏରିଆ- ଏ.୦.୧୮୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-
୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୩୭

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩ ଇଜିଲାସ, ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ,
ଭୁବନେଶ୍ୱର। ଓ.ଏସ୍.ଏସ୍. କେସ୍
ନଂ.-୧୧୫୭/୨୦୧୮

ଏମ୍/ଏସ୍ ରାଜଧାନୀ ସିଷ୍ଟମ ଆଣ୍ଡ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ ....ବାଦୀ
ବନାମ
ମାନସ ପରିଡ଼ା ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫
ରୁଲ୍-୨୦ ମୁତାବକ

୨। ସୁନା ପଣି @ ବେୱା, ସ୍ୱାମୀ- ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଣି, ୩। କମଳା ମେକାପ, ସ୍ୱାମୀ- ଗୁଣନିଧି ମେକାପ, ପିତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଣି ଉଭୟଙ୍କର ବାସସ୍ଥାନ ସା- ଭାତଖୁରି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ରିଭିଜନ୍ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨ ଏବଂ ୩ଙ୍କୁ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୨।୦୭।୨୪ ଦିବା ୦୩:୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଭାତଖୁରି, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୧୭୭, ସାବକ ପ୍ଲଟ୍ ନଂ- ୯୩୬, ଏରିଆ- ଏ.୦.୫୫୦ଡି., ହାଲ୍ ଖାତା ନଂ.- ୫୯୪, ହାଲ୍ ପ୍ଲଟ୍ ନଂ.- ୧୫୩୦, ଏରିଆ- ଏ୦.୫୫୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-
୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୩୬

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩ ଇଜିଲାସ, ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ,
ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍
ନଂ.-୧୧୫୬/୨୦୧୮

ଏମ୍/ଏସ୍ ରାଜଧାନୀ ସିଷ୍ଟମ ଆଣ୍ଡ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ ....ବାଦୀ
ବନାମ
ଅଲେଖ ସାହୁ ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫
ରୁଲ୍-୨୦ ମୁତାବକ

୬। ଲିଙ୍ଗରାଜ ମହାରଥୀ, ପିତା- ଶ୍ୟାମ ସୁନ୍ଦର ମହାରଥୀ, ବାସସ୍ଥାନ ସା- ଭାତଖୁରି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୬ଙ୍କୁ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୨।୦୭।୨୪ ଦିବା ୦୩:୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଭାତଖୁରି, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୩, ସାବକ ପ୍ଲଟ୍ ନଂ.-୧୦୧୪, ଏରିଆ- ଏ.୦.୦୯୦ଡି., ହାଲ୍ ଖାତା ନଂ.- ୩୭, ହାଲ୍ ପ୍ଲଟ୍ ନଂ.- ୧୫୩୮, ଏରିଆ- ଏ୦.୦୯୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-
୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୩୫

# ପ୍ରାଣୀମାନଙ୍କ ଉତ୍ତାପ ଚାପର ଚିକିତ୍ସା



ଡା. ହିମାଂଶୁ ବେହେରା

"ଉତ୍ତାପ ଚାପର ପ୍ରତିରୋଧ ପାଇଁ ପ୍ରଚୁର ପରିମାଣର ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସହ ବାଷ୍ପୀକରଣ ଦ୍ୱାରା କ୍ଷୟ ହେଉଥିବା ପାନୀୟ ଜଳକୁ ଏକ ଛାଇ ଜାଗାରେ ରଖିବା ଉଚିତ। ଗ୍ରୀଷ୍ମଋତୁରେ ପ୍ରାଣୀମାନଙ୍କର ଶାରୀରିକ ବ୍ୟାୟାମ ଯେପରି କି ହଳ ଲଙ୍ଗଳ, ପରିବହନ ଇତ୍ୟାଦିରୁ ନିବୃତ କରିବା ଉଚିତ। ତା' ସହ ନିୟମିତ ବ୍ୟବଧାନରେ ପ୍ରାଣୀମାନଙ୍କୁ ବିଶ୍ରାମ ଦେବା ଉଚିତ। ଦିନ ୧୧ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ହେବା ସହ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ହୋଇଥାଏ। ଏହି ସମୟରେ ପ୍ରାଣୀମାନଙ୍କୁ ବାହାରକୁ ନ ଛାଡ଼ି ଗୁହାଳ କିମ୍ବା ଛାଇ ଜାଗାରେ ବାନ୍ଧି ରଖିବା ଉଚିତ। ଗୁହାଳ ଘରେ ବାୟୁ ଚଳାଚଳର ସୁବ୍ୟବସ୍ଥା କରାଯିବା ଆବଶ୍ୟକ। ପ୍ରାଣୀମାନଙ୍କ ମଧ୍ୟରେ ଯେପରି ଅଧିକ ଗହଳି ନ ହେବ ସେଥିପ୍ରତି ଦୃଷ୍ଟିଦେବା ଦରକାର।"

ମୁଖ୍ୟତଃ ଖରାଦିନେ ପ୍ରାଣୀମାନଙ୍କଠାରେ ଉତ୍ତାପ ଚାପ ସମସ୍ୟା ଦେଖାଦେଇଥାଏ। ଏହାଦ୍ୱାରା ସେମାନଙ୍କର ଶରୀରରେ ତାପମାତ୍ରା ବୃଦ୍ଧି ହୋଇଥାଏ। ଏହାର ପ୍ରଭାବରେ ସ୍ୱାସ୍ଥ୍ୟ, ରୋଗ ପ୍ରତିରୋଧକ ଶକ୍ତି, ପ୍ରଜନନ କ୍ଷମତା ଏବଂ ଉତ୍ପାଦନ ଶକ୍ତି ଗୁରୁତର ଭାବରେ ପ୍ରଭାବିତ ହୋଇଥାଏ।

**ଲକ୍ଷଣ**

ପ୍ରାଣୀଙ୍କଠାରେ ଏଭଳି ସମସ୍ୟା ଦେଖାଦେଲେ ନିମ୍ନଲିଖିତ ଲକ୍ଷଣ ପ୍ରକାଶ ପାଇଥାଏ।

- ହୃତ୍‌ପିଣ୍ଡର ସ୍ପନ୍ଦନ ବୃଦ୍ଧି ହେବା ସହ ଅତ୍ୟଧିକ ଝାଳ ନିର୍ଗତ ହୋଇଥାଏ।
- ନିଃଶ୍ୱାସ, ପ୍ରଶ୍ୱାସରେ ଅସୁବିଧା ହୋଇଥାଏ।
- ପ୍ରାଣୀମାନେ ଧଇଁସଇଁ ହୋଇଥାଆନ୍ତି ଏବଂ ସେମାନଙ୍କ ପାଟିରୁ ଅତ୍ୟଧିକ ଲାଳ ନିର୍ଗତ ହୋଇଥାଏ।
- କିଛି ପ୍ରାଣୀଙ୍କଠାରେ ଝାଡ଼ା, ବାନ୍ତି ଇତ୍ୟାଦି ଲକ୍ଷଣ ନଜରକୁ ଆସିଥାଏ।
- ସେମାନଙ୍କର ଆଚରଣ ବା ଗତିବିଧିରେ ପରିବର୍ତ୍ତନ ହୋଇଥାଏ।
- ଉତ୍ପାଦନରେ (ଯେପରିକି କ୍ଷୀର, ଅଣ୍ଡା) ଆକସ୍ମିକ ପରିବର୍ତ୍ତନ ଦେଖାଦିଏ।
- ପ୍ରାଣୀମାନଙ୍କର ଓଜନ ହଠାତ୍ କମିଯାଏ।
- ସେମାନଙ୍କର ଖାଦ୍ୟ ଖାଇବା ଏବଂ ପାଣି ପିଇବା ପରିମାଣ କମିଯାଏ।
- ଶରୀର ଶୁଷ୍କ ଦେଖାଯାଏ। ଶକ୍ତିହୀନତା, ଦୁର୍ବଳତା, ଆଳସ୍ୟତା ପରିଲକ୍ଷିତ ହୁଏ।
- ସେମାନେ ଠିକ୍ ଭାବରେ ଚାଲିପାରନ୍ତି ନାହିଁ। ଠିଆ ହେବାରେ ମଧ୍ୟ ଅସୁବିଧା ହୋଇଥାଏ।



- ସ୍ନାୟୁଗତ ଲକ୍ଷଣ ଦେଖାଯିବା ସହ ପ୍ରାଣୀ ମୂର୍ଚ୍ଛାବସ୍ଥାକୁ ଚାଲିଯାଆନ୍ତି।

**ଚିକିତ୍ସା**

ପ୍ରାଣୀଙ୍କଠାରେ ଉତ୍ତାପ ଚାପର ଚିକିତ୍ସା ପ୍ରଣାଳୀ ମଧ୍ୟ ରହିଛି।

- ଏହା ପ୍ରଭାବିତ ପ୍ରାଣୀମାନଙ୍କର ଆଭ୍ୟନ୍ତରୀଣ ଅଙ୍ଗକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଥାଏ। ଅତ୍ୟଧିକ ପ୍ରଭାବିତ ପ୍ରାଣୀମାନଙ୍କୁ ଅଂଶୁଘାତ ମଧ୍ୟ ହେବାର ଯଥେଷ୍ଟ ଆଶଙ୍କା ରହିଛି।
- ଏପରି ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଆକ୍ରାନ୍ତ ପ୍ରାଣୀମାନଙ୍କୁ ଯଥାଶୀଘ୍ର ସୂର୍ଯ୍ୟକିରଣରୁ ଛାଇ ସ୍ଥାନକୁ ସ୍ଥାନାନ୍ତର କରାଯିବା ଆବଶ୍ୟକ।
- ପ୍ରଭାବିତ ପ୍ରାଣୀମାନଙ୍କୁ ଆବଶ୍ୟକ ପରିମାଣର ପାନୀୟ ବ୍ୟବସ୍ଥା (Fluid therapy), ଇଲେକ୍ଟ୍ରୋଲାଇଟ୍, ଭିଟାମିନ୍ 'ସି' ଇତ୍ୟାଦି ଦିଆଯାଇଥାଏ।
- କର୍ଟିକୋଷ୍ଟିରୋଏଡ୍ ପ୍ରୟୋଗ କରିବା ଦ୍ୱାରା ହୃତ୍‌ପିଣ୍ଡ ଚାପକୁ ହ୍ରାସ କରାଯାଇପାରିବ।
- ପ୍ରାଣୀମାନେ ପ୍ରାଥମିକ ସଂକ୍ରମଣ ହେବା ପରେ ଦ୍ୱିତୀୟ ସଂକ୍ରମଣରୁ ବଞ୍ଚିବା ପାଇଁ ଆଣ୍ଟିମାଇକ୍ରୋବ୍ରିୟାଲ ଥେରାପି (antimicrobial therapy) ଦିଆଯାଇପାରିବ।
- ଏଥିପାଇଁ ସଦାସର୍ବଦା ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ତୁରନ୍ତ ଯୋଗାଯୋଗ କରିବା ଉଚିତ।

**ଉତ୍ତାପ ଚାପର ପ୍ରତିରୋଧ**

ଏହାର ପ୍ରତିରୋଧ ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ।

- ଉତ୍ତାପ ଚାପର ପ୍ରତିରୋଧ ପାଇଁ ପ୍ରଚୁର ପରିମାଣର ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସହ ବାଷ୍ପୀକରଣ ଦ୍ୱାରା କ୍ଷୟ ହେଉଥିବା ପାନୀୟ ଜଳକୁ ଏକ ଛାଇ ଜାଗାରେ ରଖିବା ଉଚିତ।
- ଗ୍ରୀଷ୍ମଋତୁରେ ପ୍ରାଣୀମାନଙ୍କ ଶାରୀରିକ ବ୍ୟାୟାମ ଯେପରି କି ହଳ ଲଙ୍ଗଳ, ପରିବହନ ଇତ୍ୟାଦିରୁ ନିବୃତ କରିବା ଉଚିତ। ତା'ସହ ନିୟମିତ ବ୍ୟବଧାନରେ ପ୍ରାଣୀମାନଙ୍କୁ ବିଶ୍ରାମ ଦେବା ଉଚିତ।
- ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ହେବା ସହ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ହୋଇଥାଏ। ଏହି ସମୟରେ ପ୍ରାଣୀମାନଙ୍କୁ ବାହାରକୁ ନ ଛାଡି ଗୁହାଳ କିମ୍ବା ଛାଇ ଜାଗାରେ ବାନ୍ଧି ରଖିବା ଉଚିତ।
- ଗୁହାଳ ଘରେ ବାୟୁ ଚଳାଚଳର ସୁବ୍ୟବସ୍ଥା କରାଯିବା ଆବଶ୍ୟକ। ପ୍ରାଣୀମାନଙ୍କ ମଧ୍ୟରେ ଯେପରି ଅଧିକ ଗହଳି ନ ହେବ ସେଥିପ୍ରତି ଦୃଷ୍ଟିଦେବା ଦରକାର।
- ଗୃହପାଳିତ ପ୍ରାଣୀଙ୍କୁ ନିବୁଜ ଗାଡ଼ିରେ ପରିବହନ କରନ୍ତୁ ନାହିଁ। ପରିବହନ ସମୟରେ ପ୍ରାଣୀମାନଙ୍କର ଖାଦ୍ୟପେୟ ହ୍ରାସ ହୋଇଥାଏ। ଚିକିତ୍ସକଙ୍କୁ ପରାମର୍ଶ କରି ଆବଶ୍ୟକ ପରିମାଣର ଭିଟାମିନ୍/ଖଣିଜଲବଣ ଦେବା ଉଚିତ।
- ଗୁହାଳରେ ଟିଣ ଛପର, ଆଜବେଷ୍ଟସ୍ ଥିଲେ ତାଳପତ୍ର ସହ ନଡ଼ା ମଧ୍ୟ ବିଛାଇବା ଦରକାର। ଆବଶ୍ୟକ ପଡ଼ିଲେ ନଡ଼ା ଉପରେ ପାଣି ଛିଞ୍ଚନ୍ତୁ।
- ପ୍ରାଣୀମାନଙ୍କୁ ସକାଳ ସମୟରେ ବାହାରକୁ ଛାଡ଼ିବା ଦ୍ୱାରା ସେମାନଙ୍କ ଶରୀରରେ ଭିଟାମିନ୍ 'ଡି'ର ମାତ୍ରା ଠିକ୍ ରହିଥାଏ। କୁକୁଡ଼ା ଚାଷୀମାନେ ପ୍ରତି ୨-୩ ଘଣ୍ଟା ମଧ୍ୟରେ ସତେଜ ପାନୀୟ ଜଳ ଦେବା ଉଚିତ। ତା' ସହ କୁକୁଡ଼ା ମଳକୁ ନିୟମିତ ବ୍ୟବଧାନରେ ସଫା କରିବା ଦରକାର।
- ସନ୍ତୁଳିତ ଖାଦ୍ୟ, ଯେପରିକି ସବୁଜ ଘାସ, ନଡ଼ା ଏବଂ ପୁଷ୍ଟିକର ଖାଦ୍ୟ ଦେବା ଉଚିତ। ତାପଜ ଆର୍ଦ୍ରତା ସୂଚକ ଯନ୍ତ୍ର ମଧ୍ୟ ବ୍ୟବହାର କରାଯାଇପାରିବ। ଏହାଦ୍ୱାରା ଉତ୍ତାପ ଚାପ ବା ଅଂଶୁଘାତର ଆଶଙ୍କାକୁ କମ୍ କରାଯାଇପାରିବ।

-ସହକାରୀ ପ୍ରାଧ୍ୟାପକ,ପ୍ରାଣୀ ପ୍ରଜନନ ଓ ପ୍ରସୂତୀ ବିଭାଗ,
ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ, ଓୟୁଏଟି,
ଭୁବନେଶ୍ୱର
ମୋ : ୮୯୦୮୨୬୨୦୯୦

## ଭେଣ୍ଡି ବିହନ ଲଗାଇବା ସମୟରେ...



**ଭେଣ୍ଡି** ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ ।

## ଡାଲିଜାତୀୟ ଫସଲରେ ଜଳସେଚନ



**ଖରାଟିଆ** ଡାଲିଜାତୀୟ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ। ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

## ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଦମନ



**ଡାଲୁ**ଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।

## ଅଳ୍ପରେ...



**ମାଛଚାଷ :** ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତିଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆକୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ।

**କୁକୁଡ଼ା ଓ ବତକ ପାଳନ :** କୁକୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରା ତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା



ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ। ଦୁଇ ମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପଶୁଡାକ୍ତରଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।

**ମହୁଚାଷ :** ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



**ଛତୁଚାଷ :** ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ।

## ମୂଳି ଆଖୁର ଯତ୍ନ



**ଆଖୁ** ଗଛକୁ ଏକ ଧାରୁଆ କତୁରିରେ ଭୂମି ପତ୍ତନ ସହ ସମାନକରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଖରାଦିନେ ପରିବାଚାଷ

**ସ**ମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ।





## ଚାଷୀଙ୍କ ପାଇଁ

- ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।
- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।
- ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।
- ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛିଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୮/୨୦୨୪ Bhubaneswar, Wednesday, May 8/ 2024

## ବୁମ୍‌ରାଙ୍କୁ ବିଶ୍ରାମ ଯୋଜନା ନାହିଁ: ପୋଲାର୍ଡ

**ମୁମ୍ବାଇ, ୭।୫(ପି.ଟି.):** ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍ ପ୍ଲେଅଫ୍‌ରୁ ବାଦ୍‌ପଡ଼ି ସାରିଥିଲେ ସୁଦ୍ଧା ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦେବା ଲାଗି ମୁମ୍ବାଇ ଇଣ୍ଡିଆନ୍ସର କୌଣସି ଯୋଜନା ନାହିଁ ବୋଲି କହିଛନ୍ତି ବ୍ୟାଟିଂ କୋଚ୍ କିରନ ପୋଲାର୍ଡ। ମୁମ୍ବାଇ ଇଣ୍ଡିଆନ୍ସ ଏଠାରେ ସୋମବାର ସୂର୍ଯ୍ୟକୁମାର ଯାଦବଙ୍କ ଅପରାଜିତ ୧୦୨ ରନ ସହାୟତାରେ ୧୭୪ରନର ବିଜୟ ଲକ୍ଷ୍ୟକୁ ୧୬ଟି ବଲ୍ ବାକି ଥାଇ ୭ଉଇକେଟରେ ଜିତି ନେଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଏପର୍ଯ୍ୟନ୍ତ ଖେଳିଥିବା ୧୨ଟି ମ୍ୟାଚ ମଧ୍ୟରୁ ଏହା ହେଉଛି ସେମାନଙ୍କର ଚତୁର୍ଥ ବିଜୟ। ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ଆଉ ଦୁଇଟି ମ୍ୟାଚ ବାକି ରହିଛି। ଏହି ଦୁଇଟି ମ୍ୟାଚରେ ଦଳ କିପରି ଭଲ ଖେଳିବ ସେ ନେଇ ଯୋଜନା ଚାଲିଛି।

## ବାଂଲାଦେଶର କ୍ରମାଗତ ୩ୟ ବିଜୟ

**ଚିଟ୍ଟାଗଙ୍ଗ, ୭।୫ (ଏପି):** ତୋହିଦ ହ୍ରିଦୟଙ୍କ ପ୍ରଥମ ଅର୍ଦ୍ଧଶତକ ବଳରେ ବାଂଲାଦେଶ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚକୁ ୯ରନରେ ଜିତି ନେଇଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୩-୦ରେ ଅଗ୍ରଣୀ ଲାଭ କରିବା ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ହ୍ରିଦୟଙ୍କ ୩୮ ବଲ୍‌ରୁ ୫୭ରନ ସହାୟତାରେ ୫ ଉଇକେଟ ବିନିମୟରେ ୧୬୫ ରନ କରିଥିଲା। ଦଳ ପରେ ଜିମ୍ବାୱେକୁ ୧୫୬/୯ରେ ସୀମିତ କରିଦେଇଥିଲା।



୮୭ ରନର ପାର୍ଟନରଶିପ୍ ଅବସରରେ ତୋହିଦ ହ୍ରିଦୟ ଓ ଜାକେର ଅଲି।

ଏହି ମ୍ୟାଚ ପାଇଁ ଜିମ୍ବାୱେ ଦଳରେ ଦୁଇ ବଦଳ ଖେଳାଳି ଭାବେ ସ୍ଥାନ ପାଇଥିବା ଫରାଜ ଆକ୍ରମ ଓ ୱେଲିଂଟନ ମାସାକାଡ୍‌ଜା ଯୋଡ଼ି ୯ମ ଉଇକେଟରେ ୫୪ ରନ ଯୋଗ କରି ଏକ ଜାତୀୟ ରେକର୍ଡ ପ୍ରତିଷ୍ଠା କରିବା ସହ ସେମାନଙ୍କ ଦଳ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୨୦ ଓଭରରେ ୧୬୫/୫ (ତୋହିଦ ହ୍ରିଦୟ-୫୭, ଜାକେର ଅଲି-୪୪, ତାନଜିଦ ହସନ-୨୧ ; ବ୍ଲେସିଂ ମୁଜାରାବାନୀ-୩/୧୪)। ଜିମ୍ବାୱେ: ୨୦ ଓଭରରେ ୧୫୬/୯ (ଫରାଜ ଆକ୍ରାମ-୩୪, ତାଡିୱାନାସେ ମାରୁମାନି-୩୧ ; ମହମ୍ମଦ ସଇଫୁଦ୍ଦିନ-୩/୪୨, ରିଶାଦ ହୋସେନ-୨/୩୮)।

# ଓଡ଼ିଶାର ଜୁଲି, ପ୍ୟାରୀ, ଲିନ୍‌ଡା ସାମିଲ

**ଉଜବେକିସ୍ତାନ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ଭାରତର ସମ୍ଭାବ୍ୟ ଖେଳାଳି ତାଲିକା**

**ନୂଆଦିଲ୍ଲୀ, ୭।୫**

ତାସକେଣ୍ଟଠାରେ ମେ' ୩୧ ଓ ଜୁନ୍ ୪ରେ ଭାରତୀୟ ସିନିୟର ମହିଳା ଫୁଟବଲ ଦଳ ଉଜବେକିସ୍ତାନ ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ଫିଫା ଓମେନ୍ସ ଇଣ୍ଟରନ୍ୟାଶନାଲ ମ୍ୟାଚ୍ ୱିଣ୍ଡୋର ଏହା ଏକ ଅଂଶବିଶେଷ। ଆଗାମୀ ୨ ମ୍ୟାଚ ପାଇଁ ମୁଖ୍ୟ କୋଚ୍ ଲଙ୍ଗମ ଚାଓବା ଦେବୀ ୩୦ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାର ଜୁଲି କିଷାନ, ପ୍ୟାରୀ ଖାଖା ଓ ୨୦୨୨ରୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ମଣିପୁରର ଲିନ୍‌ଡା କୋମ୍ ସ୍ଥାନ ପାଇଛନ୍ତି। ଭାରତୀୟ ସମ୍ଭାବ୍ୟ ଦଳର କ୍ୟାମ୍ପ ଚଳିତ ମାସ ୧୬ରୁ ହାଇଦ୍ରାବାଦରେ ଆରମ୍ଭ ହେବ। ହାଇଦ୍ରାବାଦର ଶ୍ରୀନିଡି ଡେକାନ ଏଫ୍‌ସିର ଡେକାନ୍ ଆରେନାରେ ୨ ସପ୍ତାହ କ୍ୟାମ୍ପ ଚାଲିବା ପରେ ବ୍ଲୁ ଟାଇଗ୍ରେସେସ୍ ମେ' ୨୯ରେ ଉଜ୍‌ବେକିସ୍ତାନ ଯାତ୍ରା କରିବେ।

ଭାରତୀୟ ମହିଳା ଫୁଟବଲ ଦଳ ଶେଷଥର ପାଇଁ ଗତ ଫେବୃୟାରୀରେ ଟୁର୍ନାମେଣ୍ଟ ଖେଳିଥିଲା। ତୁର୍କିସ ଓମେନ୍ସ କପ୍‌ର ଆଲାନ୍ୟାରେ ଅନୁଷ୍ଠିତ ଫାଇନାଲରେ କୋସୋଭାଠାରୁ ହାରି ଦଳ ରନରଅପ୍ ହୋଇଥିଲା। ଏହା ପୂର୍ବରୁ ଭାରତ-ଉଜ୍‌ବେକିସ୍ତାନ ମ୍ୟାଚ ୨୦୨୩ ନଭେମ୍ବରରେ ଅନୁଷ୍ଠିତ ହୋଇଥିଲା। ଏଏଫ୍‌ସି ମହିଳା ଅଲିମ୍ପିକ୍ କ୍ୱାଲିଫାୟର୍ସ ରାଉଣ୍ଡ-୨ର ଏହି ମ୍ୟାଚ ମଧ୍ୟ ତାସକେଣ୍ଟରେ ହୋଇଥିଲା। ସେତେବେଳେ ଘରୋଇ ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ଭାରତୀୟ ମହିଳା ଫୁଟବଲ ଦଳ ଏବେ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ୬୬ତମ ସ୍ଥାନରେ ରହିଛି। ଉଜ୍‌ବେକିସ୍ତାନ ୪୮ତମ ସ୍ଥାନରେ ଥିବାରୁ ମୁକାବିଲା ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ। "ତୁର୍କିସ ଓମେନ୍ସ କପ୍‌ରେ ରନରଅପ୍ ହେବା ପରେ ଫିଫା ମ୍ୟାଚ ୱିଣ୍ଡୋରେ ଭାରତୀୟ ମହିଳା ଦଳର ଏହା ହେବ ଦ୍ୱିତୀୟ ଅନ୍ତର୍ଜାତୀୟ ଟ୍ରିପ୍। ର୍‌ୟାଙ୍କିଙ୍ଗ୍‌ରେ ବହୁ ଉପରେ ଥିବା ଉଜ୍‌ବେକିସ୍ତାନକୁ ଭାରତ ଭେଟିବାକୁ ଯାଉଛି। ତେଣୁ ଆଗାମୀ ୨ ମ୍ୟାଚ ନିଶ୍ଚିତ ଉପାଦେୟ ହେବ" ବୋଲି ଏଆଇଏଫ୍‌ଏଫ୍‌ର କାର୍ଯ୍ୟକାରୀ ସମ୍ପାଦକ ଏମ୍. ସତ୍ୟନାରାୟଣ ପ୍ରକାଶ କରିଛନ୍ତି।



ଜୁଲି କିଷାନ



ଲିନ୍‌ଡା କୋମ୍



ପ୍ୟାରୀ ଖାଖା

# ଷ୍ଟିମାକ୍‌ଙ୍କ ଦ୍ୱିତୀୟ ସମ୍ଭାବ୍ୟ ତାଲିକା

**ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ**

**ନୂଆଦିଲ୍ଲୀ, ୭।୫ (ପି.ଟି.)**

କାତାର ଓ କୁଏଟ୍ ବିପକ୍ଷ ଫିଫା ବିଶ୍ୱକପ୍ ୨୦୨୬ ପ୍ରିଲିମିନାରି ଜଏଣ୍ଟ କ୍ୱାଲିଫିକେଶନ ରାଉଣ୍ଡ-୨ ମ୍ୟାଚ ପୂର୍ବରୁ ଭୁବନେଶ୍ୱରରେ ଭାରତୀୟ ସିନିୟର ପୁରୁଷ ଫୁଟ୍‌ବଲ ଦଳର ଏକ କ୍ୟାମ୍ପ ପାଇଁ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ମଙ୍ଗଳବାର ୧୫ ଜଣିଆ ଦ୍ୱିତୀୟ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ଆଘାତପ୍ରାପ୍ତ ସେଣ୍ଟ୍ରାଲ ଡିଫେଣ୍ଡର ସନ୍ଦେଶ ଝିନ୍‌ଗାନ ଏଥିରୁ ବାଦ୍ ପଡ଼ିଛନ୍ତି। ଶନିବାର ସମ୍ଭାବ୍ୟ ଖେଳାଳିଙ୍କ ପ୍ରଥମ ତାଲିକା ପ୍ରକାଶ ପାଇଥିଲା। ଜାନୁୟାରୀରେ ସିରିଆ ବିପକ୍ଷ ଭାରତର ଏସିଆନ ଗ୍ରୁପ୍ ମ୍ୟାଚ ବେଳେ ପ୍ରମୁଖ ଡିଫେଣ୍ଡର ଝିନ୍‌ଗାନଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଛି। ପ୍ରଥମ ତାଲିକାରେ ସ୍ଥାନ ପାଇଥିବା ୨୬ ଖେଳାଳି ମେ' ୧୦ରୁ ଭୁବନେଶ୍ୱରରେ ତାଲିମ ଆରମ୍ଭ କରିଛନ୍ତି। ଦ୍ୱିତୀୟ ତାଲିକାରେ ସ୍ଥାନ ପାଇଥିବା ଖେଳାଳିମାନେ ମେ' ୧୫ରେ କ୍ୟାମ୍ପରେ ଯୋଗଦେବେ। ଏହି ଖେଳାଳିମାନେ ଆଇଏସ୍‌ଏଲ ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ଓ ମୋହନ ବାଗାନ ଏସ୍‌ଜି ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ଜାତୀୟ କ୍ୟାମ୍ପରେ ମୋଟ ୪୧ ଖେଳାଳି ଭାଗ ନେବେ। ବ୍ଲୁ ଟାଇଗର୍ସ ରୂପେ ପରିଚିତ ଭାରତୀୟ ଦଳ ଗ୍ରୁପ୍ 'ଏ'ରେ ଏହାର ଶେଷ ଦୁଇଟି ମ୍ୟାଚ ଯଥାକ୍ରମେ ଜୁନ୍ ୬ରେ କୋଲକାତାଠାରେ କୁଏଟକୁ ଏବଂ ବିଦେଶରେ ଜୁନ୍ ୧୧ରେ କାତାର ସହ ମୁକାବିଲା କରିବ। ଭାରତ ବର୍ତ୍ତମାନ ୪ଟି ମ୍ୟାଚରୁ ୪ ପଏଣ୍ଟ ହାସଲ କରି ଏହାର ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଦଳ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ରାଉଣ୍ଡ-୩ ଏବଂ ଏଏଫ୍‌ସି ଏସିଆନ କପ୍ ସାଉଦି ଆରବିୟା ୨୦୨୭ ପାଇଁ ଯୋଗ୍ୟତା ଅର୍ଜନ କରିବ।

**ଦ୍ୱିତୀୟ ତାଲିକାରେ ସ୍ଥାନ ପାଇଥିବା ସମ୍ଭାବ୍ୟ ୧୫ ଖେଳାଳି ତାଲିକା**– ଗୋଲକିପର: ଫୁର୍ବା ଟେମ୍ପା ଲାଚେନ୍‌ପା, ବିଶାଲ କୈଥ। ଡିଫେଣ୍ଡର: ଆକାଶ ମିଶ୍ର, ଅନୱର ଅଲି, ମେହତାବ ସିଂ, ରାହୁଲ ଭେକେ, ଶୁଭାଶିଷ ବୋଷ। ମିଡ୍‌ଫିଲ୍ଡର: ଅନିରୁଦ୍ଧ ଥାପ୍ପା, ଦୀପକ ଟାଙ୍ଗରି ଲାଲେଙ୍ଗମାୱିଆ ରାଲ୍‌ଟେ, ଲାଲ ଲିଆନଜୁଏଲା ଚାଙ୍ଗ୍‌ଟେ, ଲିଷ୍ଟନ କୋଲାକୋ, ସହଲ ଅବଦୁଲ ସମଦ। ଫରୱାର୍ଡ: ମନଭୀର ସିଂ, ବିକ୍ରମ ପ୍ରତାପ ସିଂ।

# ଆଜି ଫ୍ରାନ୍ସରେ ପ୍ରବେଶ କରିବ ଅଲିମ୍ପିକ୍ସ ମଶାଲ

**ପ୍ୟାରିସ୍, ୭।୫ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଅଲିମ୍ପିକ୍ସ ମଶାଲ ଶେଷରେ ଫ୍ରାନ୍ସରେ ପ୍ରବେଶ କରିବାକୁ ଯାଉଛି। ବୁଧବାର ଫ୍ରାନ୍ସର ଦକ୍ଷିଣ ପଟରେ ଥିବା ମାର୍ସେଲେ ସହରରେ ଏହି ମଶାଲ ପ୍ରବେଶ କରିବ। ଏପ୍ରିଲ ୧୬ ତାରିଖରେ ଦକ୍ଷିଣ ଗ୍ରୀସ୍‌ର ଏଥେନ୍ସରେ ଥିବା ପୁରାତନ ଗେମ୍ସ ଭେନ୍ୟୁରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହାପରେ ବେଲେମ ନାମକ ଜାହାଜରେ ଏହାକୁ ପ୍ୟାରିସ୍ ଅଭିମୁଖେ ପ୍ରେରଣ କରାଯାଇଥିଲା। ଆଧୁନିକ ଅଲିମ୍ପିକ୍ସ ଉତ୍ପତ୍ତି ସମୟରେ ପ୍ରଥମ ଥର ବେଲେମକୁ ୧୮୯୬ ମସିହାରେ ବ୍ୟବହାର କରାଯାଇଥିଲା। ୧୦୦୦ ନୌକା ସହ ପରେଡ୍ କରି ଏହି ଜାହାଜଟି ମାର୍ସେଲେରେ ପହଞ୍ଚିବ। ପରବର୍ତ୍ତୀ ଦିନରେ ମଶାଲ ବାହକମାନେ ମାର୍ସେଲେ ସହରରେ ଏହାର ପରିକ୍ରମା କରାଇବେ। ମାର୍ସେଲେର ଫୁଟବଲ ଫ୍ୟାନଙ୍କ ପାଇଁ ଦ ଫେମସ୍ ଷ୍ଟେଡ ଭେଲୋଡ୍ରୋମର ଛାତ ଉପରେ ଏହାକୁ ସ୍ଥାନ ଦିଆଯିବ। ମାର୍ସେଲେ ଛାଡ଼ିବା ପରେ ବିଭିନ୍ନ ସ୍ଥାନ ଦେଇ ଶେଷରେ ଜୁଲାଇ ୨୭ରେ ଏହା ପ୍ୟାରିସ୍‌ରେ ପହଞ୍ଚିବ।

ମଶାଲ ଯାତ୍ରାର ଗତିପଥ:

ମଣ୍ଟ-ସେଣ୍ଟ-ମିଚେଲ: ମଶାଲ ଶୋଭାଯାତ୍ରା ପ୍ରସିଦ୍ଧ ମଣ୍ଟ-ସେଣ୍ଟ-ମିଚେଲରେ ମେ' ୩୧ ତାରିଖରେ ପହଞ୍ଚିବ। ୧୯୭୯ରେ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟର ମାନ୍ୟତା ପାଇଥିବା ଏହି ଦୁର୍ଗଟି ଏକ ଦ୍ୱୀପ ମଧ୍ୟରେ ଅବସ୍ଥିତ। ୧୩୩୭-୧୪୫୩ ମଧ୍ୟରେ ଇଂଲଣ୍ଡ ଓ ଫ୍ରାନ୍ସ ଯୁଦ୍ଧର ମୂକସାକ୍ଷୀ ଏହି ସ୍ଥାନକୁ ପରବର୍ତ୍ତୀ ସମୟରେ ଏକ କାରାଗାରରେ ପରିଣତ କରାଯାଇଥିଲା।

ସମୁଦ୍ର: ମଶାଲ ଶୋଭାଯାତ୍ରାକୁ ଫ୍ରାନ୍ସର ଉପକୂଳରେ ରହିଥିବା ସମୁଦ୍ର ମଧ୍ୟଦେଇ ନିଆଯିବ। ଏହାର ନାମ ରେଲାଇସ ଡେସ୍ ଓସେନ୍‌ସ ବା ସମୁଦ୍ର ମଶାଲ ଶୋଭାଯାତ୍ରା ରଖାଯାଇଛି। ଆଟଲାଣ୍ଟିକ, ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ଦେଇ ଏହା ଫ୍ରେଞ୍ଚ ଗୟାନାରେ ଜୁନ୍ ୯ରେ ପହଞ୍ଚିବ। ପରେ ୧୧ ତାରିଖରେ ଏହା ନ୍ୟୁ କାଲେଡୋନିଆ ଦେଇ ସେଣ୍ଟ ଡେନିସ୍‌ରେ ପହଞ୍ଚିବ। ଜୁନ୍ ୧୮ରେ ନାଇସ୍ ସହର ଦେଇ ମଶାଲ ପୁନର୍ବାର ଫ୍ରାନ୍ସକୁ ପ୍ରତ୍ୟାବର୍ତ୍ତନ କରିବ।

ଆଲ୍ପସ ପର୍ବତମାଳା: ଫ୍ରାନ୍ସରେ ପ୍ରବେଶ କରିବା ପରେ ମଶାଲ ଶୋଭାଯାତ୍ରା ୨୩ ତାରିଖରେ ଆଲ୍ପସ ପର୍ବତମାଳା ନିକଟସ୍ଥ ଚାମୋନିକ୍ସ ମଣ୍ଟ ବ୍ଲାଙ୍କ ଗସ୍ତ କରିବ। ଏହି ସମୟରେ ହାଉଟେ ସେଭୋଇ ଅଞ୍ଚଳ ଦେଇ ମଧ୍ୟ ମଶାଲ ଶୋଭାଯାତ୍ରା ଯିବାର କାର୍ଯ୍ୟକ୍ରମ ରହିଛି।

ଭେର୍ଡୁନ୍: ସାଭୋଇ ପରେ ମଶାଲ ଶୋଭାଯାତ୍ରା ପୂର୍ବ ଫ୍ରାନ୍ସର ଭେର୍ଡୁନ୍ ସହରରେ ୩ ଦିନ ପରେ ପ୍ରବେଶ କରିବ। ଏହା ମଧ୍ୟରେ ଆଲସେସ୍ ଓ ଷ୍ଟ୍ରାସବର୍ଗ ସହର ଦେଇ ଏହା ଅତିକ୍ରମ କରିବ। ୧୯୧୬ରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଭେର୍ଡୁନ ସହରରେ ୭ ଲକ୍ଷରୁ ଅଧିକ ଫରାସୀ ଓ ଜର୍ମାନୀ ସୈନ୍ୟ ପ୍ରାଣ ହରାଇଥିଲେ ବା ଆହତ ହୋଇଥିଲେ।

**ପ୍ରକାଶ ପାଇଲା ସମ୍ପୂର୍ଣ୍ଣ ରୁଟ୍ ମ୍ୟାପ୍**

ବାଷ୍ଟାଇଲ ଡେ: ପ୍ୟାରିସର ରାଜରାସ୍ତାରେ ଏହି ମଶାଲ ଶୋଭାଯାତ୍ରା ଜୁଲାଇ ୧୪ ତାରିଖରେ ପ୍ରବେଶ କରିବ। ସମାନ ଦିନରେ ବାଷ୍ଟାଇଲ ଡେ ବା ଫ୍ରାନ୍ସର ଜାତୀୟ ଦିବସ ପାଳନ କରାଯାଇଥାଏ। ଫ୍ରାନ୍ସରେ ଭ୍ରମଣ ପରେ ମଶାଲ ଫ୍ରାନ୍ସ ରାଜ ପରିବାକୁ ନିଆଯିବ। ଜୁଲାଇ ୨୪ରେ ନାନଟେରେ ଓ ୨୫ରେ ସେଣ୍ଟ ଡେନିସ୍‌କୁ ମଶାଲକୁ ନିଆଯିବ। ପୁନର୍ବାର ୨୬ ତାରିଖରେ ପ୍ୟାରିସ୍ ଆସିବା ସହ ୮୦ଟି ନୌକାରେ ଏହାକୁ ସିଏନ୍ ନଦୀରେ ପରେଡ୍ କରାଯିବ। ୪ ଘଣ୍ଟାର ସମାରୋହ ପରେ ମଶାଲକୁ ଏଇଫିଲ ଟାୱାର ଓ ଲୌର୍ଭେ ମ୍ୟୁଜିୟମ ବାହାରେ ରଖାଯିବ। ପ୍ରଥମ ଥର ପାଇଁ ଏହି ମଶାଲରେ ପ୍ରୋପେନ୍ ପରିବର୍ତ୍ତେ ବାୟୋ ଗ୍ୟାସର ବ୍ୟବହାର କରାଯାଇଛି। ସେହିପରି ୨୦୦୦ ମଶାଲର ବ୍ୟବହାର କରାଯାଇଥିବା କୁହାଯାଇଛି।

## ପରାଜୟ ସତ୍ତ୍ୱେ ଶୀର୍ଷରେ ଓଡ଼ିଶା

**ରାଞ୍ଚି, ୭।୫ (ପି.ଟି.):** ଜାତୀୟ ସିନିୟର ମହିଳା ହକିରେ ପରାଜୟ ସତ୍ତ୍ୱେ ଶୀର୍ଷ ସ୍ଥାନ ବଜାୟ ରଖିଛି ଓଡ଼ିଶା। ମଙ୍ଗଳବାର ଓଡ଼ିଶା ୧-୨ରେ ବେଙ୍ଗଲ ନିକଟରୁ ପରାଜିତ ହୋଇଥିଲା। ସେହିପରି ହରିଆଣା ୨-୧ରେ ମହାରାଷ୍ଟ୍ରକୁ ହରାଇଥିଲା। ବେଙ୍ଗଲ ପକ୍ଷରୁ ଶାନ୍ତି ହୋରୋ (୨୩ ଓ ୩୯) ମିନିଟରେ ଡବଲ ଗୋଲ କରିଥିଲେ। ଓଡ଼ିଶା ପକ୍ଷରୁ ଦୀପି ମୋନିକା ଟପ୍ପୋ ୫୧ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ୬ ମ୍ୟାଚରୁ ୧୨ ପଏଣ୍ଟ ସହ ଓଡ଼ିଶା ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଅନ୍ୟ ଏକ ମ୍ୟାଚରେ ହରିଆଣା ୨-୧ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ହରିଆଣା ପକ୍ଷରୁ ମଞ୍ଜୁ ଚୋରାସିଆ (୧୨) ଓ ପୂଜା (୩୭) ମିନିଟରେ ଏବଂ ମହାରାଷ୍ଟ୍ର ପକ୍ଷରୁ ସୁକନ୍ୟା ଧାବରେ (୫୫) ମିନିଟରେ ଗୋଟିଏ ଗୋଲ କରିଥିଲେ।

# 'ଟି୨୦ ବିଶ୍ୱକପ୍ ପୂର୍ବରୁ ରୋହିତଙ୍କୁ ବିଶ୍ରାମ ଆବଶ୍ୟକ'

**ମୁମ୍ବାଇ, ୭।୫ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ଟି୨୦ ବିଶ୍ୱକପ୍ ପୂର୍ବରୁ ବିଶ୍ରାମ ଆବଶ୍ୟକ ବୋଲି ମତ ଦେଇଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ମାଇକେଲ କ୍ଲାର୍କ। ରୋହିତଙ୍କ ଫର୍ମକୁ ନେଇ କୌଣସି ଦ୍ୱିବିଧା ନାହିଁ, ମାତ୍ର ବିଶ୍ୱକପ୍ ପୂର୍ବରୁ ସେ ସତେଜ ରହିବା ଆବଶ୍ୟକ ବୋଲି କ୍ଲାର୍କ କହିଛନ୍ତି। ୩୭ ବର୍ଷୀୟ ରୋହିତ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପରେ ଆଇପିଏଲରେ ଖେଳୁଛନ୍ତି। ଦୀର୍ଘ ସମୟ ଧରି କ୍ରିକେଟ ଖେଳୁଥିବାରୁ ରୋହିତଙ୍କ ଶରୀର ସାମାନ୍ୟ ଥକା ଅନୁଭବ କରିଥାଇପାରେ। ତେଣୁ ସେ କିଛି ଦିନ ବିରତି ନେଇ ସତେଜ ଭାବରେ ବିଶ୍ୱକପ୍‌କୁ ଓହ୍ଲାଇବା ଉଚିତ ହେବ ବୋଲି କ୍ଲାର୍କ କହିଛନ୍ତି। ଚଳିତ ସିଜନରେ ରୋହିତ ଏକ ଶତକ ହାସଲ କରିଥିଲେ ମଧ୍ୟ କିଛି ମ୍ୟାଚ୍‌ରେ ତାଙ୍କ ବ୍ୟାଟରୁ ରନ୍ ଆସିନାହିଁ। କୋଲକାତା ବିପକ୍ଷରେ ରୋହିତ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳିବା ପରେ ଆହତ ସମସ୍ୟାକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ ହାଇଦ୍ରାବାଦ ବିପକ୍ଷରେ ସେ ପୂରା ମ୍ୟାଚ୍ ଖେଳିଥିଲେ। ରୋହିତଙ୍କ ପରି ଖେଳାଳିଙ୍କ ପାଇଁ ଫର୍ମ ଚିନ୍ତାର ବିଷୟ ନୁହେଁ। ରୋହିତ ଏଭଳି ଜଣେ କ୍ଲାସ୍ ଖେଳାଳି ଯିଏକି ଜୋରରେ ମାରିବା ପରିବର୍ତ୍ତେ ବଲ୍‌କୁ ଟାଇମ୍ କରିବାକୁ ପସନ୍ଦ କରିଥାନ୍ତି। ତେଣୁ ଚିନ୍ତାମୁକ୍ତ ହୋଇ ଟାଇମିଂ ଉପରେ ରୋହିତ ଧ୍ୟାନ ଦେବା ଜରୁରୀ ବୋଲି କହିଛନ୍ତି କ୍ଲାର୍କ। ସେହିପରି ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଭାରତୀୟ ଦଳର ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୩୧ ରନରେ ୩ ଉଇକେଟ ନେଇଥିଲେ। ପାଣ୍ଡ୍ୟା ଫର୍ମକୁ ଫେରିବା ଭାରତ ପାଇଁ ଶୁଭ ସଙ୍କେତ ବୋଲି କ୍ଲାର୍କ କହିଛନ୍ତି। ବିଗତ କିଛି ମ୍ୟାଚରେ ହାର୍ଦ୍ଦିକ ନିଜ ବୋଲିଂରେ କିଛି ପରିବର୍ତ୍ତନ କରିଛନ୍ତି, ଯାହାର ଫାଇଦା ତାଙ୍କୁ ମିଳିଛି। ହାର୍ଦ୍ଦିକ ବାଉନ୍ସରର ଠିକ୍ ଉପଯୋଗ କରୁଥିବା ଦେଖିବାକୁ ମିଳିଛି। ଯାହା କେବଳ ମୁମ୍ବାଇ ପାଇଁ ନୁହେଁ ବରଂ ଭାରତୀୟ ଦଳ ପାଇଁ ଶୁଭ ସଙ୍କେତ ବୋଲି କହିଛନ୍ତି କ୍ଲାର୍କ।

# ସେକ୍ରେଟାରିଏଟ ପ୍ରିମିୟର ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୭।୫ (ତପନ ସ୍ୱାଇଁ)**

ସେକ୍ରେଟାରିଏଟ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ମଙ୍ଗଳବାର ସେକ୍ରେଟାରିଏଟ ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସୋସିଏଶନର ଉପଦେଷ୍ଟା ଦୀପକ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ଲାଡିଏଟର୍ସ ଓ ଜାଗୁଆର୍ସ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗ୍ଲାଡିଏଟର୍ସ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୮୮ ରନର ବିଜୟ ଲକ୍ଷ୍ୟକୁ ଜାଗୁଆର୍ସ ଦଳ ଇନିଂସର ଶେଷ ବଲ୍‌ରେ ହାସଲ କରିଥିଲା। ବିଜୟୀ ଦଳର ବିଶ୍ୱଜିତ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଟାଇଟନ୍ସ ୧୦ ଓଭରରେ ୮୩ ରନ କରିଥିବାବେଳେ ସ୍ମାସର୍ସ ଦଳ ୧୦ ଉଇକେଟରେ ବିଜୟୀ ହୋଇଥିବା ସମ୍ପର୍କରେ ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅମ୍ପାୟର ଲୁଲୁ ମହାପାତ୍ର ଓ ଅଇନୁଲ ହକ୍ ମ୍ୟାଚ ପରିଚାଳନା କରିଥିଲେ। ଆସୋସିଏଶନର କାର୍ଯ୍ୟକାରୀ ଅଧ୍ୟକ୍ଷ ଶଶାଙ୍କ ଶେଖର ମହାପାତ୍ର, ଯୁଗ୍ମ ସମ୍ପାଦକ ନୃସିଂହ ପୃଷ୍ଟି, କୋଷାଧ୍ୟକ୍ଷ ଗିରିଶ ଡିଗଲ ପ୍ରମୁଖ ଉପସ୍ଥିତ ଥିଲେ।



ସେକ୍ରେଟାରିଏଟ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ମେଜର କ୍ରିକେଟ ଲିଗ୍**

## ଦ୍ୱିତୀୟ ସିଜନରେ ଖେଳାଯିବ ଅତିରିକ୍ତ ୬ଲିଗ୍ ମ୍ୟାଚ

**ସାନ୍ ଫ୍ରାନ୍ସିସ୍କୋ, ୭।୫ (ପି.ଟି.):** ମେଜର ଲିଗ୍ କ୍ରିକେଟର ଦ୍ୱିତୀୟ ସଂସ୍କରଣ ଜୁଲାଇ ୫ରୁ ଆରମ୍ଭ ହେବ। ଏଥିରେ ୬ଟି ଅତିରିକ୍ତ ଲିଗ୍ ମ୍ୟାଚ ଖେଳାଯିବ ବୋଲି ଆୟୋଜକଗଣ କହିଛନ୍ତି। ଲିଗ୍ ରାଉଣ୍ଡ ଶେଷ ହେବାପରେ ୪ ମ୍ୟାଚ ପ୍ଲେ ଅଫ୍ ସିରିଜ ଖେଳାଯିବ। ଏହା ଟେକ୍ସାସର ଟେକ୍ସାସର ଗ୍ରାଣ୍ଡ ପ୍ରେରିରେ ଅନୁଷ୍ଠିତ ହେବ। ଜୁଲାଇ ୫ରେ ଟୁର୍ନାମେଣ୍ଟର ଓପନିଂ ମ୍ୟାଚ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ ନ୍ୟୁୟର୍କ ୨୦୨୩ ରନରଅପ୍ ସିଆଟଲ ଓର୍କାସ ମଧ୍ୟରେ ଜୁଲାଇ ୫ରେ ଖେଳାଯିବ। ୱେଷ୍ଟଇଣ୍ଡିଜର ପୂର୍ବତନ କ୍ରିକେଟର କିରନ ପୋଲାର୍ଡ ନ୍ୟୁୟର୍କ ଦଳରୁ ଖେଳିବେ। ପରେ ଜୁଲାଇ ୫ରେ ଟେକ୍ସାସଠାରେ ଫାଫ୍ ଡୁ'ପ୍ଲେସିଙ୍କ ଟେକ୍ସାସ ସୁପର କିଙ୍ଗ୍ସ ସୁନୀଲ ନାରିନଙ୍କ ଏଲଏ ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ ଖେଳାଯିବ। ପ୍ରତିଯୋଗିତାରେ ରିକି ପଣ୍ଟିଙ୍ଗଙ୍କଠାରୁ କୋଚିଂ ନେଉଥିବା ୱାଶିଂଟନ ଫ୍ରିଡମ୍ ପାଇଁ ଖେଳିବେ ଅଷ୍ଟ୍ରେଲିଆର ୨୦୨୩ ବିଶ୍ୱକପ୍ ବିଜେତା ଷ୍ଟିଭ ସ୍ମିଥ୍, ଟ୍ରାଭି ହେଡ୍ ଓ ଗ୍ଲେନ ମାକ୍ସୱେଲ।

# ସୂର୍ଯ୍ୟ ୩ନଂ.ରେ ଖେଳିବା ଉଚିତ: ଲାରା

**ନୂଆଦିଲ୍ଲୀ, ୭।୫ (ପି.ଟି.)**

ଆସନ୍ତା ମାସରେ ହେବାକୁ ଯାଇଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସୂର୍ଯ୍ୟକୁମାର ଭାରତୀୟ ବ୍ୟାଟିଂ କ୍ରମରେ ୩ ନମ୍ବରରେ ଆସିବା ଉଚିତ ବୋଲି ଅନୁଭବ କରୁଛନ୍ତି କିମ୍ବଦନ୍ତୀ କ୍ରିକେଟର ବ୍ରାଏନ ଲାରା। ଆସନ୍ତା ମେଗା ପ୍ରତିଯୋଗିତାରେ ଭାରତ-ୱେଷ୍ଟଇଣ୍ଡିଜ ଫାଇନାଲ ହେଲେ ଭଲ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ୨୦୦୭ ଦିନିକିଆ ବିଶ୍ୱକପ୍‌ରେ ଭାରତ ଶୀଘ୍ର ବିଦାୟ ନେବା କାରିବିୟନଙ୍କୁ କ୍ଷତିଗ୍ରସ୍ତ କରିଥିଲା ବୋଲି ସେ କହିଛନ୍ତି।

ଆଶା ଅନୁସାରେ ଭାରତୀୟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖାଯାଇଛି। ଶୁବମନ ଗିଲ୍ ଓ ରିଙ୍କୁ ସିଂଙ୍କ ପରି ଯୁବ ଖେଳାଳିଙ୍କୁ ରିଜର୍ଭରେ ସ୍ଥାନିତ କରାଯାଇଥିବାବେଳେ ସୂର୍ଯ୍ୟକୁମାର ଯାଦବଙ୍କୁ ମୁଖ୍ୟ ଦଳରେ ସୁଯୋଗ ମିଳିଛି। "ଆଗାମୀ ଟୁର୍ନାମେଣ୍ଟରେ ସୂର୍ଯ୍ୟକୁମାରଙ୍କୁ ଭାରତ ୩ ନମ୍ବରରେ ଖେଳାଇବା ଉଚିତ। ସେ ହେଉଛନ୍ତି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟି୨୦ ଖେଳାଳି। ସାର୍ ଭିଭିଆନ ରିଚାର୍ଡ୍ସଙ୍କ ପରି ଖେଳାଳିଙ୍କୁ ଆପଣ ଯଦି ପଚାରିବେ ତେବେ ଜାଣିବାକୁ ପାଇବେ ଯେ ସେ କିପରି ମିଡିଲରେ ଯାଇ ଖେଳିବାକୁ ପସନ୍ଦ କରନ୍ତି। ସୂର୍ଯ୍ୟକୁମାରଙ୍କ କ୍ଷେତ୍ରରେ ମଧ୍ୟ ତାହା ହେବା ଉଚିତ। ସେ ଜଣେ ଓପନର ନୁହନ୍ତି। ତେଣୁ ଯଥାସମ୍ଭବ ଶୀଘ୍ର ତାଙ୍କୁ କ୍ରିଜ୍‌କୁ ଅଣାଯିବା ଉଚିତ। ଏହା ହେଲେ ସେ ୧୦-୧୫ ଓଭର ବ୍ୟାଟିଂ କରିପାରିବେ। ଯଦି ତାହା ସମ୍ଭବ ହେବ ତେବେ କ'ଣ ହେବ ତାହା ସମସ୍ତେ ଜାଣନ୍ତି" ବୋଲି ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ସମ୍ବର୍ଦ୍ଧିତ ହେବା ଅବସରରେ ଲାରା ପ୍ରକାଶ କରିଛନ୍ତି। ଯଦି ଭାରତ ପ୍ରଥମେ ବ୍ୟାଟିଂ କରୁଛି ତେବେ ସୂର୍ଯ୍ୟ ମଜଭୁତ ପୋଜିଶନରେ ପହଞ୍ଚାଇ ପାରିବେ। ଯଦି ଦ୍ୱିତୀୟରେ ବ୍ୟାଟିଂ କରେ ତେବେ ସେ ମ୍ୟାଚ ବିଜେତା ସାବ୍ୟସ୍ତ ହେବେ।



**ଟି୨୦ ବିଶ୍ୱକପ୍**

**■ ଭାରତ-ୱେଷ୍ଟଇଣ୍ଡିଜ ଫାଇନାଲ ହେଲେ ଭଲ**

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ବ୍ୟାଟିଂ କ୍ରମରେ ସୂର୍ଯ୍ୟ ସାଧାରଣତଃ ୪ ନମ୍ବର ସ୍ଥାନରେ ଆସିଥାନ୍ତି। କୋହଲିଙ୍କୁ ୩ ନମ୍ବରରେ ସୁଯୋଗ ମିଳିଥାଏ। ଲାରାଙ୍କ ପରାମର୍ଶ ଅନୁସାରେ ରୋହିତଙ୍କ ସହ କୋହଲି ଇନିଂସ ଓପନ କରିବେ ଏବଂ ସୂର୍ଯ୍ୟ ୩ ନମ୍ବରରେ ଆସିବା ଉଚିତ। ଏହା ହେଲେ ଯଶସ୍ୱୀ ଜୟସ୍ୱାଲଙ୍କୁ ସ୍ଥାନ ମିଳିବା କଷ୍ଟକର ହୋଇଯିବ। ତେବେ ଯେପରି ହେଉ ସୂର୍ଯ୍ୟଙ୍କୁ ୩ ନମ୍ବରରେ ପଠାଇବା ପାଇଁ ଉପାୟ ବାହାର କରାଯିବା ଆବଶ୍ୟକ ବୋଲି ଲାରା କହିଛନ୍ତି।

୨୦୦୭ ଦିନିକିଆ ବିଶ୍ୱକପ୍‌ରେ ଭାରତ ପ୍ରିଲିମିନାରି ରାଉଣ୍ଡରୁ ବିଦାୟ ନେଇଥିଲା। ଏଥର ଭଲ ଖେଳି ୱେଷ୍ଟଇଣ୍ଡିଜ ସହ ଫାଇନାଲ ଖେଳିଲେ ଭଲ ହେବ। ଏହା ହେଲେ ୨୦୦୭ରେ ହୋଇଥିବା କ୍ଷତି ଭରଣା ହୋଇପାରିବ। ଏଥିପାଇଁ ୱେଷ୍ଟଇଣ୍ଡିଜକୁ ମଧ୍ୟ ଭଲ ଖେଳିବା ଉଚିତ। ଏହି ଦଳରେ ବ୍ୟକ୍ତିଗତଭାବେ ଦେଖିଲେ ଅନେକ ଭଲ ଖେଳାଳି ରହିଛନ୍ତି। ଏହାକୁ ଦଳଗତଭାବେ ପ୍ରଦର୍ଶନରେ ପରିଣତ କରିବାର ଅଛି। ଭାରତ-ୱେଷ୍ଟଇଣ୍ଡିଜ ଫାଇନାଲ ହେଲେ ଅତୀତରେ ହୋଇଥିବା ଅନେକ କ୍ଷତି ଭରଣା ହୋଇପାରିବ। ୨୦୦୭ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ଭାରତର ଅନୁପସ୍ଥିତି ଅନୁଭବ ହୋଇଥିଲା। ଏହା ଆଉଥରେ ହେଉ ବୋଲି ଆମେ ଚାହୁଁନୁ। ତେଣୁ ଭାରତ-ୱେଷ୍ଟଇଣ୍ଡିଜ ଫାଇନାଲ ଏବଂ ଶ୍ରେଷ୍ଠ ଦଳ ବିଜୟୀ ହେଲେ ଭଲ ହେବ ବୋଲି ଲାରା ପ୍ରକାଶ କରିଛନ୍ତି।

ଆଇପିଏଲ୍‌ରେ କୋହଲିଙ୍କ ଷ୍ଟ୍ରାଇକ ହାରକୁ ନେଇ ଅନେକ ଆଲୋଚନା ହେଉଛି। ମାତ୍ର ଲାରାଙ୍କ ମତରେ କୋହଲିଙ୍କ ଭଳି ଖେଳାଳି ସବୁବେଳେ ପ୍ଲେଇଂ ଇଲେଭେନରେ ଆବଶ୍ୟକ ଥାଏ। ଭାରତ ୪ ସ୍ପିନରଙ୍କୁ ଦଳରେ ନେଇଥିଲେ ହେଁ ଯୁଜବେନ୍ଦ୍ର ଚହଲ ଅଧିକ ଉପଯୋଗୀ ହେବେ ବୋଲି ସେ ଅନୁଭବ କରୁଛନ୍ତି। ସେହିପରି କୁଲଦୀପ ଯାଦବ ଉଇକେଟ ନେବାକୁ ସକ୍ଷମ ବୋଲି ସେ କହିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା–୧୨+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ମେ ୮/୨୦୨୪ (୧୨+୮= ୨୦ ପୃଷ୍ଠା) Bhubaneswar, Wednesday, May 8/2024 Page 20 ₹ 7.00

## ଡବଲ ଇଞ୍ଜିନ୍



## ନବୀନ ଇଞ୍ଜିନ୍

ବିଜୁ ଜନତା ଦଳ



### ଆସନ୍ତାକାଲି ପାଇଁ ପ୍ରତିଶ୍ରୁତି

- ଆୟୁଷ୍ମାନ ଭାରତ ଯୋଜନାରେ ମାତ୍ର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା
- ଗର୍ଭବତୀ ମହିଳାମାନଙ୍କ ପାଇଁ ମାତ୍ର ୬,୦୦୦ ଟଙ୍କାର ସହାୟତା ମିଳିବ
- ବରିଷ୍ଠଙ୍କୁ ମାସିକ ମାତ୍ର ୩୦୦ ଟଙ୍କାର ଆର୍ଥିକ ସହାୟତା
- ଓଡ଼ିଶାରେ ୭୫,୦୦୦ କିଲୋମିଟର ରାସ୍ତା ନିର୍ମାଣ କରାଯିବ
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବିନା ସୁଧରେ ଋଣର କୌଣସି ବ୍ୟବସ୍ଥା ନାହିଁ
- କଲେଜ ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ବୃତ୍ତି ଯୋଜନା ନାହିଁ
- ଶିକ୍ଷା କିମ୍ବା ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ କୌଣସି ଦୂରଦୃଷ୍ଟି ନାହିଁ

### କାମରେ ଓଡ଼ିଶା ଦେଖୁଛି

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ **୧୦ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ଚିକିତ୍ସା ସୁବିଧା
- ମମତା ଯୋଜନାରେ ପ୍ରତ୍ୟେକ ଗର୍ଭବତୀ ଓ ପ୍ରସୂତିଙ୍କୁ **୧୦,୦୦୦ ଟଙ୍କା** ଲେଖାଏଁ ସହାୟତା
- **ମଧୁବାବୁ ପେନସନ ଯୋଜନା** ଅଧୀନରେ ନବୀନ ବାବୁ ପ୍ରତ୍ୟେକ ବରିଷ୍ଠ ଓ ଅସହାୟଙ୍କୁ ମାସିକ **୧,୦୦୦ ଟଙ୍କା** ଆର୍ଥିକ ସହାୟତା ଦେଉଛନ୍ତି
- **୭୦,୦୦୦ କି.ମି.** ଗ୍ରାମ ସଡ଼କ, **୬,୫୦୦ କି.ମି.** ମୁଖ୍ୟମନ୍ତ୍ରୀ ସଡ଼କ, **୧,୪୩୫**ଟି ପୋଲ ଏବଂ ପ୍ରଥମ ପର୍ଯ୍ୟାୟରେ **୪** ଲେନ୍ ବିଶିଷ୍ଟ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ସରିଛି
- **୭୦ ଲକ୍ଷ**ରୁ ଅଧିକ **ମିଶନ ଶକ୍ତି** ମହିଳାଙ୍କୁ **୧୦ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ଋଣ ବିନା ସୁଧରେ ମିଳୁଛି
- **ନୂଆ-ଓ ଛାତ୍ରବୃତ୍ତି** ଅଧୀନରେ **୬ ଲକ୍ଷ** ଛାତ୍ରଛାତ୍ରୀଙ୍କୁ **୧୨,୦୦୦ ଟଙ୍କା** ପର୍ଯ୍ୟନ୍ତ ବୃତ୍ତି ମିଳୁଛି
- **୮,୫୦୦**ରୁ ଅଧିକ ବିଦ୍ୟାଳୟ ଓ **୩,୦୦୦**ରୁ ଅଧିକ ମହାବିଦ୍ୟାଳୟର ରୂପାନ୍ତରଣ ହୋଇସାରିଛି

5T ନବୀନ ଗ୍ୟାରେଣ୍ଟି

## ଓଡ଼ିଶାର ଗୋଟିଏ ଗ୍ୟାରେଣ୍ଟି
## ନବୀନଙ୍କ 5T ଗ୍ୟାରେଣ୍ଟି



ଆମ ଚିହ୍ନ ଶଙ୍ଖ ଚିହ୍ନ। ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ ଲୋକସଭା ବିଧାନସଭା

Published by Dr Sasmit Patra, General Secretary, Biju Janata Dal

# ଖାଉଟିଙ୍କୁ ଘାରିଛି ଦରବୃଦ୍ଧି ଚିନ୍ତା

ଭୁବନେଶ୍ୱର,୭।୫(ଅନୁରାଧା ମହାରଣା)



ଗତ କିଛି ମାସ ଧରି ଦେଶରେ ମୁଦ୍ରାସ୍ଫୀତିରେ ମନ୍ଥରତା ଦେଖାଦେଇଛି। ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ହାର ୯ ମାସ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଖସି ଆସିଥିଲା। ତେବେ ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କର ଲକ୍ଷ୍ୟଠାରୁ ଅଧିକ ରହିଛି। ଦରବୃଦ୍ଧି ଆଶଙ୍କା ନେଇ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ଏପ୍ରିଲ ମାସରେ ମୁଦ୍ରାସ୍ଫୀତି ସଂଖ୍ୟାରେ କିଛି ବୃଦ୍ଧି ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏପ୍ରିଲ ମାସରେ ପନିପରିବା ମୁଦ୍ରାସ୍ଫୀତି ୧୦ ପ୍ରତିଶତରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଆଳୁ ଦର ବୃଦ୍ଧି ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଗତ ଏକ ମାସ ମଧ୍ୟରେ ଆଳୁ ମୂଲ୍ୟରେ ୧୨ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଖାଦ୍ୟ ମୁଦ୍ରାସ୍ଫୀତିରେ ପନିପରିବାର ଅଂଶ ୧୫ ପ୍ରତିଶତରୁ ଅଧିକ। ଏଭଳି ପରିସ୍ଥିତିରେ ଆଳୁର ମୂଲ୍ୟ ବୃଦ୍ଧି ସମସ୍ୟା ବଢ଼ାଇପାରେ। ଗ୍ରାହକ ବ୍ୟାପାର ବିଭାଗର ମୂଲ୍ୟ ମନିଟରିଂ ଡିଭିଜନ ସୂଚନାନୁସାରେ ମେ ୪ ସୁଦ୍ଧା ଆଳୁର ଖୁଚୁରା ମୂଲ୍ୟ କିଲୋଗ୍ରାମ ପିଛା ୨୮.୨ ଟଙ୍କାକୁ ବୃଦ୍ଧି ପାଇଛି। ୧ ମାସ ପୂର୍ବେ ଆଳୁର ଖୁଚୁରା ମୂଲ୍ୟ କିଲୋଗ୍ରାମ ପିଛା ୨୫.୨୭ ଟଙ୍କା ଥିବାବେଳେ ୧ବର୍ଷ ପୂର୍ବେ ଖୁଚୁରା ବଜାରରେ ଆଳୁ କିଲୋଗ୍ରାମ ପିଛା ୨୦.୬୦ ଟଙ୍କା ଥିଲା। ତେବେ ପିଆଜ ଏବଂ ଟମାଟୋ ଦରରେ ସାମାନ୍ୟ ହ୍ରାସ ଖାଉଟିଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ଦେଇଛି। ମାସିକ ଭିତ୍ତିରେ ପିଆଜର ହାରାହାରି ଖୁଚୁରା ମୂଲ୍ୟ କିଲୋଗ୍ରାମ ପିଛା ୩୨.୨୨ ଟଙ୍କାକୁ ଖସି ଆସିଛି। ୧ ମାସ ପୂର୍ବରୁ କିଲୋଗ୍ରାମର ମୂଲ୍ୟ ୩୨.୫୩ ଟଙ୍କା ଥିଲା। ସେହିଭଳି ଟମାଟୋର ହାରାହାରି ମୂଲ୍ୟ ମଧ୍ୟ ୧ ମାସ ପୂର୍ବରୁ ହ୍ରାସ ପାଇଛି। ତେବେ ୧ବର୍ଷ ପୂର୍ବେ ପିଆଜର ହାରାହାରି ମୂଲ୍ୟ କିଲୋଗ୍ରାମ ୨୨.୩୭ ଟଙ୍କା ଥିଲା। ମାର୍ଚ୍ଚ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୫ ପ୍ରତିଶତ ଥିଲା, ଯାହା ୯ ମାସ ମଧ୍ୟରେ ସର୍ବନିମ୍ନ ସ୍ତର । ଏହାପୂର୍ବରୁ ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତ ଏବଂ ଜାନୁଆରୀରେ ୫.୧୦ ପ୍ରତିଶତ ଥିଲା। ଅନ୍ୟପଟେ ଭାରତୀୟ ରିଜର୍ଭ ବ୍ୟାଙ୍କ ଖୁଚୁରା ମୁଦ୍ରାସ୍ଫୀତିକୁ ୪ ପ୍ରତିଶତରୁ କମ୍ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏପ୍ରିଲ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ଆକଳନ ମେ ୧୩ରେ ପ୍ରକାଶ ପାଇବ।

## ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୭।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୮୪ (୩୮୩.୬୯) ପଏଣ୍ଟ କମି ୭୩,୫୧୨(୭୩,୫୧୧.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୦(୧୪୦.୨୦) ପଏଣ୍ଟ ହ୍ରାସ ଘଟି ୨୨,୩୦୨(୨୨,୩୦୨.୫୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡ୍କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ହ୍ରାସ ହୋଇଛି।

## ଡଲାରର ସମର କଲେକ୍ସନ

ନୂଆଦିଲ୍ଲୀ,୭।୫

ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ନୂତନ ସମର କଲେକ୍ସନ 'ନ୍ୟୁ ରେଞ୍ଜ ଅଫ୍ ସମର ୱେର'ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଗ୍ରୀଷ୍ମଋତୁ ଆରମ୍ଭ ହେବା ସହ ଡଲାର ଇଣ୍ଡଷ୍ଟ୍ରିଜ୍ ବିଗ୍ବସ୍, ଜେ କ୍ଲାସ୍ ଆଣ୍ଡ ଆଥଲେଜୁର ବ୍ରାଣ୍ଡ ପକ୍ଷରୁ ଗ୍ରୀଷ୍ମକାଳୀନ ଆରାମଦାୟକ ପୋଷାକର ନୂତନ ରେଞ୍ଜଗୁଡ଼ିକୁ ବଜାର ପ୍ରବେଶ କରାଇଛି। ଏହି ଅତ୍ୟାଧୁନିକ ରେଞ୍ଜ୍ ଷ୍ଟାଇଲ ଏବଂ ଆରାମର ଏକ ସମ୍ମିଶ୍ରଣ ହୋଇଥିଲାବେଳେ ଏହା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ସକ୍ରିୟ ଜୀବନଶୈଳୀକୁ ସଶକ୍ତ କରିବା ପାଇଁ ପରିକଳ୍ପିତ ହୋଇଛି।

ଏପରିକି ଆରାମ, ଫ୍ୟାଶନ ଏବଂ ଫିଟ୍ନେସ୍ର ସର୍ବଶେଷ ଧାରାକୁ ଧ୍ୟାନରେ ରଖି ଏହାକୁ ପରିକଳ୍ପନା କରାଯାଇଛି। ବିଶେଷକରି ଏହା ସର୍ବୋତ୍ତମ ଗୁଣର କପଡ଼ାରୁ ନିର୍ମିତ ହୋଇଥିବାବେଳେ ପ୍ରତ୍ୟେକ ପୋଷାକ ଗ୍ରୀଷ୍ମ ସମୟରେ ଅତୁଳନୀୟ ଆରାମ ଯୋଗାଇବାକୁ ସକ୍ଷମ ହେବ ବୋଲି ଆକଳନ କରାଯାଇଛି।

ଏ ସମ୍ପର୍କରେ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଥିଲେ, ନୂତନ କଲେକ୍ସନ 'ଗ୍ରୀଷ୍ମ ରେଞ୍ଜ'କୁ ଉନ୍ମୋଚନ (ଅନାବରଣ) କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି କଲେକ୍ସନଗୁଡ଼ିକ ସର୍ବଶ୍ରେଷ୍ଠ ଗୁଣବତ୍ତା ସାମଗ୍ରୀ ସହ ତିଆରି ହୋଇଛି, ଯାହା ଉତ୍କର୍ଷ ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ ବୋଲି ବିଶ୍ୱାସ କରାଯାଉଛି। ପ୍ରତ୍ୟେକ ପୋଷାକ ଷ୍ଟାଇଲ ଏବଂ ଆରାମର ଏକ ନିଆରା ମିଶ୍ରଣ ସହିତ ସମସାମୟିକ ଶୈଳୀ ସହିତ ସଂଯୁକ୍ତ ହୋଇଛି। ଆମର ନୂତନ କଲେକ୍ସନ ଆତ୍ମବିଶ୍ୱାସକୁ ଉତ୍ସାହିତ କରିବା ଏବଂ ଆପଣଙ୍କ ସକ୍ରିୟ ଜୀବନଶୈଳୀକୁ ଉଭୟ ପଡ଼ିଆ ତଥା ବାହାରେ ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି। ଏହି ଗ୍ରୀଷ୍ମଦିନରେ ଦୈନନ୍ଦିନ ଶୈଳୀ ଷ୍ଟେଟ୍ମେଣ୍ଟ ନବୀକରଣ କରିବାକୁ ସକ୍ଷମ ହେବ।

## ଜେଏସ୍ଏଲ୍ର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୭।୫

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଅଗ୍ରଣୀ ଷ୍ଟେନ୍ଲେସ୍ ଇସ୍ପାତ ଉତ୍ପାଦନକାରୀ 'ଜିନ୍ଦଲ ଷ୍ଟେନ୍ଲେସ୍ ଲିମିଟେଡ୍ ବା ଜେଏସ୍ଏଲ୍'କୁ ନିକଟରେ ଆଉ ମାନ୍ୟତା ପ୍ରଦାନ କରାଯାଇଛି। ଏପରିକି କମ୍ପାନୀ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏକ ନୂତନ ଉତ୍ପାଦ ତଥା ୩ ଏମ୍ଏମ୍ର ସ୍ୱତନ୍ତ୍ର ଆଲଏ ଷ୍ଟିଲ୍ ବିକଶିତକରି ନୂଆ ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି ନୌସେନାର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ କ୍ଷମତା ବୃଦ୍ଧି ଉଦ୍ଦେଶ୍ୟରେ ସୁପରସୋନିକ୍ ମିଶାଇଲ ଆସିଷ୍ଟେଡ୍ ରିଲିଜ ଅଫ୍ ଟର୍ପେଡୋ ବା ସ୍ମାର୍ଟ ପ୍ରଣାଳୀରେ ପ୍ରୟୋଗ ପାଇଁ ୩ ଏମ୍ଏମ୍ର ସ୍ୱତନ୍ତ୍ର ଆଲଏ ଷ୍ଟିଲ୍ ସିଟ୍ ବିକଶିତ କରାଯାଇଛି। ସେହିଭଳି ଦେଶର ସାମରିକ ଗବେଷଣା ଶାଖା ଡିଆର୍ଡିଓ(ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେଶନ ବା ଡିଆର୍ଡିଓ)କୁ ପରବର୍ତ୍ତୀ ପିଢ଼ିର କ୍ଷେପଣାସ୍ତ୍ର ଆଧାରିତ ହାଲୁକା ଓଜନର ଟର୍ପେଡୋ ଡେଲିଭରି ସିଷ୍ଟମରେ ଉଡ଼ାଣ ପ୍ରୟୋଗ ପାଇଁ ବ୍ୟବହୃତ ସ୍ୱତନ୍ତ୍ର ଗ୍ରେଡ୍ ସିଟ୍ ଜେଏସ୍ଏଲ୍ ପକ୍ଷରୁ ଯୋଗାଇ ଦିଆଯାଉଛି। ଜିନ୍ଦଲ ଷ୍ଟେନ୍ଲେସ୍ (ଜେଏସ୍ଏଲ୍)ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ନିକଟରେ ନୌସେନାର ସ୍ମାର୍ଟ ସିଷ୍ଟମର ସଫଳ ଉଡ଼ାଣ ପରୀକ୍ଷଣ ହୋଇଯାଇଛି। ଭାରତର ପ୍ରତିରକ୍ଷା କ୍ଷମତାରେ ହାଲୁକା ଓଜନର ଟର୍ପେଡୋର ପାରମ୍ପରିକ ପରିସରଠାରୁ ଊର୍ଦ୍ଧ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ସର୍ବୋଚ୍ଚ ଗୁଣବତ୍ତା ଓ ଭରସାଯୋଗ୍ୟ ସାମଗ୍ରୀ ଯୋଗାଣ କରିଥାଉ ଏବଂ କ୍ୟାନିଷ୍ଟର-ବେସ୍ଡ ମିଶାଇଲ ସିଷ୍ଟମ ମାଧ୍ୟମରେ ଭାରତୀୟ ନୌସେନାକୁ ସୁଦୃଢ଼ କରିବାରେ ଯୋଗଦାନ କରିପାରିଥିବାରୁ ଆମେ ବେଶ୍ ଉତ୍ସାହିତ ଓ ଗର୍ବିତ ଅଛୁ।

## ଅଲ୍ ନ୍ୟୁ ପଲ୍ସର ଏନ୍ଏସ୍୪୦୦ଜେଡ୍ର ଅନାବରଣ

ନୂଆଦିଲ୍ଲୀ,୭।୫ (ଅଭୟ ଦାଶ)



ବଜାଜ ଅଟୋ ଲିମିଟେଡ୍ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ପଲ୍ସର ଏନ୍ଏସ୍୪୦୦ଜେଡ୍'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ପଲ୍ସର ଏନ୍ଏସ୍୪୦୦ଜେଡ୍ରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ଫିଚର ଏବଂ ୩୭୩ ସିସିର ସିଙ୍ଗଲ ସିଲଣ୍ଡର ଇଞ୍ଜିନ ସହ ୩୯.୪ ବିଏଚ୍ପି,୩୫ଏନ୍ଏମ୍ ଭଳି ଅତ୍ୟାଧୁନିକ ସୁବିଧା ସାମିଲ ରହିଛି।

ସେହିଭଳି ୪୩ଏମ୍ଏମ୍ ୟୁଏସ୍ଡି ଫର୍କ ସହିତ ୩ସ୍ତରୀୟ ଟିସିଏସ୍ ଆଣ୍ଡ ଏବିଏସ୍ ଟେକ୍ନୋଲୋଜି ଏବଂ ସମ୍ପୂର୍ଣ୍ଣ ଡିଜିଟାଲ ଉପକରଣ ସାଙ୍ଗକୁ କନ୍ସୋଲ ଏବଂ ବ୍ଲୁ ଟୁଥ୍ କନ୍କ୍ଟେଭିଟ ଭଳି ସୁବିଧା ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ୫ସ୍ପିଡ୍ ଗିୟରବକ୍ସ ସହ ୱାଇଡ ଟାୟାର ଭଳି ଅନେକ ସୁରକ୍ଷାଭିତ୍ତିକ ସୁବିଧା ଓ ଫିଚର ଏହି ମଡେଲରେ ସାମିଲ ହୋଇଥିବାବେଳେ ଆକର୍ଷଣୀୟ ଡିଜାଇନ ଓ ୪ଟି ମନୋଲୋଭା କଲର (ରଙ୍ଗ) ସହ ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ନୂଆଦିଲ୍ଲୀ) ୧.୮୫ ଲକ୍ଷ ଟଙ୍କା ରହିଛି।

ଏ ସମ୍ପର୍କରେ ବଜାଜ ଅଟୋ ଲିମିଟେଡ୍ର ସଭାପତି (ମୋଟର ସାଇକେଲ) ସାରଙ୍ଗ କାଣ୍ଡେ କହିଛନ୍ତି, ଆମେ ଆମର ନୂତନ ମଡେଲ 'ଅଲ୍ ନ୍ୟୁ ପଲ୍ସର ଏନ୍ଏସ ୪୦୦ ଜେଡ୍'କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଏନ୍ ସିରିଜ ଘରୋଇ ବଜାରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ସିରିଜର ଅଗ୍ରଣୀ ମଡେଲ ଏନ୍୧୫୦,ଏନ୍୧୬୦ ଏବଂ ଏନ୍ ୨୫୦ ମଧ୍ୟ ପୂର୍ବରୁ ମାର୍କେଟ ଲିଡର ଭାବେ ବେଶ୍ ପ୍ରଭାବଶାଳୀ କାରବାର ସହ ଯୁବବର୍ଗଙ୍କ ନିକଟତର ହୋଇପାରିଥିଲା।

## ଇମାମିର ନୂତନ ଅଭିଯାନ

ନୂଆଦିଲ୍ଲୀ,୭।୫

ଦେଶର ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଇମାମି ଗ୍ରୁପ୍ର ଅଗ୍ରଣୀ କମ୍ପାନୀ ଇମାମି ଲିମିଟେଡ୍ର ନୂତନ ଅଭିଯାନ 'ଟେଲିଭିଜନ କମର୍ସିଆଲ ବା ଟିଭିସି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ଆୟୁର୍ବେଦିକ ତେଲ 'ନବରତ୍ନ 'ର ଗୁଣବତ୍ତା ସମ୍ପର୍କରେ ପ୍ରଚାର ଓ ପ୍ରସାର କରାଯାଇଛି। ଚଳିତ ଗ୍ରୀଷ୍ମଋତୁରେ କପିଳ ଶର୍ମାଙ୍କ ସମେତ କିକୁ ଶାରଦା, ଗୌରବ ଗେରା ଓ ସୁମୋନା ଚକ୍ରବର୍ତ୍ତୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ବିଶେଷକରି ବ୍ରାଣ୍ଡ୍ର ଏହି ନୂତନ ଟିଭି ବିଜ୍ଞାପନ ଓ ଡିଜିଟାଲ ବିଷୟବସ୍ତୁକୁ କପିଳ ଶର୍ମା ଓ ତାଙ୍କ ଟିମ୍ ଭିନ୍ନ ଏକ ଚିନ୍ତାଧାରା ଓ ଫୋରମରେ ପରିବେଷଣ କରାଯାଇଛି। ନବରତ୍ନ ତେଲର ଏହି ନୂତନ ଅଭିଯାନ 'ଥଣ୍ଡକ କା ବାଦଶାହା,ରାହତ କା ରାଜା'କୁ ମିଳିତ ଭାବେ କପିଳ ଶର୍ମାଙ୍କ ଟିମ୍ ସୁନ୍ଦର ଓ ନିଖୁଣ ଭାବେ ଉପସ୍ଥାପନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ନବରତ୍ନ ତେଲକୁ ମୁଣ୍ଡରେ ୨ ମିନିଟ୍ ମାଲିସ କରିବା ଦ୍ୱାରା ଆରାମ ଲାଗିଥାଏ। ଏପରିକି ବ୍ରାଣ୍ଡର ଲୋକପ୍ରିୟ ପ୍ରଚାର ଥିମ୍ 'ଥଣ୍ଡା ଥଣ୍ଡା କୁଲ୍ କୁଲ୍' ବିଷୟରେ ମଧ୍ୟ ବିସ୍ତୃତ ଭାବେ ଉପସ୍ଥାପନା କରାଯାଇଛି। ଏ ସମ୍ପର୍କରେ ଇମାମି ଲିମିଟେଡ୍ର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ହର୍ଷ ଭି ଅଗ୍ରୱାଲ କହିଛନ୍ତି, ଆମର ବ୍ରାଣ୍ଡ୍ ନବରତ୍ନ ଆୟୁର୍ବେଦିକ ତେଲ ପାଇଁ କପିଳ ଶର୍ମା ଓ ତାଙ୍କ ଟିମ୍କୁ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ହାସ୍ୟରସର ପ୍ରମୁଖ ବ୍ୟକ୍ତିବିଶେଷ ଭାବେ ଜଣାଶୁଣା କପିଳଙ୍କ ହାସ୍ୟାଭିନୟ ଜନସମୁଦାୟଙ୍କୁ ମନୋରଞ୍ଜନର ଏକ ବିଶେଷ ଖୋରାକ ପ୍ରଦାନ କରିଆସୁଛି।

**ଅନ୍ୟାନ୍ୟ ଖବର**

## ସେବାର ଅନ୍ୟନାମ 'ରେଡ୍କ୍ରସ'



ପ୍ରତିବର୍ଷ ମେ'୮ରେ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଏ। ଅନ୍ତର୍ଜାତୀୟ ରେଡକ୍ରସ ଏବଂ ରେଡ କ୍ରିସେଣ୍ଟ ଆନ୍ଦୋଳନର ନୀତି ମନେରଖିବା ପାଇଁ ଏହା ପାଳନ କରାଯାଏ। ବିଶ୍ୱ ରେଡକ୍ରସ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ଅସହାୟ ତଥା ଆହତ ସୈନିକ ଏବଂ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବା। ରେଡକ୍ରସର ଅନ୍ତର୍ଜାତୀୟ କମିଟିର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିନ ମେ' ୮ରେ ପାଳନ କରାଯାଏ। ଉକ୍ତ ଦିନଟିକୁ ଲୋକମାନେ ମାନବିକ ସଂଗଠନ ତଥା ମାନବିକତାକୁ ସାହାଯ୍ୟ କରିବାରେ ଏହାର ଅଦ୍ୱିତୀୟ ଅବଦାନକୁ ଶ୍ରଦ୍ଧାଞ୍ଜଳି ଉତ୍ସର୍ଗ କରି ପାଳନ କରିଥାନ୍ତି।

ରେଡକ୍ରସ ହେଉଛି ଏକ ଅନ୍ତର୍ଜାତୀୟ ସଂଗଠନ। ଏହାର ମୁଖ୍ୟାଳୟ ସୁଇଜରଲାଣ୍ଡର ଜେନେଭାରେ ଅବସ୍ଥିତ। ରେଡକ୍ରସର ଅନ୍ତର୍ଜାତୀୟ କମିଟି ଏବଂ ବହୁ ଜାତୀୟ ସମାଜ ମିଳିତ ଭାବରେ ଏହି ସଂଗଠନ ଚଳାନ୍ତି। ବିଶ୍ୱ ରେଡକ୍ରସ ସୋସାଇଟିର କାର୍ଯ୍ୟ ସର୍ବଦା ଜାରି ରହିଛି। କୌଣସି ରୋଗ କିମ୍ବା ଯୁଦ୍ଧ ସଙ୍କଟ ହେଲେ ଏହାର ସ୍ୱେଚ୍ଛାସେବୀମାନେ ଲୋକଙ୍କ ସେବା କରିବାକୁ ଆଗେଇ ଆସିଥାନ୍ତି। କରୋନା ମହାମାରୀ ସମୟରେ ସେମାନଙ୍କର କାର୍ଯ୍ୟ ସାରା ବିଶ୍ୱ ଦେଖିଥିଲା। ସମଗ୍ର ବିଶ୍ୱରେ ଅଭାବୀ ଲୋକଙ୍କୁ ସେବା ଯୋଗାଉଛି ରେଡକ୍ରସ।

ରେଡକ୍ରସ ସୋସାଇଟିର ଗୁରୁତ୍ୱ ଏହାର ଇତିହାସରେ ଲୁଚି ରହିଛି। ୧୮୫୯ରେ ସୁଇଜରଲାଣ୍ଡର ବ୍ୟବସାୟୀ ଜନ-ହେନେରୀ ଡୁନାଣ୍ଟ ଇଟାଲୀରେ ସୋଲ୍ଫେରିନୋ ଯୁଦ୍ଧର ସାକ୍ଷୀ ହୋଇଥିଲେ। ଯେଉଁଥିରେ ବହୁ ସଂଖ୍ୟକ ସୈନିକ ପ୍ରାଣ ହରାଇବା ସହିତ ଅନେକ ଆହତ ମଧ୍ୟ ହୋଇଥିଲେ। ଏହି ଆହତ ସୈନିକମାନଙ୍କର ଯତ୍ନ ନେବା ପାଇ କୌଣସି ସେନାର ଚିକିତ୍ସାଳୟ ନ ଥିଲା। ଡୁନାଣ୍ଟ ସ୍ୱେଚ୍ଛାସେବୀମାନଙ୍କ ଏକ ଦଳ ଗଠନ କରିଥିଲେ। ଖାଦ୍ୟ ଏବଂ ଜଳ ବିତରଣ କରିଥିଲେ। କେବଳ ଏତିକି ନୁହେଁ, ଏହି ଗୋଷ୍ଠୀ ତାଙ୍କୁ ଚିକିତ୍ସା କରିଥିଲେ ଏବଂ ତାଙ୍କ ପରିବାରକୁ ଚିଠି ମଧ୍ୟ ଲେଖିଥିଲେ।

ଏହି ଘଟଣାର ତିନି ବର୍ଷ ପରେ ହେନେରୀ ତାଙ୍କର ଅନୁଭୂତି 'ଏ ମେମୋରି ଅଫ ସୋଲ୍ଫେରିନୋ' ପୁସ୍ତକ ଆକାରରେ ପ୍ରକାଶ କରିଥିଲେ। ଏହି ପୁସ୍ତକରେ ସେ ଏକ ସ୍ଥାୟୀ ଅନ୍ତର୍ଜାତୀୟ ସମାଜ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏକ ସମାଜ ଯିଏ ଯୁଦ୍ଧରେ ଆହତ ଲୋକଙ୍କୁ ଚିକିତ୍ସା କରିପାରିବ। ଯିଏ କୌଣସି ଦେଶର ନାଗରିକତ୍ୱ ଆଧାରରେ ନୁହେଁ ବରଂ ମାନବିକତା ଆଧାରରେ ଲୋକଙ୍କ ପାଇଁ କାମ କରିବ। ତାଙ୍କର ପରାମର୍ଶ ପରବର୍ତ୍ତୀ ବର୍ଷ କାର୍ଯ୍ୟକାରୀ କରାଯାଇଥିଲା। ଫେବୃଆରୀ ୧୮୬୩ରେ ଜେନେଭା ଜନ କଲ୍ୟାଣ ସମାଜ ଏକ କମିଟି ଗଠନ କଲା। ଯାହାର ସୁପାରିସରେ ଅକ୍ଟୋବର ୧୮୬୩ରେ ଏକ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ଦେଶର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଅନେକ ପ୍ରସ୍ତାବ ଏବଂ ନୀତି ଗ୍ରହଣ କରାଯାଇଥିଲା। ଏହା ପରେ ୧୮୭୬ରେ ରେଡକ୍ରସର ଅନ୍ତର୍ଜାତୀୟ କମିଟି (ଆଇସିଆରସି) ନାମରେ ଗଠନ ହୋଇଥିଲା।

**ଆଜି ବିଶ୍ୱ ଥାଲାସିମିଆ ଦିବସ**

## "ଜନସଚେତନତା ବିପଦ ଏଡ଼ାଇବ"



ପ୍ରତିବର୍ଷ ମେ' ୮ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଥାଲାସିମିଆ ଦିବସ'। ଚଳିତ ବର୍ଷର ଏହି ଦିବସ ଉପଲକ୍ଷେ ପ୍ରସାରିତ ବାର୍ତ୍ତାଟିରେ କୌଣସି ଅସ୍ପଷ୍ଟତା ନାହିଁ। ଥାଲାସିମିଆ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସେହି ବାର୍ତ୍ତାରେ ରହିଛି ଏକ ବଳିଷ୍ଠ ଆହ୍ୱାନ। ଥାଲସିମିଆ ରୋଗୀମାନେ ଯେଉଁଠି ରହିଥାଆନ୍ତୁ ନା କାହିଁକି, ସେମାନଙ୍କର ଆର୍ଥିକ ଅବସ୍ଥା ଯାହା ହୋଇଥାଉ ନା କାହିଁକି, ସମସ୍ତଙ୍କ ନିକଟରେ ନିର୍ଭୁଲ ରୋଗ ନିର୍ଣ୍ଣୟ ସୁବିଧା ଏବଂ ଆଧୁନିକତମ ସର୍ବୋତ୍କୃଷ୍ଟ ଚିକିତ୍ସା ସେବା ପହଞ୍ଚାଇବାରେ ଆମ ସମସ୍ତଙ୍କର ଅବଦାନ ରହିବା ବାଞ୍ଛନୀୟ। ଅନ୍ୟପକ୍ଷରେ ଏହି ରୋଗ ସମ୍ପର୍କରେ ସଚେତନତାର ପ୍ରସାର କରି ସକାରାତ୍ମକ ପରିବର୍ତ୍ତନ ପଥ ସୁଗମ କରିଦେବା ନିମନ୍ତେ ଆମର ଉଦ୍ୟମ ନିରନ୍ତର ଅବ୍ୟାହତ ରହିବା ଉଚିତ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ପୃଥିବୀରେ ପ୍ରାୟ ୧୦କୋଟି ଲୋକଙ୍କଠାରେ ଥାଲାସିମିଆ ଜିନ୍ ରହିଥିବାର ଜଣାପଡ଼ିଛି। ପୁଣି ଏହି ଜିନ୍ ରୋଗରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ଜନ୍ମ ନେଉଛନ୍ତି ପ୍ରାୟ ତିନି ଲକ୍ଷରୁ ଅଧିକ ଶିଶୁ।

ଥାଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-୧. ଥାଲାସିମିଆ ମେଜର, ୨. ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ। ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍ଟା ଓ ଆଖି ଫୁଲାଫୁଲା। ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

ଥାଲାସିମିଆ ରୋଗୀର କମିଯାଏ ହେମୋ ଗ୍ଲୋବିନ୍ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ'ର ମାତ୍ରା। ଏଚ.ପି.ଏଲ.ସି. ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ-ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍ର ମାତ୍ରା ନିର୍ଦ୍ଧାରଣ।

ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ପତି ଓ ପତ୍ନୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ପତ୍ନୀ ଗର୍ଭବତୀ ହେଲେ ଗର୍ଭ ହେବର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

**-ଡ. ନିତ୍ୟାନନ୍ଦ ସ୍ୱାଇଁ,** 'ଅଭୀପ୍ସା', ସେକ୍ଟର-୬, ଫ୍ଲାଟ ନଂ-୧୧୩୧, ସିଡିଏ, କଟକ-୧୪

**ମନେ ପଡ଼ନ୍ତି**

**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସରୋଜ ଚନ୍ଦ୍ର ମହାରଣା**
୨୭୧୮, ମହାରଣା ସାହି, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର
ଆବିର୍ଭାବ- ତା୧୪।୧୧।୧୯୫୦
ତିରୋଧାନ- ତା୨୦।୦୪।୨୦୨୩
ଗୋଟିଏ ବର୍ଷ ବିତିଗଲାଣି, ତଥାପି ଆପଣଙ୍କ ସ୍ମୃତି ଅମଳିନ ରହିଛି। ଆପଣଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବା ବେଳେ ପ୍ରତିମୁହୂର୍ତ୍ତରେ ଆପଣଙ୍କ ଦିବ୍ୟ ଆଶୀର୍ବାଦ ଅନୁଭବ କରୁଛୁ। ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଆପଣଙ୍କ ଆତ୍ମାର ସଦ୍ଗତି ପ୍ରାପ୍ତ ନିମନ୍ତେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପତ୍ନୀ: ସରୋଜିନୀ, ପୁତ୍ର: ଦେବୀ ପ୍ରସାଦ, ପୁତ୍ରବଧୂ: ସ୍ନିଗ୍ଧା, କନ୍ୟା, ଜାମାତା: ପିଙ୍କି-ଲଳାଟେନ୍ଦୁ, ରୋଜି-ଗୋପାଳ, ବେବି-ଶୁଭ୍ରାନ, ଭ୍ରାତା: ପୁଲିନ, ଭାଇବୋହୂ: ସନ୍ଧ୍ୟା, ଭ୍ରାତୃପୁତ୍ର: ଭିକି, ନାତି/ନାତୁଣୀ: ଆହାନା, ଖୁସି, ରିୟା, ଆର୍ଯ୍ୟା, ଲଭ୍ଲି ।
ଧ-୭୫୭୩୬

**ସ୍ମୃତିରେ ତୁମେ ନୂତନ**



**ନୂତନ କାନ୍ତ ମହାନ୍ତି**
ଆବିର୍ଭାବ : ୦୧.୦୧.୨୦୦୪
ତିରୋଧାନ : ୦୮.୦୫.୨୦୧୮
ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ବାପା, ମାଆ, ଭାଇ, ଭାଉଜ ଓ ଆତ୍ମୀୟସ୍ୱଜନ
ନଳିନୀକାନ୍ତ ମହାନ୍ତି (ଗୁଡୁ)
ରସୁଲଗଡ଼, ଭୁବନେଶ୍ୱର
ଧ-୭୫୫୩୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ନେହଲତା ପଟ୍ଟନାୟକ**
ଗାନ୍ଧିନଗର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ- ୦୫।୦୧।୧୯୪୬
ତିରୋଧାନ- ୨୦।୦୪।୨୦୨୩
ତୁମେ ଏମିତି ହଠାତ୍ ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ହସି ହସି ମା'ଙ୍କ ପାଖକୁ ଚାଲିଗଲ। ତୁମ ଅବର୍ତ୍ତମାନରେ ତୁମର ସ୍ନେହଭରା କଥା ଓ ଉପଦେଶ ଆମେ କେବେ ଭୁଲିପାରିବୁନି। ଆଜିର ପବିତ୍ର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପବିତ୍ର ଆତ୍ମା ଚିର ଶାନ୍ତି ଲାଭ କରୁ ଏହାହିଁ ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
**ଶୋକସନ୍ତପ୍ତ ପରିବାରବର୍ଗ:** ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ ।
ଧ-୨୩୯

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ମଞ୍ଜୁଳା ମହାନ୍ତି**
ପ୍ଲଟ୍ ନଂ.-୧୯୯, ସହିଦ ନଗର
ବୈଶାଖ ଶୁକ୍ଳପକ୍ଷ ପ୍ରତିପଦା
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା । ସବୁ ସମୟରେ ତୁମର ଅନୁପସ୍ଥିତି ଆମେମାନେ ଅନୁଭବ କରୁଛୁ । ଆମର ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ, ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା ।
ଶୋକସନ୍ତପ୍ତ: ନନା, ନୂଆବୋଉ, ତପୁ, ଟିଟି, ପାପୁ, ଢୁଲ୍ଲୁ, ଆନିଆ, ।
ଧ-୨୩୧

## ଅଜଣା ଯୁବତୀଙ୍କ ମୃତଦେହ ଝୁଣି ଖାଉଛନ୍ତି କୁକୁର, ଶିଆଳ

ରାଜକନିକା, ୭।୫(ରବୀନ୍ଦ୍ର କୁମାର ଦାସ )

ରାଜକନିକା ଥାନା ଅନ୍ତର୍ଗତ ଜାଗୁଲାଇପଡା ପଞ୍ଚାୟତର ମାଟିଆ ଗାଁ ଚାଷଜମିରେ ଜଣେ ଅଜଣା ଯୁବତୀଙ୍କ ଗଳିତ ମୃତଦେହ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ମାଟିଆ ଗାଁର କେତେଜଣ ଲୋକ ଚାଷଜମିରେ ଜଣେ ଯୁବତୀଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ହେଲେ ମୃତଦେହଟିକୁ କୁକୁର, ଶିଆଳ କିଛି ଅଂଶକୁ ଝୁଣି ଖାଇ ଦେଇଥିବାରୁ ଶରୀରଟି ବିକୃତ ହୋଇଯାଇଛି। ତେବେ ଏହି ଯୁବତୀଙ୍କ ବୟସ ୨୦ ବର୍ଷ ପାଖାପାଖି ହେବ। ଯୁବତୀ ଜଣଙ୍କ ମାନସିକ ବିକୃତ ଥାଇ ଏଣେ ତେଣେ ବୁଲି ମାଗି ଯାଚି ଖାଉଥିବା ଗାଁ ଲୋକ ଦେଖିଥିବା କଥା କହିଥିଲେ। ତେବେ କେଉଁ ପରିସ୍ଥିତିରେ ନିଛାଟିଆ ଚାଷ ଜମିକୁ ଆସି ଏଭଳି ମୃତ୍ୟୁମୁଖରେ ପଡ଼ିଲେ ତାହା ଏବେ ସନ୍ଦେହ ଘେରକୁ ଆସିଛି। ଯୁବତୀ ଜଣଙ୍କ ନାଲି ସାର୍ଟ ଆଉ ଧଳା ପ୍ୟାଣ୍ଟ ପିନ୍ଧିଥିଲେ। ହାତ, ଗୋଡ଼ ମୁହଁକୁ କୁକୁର, ଶିଆଳ, କୁଆ ଖାଇ ଖଣ୍ଡିଆ ଖାବରା କରି ଦେଇଛନ୍ତି। ଦୁଇଦିନ ତଳେ ଯୁବତୀଙ୍କ ମୃତ୍ୟୁ ହୋଇ ଥିବାର ଅନୁମାନ କରାଯାଉଛି। ଏ ସମ୍ପର୍କରେ ଜାଗୁଲାଇପଡା ସରପଞ୍ଚ ଲିଲିଭା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଥାନାଧିକାରୀଙ୍କୁ ଅବଗତ କରିଛନ୍ତି। ତେବେ ସନ୍ଧ୍ୟା ୭ଟା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସୂଚନା ମିଳିଛି। ଅପରପକ୍ଷରେ ଯଦି ମୃତଦେହଟିକୁ ଉଦ୍ଧାର କରା ନ ଯାଏ ତେବେ ରାତି ପାହିଲା ପୂର୍ବରୁ ଶିଆଳ, କୁକୁର ଖାଇ ଯିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୮/୨୦୨୪ | Bhubaneswar, Wednesday, May 8/2024 | ପୃଷ୍ଠା-୧




**ଫର୍ମକୁ ଫେରିଲେ ଅଶ୍ୱିନ**

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ୩ ଉଇକେଟ ନେଇ ତାଙ୍କ ଫର୍ମର ସୂଚନା ଦେଇଛନ୍ତି ରାଜସ୍ଥାନ ରୟାଲ୍ସର ରବିଚନ୍ଦ୍ରନ ଅଶ୍ୱିନ।

୦୬

୦୫

**ରାଷ୍ଟ୍ରପତି ଭାବେ ୫ମ ଥର ଶପଥ ନେଲେ ପୁଟିନ୍**

ଭ୍ଲାଡିମିର୍ ପୁଟିନ୍ ୫ମ ଥର ପାଇଁ ରୁଷିଆ ରାଷ୍ଟ୍ରପତି ଭାବେ ମଙ୍ଗଳବାର ଶପଥ ନେଇଛନ୍ତି। ଆମେରିକା ଓ କେତେକ ପାଶ୍ଚାତ୍ୟ ରାଷ୍ଟ୍ର ଏହି ଉତ୍ସବକୁ ବର୍ଜନ କରିଛନ୍ତି।





କୋରାପୁଟ ଜିଲାର ପ୍ରସିଦ୍ଧ ଗୁପ୍ତେଶ୍ୱର ଶୈବପୀଠକୁ ସଂଯୋଗ କରୁଥିବା ରାସ୍ତାର ଡକରିଘାଟିଠାରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଗଛ ଉପୁଡ଼ି ପଡ଼ି ଯାତାୟାତ ବ୍ୟାହତ ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ଗଛ କାଟି ରାସ୍ତାରୁ ହଟାଉଛନ୍ତି।

# କେଜ୍‌ରିୱାଲଙ୍କୁ ମିଳିଲାନି ଆଶ୍ୱସ୍ତି

## ଜାମିନ ମିଳିଲେ ଦସ୍ତଖତ ମନା: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୫**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଜଣେ ଅଭ୍ୟାସଗତ ଅପରାଧୀ ନୁହନ୍ତି। ତେଣୁ ତାଙ୍କୁ ଅବକାରୀ ନୀତି ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଅନ୍ତରୀଣ ଜାମିନ ମିଳିପାରେ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସଙ୍କେତ ଦେଇଛନ୍ତି। ତେବେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ନିର୍ବାଚନ ପ୍ରଚାର ପାଇଁ ଯଦି ଜାମିନ ମିଳେ, କେଜ୍‌ରିୱାଲ କୌଣସି ଫାଇଲରେ ଦସ୍ତଖତ କରିପାରିବେ ନାହିଁ ବୋଲି ମଙ୍ଗଳବାର ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି।

ମାର୍ଚ୍ଚ ୨୧ରେ ଆପ୍ ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତିହାର ଜେଲରେ ଥିବା କେଜ୍‌ରିୱାଲ ନିଜ ଗିରଫଦାରିକୁ ବେଆଇନ ଦର୍ଶାଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ବାଦ୍ ସେ ପୃଥକ୍ ଭାବେ ଜାମିନ ପାଇଁ ମଧ୍ୟ ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକମନୁ ସିଂଘଭୀ ଏବଂ ଇଡି ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ମାମଲା ପରିଚାଳନା କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଦୁଇଜଣିଆ ଖଣ୍ଡପୀଠ ଅପରାହ୍ନ ୨ଟାରେ କେଜ୍‌ରିୱାଲଙ୍କ ପିଟିଶନର ଶୁଣାଣି ଶେଷ କରିଛନ୍ତି। ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଇଡି ପକ୍ଷରୁ ସ୍ୱତନ୍ତ୍ର ଭାବେ



ପ୍ରତିନିଧିତ୍ୱ କରି କହିଥିଲେ, ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେଜ୍‌ରିୱାଲଙ୍କ ପ୍ରତି ଅଦାଲତ ସଦୟ ହୋଇ ଜାମିନ ପ୍ରଦାନ କରିବା ରାଜନେତାଙ୍କ ପାଇଁ ଏକ ପୃଥକ୍ ବର୍ଗ ସୃଷ୍ଟି କରିବା ସଦୃଶ। ଏନେଇ ଜଷ୍ଟିସ୍ ଖାନ୍ନା କହିଥିଲେ, ଗୁରୁବାର କିମ୍ବା ଆସନ୍ତା ସପ୍ତାହରେ ଏହା ଉପରେ ବିଚାର କରାଯିବ। ତେବେ ସଂରକ୍ଷିତ ରାୟ କେବେ ପ୍ରକାଶ ପାଇବ ସେନେଇ ଅଦାଲତ କିଛି ସ୍ପଷ୍ଟ କରିନାହାନ୍ତି।

ଇତିମଧ୍ୟରେ ଦିଲ୍ଲୀର ଏକ ଅଦାଲତ କେଜ୍‌ରିୱାଲଙ୍କ ବିଚାରବିଭାଗୀୟ ହାଜତ ମିଆଦକୁ ମେ' ୨୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ସିବିଆଇ-ଇଡି ସ୍ୱତନ୍ତ୍ର ଜଜ୍‌ଙ୍କ ସମ୍ମୁଖରେ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ହାଜର କରାଯାଇଥିଲା। ବିଚାରପତି କାବେରୀ ବାୱେଜା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ହାଜତ ମିଆଦକୁ ଆସନ୍ତା ୧୫ ଓ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କ ମିଆଦକୁ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

# ନିଟ୍‌ରେ ନକଲି ପରୀକ୍ଷାର୍ଥୀ

## ଡାକ୍ତରୀ ଛାତ୍ରଙ୍କ ସମେତ ୩ ଗିରଫ

**ଭଦ୍ରକ,୭।୫(ସନାତନ ରାଉତ)**

୧୦ଲକ୍ଷ ଟଙ୍କା ନେଇ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍‌ରେ ଅନ୍ୟ ଜଣେ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେଇ ଧରାପଡ଼ିଛନ୍ତି ଜଣେ ଡାକ୍ତରୀ ଛାତ୍ର। ସେ ହେଉଛନ୍ତି କୋଲକାତା ମେଡିକାଲ କଲେଜର ତୃତୀୟ ବର୍ଷରେ ଅଧ୍ୟୟନରତ ଅଙ୍କିତ ରାଜ(୨୨)। ତାଙ୍କ ଘର ବିହାରରେ। ଆଡ୍‌ମିଟ୍ କାର୍ଡରେ ଜାଲିଆତି କରି ଜଣେ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେଇଥିବା ଘଟଣାରେ ଅଙ୍କିତଙ୍କ ସମେତ ୩ଜଣଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ.୩୧୮/୨୪) ରୁଜୁ କରାଯାଇଛି। ଗ୍ରାମାଞ୍ଚଳ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା କହିଛନ୍ତି, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଆଉଟ୍‌ସୋର୍ସିଂ କମ୍ପାନୀ ଇନୋଭେଟିଭ୍ ଟେକ୍ ଜରିଆରେ ନିଟ୍ ପରୀକ୍ଷା ଆୟୋଜନ ହୋଇଥିଲା। ଗତ ୫ ତାରିଖରେ ଭଦ୍ରକର ଏକ ଘରୋଇ ସ୍କୁଲରେ ନିଟ୍ ପରୀକ୍ଷା ଚାଲିଥିବାବେଳେ ପରୀକ୍ଷାର୍ଥୀ ସାଜିଥିବା ଅଙ୍କିତଙ୍କ ଉପରେ ସନ୍ଦେହ ହୋଇଥିଲା। ଆଡ୍‌ମିଟ୍ କାର୍ଡରେ ତାଙ୍କ ଫଟୋ ଥିବାବେଳେ ଆଧାର କାର୍ଡ ଯାଞ୍ଚ ପାଇଁ ବାୟୋମେଟ୍ରିକ୍‌ରେ ଟିପ ଚିହ୍ନ ଯାଞ୍ଚ ବେଳେ ଏହା ମିଶି ନ ଥିଲା। ଏନେଇ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ ପରୀକ୍ଷା କରାଉଥିବା ଆଉଟ୍‌ସୋର୍ସିଂ ସଂସ୍ଥା ଇନୋଭେଟିଭ ଟେକ୍‌ର ଆଡ୍‌ମିନିଷ୍ଟ୍ରେଟିଭ ଅଫିସରଙ୍କୁ ଅବଗତ କରାଯାଇଥିଲା। ପରେ ନକଲି ପରୀକ୍ଷାର୍ଥୀ ଅଙ୍କିତଙ୍କୁ ଅଟକ ରଖାଯାଇ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପ୍ରକୃତ ପରୀକ୍ଷାର୍ଥୀ ମୟୂରଭଞ୍ଜ ଅଞ୍ଚଳର ଶାଶ୍ୱତ ତ୍ରିପାଠୀ ନିଜ ପାଇଁ ନକଲି ପରୀକ୍ଷାର୍ଥୀ ଯୋଗାଡ଼ କରିବାକୁ ଜଣେ ମଧ୍ୟସ୍ଥଙ୍କ ସହାୟତାରେ ବିହାରର ଜଣେ ଆଇଟିଆର୍ ପାସ୍ କରିଥିବା ଛାତ୍ର ରାଜେଶ ମଧୁକରଙ୍କୁ ଯୋଗାଯୋଗ କରିଥିଲେ। ରାଜେଶ ପରୀକ୍ଷାର୍ଥୀ ଯୋଗାଡ଼ କରିବା ପାଇଁ ଆୟୁର୍ବେଦରେ ଡିଗ୍ରୀ କରିଥିବା ବିହାରର ତାଙ୍କ ସହକର୍ମୀ ଆଦିତ୍ୟ କୁମାରଙ୍କ ସହ ଯୋଗାଯୋଗ କରିଥିଲେ। ଆଦିତ୍ୟ ତାଙ୍କ ସାଙ୍ଗ ନିଟ୍ ପାସ୍ କରି କୋଲକାତା ମେଡିକାଲ କଲେଜ ଛାତ୍ର ଅଙ୍କିତଙ୍କୁ ଯୋଗାଯୋଗ କରିବାରୁ ସେ ୧୦ ଲକ୍ଷ ଟଙ୍କା ନେଇ ପରୀକ୍ଷା ଦେବାକୁ ରାଜି ହୋଇଥିଲେ। ଅଙ୍କିତଙ୍କ ଫଟୋକୁ ପ୍ରକୃତ ପରୀକ୍ଷାର୍ଥୀ ଶାଶ୍ୱତଙ୍କ ଫଟୋ ସ୍ଥାନରେ ପେଷ୍ଟ କରି ପରୀକ୍ଷା ପାଇଁ ଆବେଦନ କରିଥିଲେ। ପରେ ମିଳିଥିବା ଆଡ୍‌ମିଟ୍ କାର୍ଡରେ ଅଙ୍କିତଙ୍କ ଫଟୋ ରହିଥିଲା। ହେଲେ ପରୀକ୍ଷା ସମୟରେ ଅଙ୍କିତଙ୍କ ଉପରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ସନ୍ଦେହ ହୋଇଥିଲା। ଏହି ଘଟଣାରେ ତଦନ୍ତ କରାଯାଇ ବିହାରର ନାୱାଡ଼ା ଥାନା ଅଧୀନ ସାହେବଚକର ଅଙ୍କିତ, ମଧ୍ୟସ୍ଥ ବିହାର ଲକ୍ଷୀସରାଇ ଜିଲା ପିପାରିୟା ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମର ରାଜେଶ କୁମାର ମଧୁକର(୪୦) ଓ ଭୁବନେଶ୍ୱରରେ ରହୁଥିବା ଝାଡ଼ଖଣ୍ଡର ଇଷ୍ଟ ସିଂହଭୂମ ଜିଲା ନବରଙ୍ଗ ମାର୍କେଟ୍ ଅଞ୍ଚଳର ପ୍ରେମ ଶଙ୍କର ପାଣ୍ଡେଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୩ଟି ମୋବାଇଲ ଓ ଏକ ମାରୁତି କାର୍(ଓଡି୦୨-ବିଭି-୨୪୧୯) ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ନକଲି ପରୀକ୍ଷାର୍ଥୀଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯିବା ଘଟଣାକୁ ନେଇ ବ୍ୟାଙ୍କରେ ତଦନ୍ତ ଆରମ୍ଭ ହୋଇଛି। ତଥ୍ୟ ବ୍ୟାଘାତ ହେବା ଆଶଙ୍କାରେ ପୋଲିସ ବିଶେଷ ତଥ୍ୟ ଦେବାକୁ ମନା କରିଦେଇଛି। ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶ ଓ ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ଅନୁରାଗ ମହାନ୍ତି ଉପସ୍ଥିତ ଥିଲେ।

# ଆଜି ୭ ଜିଲାକୁ ପ୍ରବଳ ବର୍ଷା

**ଭୁବନେଶ୍ୱର, ୭।୫(ଅସମାପିକା ସାହୁ)**

ତାତିରୁ ମିଳିଛି ଆଶ୍ୱସ୍ତି। ରାଜ୍ୟର ଅଧିକାଂଶ ସହରରେ କାଳବୈଶାଖୀ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଥିବା ଦେଖାଯାଇଛି। ମଙ୍ଗଳବାର ବାଲେଶ୍ୱର, କଟକ, ଭୁବନେଶ୍ୱର, ଗୋପାଳପୁର, ଅନୁଗୋଳ, ଝାରସୁଗୁଡ଼ା, କୋରାପୁଟ, ପାରଳାଖେମୁଣ୍ଡି, ଯାଜପୁର ଓ ନବରଙ୍ଗପୁରରେ ବର୍ଷା ରେକର୍ଡ କରାଯାଇଛି। ଦକ୍ଷିଣ ଝାଡ଼ଖଣ୍ଡରୁ ଏକ ନିମ୍ନ ଚାପରେଖା ବାହାରି ରାଜସ୍ଥାନ ପର୍ଯ୍ୟନ୍ତ ଲମ୍ବିଛି, ଯାହାକି ଉତ୍ତର ଓଡ଼ିଶା ଦେଇ ଅତିକ୍ରମ କରୁଛି। ଏହି ପାଣିପାଗ ନିୟାମକ ପ୍ରଭାବରେ ତଥା ସମୁଦ୍ର ମଧ୍ୟରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସୁଥିବା ଓ ବାୟୁମଣ୍ଡଳର ମଧ୍ୟଭାଗରେ ପଶ୍ଚିମା ଦିଗରୁ ଶୁଷ୍କ ବାୟୁ ବହୁଥିବାରୁ, ତାହା ପରସ୍ପର ସହିତ ପ୍ରତିକ୍ରିୟାଶୀଳ ହୋଇ କେତେକ ସ୍ଥାନରେ ବର୍ଷା ହେଉଛି। ଏହି ବର୍ଷାର ପ୍ରଭାବ ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ରହିବ। କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି। ୧୦ ଓ ୧୧ତାରିଖରେ ଉପକୂଳ ଓଡ଼ିଶା, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଆସନ୍ତା ୫ରୁ ୬ଦିନ ଏହିଭଳି ପାଗ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ବୁଧବାର ଗଞ୍ଜାମ, ଗଜପତି, ଅନୁଗୋଳ, କେନ୍ଦୁଝର, ରାୟଗଡ଼ା, କନ୍ଧମାଳ ଓ ମୟୂରଭଞ୍ଜ ଆଦି ୭ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅପରପକ୍ଷେ ରାଜ୍ୟରେ ୪୦ଡିଗ୍ରୀ ତଳକୁ ଖସିଛି ତାତି। ମଙ୍ଗଳବାର ମାଲକାନଗିରିରେ ରାଜ୍ୟର ସର୍ବାଧିକ ଦିନ ତାପମାତ୍ରା ୩୯.୩ ଡିଗ୍ରୀ ସେଲସିୟସ୍ ରହିଥିଲା। ୨୦ ସହରରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ତଳେ ରେକର୍ଡ କରାଯାଇଛି। ବଲାଙ୍ଗୀର ଓ ଟିଟିଲାଗଡ଼ରେ ସର୍ବାଧିକ ଦିନ ତାପମାତ୍ରାରେ ୧୦ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ଘଟିଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ୮ରୁ ୯ ଡିଗ୍ରୀ ଯାଏ ତାପମାତ୍ରା ତଳକୁ ଖସିଛି। ରାଜଧାନୀ ଭୁବନେଶ୍ୱରରେ ୭.୩ ଡିଗ୍ରୀ ଏବଂ କଟକରେ ୪.୨ଡିଗ୍ରୀ ସେଲସିୟସ୍ ତଳକୁ ତାତି ଖସିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ହତ୍ୟା: ୩ ଜଣଙ୍କୁ ଆଜୀବନ ଜେଲ

ବାରିପଦା,୭।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରା ଜଜ୍(୧)ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟନାରାୟଣ ପାତ୍ର ୩ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ମୋରଡ଼ା ଥାନା ମହୁଲବଣୀ ଗ୍ରାମର ଶୋଭାକର ମହାନ୍ତ(୫୩),ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଯତୀନ୍ଦ୍ର ନାଥ ମହାନ୍ତ(୪୫) ଓ କମଳ ଲୋଚନ ମହାନ୍ତ(୪୩)। ଜମିବାଡ଼ିକୁ କେନ୍ଦ୍ର କରି ୨୦୨୧ ଜୁନ ୧୦ ତାରିଖ ସନ୍ଧ୍ୟା ୬ଟାରେ ରଘୁନାଥ ମହାନ୍ତଙ୍କ ସହ ଶୋଭାକର, ଯତୀନ୍ଦ୍ର ଓ କମଳ ଲୋଚନଙ୍କ ପାଟିତୁଣ୍ଡ ହୋଇଥିଲା। ଅଭିଯୁକ୍ତମାନେ ରଘୁନାଥଙ୍କୁ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହା ଦେଖି ରଘୁନାଥଙ୍କ ନାତି ହରେକୃଷ୍ଣ ପହଞ୍ଚି ଗ୍ରାମସଭା ମାଧ୍ୟମରେ ଘଟଣାର ସମାଧାନ କରିବାକୁ କହିଥିଲେ। ମାତ୍ର ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ସାଙ୍ଗରେ ଆଣିଥିବା ଟାଙ୍ଗିଆରେ ହରେକୃଷ୍ଣଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ହରେକୃଷ୍ଣଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସମ୍ପର୍କୀୟ ମଣ୍ଟୁ ମହାନ୍ତଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୨୭/୨୧) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରିଥିଲେ।

# ଓଡ଼ିଶାରେ ୬୦ ଲକ୍ଷ ଠକେଇ, ଗୁଜରାଟରୁ ୪ ଗିରଫ

**ଭୁବନେଶ୍ୱର,୭।୫ (ସତ୍ୟଜିତ୍ ରାଉତ)**

ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୬୦ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ୪ଜଣିଆ ଗ୍ୟାଙ୍ଗକୁ ଗୁଜରାଟର ଅହମଦାବାଦରୁ ଗିରଫ କରିଛି ଓଡ଼ିଶା କ୍ରାଇମବ୍ରାଞ୍ଚ। ଏହି ଅଭିଯୁକ୍ତମାନଙ୍କ ମଧ୍ୟରେ ଏକ ଦମ୍ପତି ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଅହମଦାବାଦ ଫତେବାଡ଼ିର ଫକିର ଅଲ୍‌ଫାଜଶାହ ବିସ୍‌ମିଲ୍ଲାଶାହ (୨୦), ଅହମଦ ଖାନ୍ ସର୍ଦ୍ଦାର ଖାନ୍ ବାଲୋଚ୍ (୩୮), ରଫିକ୍ ଅବଦୁଲଜିଦ୍ ଶେଖ୍ (୨୮) ଏବଂ ତାଙ୍କ ସ୍ତ୍ରୀ ଶେଖ୍ ହୁମାପରଭିନ୍ ରଫିକ୍ (୨୭)। ଅଭିଯୁକ୍ତମାନଙ୍କୁ ଗିରଫ କରି କ୍ରାଇମବ୍ରାଞ୍ଚ ସ୍ଥାନୀୟ କୋର୍ଟକୁ ଚାଲାଣ କରିଥିଲା। ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ସମସ୍ତଙ୍କୁ ମେ ୧ରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସମସ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ମାରାଥନ୍ ଜେରା କରିଥିଲା। ସୋମବାର ସମସ୍ତେ ପୁଣି ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ଏହି ଗ୍ୟାଙ୍ଗରେ ଆଉ କେତେଜଣ ସଦସ୍ୟ ରହିଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରୁଛି। ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କ ଏତଲାକ୍ରମେ କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ ପୋଲିସ ଷ୍ଟେଶନ ଏନେଇ ୨୦୨୩ ନଭେମ୍ବର ୨୬ରେ ଏକ ମାମଲା (ନଂ. ୩୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କ ବିଭିନ୍ନ କୌଶଳରେ ପଡ଼ି ସେ ୬୦ ଲକ୍ଷ ଟଙ୍କା ହରାଇଥିବା ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ। କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍ ଏନେଇ ତଦନ୍ତ କରିବା ସହ ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ଆଦି ଡିଜିଟାଲ ପ୍ରମାଣପତ୍ରକୁ ଯାଞ୍ଚ କରିଥିଲା। ଅଭିଯୁକ୍ତମାନେ ଗୁଜରାଟ ଫତେବାଡ଼ି ଅଞ୍ଚଳର ବୋଲି ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ସେଠାକୁ ଯାଇଥିଲା। ଗୁଜରାଟ କ୍ରାଇମବ୍ରାଞ୍ଚର ସହାୟତା ନେଇଥିଲା ଓଡ଼ିଶା କ୍ରାଇମବ୍ରାଞ୍ଚ। ମିଳିତ ଟିମ୍ ଚଢ଼ାଉ କରି ଗ୍ୟାଙ୍ଗକୁ କାବୁ କରିଥିଲା। ତେବେ ଏହି ଗ୍ୟାଙ୍ଗ ଜାଲରେ ପଡ଼ି ଏଭଳି ବହୁ ଲୋକ ଠକେଇର ଶିକାର ହୋଇଥିବା କ୍ରାଇମବ୍ରାଞ୍ଚ ପ୍ରମାଣ ପାଇଛି। ଏନେଇ ସାଇବର ୟୁନିଟ୍ ଅଧିକ ଖୋଳତାଡ଼ ଜାରି ରଖିଛି।

# ପରିପକ୍ୱ ହେଲେ ଉତ୍ତରାଧିକାରୀ ହେବ



ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ପୁତୁରା ଆକାଶ ଆନନ୍ଦ ।

**ଲକ୍ଷ୍ନୌ,୭।୫**

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଗତବର୍ଷ ଡିସେମ୍ବରରେ ପୁତୁରା ଆକାଶ ଆନନ୍ଦଙ୍କୁ ନିଜ ରାଜନୈତିକ ଉତ୍ତରାଧିକାରୀ ଘୋଷଣା କରିଥିଲେ। ତେବେ ୨୮ ବର୍ଷୀୟ ଆକାଶ ଇତିମଧ୍ୟରେ ପରିପକ୍ୱ ହୋଇପାରି ନାହାନ୍ତି। ମାୟାବତୀ ମଙ୍ଗଳବାର ଏହା ଜାଣିପାରି ଆକାଶଙ୍କୁ ନିଜ ଉତ୍ତରାଧିକାରୀ ତଥା ବିଏସ୍‌ପିର ଜାତୀୟ ଆବାହକ ପଦରୁ ହଟାଇଦେଇଛନ୍ତି। ଆକାଶ ମାଚ୍ୟୁର୍ ହେବା ପରେ ତାଙ୍କୁ ପୁଣି ☞ପୃଷ୍ଠା-୫

# ୱେଷ୍ଟ ନାଇଲ୍ ଜ୍ୱର: କେରଳରେ ହାଇଆଲର୍ଟ

**କୋଝିକୋଡ୍,୭।୫**

କେରଳରେ ୱେଷ୍ଟ ନାଇଲ୍ ଜ୍ୱର ଆତଙ୍କ ଖେଳାଇଛି। ଏହି ଜ୍ୱରରେ ମାଲାପ୍ପୁରମ୍, କୋଝିକୋଡ୍ ଏବଂ ଥ୍ରିଶୁର ଜିଲାର ୧୦ ଜଣ ଆକ୍ରାନ୍ତ ହୋଇଥିବାବେଳେ ଏହି ରୋଗରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ସେମାନଙ୍କ ମୃତ୍ୟୁ ୱେଷ୍ଟ ନାଇଲ୍ ଭୂତାଣୁ ସଂକ୍ରମଣରୁ ହୋଇଛି କି ନାହିଁ, ଏନେଇ ସରକାରୀ ଭାବେ କିଛି କୁହାଯାଇ ନାହିଁ। ଖବର ଜଣାପଡ଼ିବା ପରେ କେରଳ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ହାଇଆଲର୍ଟ ଜାରି କରିଛନ୍ତି। ସଂକ୍ରମଣକୁ କାବୁ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ମଶା ନିୟନ୍ତ୍ରଣ ଏବଂ ସେମାନଙ୍କ ବଂଶବୃଦ୍ଧି ରୋକିବା ଉପରେ ଗୁରୁତ୍ୱ ଦେଇଛନ୍ତି। ମୌସୁମୀ ପୂର୍ବରୁ ସଂକ୍ରମଣ ବଢ଼ୁଥିବାରୁ ସମ୍ପୃକ୍ତ ରାଜ୍ୟରେ କେତେକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିସହିତ



ଲୋକଙ୍କ ମଧ୍ୟରେ ଉକ୍ତ ରୋଗକୁ ନେଇ ସଚେତନତା ସୃଷ୍ଟି କରାଯାଉଛି। ମଶାବଂଶ ବୃଦ୍ଧି ରୋକିବାକୁ ପରିବେଶ ଓ ନାଳ ନର୍ଦ୍ଦମା ଆଦି ସଫା କରାଯିବା ସହ ବିଭିନ୍ନ ସ୍ଥାନରୁ ମଶାଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି।

ସଂକ୍ରମିତ କୁଲେକ୍ସ ମଶା କାମୁଡ଼ିବା ଦ୍ୱାରା ଭୂତାଣୁ ମଣିଷ ଶରୀରକୁ ଆସି ୱେଷ୍ଟ ନାଇଲ୍ ଜ୍ୱର ହୋଇଥାଏ। ଜାପାନିଜ୍ ଏନ୍‌ସେଫାଲାଇଟିସ୍ ପିଲାମାନଙ୍କୁ ଆକ୍ରାନ୍ତ କରୁଥିବାବେଳେ ୱେଷ୍ଟ ନାଇଲ୍ ଫିଭର ପ୍ରାୟତଃ ବୟସ୍କଙ୍କୁ ସଂକ୍ରମିତ ହୋଇଥାଏ। ଏହି ରୋଗରେ ମୁଣ୍ଡବିନ୍ଧା, ଜ୍ୱର ହେବା, ଗୋଡ଼ହାତ ବିନ୍ଧା, ମୁଣ୍ଡ ବୁଲାଇବା ଆଦି ଲକ୍ଷଣ ଦେଖାଯାଇଥାଏ। ରୋଗ ଗୁରୁତର ହେଲେ ସ୍ନାୟବିକ କ୍ଷତି ହେବା ସହ ମୃତ୍ୟୁ ମଧ୍ୟ ଘଟିପାରେ। ୧୯୩୭ରେ ଉଗାଣ୍ଡାରେ ପ୍ରଥମେ ଏହି ରୋଗ ଚିହ୍ନଟ ହୋଇଥିଲା। ୨୦୧୧ରୁ କେରଳରେ କାଁଭାଁ ଏହି ରୋଗ ବ୍ୟାପୁଥିବା ଦେଖାଯାଇଛି। ଏହି ରୋଗର ପ୍ରତିକାର ପାଇଁ ଏପର୍ଯ୍ୟନ୍ତ ଟିକା ବାହାରି ନାହିଁ। ତେଣୁ ଲକ୍ଷଣକୁ ପ୍ରାଥମିକ ଫୋକସ୍ କରାଯାଇ ଚିକିତ୍ସା କରାଯାଇଥାଏ।

## ସଂକ୍ଷେପରେ

### ଚୋରି ମାମଲାରେ ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୭।୫ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୫ରେ ମଙ୍ଗଳବାର ଏକ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସବ୍ୟସାଚୀ ପଣ୍ଡା ଏହି ମାମଲାର ବିଚାର କରି ଅଭିଯୁକ୍ତ ମନୋଜ ବେହେରାଙ୍କୁ ଏକବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଏକ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟେ ଅଧିକ ଏକ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଫେବୃଆରୀ ୨୬ରେ ଖଣ୍ଡଗିରି ଥାନା ଅଞ୍ଚଳର ଅଭିଯୋଗକାରୀ ବିରଜା ପ୍ରସାଦ ଶତପଥୀ ଓ ତାଙ୍କ ପରିବାର ସଦସ୍ୟ ଘରେ ଅନୁପସ୍ଥିତ ଥିବାବେଳେ ଅଭିଯୁକ୍ତ ମନୋଜ ତାଙ୍କ ଘର ପାଚେରି ଡେଇଁ ଘରେ ପଶି ପାଣି ଟ୍ୟାପ୍ ଚୋରି କରିନେଇଯାଇଥିଲେ। ଏନେଇ ପଡ଼ୋଶୀଙ୍କଠାରୁ ଖବର ପାଇବା ପରେ ବିରଜା ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ କେସ୍ (ନଂ-୮୯/୨୦୨୩) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

### ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୫ (ସୂର୍ଯ୍ୟକାନ୍ତ ବେହେରା)

ଗାଡ଼ି ଧକ୍କା କରିବାର କାରଣ ପଚାରିବାରୁ ରାସ୍ତା ମଝିରେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଆଉ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ବୀରେନ୍ଦ୍ର ଭୋଇ। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଫେବୃଆରୀ ୧୬ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ଜଗନ ସାହୁ ଘରକୁ ଫେରୁଥିଲେ। ଏହି ସମୟରେ କାଳିଆଶୁଣୀ ମନ୍ଦିର ନିକଟରେ ଅଭିଯୁକ୍ତ ଓ ତାଙ୍କର ସହଯୋଗୀ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ ଗାଡ଼ି ଚାଳନା କରି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଏନେଇ ଜଗନ ପଚାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେବା ସହ ଗାଳିଗୁଲଜ କରି ପଳାଇଥିଲେ। ସେଠାରୁ ଜଗନ ଘରକୁ ଫେରିବାବେଳେ ସୁନ୍ଦରପଦା ଦୋମୁଖୀ ବରଗଛ ନିକଟରେ ଅଭିଯୁକ୍ତ ଓ ତାଙ୍କର ଅନ୍ୟ କେତେଜଣ ସହଯୋଗୀ ତାଙ୍କୁ ବଳପୂର୍ବକ ଅଟକାଇ ମରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଜଗନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ରାଜେଶ ବେଲାର ଓ ସୋମନାଥ ସାହୁଙ୍କୁ ଗିରଫ କରିଥିଲା।

# ଦୋଷୀଙ୍କୁ ଗିରଫ ଦାବିରେ ଥାନା ଘେରାଉ

ଭୁବନେଶ୍ୱର, ୭।୫(ବନ୍ଦନା ସେଠୀ)



ବିଦ୍ୟୁତ୍‌ଖୁଣ୍ଟ ପୋତିବାକୁ କେନ୍ଦ୍ରକରି ୱାର୍ଡ ନଂ. ୫୫ର କର୍ପୋରେଟର ନୃପେଶ ନାୟକଙ୍କୁ ରବିବାର ପୁରୁଣା ଭୁବନେଶ୍ୱର ରଥ ରୋଡ୍‌ରେ କେତେଜଣ ଲୋକ ଆକ୍ରମଣ କରିଥିଲେ। ଏନେଇ ନୃପେଶ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାର ୨ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ନ ଥିବାରୁ ମଙ୍ଗଳବାର ସମ୍ପୃକ୍ତ ୱାର୍ଡର ବାସିନ୍ଦା ଲିଙ୍ଗରାଜ ଥାନା ଘେରାଉ କରିଥିଲେ। ପୋଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ଅପରପକ୍ଷେ ବର୍ଷା ପବନରେ ଶନିବାରଠାରୁ ସମ୍ପୃକ୍ତ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଥିବାରୁ ସ୍ଥାନୀୟ ଲୋକେ ୨ଦିନ ଧରି ଅନ୍ଧାରରେ ରହିଥିଲେ। ତେଣୁ ମଙ୍ଗଳବାର ସ୍ଥାନୀୟ ୱାର୍ଡର ପ୍ରାୟ ୨ଶହ ମହିଳା ଏକାଠି ହୋଇ ପୋଲିସ ଓ ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ବିଦ୍ୟୁତ୍ ଖୁଣ୍ଟ ପୋତିଥିଲେ। ତେବେ ଖୁଣ୍ଟ ପୋତାଯାଇଥିବା ସ୍ଥାନ ବ୍ୟକ୍ତିଗତ ଜାଗା ବୋଲି ଅଭିଯୋଗ ହେଉଥିବାରୁ ଖୁବ୍ ଶୀଘ୍ର ବିଏମ୍‌ସି ପକ୍ଷରୁ ପୁନର୍ବାର ସେଠାରେ ଡିମାର୍କେଶନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି କର୍ପୋରେଟରଙ୍କ ନାମରେ ପାଲଟା ଅଭିଯୋଗ ହୋଇଥିବାରୁ ମଙ୍ଗଳବାର ଡିସିପି ଅଫିସରୁ ତାଙ୍କୁ ପଚରାଉଚରା ପାଇଁ ଡକରା ଆସିଥିଲା। ନୃପେଶ ଅନ୍ୟ ୫ଜଣ କର୍ପୋରେଟରଙ୍କ ସହ ମିଶି ଡିସିପି ଅଫିସ ଯାଇ ଅଧିକାରୀଙ୍କୁ ଭେଟି ଘଟଣାର ମୀମାଂସା ନେଇ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ରଥ ରୋଡ୍‌ରେ ଥିବା ଉକ୍ତ ଇଲେକ୍ଟ୍ରିକ୍ ଖୁଣ୍ଟ ଶନିବାର ଉପୁଡ଼ି ପଡ଼ିଥିଲା। ରବିବାର ନୃପେଶ ଦିନ ପ୍ରାୟ

**କର୍ପୋରେଟରଙ୍କୁ ମାଡ଼ ଘଟଣା**

■ ଉପୁଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ପୋତିଲେ ମହିଳା

୧ଟା ବେଳେ ଖୁଣ୍ଟ ପୋତୁଥିଲେ। ଏହି ସମୟରେ ସ୍ଥାନୀୟ ସୁଆର ସାହିର ୩ ଜଣ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀମାନେ ନୃପେଶଙ୍କ ସହ ବଚସା କରିବା ସହ ମାଡ଼ ମାରିଥିଲେ। ଜନସ୍ୱାର୍ଥ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଉପରେ ଏଭଳି ଆକ୍ରମଣ ହୋଇଥିବାରୁ ସେ ନ୍ୟାୟ ମାଗିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରପକ୍ଷରୁ ମଧ୍ୟ ନୃପେଶଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ ହୋଇଥିଲା। ବାଉରିଆ ପଣ୍ଡାଙ୍କ ପୁଅ ଶ୍ୟାମ ପଣ୍ଡା ଏନେଇ ଏତଲା ଦେଇଥିଲେ। ଯେଉଁ ସ୍ଥାନରେ ଉକ୍ତ ଖୁଣ୍ଟଟି ରହିଥିଲା ସେଠାରୁ କିଛିଦୂର ଛାଡ଼ି ତାଙ୍କ ବ୍ୟକ୍ତିଗତ ଜାଗାରେ ଖୁଣ୍ଟ ପୋତାଯାଉଥିବାରୁ ସେ ବିରୋଧ କରିଥିଲେ ବୋଲି ଦର୍ଶାଇଥିଲେ। ଝଗଡ଼ା ସମୟରେ ନୃପେଶ ମଧ୍ୟ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଥିଲା।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

କଟକ,୭।୫ (କାର୍ତ୍ତିକ ସାହୁ)

ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ କଟକ ଜିଲା ଓ ସେସନ୍ସ କୋର୍ଟ ଅଭିଯୁକ୍ତ ସ୍ୱାମୀ କାଠଯୋଡ଼ି ବସ୍ତିର ଗୋବିନ୍ଦ ଓରଫ କବଳ ମୁଣ୍ଡାଙ୍କୁ ଆଜୀବନ କାରାଦଣ୍ଡାଦେଶ ନିମନ୍ତେ ରାୟ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତ ୧୦,୦୦୦ ଟଙ୍କା ଜରିମାନା ପ୍ରଦାନ ନିମନ୍ତେ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଗୋବିନ୍ଦ ୧୬ ବର୍ଷ ତଳେ ସାବିତ୍ରୀ ମୁଣ୍ଡାଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ ଥିଲେ। ଗୋବିନ୍ଦ ପ୍ରତିଦିନ ମଦ ପିଇ ଘରକୁ ଆସୁଥିବାରୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ଅର୍ଥାଭାବ ପୂରଣ ପାଇଁ ସାବିତ୍ରୀ ଜଣଙ୍କ ଘରେ ଚାକରାଣୀ ଭାବେ କାମ କରୁଥିଲେ। ୨୦୨୧ ଜୁନ୍ ୬ରେ ଘରୁ ୭ହଜାର ଟଙ୍କା ଓ ସୁନା କାନଫୁଲ ଚୋରି ହୋଇଥିବା ଗୋବିନ୍ଦ ଜାଣିବାକୁ ପାଇଥିଲେ। ସେହିଦିନ ସନ୍ଧ୍ୟାରେ ଏହାକୁ ନେଇ ଗୋବିନ୍ଦ ସାବିତ୍ରୀଙ୍କୁ ଗାଳିଗୁଲଜ କଲେ। ପରେ ଗୋବିନ୍ଦ ଉତ୍କ୍ଷିପ୍ତ ହୋଇ ଏକ ଲୁହାରଡ୍‌ରେ ସାବିତ୍ରୀଙ୍କ ମୁଣ୍ଡ ଓ ଗୋଡ଼କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେବାରୁ ସାବିତ୍ରୀ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେବା ସହ ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସାବିତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସାବିତ୍ରୀଙ୍କ ସମ୍ପର୍କୀୟ ସାରଥି କିସ୍କୋଙ୍କ ଅଭିଯୋଗ ଆଧାରରେ ମର୍କତନଗର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ଗୋବିନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ତଦନ୍ତ କରି ପୋଲିସ ଚାର୍ଜଶିଟ୍ କୋର୍ଟରେ ଦାଖଲ କରିଥିଲା। ଜିଲା ଓ ସେସନ୍ସ ଜଜ୍ ସଞ୍ଜୟ ରଞ୍ଜନ ବହିଦାର ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଆଧାରକରି ମଙ୍ଗଳବାର ମାମଲାର ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।

# ସଙ୍ଗୀତ କ୍ଷେତ୍ରରେ ଭୁବନେଶ୍ୱର ମିଶ୍ରଙ୍କ ଅବଦାନ ଅତୁଳନୀୟ




ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଭୁବନେଶ୍ୱର,୭।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଙ୍ଗୀତ ଜଗତର ଉଜ୍ଜ୍ୱଳ ନକ୍ଷତ୍ର ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ୩୧ତମ ପୁଣ୍ୟତିଥି ମଙ୍ଗଳବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଙ୍ଗୀତର ବିକାଶ କ୍ଷେତ୍ରରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଅବଦାନ ଅତୁଳନୀୟ।

ସେ ଓଡ଼ିଶୀ ସଙ୍ଗୀତର ସ୍ୱର ଦେଉଥିବା ବେଳେ ତାହାକୁ ନୃତ୍ୟରେ ଗୁରୁ କେଳୁଚରଣ ମହାପାତ୍ର ପରିବେଷଣ କରୁଥିଲେ। ଜଣେ ସଙ୍ଗୀତ ଗୁରୁ ଭାବେ ସେ ଅଗଣିତ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସମାଜରେ ସୁପ୍ରତିଷ୍ଠିତ କରିପାରିଛନ୍ତି। 'ଭୁବନ ହରି' ନାମରେ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସହ ମିଶି ସେ ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ରାଜ୍ୟରେ ସଙ୍ଗୀତର ବିକାଶରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ଗୁରୁ କେଶବ ଚନ୍ଦ୍ର ରାଉତ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅକ୍ଷୟ ଜେଠୀ, ବିଜୟ ସାହୁ, କାରୁବାକୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଭୁବନେଶ୍ୱର,୭।୫ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀଙ୍କୁ ମହିଳା ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ଼ର ସିଦ୍ଧାନ୍ତ ନାୟକ(୨୦)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ୨୦୨୧ରେ ଅଭିଯୋଗକାରିଣୀଙ୍କ ସହିତ ଅଭିଯୁକ୍ତଙ୍କର ବିବାହ ହୋଇଥିଲା। ବିବାହର କିଛି ମାସ ଭିତରେ ବିତିଥିବାବେଳେ ଏହି ଦମ୍ପତିଙ୍କର ଗୋଟିଏ ସନ୍ତାନ ରହିଛି। ଅଭିଯୁକ୍ତ ଜଣକ ବାରମ୍ବାର ଯୌତୁକ ଦାବି କରି ଅଭିଯୋଗକାରିଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଆକ୍ରମଣ କରିଥିଲେ। ଏପ୍ରିଲ ୨୩ରେ କୌଣସି କାରଣ ନ ଥାଇ ସେ ସ୍ତ୍ରୀଙ୍କୁ ଖଣ୍ଡୁରେ ଆକ୍ରମଣ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଅଭିଯୋଗ ପରେ ମହିଳା ଥାନା ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଜଳିଗଲା ଖଲି ଠୋଲା ଫ୍ୟାକ୍ଟ୍ରି



ବେଗୁନିଆ,୭।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ତହସିଲ ଅନ୍ତର୍ଗତ ଧାନଘରନୂଆଗାଁର ଏକ ଖଲି, ଠୋଲା ଫ୍ୟାକ୍ଟ୍ରି ପରିସରରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇ ନଷ୍ଟ ହୋଇଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ସୂଚନା ମୁତାବକ, ସକାଳ ପ୍ରାୟ ୭ଟାରେ ଗ୍ରାମର ଶରତ କୁମାର ସେଠୀଙ୍କ ଫ୍ୟାକ୍ଟ୍ରି ପରିସରରେ ହଠାତ୍ ଧୂଆଁ ଦେଖାଯାଇଥିଲା। ସ୍ଥାନୀୟ ଲୋକେ ଏବଂ ଫ୍ୟାକ୍ଟ୍ରି ମାଲିକ ପହଞ୍ଚି ଦେଖିବା ବେଳକୁ ଖଲି, ଠୋଲା ସହିତ ଅନେକ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

# ୧୦ ଘଣ୍ଟା ବିଦ୍ୟୁତ୍ କାଟ, ବାରଙ୍ଗ ଅଞ୍ଚଳ ଅନ୍ଧାର

**ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା କାର୍**

ବାରଙ୍ଗ,୭।୫(ଲିଙ୍ଗରାଜ ରାଉତ)




ଏକ ଦ୍ରୁତଗାମୀ କାର ଭାରସାମ୍ୟ ହରାଇ ମଙ୍ଗଳବାର ସକାଳେ କେନାଲ ବନ୍ଧ କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହୋଇଥିଲା। ଫଳରେ ବାରଙ୍ଗ ଅଞ୍ଚଳରେ ପ୍ରାୟ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁ ଅସହ୍ୟ ଗୁଳୁଗୁଳିରେ ଅଞ୍ଚଳବାସୀ ନାହିଁ ନ ଥିବା ହଇରାଣ ହୋଇଥିଲେ। ପ୍ରକାଶ ଯେ, ସକାଳ ୯ଟା ସମୟରେ ଏକ କାର୍ (ଓଡି୦୨-ଏଡବ୍ଲ୍ୟୁ-୫୦୮୪) ଦ୍ରୁତ ଗତିରେ ପ୍ରତାପନଗରୀ ପଟକୁ ଯାଉଥିଲା। ସେତେବେଳେ ମଧୁସୂଦନପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ କାର୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟଟି କ୍ଷତିଗ୍ରସ୍ତ ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଅନ୍ୟପଟେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ମଧ୍ୟ ଆହତ ହୋଇଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ଖୁଣ୍ଟ ମରାମତି କରିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

## ରେଲୱେ କେବୁଲ ଚୋରି, ଅଭିଯୁକ୍ତ ଗିରଫ

କଟକ,୭।୫ (ଦିବାକର ସାହୁ): ରେଲୱେ କେବୁଲ ଚୋରି ଅଭିଯୋଗରେ ରେଳ ସୁରକ୍ଷା ବଳ(ଆରପିଏଫ୍) ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଦାମବାଡି ଥାନା ଅଧୀନ ନୂଆସାହି ଅଞ୍ଚଳର ସରୋଜ କୁମାର ସାହୁ।

# ଦୁର୍ଘଟଣାକୁ ନେଇ ଉତ୍ତେଜନା, ରାସ୍ତାରୋକୋ

**ହାଇୱା ଧକ୍କାରେ ସ୍କୁଟି ଆରୋହୀ ଗୁରୁତର**

ନିମାପଡ଼ା,୭।୫(ବିଚିତ୍ରାନନ୍ଦ ସାହୁ)



ନିମାପଡ଼ା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ ଷ୍ଟାଇନ ବଜାର ସମ୍ମୁଖରେ ମଙ୍ଗଳବାର ଏକ ବାଲି ବୋଝେଇ ହାଇୱା (ଏମ୍‌ଏଚ୍‌୪୨ଏକ୍ୟୁ୭୬୮୮) ଧକ୍କାରେ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ହେଲେ ନିମାପଡ଼ା ଥାନା ଅଧୀନ ଅଂଶାଲୋ ଗ୍ରାମର ପୂଜାସ୍ମିତା ବେହେରା (୩୨)। ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଆହତ ମହିଳାଙ୍କୁ କ୍ଷତିପୂରଣ ଯୋଗାଇ ଦେବା ସହ ହାଇୱା ଚାଳକଙ୍କୁ ଗିରଫ କରାଯିବାକୁ ଦାବି କରିଥିଲେ।

ଜନଗହଳିପୂର୍ଣ୍ଣ ନିମାପଡ଼ା ଛକ ବଜାର ରୁଟରେ ସକାଳ ୯ଟାରୁ ହାଇୱା, ବାଲି ଗୋଡ଼ି ବୋଝେଇ ଭାରିଯାନ ବନ୍ଦ କରିବା ଦାବିରେ ଶତାଧିକ ଉତ୍ତ୍ୟକ୍ତ ଲୋକ ଦୁର୍ଘଟଣାସ୍ଥଳରେ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏସ୍‌ଆଇ ଦିଲୀପ ପଣ୍ଡା, ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ଆହତ ମହିଳାଙ୍କ ଶ୍ୱଶୁର ବିଶ୍ୱଜିତ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ହାଇୱାକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

ପୂଜାସ୍ମିତା ତାଙ୍କ ସ୍ୱାମୀ ବ୍ୟୋମକେଶ ସାହୁଙ୍କ ସହ ସ୍କୁଟିରେ ନିମାପଡ଼ା ଆସୁଥିବାବେଳେ ଦ୍ରୁତ ଗତିରେ ଆସୁଥିବା ହାଇୱାଟି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣଙ୍କ ତଳେ ପଡ଼ିଯିବାରୁ ହାଇୱାଟି ତାଙ୍କ ଗୋଡ଼ରେ ଚଢି ଯାଇଥିଲା। ଗୁରୁତର ଅବସ୍ଥାରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ସ୍ଥାନୀୟ ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ଚାଳକ ହାଇୱା ଛାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜନଗହଳିପୂର୍ଣ୍ଣ ନିମାପଡ଼ା ଛକ ରାସ୍ତାରେ ଭାରିଯାନ ଚଳାଚଳ ସକାଳ ୯ରୁ ରାତି ୧୦ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ନିକଟରେ ଦାବି କରିଛନ୍ତି।

# ସହର ଭିତରେ ଭାରିଯାନ ଚଳାଚଳକୁ ବିରୋଧ

କଟକ,୭।୫ (ଦିବାକର ସାହୁ)

କଟକ ଦୋଳମୁଣ୍ଡାଇ ଛକରେ ମଙ୍ଗଳବାର ଭାରିଯାନ ଚଳାଚଳକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କଟକ ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାବେଳେ ଦିନବେଳା ଭାରିଯାନ ଚଳାଚଳ କରୁଛି। ଏହାଦ୍ୱାରା ଦୁର୍ଘଟଣା ଘଟୁଛି। ଗତ ସପ୍ତାହରେ ଦୋଳମୁଣ୍ଡାଇ ଛକରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ତେଣୁ ସହର ଭିତରେ ଦିନବେଳା ଭାରିଯାନ ଚଳାଚଳ ନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ମଙ୍ଗଳବାର ପୁନର୍ବାର ଦୋଳମୁଣ୍ଡାଇ ଛକ ରାସ୍ତା ଦେଇ ୫ଟି ଟ୍ରକ୍ ଯାଉଥିବାବେଳେ ସ୍ଥାନୀୟ ଲୋକେ ଅଟକାଇଥିଲେ।



ଦୋଳମୁଣ୍ଡାଇ ଛକରେ ସ୍ଥାନୀୟ ଲୋକେ ଭାରିଯାନକୁ ଅଟକ ରଖିଛନ୍ତି।

ଫଳରେ କିଛି ସମୟ ପାଇଁ ରାସ୍ତା ଜାମ୍ ହୋଇଥିଲା। ଖବରପାଇ ବାଦାମବାଡି ପୋଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାସ୍ତାରୁ ହଟିଥିଲେ। ଏନେଇ ବାଦାମବାଡି ଥାନା ଆଇଆଇସି ଅଜୟ କୁମାର ରାଉଳ କହିଛନ୍ତି, ଛତ୍ରବଜାର ପଟେ ବ୍ରିଜ୍ କାମ ଜାରି ରହିଛି। ସେଥିପାଇଁ ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଭାରିଯାନ ଏହି ରାସ୍ତା ଦେଇ ସହର ବାହାରକୁ ଯିବା ପାଇଁ ଆଦେଶ ରହିଛି। ହେଲେ ସ୍ଥାନୀୟ ଲୋକେ ୨ଟା ପୂର୍ବରୁ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ତେଣୁ ପ୍ରତ୍ୟେକ ଗାଡ଼ି ପିଛା ୧ହଜାର ଟଙ୍କା ଲେଖାଏ ଚାଲାଣ କଟାଯିବା ପରେ ଗାଡ଼ିଗୁଡ଼ିକୁ ଛଡାଯାଇଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା,୭।୫(ପ୍ରଭାତ ପାରିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଅର୍ଜୁନପୁର ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଅଞ୍ଚଳର ପ୍ରଭୁରାଜ ବିଶୋଇ। ଏଥିସହିତ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପ୍ରଭୁରାଜ ଶରଧାପୁର ଆଦିବାସୀ ସାହିରେ ପରିବାର ସହ ରହୁଥିବା ବେଳେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ସୂଚନା ଅନୁଯାୟୀ, ପ୍ରଭୁରାଜ ଓ ତାଙ୍କର ଜଣେ ସାଙ୍ଗ ବାଇକ୍‌ରେ ଯାଉଥିବା ବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ପ୍ରଭୁରାଜଙ୍କ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆହତ ଯୁବକଙ୍କୁ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା କରାଯାଉଛି।

### ପୋଖରୀରେ ବୁଡ଼ି ଛାତ୍ରୀ ମୃତ

କଳାପଥର,୭।୫(ଗଙ୍ଗାଧର ସାହୁ)

ପୋଖରୀରେ ବୁଡ଼ିଯିବାରୁ ମଙ୍ଗଳବାର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ବ୍ଲକ ଅନ୍ତର୍ଗତ ପତନୀ ଗ୍ରାମର ଦିବ୍ୟଦର୍ଶିନୀ ସାହୁ (୧୧)। ସେ ପତନୀ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ। ସୂଚନା ମୁତାବକ, କୃଷ୍ଣଚନ୍ଦ୍ରପୁର ମୌଜାରେ ଥିବା ପାଟଣା ପୋଖରୀକୁ ଦିବ୍ୟଦର୍ଶିନୀ ସକାଳେ ଗାଧୋଇବାକୁ ଯାଇଥିଲେ। କୌଣସି କାରଣବଶତଃ ସେ ପୋଖରୀରେ ବୁଡିଯାଇଥିଲେ। ଖବରପାଇ କଳାପଥର ଅଗ୍ନିଶମ କର୍ମଚାରୀ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି କଳାପଥର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୭।୫ (ସୂର୍ଯ୍ୟକାନ୍ତ ବେହେରା)

ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ବୀରେନ୍ଦ୍ର ଭୋଇ। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଫେବୃଆରୀ ୧୬ ସନ୍ଧ୍ୟାରେ ଅଭିଯୋଗକାରୀ ଜଗନ ସାହୁ ଘରକୁ ଫେରୁଥିଲେ। ଏହି ସମୟରେ କାଳିଆଶୁଣୀ ମନ୍ଦିର ନିକଟରେ ଅଭିଯୁକ୍ତ ଓ ତାଙ୍କର ସହଯୋଗୀ ବେପରୁଆ ଭାବେ ଗାଡ଼ି ଚାଳନା କରି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଏନେଇ ଜଗନ ପଚାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରି ପଳାଇଥିଲେ। ସେଠାରୁ ଜଗନ ଘରକୁ ଫେରିବାବେଳେ ସୁନ୍ଦରପଦା ଦୋମୁଖୀ ବରଗଛ ନିକଟରେ ଅଭିଯୁକ୍ତ ଓ ତାଙ୍କର ଅନ୍ୟ କେତେଜଣ ସହଯୋଗୀ ତାଙ୍କୁ ମରଣାସ୍ତ୍ରରେ ଆକ୍ରମଣ କରିଥିଲେ।

### ଜଳିଗଲା ଖଲି ଠୋଲା ଫ୍ୟାକ୍ଟ୍ରି

ବେଗୁନିଆ,୭।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ତହସିଲ ଅନ୍ତର୍ଗତ ଧାନଘରନୂଆଗାଁର ଏକ ଖଲି, ଠୋଲା



ଫ୍ୟାକ୍ଟ୍ରି ପରିସରରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇ ନଷ୍ଟ ହୋଇଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ସୂଚନା ମୁତାବକ, ସକାଳ ପ୍ରାୟ ୭ଟାରେ ଗ୍ରାମର ଶରତ କୁମାର ସେଠୀଙ୍କ ଫ୍ୟାକ୍ଟ୍ରି ପରିସରରେ ହଠାତ୍ ଧୂଆଁ ଦେଖାଯାଇଥିଲା। ସ୍ଥାନୀୟ ଲୋକେ ଏବଂ ଫ୍ୟାକ୍ଟ୍ରି ମାଲିକ ପହଞ୍ଚି ଦେଖିବା ବେଳକୁ ଖଲି, ଠୋଲା ସହିତ ଅନେକ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

# ଦୁର୍ଘଟଣାକୁ ନେଇ ଉତ୍ତେଜନା, ରାସ୍ତାରୋକୋ

## ହାଇୱା ଧକ୍କାରେ ସ୍କୁଟି ଆରୋହୀ ଗୁରୁତର

ନିମାପଡ଼ା,୭।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ ଷ୍ଟାଇଲ ବଜାର ସମ୍ମୁଖରେ ମଙ୍ଗଳବାର ଏକ ବାଲି ବୋଝେଇ ହାଇୱା (ଏମ୍ଏଚ୍୪୨ଏକ୍ୟୁ୭୬୮୮) ଧକ୍କାରେ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ହେଲେ ନିମାପଡ଼ା ଥାନା ଅଧୀନ ଅଂଶାଲୋ ଗ୍ରାମର ପୂଜାସ୍ମିତା ବେହେରା (୩୨)। ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଆହତ ମହିଳାଙ୍କୁ କ୍ଷତିପୂରଣ ଯୋଗାଇ ଦେବା ସହ ହାଇୱା ଚାଳକଙ୍କୁ ଗିରଫ କରାଯିବାକୁ ଦାବି କରିଥିଲେ। ଜନଗହଳିପୂର୍ଣ୍ଣ ନିମାପଡ଼ା ଛକ ବଜାର ରୁଟରେ ସକାଳ ୯ଟାରୁ ହାଇୱା, ବାଲି ଗୋଡ଼ି ବୋଝେଇ ଭାରିଯାନ ବନ୍ଦ କରିବା ଦାବିରେ ଶତାଧିକ ଉତ୍ତ୍ୟକ୍ତ ଲୋକ ଦୁର୍ଘଟଣାସ୍ଥଳରେ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏସ୍ଆଇ ଦିଲୀପ ପଣ୍ଡା, ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ଆହତ ମହିଳାଙ୍କ ଶ୍ୱଶୁର ବିଶ୍ୱଜିତ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ହାଇୱାକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

ପୂଜାସ୍ମିତା ତାଙ୍କ ସ୍ୱାମୀ ବ୍ୟୋମକେଶ ସାହୁଙ୍କ ସହ ସ୍କୁଟିରେ ନିମାପଡ଼ା ଆସୁଥିବାବେଳେ ଦ୍ରୁତ ଗତିରେ ଆସୁଥିବା ହାଇୱାଟି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣଙ୍କ ତଳେ ପଡ଼ିଯିବାରୁ ହାଇୱାଟି ତାଙ୍କ ଗୋଡ଼ରେ ଚଢି ଯାଇଥିଲା। ଗୁରୁତର ଅବସ୍ଥାରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ସ୍ଥାନୀୟ ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ଚାଳକ ହାଇୱା ଛାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜନଗହଳିପୂର୍ଣ୍ଣ ନିମାପଡ଼ା ଛକ ରାସ୍ତାରେ ଭାରିଯାନ ଚଳାଚଳ ସକାଳ ୯ରୁ ରାତି ୧୦ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ନିକଟରେ ଦାବି କରିଛନ୍ତି।




ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି।

# ପ୍ରଚାରକୁ ଓହ୍ଲାଇଲେ ବିଶ୍ୱଭୂଷଣ, ରବୀନ୍ଦ୍ର

ଅସ୍ତରଙ୍ଗ,୭।୫(ପ୍ରଦୀପ୍ତ ଦୀକ୍ଷିତ)

## କଂଗ୍ରେସର ୯ ଗ୍ୟାରେଣ୍ଟି ପ୍ରତିଶ୍ରୁତି

କାକଟପୁର ନିର୍ବାଚନମଣ୍ଡଳୀରୁ ବିଧାନସଭା ଆସନ ନିମନ୍ତେ ବିଶ୍ୱଭୂଷଣ ଦାସ ଓ ଜଗତ୍‌ସିଂହପୁର ଲୋକ ସଭା ଆସନ ନିମନ୍ତେ ରବୀନ୍ଦ୍ର ସେଠୀଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ନିର୍ବାଚନ ଆଉ ଅଳ୍ପ ଦିନ ଥିବାବେଳେ ବିଶ୍ୱଭୂଷଣ ଓ ରବୀନ୍ଦ୍ର ମଙ୍ଗଳବାର ତାଙ୍କ ଶୋଭାଯାତ୍ରା ଆରମ୍ଭ କରିଛନ୍ତି। ଦୁହେଁ ସମର୍ଥକଙ୍କ ସହ ନିର୍ବାଚନମଣ୍ଡଳୀ ଅଧୀନ ଆଲୁଦଣ୍ଡାପାଟଣା ସାଇମନ୍ଦିର ନିକଟରୁ ବାଇକ୍ ରାଲି ସହ ଅଭିନ୍ନ ଟ୍ରାକ୍ଟର ମାଧ୍ୟମରେ କଂଗ୍ରେସ ୯ଟି ଗ୍ୟାରେଣ୍ଟି ତଥା ଧାନର ମୂଲ୍ୟ ଏମ୍ଏସ୍‌ପି ୩ ହଜାର ଟଙ୍କା, ଚାଷୀଙ୍କୁ ମାସିକ ଭତ୍ତା ୨ ହଜାର ଟଙ୍କା, ସମସ୍ତ କୃଷିଋଣ ଛାଡ଼, କାକଟପୁରରେ ଧାନ, ପାନ, ମୀନ ଚାଷୀଙ୍କ ଉନ୍ନତୀକରଣ, ଚାଷୀଙ୍କୁ ମାଗଣା ବିଜୁଳି ଆଦି ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ନିର୍ବାଚନମଣ୍ଡଳୀ ଅଧୀନ ନୟାହାଟ, କାକଟପୁର ବଜାର ସହ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ଦର୍ଶନ କରି ଅସ୍ତରଙ୍ଗ ବଜାରରେ ବାଇକ୍ ଶୋଭାଯାତ୍ରା କରିଥିଲେ। ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ଭେଟି ଭୋଟଭିକ୍ଷା କରିଥିଲେ। ରାଜନୀତି ନୁହେଁ, ସେବାରେ ସମର୍ପିତ ହେବାକୁ ଚାହାନ୍ତି ବୋଲି ବିଶ୍ୱଭୂଷଣ ଓ ରବୀନ୍ଦ୍ର କହିଥିଲେ। ଶୋଭାଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ୨ ପ୍ରାର୍ଥୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତେବେ ବିଶ୍ୱଭୂଷଣ ୨୦୦୯ରେ ଏବଂ ୨୦୧୯ରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ପୁନର୍ବାର ଦଳ ତାଙ୍କୁ ୩ୟ ଥର ପାଇଁ ଟିକେଟ ଦେଇଛି। ଅନ୍ୟପଟେ ରବୀନ୍ଦ୍ର ୨୦୧୪ରେ ବିଧାୟକ ପ୍ରାର୍ଥୀ ହୋଇଥିଲେ।




କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ଓ ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର ସେଠୀ ପ୍ରଚାର କରୁଛନ୍ତି ।

# ଅସ୍ତରଙ୍ଗରେ ୮୯ ମତଦାନ କେନ୍ଦ୍ର, ୧୪ ଉତ୍ତେଜନାପ୍ରବଣ

ଅସ୍ତରଙ୍ଗ,୭।୫(ପ୍ରଦୀପ୍ତ ଦୀକ୍ଷିତ):

## ସକାଳ ୭ଟାରୁ ସନ୍ଧ୍ୟା ୬ ମତଦାନ

ରାଜ୍ୟରେ ୪ର୍ଥ ପର୍ଯ୍ୟାୟ ମତଦାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କାକଟପୁର ନିର୍ବାଚନମଣ୍ଡଳୀରେ ଜୁନ ୧ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ। ଗଣତନ୍ତ୍ରର ଏହି ମହାପର୍ବକୁ ସ୍ୱଚ୍ଛ, ଅବାଧ ଓ ଶୃଙ୍ଖଳିତ କରିବାକୁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ସାମିଲ ହୋଇଛି। କାକଟପୁର ନିର୍ବାଚନମଣ୍ଡଳୀ ଅଧୀନ ଅସ୍ତରଙ୍ଗ ବ୍ଲକ ୧୫ ଗୋଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବାବେଳେ ୭୦ ହଜାର ୨୯୮ଜଣ ମତଦାତା ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୩ ହଜାର ୨୮୫ ଜଣ ମହିଳା, ୩୭ ହଜାର ୦୧୧ ଜଣ ପୁରୁଷ ଓ ୨ଜଣ ଟ୍ରାନ୍ସଜେଣ୍ଡର ଅଛନ୍ତି। ଭୋଟ ଗ୍ରହଣ ନିମନ୍ତେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ସମୁଦାୟ ୮୯ଟି ମତଦାନ କେନ୍ଦ୍ର କରାଯାଇଛି। ତନ୍ମଧ୍ୟରୁ ୧୪ଟି ଉତ୍ତେଜନା ପ୍ରବଣ ହୋଇଥିବାବେଳେ ୫ଟି ଅତି ଉତ୍ତେଜନା ପ୍ରବଣ ଚିହ୍ନଟ କରାଯାଇଛି। ସେହିପରି ଆଦର୍ଶ ଆଚରଣ ବିଧି ଉପରେ ନଜର ରଖିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଫ୍ଲାଇଂ ସ୍କ୍ୱାଡ୍, ଷ୍ଟାଟିଷ୍ଟିକ୍ସ ସ୍କ୍ୱାଡ୍, ଭିଡିଓ ସ୍କ୍ୱାଡ୍ ଗଠନ କରାଯାଇଛି। ଅପରପକ୍ଷେ ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତି ପାଇଥିବା ପୁଲିଂ ପାର୍ଟିକୁ ତାଲିମ୍ ଦିଆଯାଇଛି। ପ୍ରିଜାଇଡିଂ ଅଫିସର ଓ ସେକ୍ଟର ଅଫିସରଙ୍କୁ ନିର୍ବାଚନ ପରିଚାଳନା ତାଲିମ୍ ଦିଆଯାଇଥିବା ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଓ ବିଡିଓ ସୁଶ୍ରୀ ସସ୍ମିତା ବେହେରା ସୂଚନା ଦେଇଛନ୍ତି। ଅନ୍ୟପଟେ ବିଜ୍ଞପ୍ତି ପ୍ରକାଶ ସହ ମଙ୍ଗଳବାରଠାରୁ ନାମାଙ୍କନ ଦାଖଲ ଆରମ୍ଭ ହୋଇଥିବାବେଳେ ୧୪ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ହୋଇପାରିବ। ୧୫ ତାରିଖରେ ନାମାଙ୍କନ ଯାଞ୍ଚ ଓ ୧୭ ତାରିଖରେ ନାମାଙ୍କନ ପ୍ରତ୍ୟାହାର କରାଯାଇପାରିବ।

# ଗ୍ରାମରେ ବସିଲା ନୂତନ ନଳକୂପ

ଯୋଗେଶ୍ୱରପୁର,୭।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ବଉଳାଙ୍ଗ ପଞ୍ଚାୟତ ପାଞ୍ଚଣା ଗ୍ରାମ ସାଧୁ ସ୍ୱାଇଁଙ୍କ ଘର ପାଖରେ ଥିବା ନଳକୂପ ଦୀର୍ଘ ୩ ମାସ ହେବ ଅଚଳ ହୋଇ ପଡ଼ିଥିଲା। ଏନେଇ ଗ୍ରାମବାସୀ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ସେ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ତେବେ ଏଥିନେଇ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ଓ ଗ୍ରାମବାସୀ ପାନୀୟ ଜଳ ଯନ୍ତ୍ରୀଙ୍କୁ ଜଣାଇଥିଲେ। ମରାମତି ପାଇଁ ୩ ମାସ ହେବ ସେହି ସ୍ଥାନକୁ ଖୋଲି ପକାଇ



ଦେଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ପାନୀୟ ଜଳ ପ୍ରକଳ୍ପ କର୍ମଚାରୀ ମଙ୍ଗଳବାର ନୂତନ ନଳକୂପ ବସାଇଥିବା ଜଣାପଡ଼ିଛି।

# ନିରାଡ଼ମ୍ବର ଭାବେ ନାମାଙ୍କନ ଭରିବେ ମନୋରଞ୍ଜନ

ନିମାପଡ଼ା,୭।୫(ବିଚିତ୍ରାନନ୍ଦ ସାହୁ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଏକ ନିର୍ବାଚନ ସଂକ୍ରାନ୍ତୀୟ ବୈଠକ ମଙ୍ଗଳବାର ନିମାପଡ଼ା ସିପିଆଇ ପାର୍ଟି ଅଫିସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ଉପସଭାପତି ପ୍ରଦୀପ୍ତ ମହାନ୍ତି, ସିପିଆଇ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ନିମାପଡ଼ା ବିଧାନସଭା ଆସନର ସିପିଆଇ ପ୍ରାର୍ଥୀ ମନୋରଞ୍ଜନ ପରିଡ଼ା, ବରିଷ୍ଠ ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, ଆଇନଜୀବୀ ବାମଚରଣ ନାୟକ, ନିମାପଡ଼ା ଜୋନ ସମ୍ପାଦକ ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ଓ ଜନମାରଣ ନୀତିକୁ ଦଳୀୟ ନେତା ଭୋଟରଙ୍କୁ ଅବଗତ କରିବା ସହ ଦୁର୍ନୀତିଗ୍ରସ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭୋଟର ଉଚିତ ଜବାବ ଦେଇ ସିପିଆଇ ପ୍ରାର୍ଥୀ ମନୋରଞ୍ଜନଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଆସନ୍ତା ୧୦ ତାରିଖରେ ମନୋରଞ୍ଜନ ନିରାଡ଼ମ୍ବର ଭାବେ ପୁରୀଠାରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ନାମାଙ୍କନ ଦାଖଲ ପରେ ନିମାପଡ଼ା, ଗୋପ, ବଳଙ୍ଗା, ଚାରିଛକ ଆଦି ୪ ସ୍ଥାନରେ ନିର୍ବାଚନ ପରିପ୍ରେକ୍ଷୀରେ ୪ଟି ନିର୍ବାଚନ ପାର୍ଟି ଅଫିସ୍ ଖୋଲାଯିବା ସହ ଜୋରଦାର ପ୍ରଚାର ଅଭିଯାନ ଚାଲିବ ଓ ସମଗ୍ର ନିମାପଡ଼ା, ଗୋପ ନିର୍ବାଚନମଣ୍ଡଳୀରେ ବିରାଟ ସାଇକେଲ ଶୋଭାଯାତ୍ରା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପାର୍ଟିର ବହୁ ନେତୃବୃନ୍ଦ ଓ କର୍ମୀ ମନୋରଞ୍ଜନଙ୍କ ବିଜୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ନିର୍ବାଚନକାଳୀନ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ପାର୍ଟିର ନେତୃବୃନ୍ଦମାନେ ପ୍ରକାଶ କରିଛନ୍ତି।

# ତାଳସଜ ମେଳଣ ଅନୁଷ୍ଠିତ

ନିମାପଡ଼ା,୭।୫(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବହୁପୁରାତନ ଭୁବନିପୁର ଗ୍ରାମରେ ତାଳସଜ ମେଳଣ ଅନୁଷ୍ଠିତ ହୋଇଯାଇଛି। ବୈଶାଖ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ୨ଦିନ ଧରି ଏହା ଅନୁଷ୍ଠିତ ହୋଇଥାଏ। ସର୍ବନିମ୍ନ ୫ରୁ ସର୍ବାଧିକ ୯ଟି ଦୋଳବିମାନରେ ପାଖଆଖ ଗ୍ରାମରୁ ଠାକୁର ମେଳଣସ୍ଥଳୀକୁ ବିଜେ କରିଥିଲେ। ସୋମବାର ପ୍ରତ୍ୟୁଷରୁ ଠାକୁରମାନେ ସୁସଜ୍ଜିତ ବିମାନରେ ବାଣ, ବାଦ୍ୟ, ରୋଷଣୀ ସହିତ ବିରାଟ ପଟୁଆରରେ ମେଳଣସ୍ଥଳୀକୁ ବିଜେ କରିଥିଲେ। ସୋମବାର ଦିନତମାମ ଠାକୁରଙ୍କ ନୀତିକାନ୍ତି କରାଯିବା ସହିତ ଦେବ ସଭା ମଣ୍ଡପରେ ହୋମ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ରାତିରେ ଆତସବାଜି ପ୍ରଦର୍ଶନ ପରେ ଠାକୁରମାନେ ଆସ୍ଥାନ ଛାଡିଥିଲେ। ତାଳସଜ ମେଳଣ ପରମ୍ପରା ବହୁ ପ୍ରାଚୀନ। ପୂର୍ବେ ମେଳଣରେ ପ୍ରଚୁର ପରିମାଣରେ ତାଳସଜ ବିକ୍ରୟ କରାଯାଉଥିରୁ ଏହାକୁ ତାଳସଜ ମେଳଣ କୁହାଯାଏ ବୋଲି ଗ୍ରାମର ପୁରୁଖା ବ୍ରଜମୋହନ ବରାଳ ଏବଂ ପବିତ୍ର ମୋହନ ବରାଳ କୁହନ୍ତି। ଚଳିତବର୍ଷ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ଶହ ସମ୍ପର୍ଣ୍ଣ ହୋଇଛି।



ମେଳଣ ପଡିଆରେ ବିରାଜମାନ ଠାକୁର।

# ୪ ଯନ୍ତ୍ରୀଙ୍କୁ ବଦଳି ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି

ପୁରୀ,୭।୫(ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀର ଖୋଲାଖୋଲି ଉଲଘଂନ ପୁରୀ ଜିଲାରେ ଦେଖିବାକୁ ମିଳିଛି। ଦୀର୍ଘ ୧୫ରୁ ୨୦ବର୍ଷ ଧରି ୪ଜଣ ଯନ୍ତ୍ରୀ ଗୋଟିଏ ବିଭାଗରେ କାର୍ଯ୍ୟ କରୁଥିବାନେଇ ରାଜ୍ୟ ମୁଖ୍ୟ ନିବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଶ୍ରୀକ୍ଷେତ୍ର ସ୍ୱାଭିମାନ ମଞ୍ଚର ମୁଖ୍ୟ ସଂଯୋଜକ ସୁକାନ୍ତ କୁମାର ଲେଙ୍କା ରାଜ୍ୟ ମୁଖ୍ୟନିବାର୍ଚନ ଅଧିକାରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ସରକାରଙ୍କ ଚାକିରୀ ନିୟମକୁ ଫୁଁ' କରି ଦୀର୍ଘଦିନ ହେବ ଜିଲାର ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିବାହୀଯନ୍ତ୍ରୀ ଭାବେ ୪ଜଣ କାର୍ଯ୍ୟ କରୁଛନ୍ତି। ଯନ୍ତ୍ରୀମାନେ ହେଉଛନ୍ତି ପୁରୀ ଜଳ ସେଚନ ବିଭାଗରେ କାର୍ଯ୍ୟ କରୁଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ମକରା ବେହେରା, ପିପିଲି ଜଳ ସେଚନ ବିଭାଗରେ କାର୍ଯ୍ୟ କରୁଥିବା ସହକାରୀ ନର୍ବାହୀ ଯନ୍ତ୍ରୀ ବିଚିତ୍ରା ନନ୍ଦ ମାଝି, ବ୍ରହ୍ମଗିରି ସୁନାମୁହିରେ କାର୍ଯ୍ୟକରୁଥିବା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଡୋରା ଏବଂ ପୁରୀ ଜଳସେଚନ ବିଭାଗରେ କାର୍ଯ୍ୟ କରୁଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ତନୁଜ ରାଉତ। ଆସନ୍ତା ନିର୍ବାଚନରେ ଉକ୍ତ ଯନ୍ତ୍ରୀମାନେ ସରକାରଙ୍କ ପାଇଁ ଭିତିରିଆ ପ୍ରଚାର କରିବା ସହ ଟଙ୍କା କାରବାର କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଉକ୍ତ ଯନ୍ତ୍ରୀମାନଙ୍କୁ ଜିଲାରୁ ଅନ୍ୟତ୍ର ସ୍ଥାନକୁ ତୁରନ୍ତ ବଦଳି କରିବା ପାଇଁ ଲେଙ୍କା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି।

# ଦଳ ଉପରେ ପୂର୍ଣ୍ଣବିଶ୍ୱାସ, ଭରସା ରହିବା ଦରକାର

ଗୋପ,୭।୫(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ନିର୍ବାଚନମଣ୍ଡଳୀରେ ଟିକେଟ ପରିବର୍ତ୍ତନ ପରେ ଦଳ ଉପରେ ପୂର୍ଣ୍ଣବିଶ୍ୱାସ, ଭରସା ରହିବା ଦରକାର। ସୋମବାର ସନ୍ଧ୍ୟାରେ ଗୋପ ବ୍ଲକସ୍ଥିତ ଗଣେଶ୍ୱରପୁର ପଞ୍ଚାୟତର ମଞ୍ଜନାଥ ଶୈବପୀଠ ନିକଟରେ ଅନୁଷ୍ଠିତ ବିଜେଡିର କର୍ମୀ ବୈଠକରେ ଦଳର ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ ଏହା କହିଛନ୍ତି। ବୈଠକରେ ବିଜେଡି ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ଯୋଗଦେଇଥିଲେ। ପ୍ରକାଶ ଯେ, ନିମାପଡ଼ା ନିର୍ବାଚନମଣ୍ଡଳୀରେ ୩ ଥର ଲଗାତର ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରି ରେକର୍ଡ ସୃଷ୍ଟି କରିଥିବା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ଦଳ ଟିକେଟ ପରିବର୍ତ୍ତନ କରି ଦିଲୀପଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ମଞ୍ଜନାଥ ଶୈବପୀଠ ନିକଟରେ ବିଧାୟକ ପ୍ରାର୍ଥୀଙ୍କ ସହିତ ଛାଟୋଇ ପହଞ୍ଚିବା ପରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ଗୋପ ବ୍ଲକ ଅଧ୍ୟକ୍ଷ ଝୁନୁ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ଯୁବ ନେତୃତ୍ୱ କରୁଣାକର ସାହୁଙ୍କ ସହିତ ଶତାଧିକ ନେତୃତ୍ୱ କର୍ମୀ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପରେ ଦୀର୍ଘ ଘଣ୍ଟା ଧରି କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାର୍ଥୀ ଦିଲୀପ ଆମମାନଙ୍କ ସେବା କରିବେ ବୋଲି ସମସ୍ତଙ୍କୁ କହିଥିଲେ।



ବିଜେଡି କର୍ମୀ ବୈଠକରେ ଦଳୀୟ ନେତୃବୃନ୍ଦ ।

# ମନ ମୋହିଲା ଶିଶୁ କଳାକାରଙ୍କ ଓଡ଼ିଶୀ ନୃତ୍ୟ

## ସାରଙ୍ଗଯୋଡ଼ି ସଂକୀର୍ତ୍ତନ ଓ ଲୋକ ସଂସ୍କୃତି ମହୋତ୍ସବ

ସାକ୍ଷୀଗୋପାଳ,୭।୫(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକର ସାରଙ୍ଗଯୋଡ଼ି ପଞ୍ଚାୟତର ଲୋକକଳା ଗ୍ରାମରେ ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ସାରଙ୍ଗଯୋଡ଼ି ସଂକୀର୍ତ୍ତନ ଓ ଲୋକସଂସ୍କୃତି ମହୋତ୍ସବ-୨୦୨୪ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ରାଜ୍ୟର ପ୍ରତିଷ୍ଠିତ ସଂକୀର୍ତ୍ତନ ଗାୟକ ଗୁରୁ ସଦାନନ୍ଦ ପ୍ରଧାନ, ଗୁରୁ ପୂର୍ଣ୍ଣଚନ୍ଦ୍ର ବାରିକ୍ ଓ ଗୁରୁ ଜଗନ୍ନାଥ ପାତ୍ର ଓ ସାଥୀ ଉଚ୍ଚକୋଟୀର ସଂକୀର୍ତ୍ତନ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୋଟିପୁଅ ଗୁରୁ ଗୋବିନ୍ଦଚନ୍ଦ୍ର ପାଳ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦେବୀ ପ୍ରସାଦ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ପିପିଲି ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ପ୍ରହ୍ଲାଦ ରାଉତ, ନିମାପଡ଼ା ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ପବିତ୍ରମୋହନ ପ୍ରଧାନ, ସାରଙ୍ଗଯୋଡ଼ି ଦେଶକୋଠ ସଭାପତି କେଦାରନାଥ ମହାପାତ୍ରଙ୍କ ସହ ଉଭୟ ଆୟୋଜକ ଅନୁଷ୍ଠାନ ସଭାପତି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଦେବଦତ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗୁରୁ କୁଳମଣି ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଦୁର୍ଗେଶ ପ୍ରସାଦ ମିଶ୍ର ଅତିଥି ପରିଚୟ ଦେଇଥିଲେ। ବିଜୟ ପଟ୍ଟନାୟକ, କୈଳାସଚନ୍ଦ୍ର ବିଶ୍ୱାଳ ସଂଯୋଜନା କରିଥିଲେ। କ୍ଷେତ୍ରପାଳୀ ମୃଦଙ୍ଗ ଅନୁଷ୍ଠାନର ସମ୍ପାଦକ ରମେଶଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବଦ୍ରିନାରାୟଣ ଖୁଣ୍ଟିଆଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ, ଡିଆର୍‌ବି ଡ୍ୟାନ୍ସ ଗ୍ରୁପର ବିବିଧ ନୃତ୍ୟ, ଖଲ୍ଲିକୋଟର ପଥରା ଗ୍ରାମରୁ ଆସିଥିବା ବିଶିଷ୍ଟ ମୃଦଙ୍ଗ ଗୁରୁ ଭାସ୍କର ଦାସଙ୍କ ଦ୍ୱାରା ପ୍ରଶିକ୍ଷିତ ଶିଶୁ କଳାକାରଙ୍କ ମୃଦଙ୍ଗ ବାଦ୍ୟ, କୈଳାସ ଗୋଟିପୁଅ ଅନୁଷ୍ଠାନର ଗୋଟିପୁଅ ନୃତ୍ୟ ଓ ସ୍ଥାନୀୟ ଶିଶୁ କଳାକାରଙ୍କ ଓଡ଼ିଶୀ ନୃତ୍ୟ ମନୋମୁଗ୍ଧକର ହୋଇଥିଲା। ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।



ମହୋତ୍ସବରେ ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ

### ୧୮ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

କଟକ,୭।୫ (ଦିବାକର ସାହୁ)

ମୋବାଇଲ ଚୋରି ଅଭିଯୋଗରେ ପୁରୀଘାଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଦୀନବନ୍ଧୁ ସାହୁ। ତାଙ୍କ ନିକଟରୁ ୧୮ଟି ମୋବାଇଲ ଜବତ କରାଯାଇଛି। ସୂଚନା ଅନୁସାରେ, ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀ ପଡ଼ିଆ ଅଞ୍ଚଳର ମଣ୍ଟୁ ପୃଷ୍ଟିଙ୍କର ଗତ ଏପ୍ରିଲ ୨୭ରେ ଏକ ବ୍ୟାଗ୍ ଚୋରି ହେଇଥିଲା। ସେ କଟକର ଏକ ନର୍ସିଂହୋମ୍ ନିକଟରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ବ୍ୟାଗ୍ ଚୋରିକରି ନେଇଥିଲେ। ଏହି ବ୍ୟାଗ୍‌ରେ ଥିବା ଦୁଇଟି ମୋବାଇଲ ସହ ୫ ହଜାର ଟଙ୍କା ଏବଂ କିଛି ଦରକାରୀ କାଗଜପତ୍ର ଥିଲା। ଏନେଇ ସେ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୪/୨୪) ରୁଜୁ କରିଥିଲା। ତଦନ୍ତବେଳେ ଦୀନବନ୍ଧୁ ମୋବାଇଲ ଚୋରି କରିଥିବା ଜାଣିବାକୁ ପାଇଥିଲା। ଦୀନବନ୍ଧୁ ୩ଟି ମୋବାଇଲକୁ ବିକ୍ରି କରିବା ପାଇଁ ତେଲେଙ୍ଗାବଜାରସ୍ଥିତ ଏକ ମୋବାଇଲ ଦୋକାନକୁ ଯୋଗାଯୋଗ କରିଥିଲା। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ସେଠାରୁ ତାଙ୍କୁ ଗିରଫ କରିବା ସହ ପ୍ରଥମେ ୩ଟି ମୋବାଇଲ ଜବତ କରିଥିଲା। ଏହାପରେ ଅଭିଯୁକ୍ତଙ୍କ ଘର ଯାଞ୍ଚ କରାଯିବାରୁ ୧୫ଟି ମୋବାଇଲ ଏବଂ ୪୫୦ଟଙ୍କା ଜବତ କରାଯାଇଥିଲା। ଉକ୍ତ ମୋବାଇଲ ସମ୍ପର୍କରେ ଦୀନବନ୍ଧୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

### ସାହି ବାସିନ୍ଦାଙ୍କ ସହ ଆଲୋଚନା କଲେ ପ୍ରକାଶ

କଟକ, ୭।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୫ ନମ୍ବର ୱାର୍ଡ ସୂତାହାଟ ଛକସ୍ଥିତ ଇଣ୍ଡିପେଣ୍ଡେଣ୍ଟ କ୍ଲବରେ ୱାର୍ଡର ବରିଷ୍ଠ ମୁରବି ଓ ସାହିବାସିନ୍ଦାଙ୍କ ସହ ବିଭିନ୍ନ ବିଷୟରେ ମଙ୍ଗଳବାର ଆଲୋଚନା କରିଛନ୍ତି ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା। ୱାର୍ଡ ସଭାପତି ଦୀପାଙ୍କର ମହାନ୍ତି, କଟକ ବିଜେଡି ସଂଖ୍ୟାଲଘୁ ସେଲ୍ ସଭାପତି ଏମ୍‌ଡି. ଆରିଫ୍ ଖାନ୍, କର୍ପୋରେଟର ଏ. ଶ୍ରୀଦେବୀ, ୱାର୍ଡ ସଭାପତି ଶେଖ୍ ଫୟାଜ ବକ୍ସ, କର୍ପୋରେଟର କୁରେଶା ନୁର ପ୍ରମୁଖ ଉପସ୍ଥିତ ଥିଲେ। ପରେ ପ୍ରକାଶ ୧୫ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହାପରେ ଅଲିଶା ବଜାରସ୍ଥିତ ହରିଜନ ସାହିର ଅଙ୍ଗନୱାଡି ସେଣ୍ଟର ନିକଟରେ ଆୟୋଜିତ ସଭାରେ ସେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ କର୍ପୋରେଟର ଦୀପାଞ୍ଜଳି ସିଂ, ସିଏମ୍‌ସି ମେୟର ସୁବାସ ସିଂ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସକିଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୭ ନମ୍ବର ୱାର୍ଡ ଅଧୀନ କୃଷକ ବଜାରସ୍ଥିତ ଅଯୋଧ୍ୟା ନଗର ରାମ ମନ୍ଦିରରେ ଆୟୋଜିତ ରାମ ନବମୀ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରକାଶ ଯୋଗଦେଇଥିଲେ।

# ପ୍ରଥମ ଦିନରେ କେହି ପ୍ରାର୍ଥୀପତ୍ର ଦାଖଲ କଲେନି

କଟକ,୭।୫ (କାର୍ତ୍ତିକ ସାହୁ)

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଲେପୁର, ମାହାଙ୍ଗା ଓ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ନିମନ୍ତେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମଙ୍ଗଳବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ବୋଲି ଘୋଷଣା କରାଯାଇଛି। ସେହିପରି ୧୫ରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୭ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ଜୁନ୍ ୧ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ସାଲେପୁର ନିର୍ବାଚନମଣ୍ଡଳୀରେ ମୋଟ ୨ ଲକ୍ଷ ୪୮ ହଜାର ୫୪୧ ଜଣ, ମାହାଙ୍ଗାରେ ୨ ଲକ୍ଷ ୭୧ ହଜାର ୪୭ ଏବଂ ନିଆଳିରେ ୨ ଲକ୍ଷ ୪୮ ହଜାର ୩୨୮ ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିବେ। ହେଲେ ପ୍ରଥମ ଦିନରେ ଏହି ନିର୍ବାଚନ ମଣ୍ଡଳୀଗୁଡ଼ିକରୁ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ଜଣାପଡ଼ିଛି।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ସହ ଅନ୍ୟମାନେ।

**ସାଲେପୁର, ମାହାଙ୍ଗା, ନିଆଳି ନିର୍ବାଚନମଣ୍ଡଳୀ ପାଇଁ ବିଜ୍ଞପ୍ତି ପ୍ରକାଶ**

- ଆସନ୍ତା ୧୪ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ
- ୧୫ରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୭ରେ ପ୍ରତ୍ୟାହାର
- ଜୁନ୍ ୧ ସକାଳ ୭ରୁ ମତଦାନ

କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁସାରେ, ପ୍ରାର୍ଥୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ମାହାଙ୍ଗା ଓ ସାଲେପୁର ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାର୍ଥୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରଥମ ମହଲାର ୧୪ ନମ୍ବର କକ୍ଷରେ ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିବେ। ସେହିପରି ନିଆଳି ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରାର୍ଥୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ପ୍ରଥମ ମହଲାର ୨୭ ନମ୍ବର କକ୍ଷରେ ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିବେ। ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ଜିଲାର ୬୦% ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ବୁଥ୍‌ରେ ସିସିଟିଭି ଲଗାଯାଇଛି ଓ ମାଇକ୍ରୋ ଅବ୍‌ଜର୍‌ଭର୍‌ମାନଙ୍କୁ ନିୟୋଜିତ କରାଯାଇଛି। କଟକ ଜିଲା ପାଇଁ ଦୁଇ ଜଣ ସାଧାରଣ ପର୍ଯ୍ୟବେକ୍ଷକ ଓ ଜଣେ ପୋଲିସ୍ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏଥିସହ କେନ୍ଦ୍ରୀୟ ସୁରକ୍ଷା ବଳ, ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ ସର୍ଭିଲାନ୍ସ ଟିମ୍‌କୁ ନିୟୋଜିତ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍, ସହକାରୀ ଉପଜିଲାପାଳ ଦେବାଶିଷ ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ସହକାରୀ ରିଟର୍ନିଂ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଖଗେଶ୍ୱର ପାତ୍ର ଓ ଜୟନ୍ତ କୁମାର ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ପ୍ରାର୍ଥୀପତ୍ର ଯାଞ୍ଚ

କଟକ,୭।୫(ଶିଳ୍ପା ପ୍ରିୟଦର୍ଶିନୀ)

ଚୌଦ୍ୱାର-କଟକ ନିର୍ବାଚନିମଣ୍ଡଳୀରେ ଆସନ୍ତା ୨୫ ତାରିଖକରେ ଭୋଟ ଗ୍ରହଣ ହେବ। ଏଥିପାଇଁ ୧୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରେ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, ଭାଜପା ପ୍ରାର୍ଥୀ ନୟନ କିଶୋର ମହାନ୍ତି ଓ କଂଗ୍ରେସ ପ୍ରାର୍ଥୀ ମୀରା ମଲ୍ଲିକ ରହିଛନ୍ତି। ସେହିପରି ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ବିଜୟଲକ୍ଷ୍ମୀ ମହାପାତ୍ର, ଏସ୍‌ୟୁସିଆଇ ପ୍ରାର୍ଥୀ ଖଗେଶ୍ୱର ସେଠୀ, ଭୁଜନ ସମାଜ ପାର୍ଟି ପ୍ରାର୍ଥୀ ମନୋରଞ୍ଜନ ଦଳାଇ, ସମୃଦ୍ଧ ଓଡ଼ିଶା ପ୍ରାର୍ଥୀ ଲୁଲୁ ବିଶ୍ୱାଳ, ସ୍ୱାଧୀନ ପ୍ରାର୍ଥୀ ରଞ୍ଜିତ୍ ମଲ୍ଲିକ, ସୁରେଶ ଚନ୍ଦ୍ର ମହାନ୍ତି, ବିପ୍ଳବ ନନ୍ଦ, ରୂପାଲି ଲେଙ୍କା, ହେମନ୍ତ କୁମାର ସାହୁ, ସୁକାନ୍ତ ଚନ୍ଦ୍ର ସାହାଣୀ, ଦୀପକ ବାରିକ, ଶୋଭା ପାଣ୍ଡେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଛି। ଯାଞ୍ଚବେଳେ ସୁରେଶ ଓ ହେମନ୍ତଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ଏହି ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ୨୩ ଲକ୍ଷ ୩ ହଜାର ୭୯୩ ରହିଛି। ହେଲେ ଏବେ ଭୋଟ୍ ମାର୍ଜିନ୍ ଏପର୍‌ସେପଟ୍ ହେବା ନେଇ ଲୋକମାନେ ଆଲୋଚନା କରୁଛନ୍ତି। ଅପରପକ୍ଷରେ ସ୍ୱାଧୀନ ଓ ଉପରୋକ୍ତ ସଙ୍ଗଠନର ପ୍ରାର୍ଥୀମାନେ ବିଜେଡି, ଭାଜପା ଓ କଂଗ୍ରେସକୁ ବିଭିନ୍ନ ପ୍ରସଙ୍ଗ ନେଇ ଆକ୍ଷେପ କରିଛନ୍ତି। ଏଠାରେ ପ୍ରାର୍ଥୀ ଜିତିବା ପରେ ଉକ୍ତ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ କରୁନାହାନ୍ତି। ସେଥିପାଇଁ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ବାଦ୍ ଦେଲେ ସ୍ୱାଧୀନ ଓ ଅନ୍ୟ ସଙ୍ଗଠନର ପ୍ରାର୍ଥୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ଲୋକମାନେ ଟୁପୁରୁଟାପୁରୁ ହେଉଛନ୍ତି। ସ୍ୱାଧୀନ ଓ ଅନ୍ୟ ସଙ୍ଗଠନର ପ୍ରାର୍ଥୀଙ୍କ ବହୁସଂଖ୍ୟକ ସମର୍ଥକ ଥିବା ଜଣାପଡିଛି। ଏହାର ପ୍ରଭାବ ଦଳୀୟ ପ୍ରାର୍ଥୀଙ୍କ ଭୋଟ ହାରକୁ କମାଇପାରେ ବୋଲି ଜନସାଧାରଣ ତର୍ଜମା କରିବା ଆରମ୍ଭ କରିଛନ୍ତି। ଆସନ୍ତା ୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ଏହି ସମୟ ମଧ୍ୟରେ କେଉଁମାନେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ମୋବାଇଲ ନମ୍ବର ଜାରି

କଟକ,୭।୫(କାର୍ତ୍ତିକ ସାହୁ)

କଟକ ଜିଲାରେ ନିର୍ବାଚନ ପାଇଁ ଦୁଇଜଣ ସାଧାରଣ ପର୍ଯ୍ୟବେକ୍ଷକ ଓ ଜଣେ ପୋଲିସ୍ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ସ୍ୱଚ୍ଛ, ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବା ସହ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ଟେଲିଫୋନ୍ ନମ୍ବର ଜାରି କରାଯାଇଛି। ଏହାଦ୍ୱାରା ଯେକୌଣସି ବ୍ୟକ୍ତିସିଧାସଳଖ ପର୍ଯ୍ୟବେକ୍ଷକମାନଙ୍କ ସହ ନିର୍ବାଚନ ସଂକ୍ରାନ୍ତରେ ଯୋଗାଯୋଗ କରିବା ପାଇଁ ସୁଯୋଗ ଦିଆଯାଇଛି। ଏଥିସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଫୋନ୍ କରି ହେଉ ବା ସାକ୍ଷାତ କରି ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରିପାରିବେ। ଏହି ଯୋଗାଯୋଗ ୨୪ ଘଣ୍ଟିଆ ଉପଲବ୍ଧ ରହିଥିବା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଗୁରାଲା ଶ୍ରୀନିବାସୁଲୁ ସାଧାରଣ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇବେ। ତାଙ୍କୁ ମୋବାଇଲ୍ ନମ୍ବର ୭୩୨୮୦୪୦୦୭୭ରେ ଯୋଗାଯୋଗ କରାଯାଇପାରିବ। ସେହିପରି ବଡ଼ମ୍ବା, ବାଙ୍କୀ, ଆଠଗଡ଼ ଓ ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଉମାଶଙ୍କର ସିଂଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ତାଙ୍କୁ ମୋବାଇଲ ନମ୍ବର ୭୩୨୫୮୬୦୦୭୭ରେ ଯୋଗାଯୋଗ କରାଯାଇପାରିବ। ଏଥିସହ ବରିଷ୍ଠ ଆଇପିଏସ୍ ଅଧିକାରୀ ଆର୍. ଶିବକୁମାରଙ୍କୁ ପୋଲିସ୍ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ମୋବାଇଲ୍ ନମ୍ବର ୯୧୨୪୯୬୦୦୮୮ରେ ଯୋଗାଯୋଗ କରାଯାଇପାରିବ। ସେ ବଡ଼ମ୍ବା, ବାଙ୍କୀ, ଆଠଗଡ, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଓ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ପୋଲିସ୍ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ।




କଟକସ୍ଥିତ ଡ୍ରିମ୍ସ ୟୁନିଭର୍ସିଟି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ସ୍କୁଲ ଅଫ୍ ପ୍ରଫେସନାଲ ଷ୍ଟଡିଜ୍‌ର ବାର୍ଷିକ ଉତ୍ସବ 'ଅବନ୍ତିକା'ରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ସ୍ତ୍ରୀ ହତ୍ୟା ଘଟଣାରେ ସ୍ୱାମୀଙ୍କୁ ଆଜୀବନ ଜେଲ

କଟକ,୭।୫(କାର୍ତ୍ତିକ ସାହୁ)

ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ କଟକ ଜିଲା ଓ ସେସନ୍ସ କୋର୍ଟ ଅଭିଯୁକ୍ତ ସ୍ୱାମୀ କାଠଯୋଡ଼ି ବସ୍ତିର ଗୋବିନ୍ଦ ଓରଫ କବଳ ମୁଣ୍ଡାଙ୍କୁ ଆଜୀବନ କାରାଦଣ୍ଡାଦେଶ ନିମନ୍ତେ ରାୟ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତ ୧୦,୦୦୦ ଟଙ୍କା ଜରିମାନା ପ୍ରଦାନ ନିମନ୍ତେ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଗୋବିନ୍ଦ ୧୬ ବର୍ଷ ତଳେ ସାବିତ୍ରୀ ମୁଣ୍ଡାଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ ଥିଲେ। ଗୋବିନ୍ଦ ପ୍ରତିଦିନ ମଦ ପିଇ ଘରକୁ ଆସୁଥିବାରୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ଅର୍ଥାଭାବ ପୂରଣ ପାଇଁ ସାବିତ୍ରୀ ଜଣଙ୍କ ଘରେ ଚାକରାଣୀ ଭାବେ କାମ କରୁଥିଲେ। ୨୦୨୧ ଜୁନ୍ ୬ରେ ଘରୁ ୭ହଜାର ଟଙ୍କା ଓ ସୁନା କାନଫୁଲ ଚୋରି ହୋଇଥିବା ଗୋବିନ୍ଦ ଜାଣିବାକୁ ପାଇଥିଲେ। ସେହିଦିନ ସନ୍ଧ୍ୟାରେ ଏହାକୁ ନେଇ ଗୋବିନ୍ଦ ସାବିତ୍ରୀଙ୍କୁ ଗାଳିଗୁଲଜ କଲେ। ପରେ ଗୋବିନ୍ଦ ଉତ୍କ୍ଷିପ୍ତ ହୋଇ ଏକ ଲୁହାରଡ୍‌ରେ ସାବିତ୍ରୀଙ୍କ ମୁଣ୍ଡ ଓ ଗୋଡ଼କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେବାରୁ ସାବିତ୍ରୀ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେବା ସହ ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସାବିତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସାବିତ୍ରୀଙ୍କ ସମ୍ପର୍କୀୟ ସାରଥି କିସ୍କୋଙ୍କ ଅଭିଯୋଗ ଆଧାରରେ ମର୍କତନଗର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ଗୋବିନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ତଦନ୍ତ କରି ପୋଲିସ ଚାର୍ଜସିଟ୍ କୋର୍ଟରେ ଦାଖଲ କରିଥିଲା। ଜିଲା ଓ ସେସନ୍ସ ଜଜ୍ ସଞ୍ଜୟ ରଞ୍ଜନ ବହିଦାର ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଆଧାରକରି ମଙ୍ଗଳବାର ମାମଲାର ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।

## ଶ୍ରୀରାମଲୀଳା ପ୍ରଚାର ସମିତିର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ଖୁଣ୍ଟୁଣୀ/ଚୌଦ୍ୱାର,୭।୫ (ସଚ୍ଚିଦାନନ୍ଦ ପଣ୍ଡା/ଆଶୁତୋଷ ଦାସ)

ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଖଡି ଗ୍ରାମରେ ମା' ହିଙ୍ଗୁଳାଇ ଶ୍ରୀରାମଲୀଳା ପ୍ରଚାର ସମିତିର ୫୧ ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି ରାମଲୀଳା ୪ ଦିନ ଧରି ପରିବେଷଣ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଖଡି ସରପଞ୍ଚ କଳ୍ପନା ଛତାର, ସମିତି ସଭ୍ୟ ପ୍ରଦୀପ କୁମାର ମହାନ୍ତି, କଖଡି ଗ୍ରାମ୍ୟ କମିଟି ସଭାପତି ଦିଲୀପ କୁମାର ଛତାର, ଖବରଦାତା ଶ୍ୱେତକାନ୍ତ ବେହେରା, ସନାତନ ମହାନ୍ତି, ନରେନ୍ଦ୍ର କୁମାର ସାହୁ, ମା' ହିଙ୍ଗୁଳାଇ ପ୍ରଚାର ସମିତି ସଭାପତି ମାୟାଧର ଦଳାଇ, ସମ୍ପାଦକ ବ୍ରଜରାଜ ଖଟୁଆ, କୁବେର ଚରଣ ସାହୁ, ବେଣୁଧର ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ନାଥ ମହାନ୍ତି, ପବିତ୍ର ନାୟକ, ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଚାର ସମିତି ପକ୍ଷରୁ ଆଶୁତୋଷ ପରିଡ଼ା ଓ ସଦାନନ୍ଦ ସାହୁଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ୨୬ ନମ୍ବର ୱାର୍ଡରେ ପ୍ରଚାରକଲେ ସୋଫିଆ



ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କଟକ,୭।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଶ ମଙ୍ଗଳବାର କଟକ କାଠଗଡା ସାହିର ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ଦ୍ୱାରା ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ଆଗାମୀ ଦିନରେ ନିର୍ବାଚିତ ହେଲେ ଅଧା ରହିଥିବା କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୀର ମୁଜାଫର ଅଲ୍ଲୀ, ଝୋଲାସାହି ମୁରବି ଆଗା ଜାହିର, ଆସିଫ୍ ଅଲ୍ଲୀ, ଅବ୍‌ଦୁଲ ହକିମ, କାଠଗଡା ସାହି ସମ୍ପାଦକ ସିବେନ୍ଦ୍ର ଓଝା, ନାନୁଆ ବାବୁ, ପ୍ରଫୁଲ୍ଲ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସକାଳେ ସୋଫିଆ କଟକ ସତ୍ୟବ୍ରତ ଷ୍ଟାଡିୟମରେ ପ୍ରାତଃ ଭ୍ରମଣରେ ଆସୁଥିବା ଲୋକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗର କଂଗ୍ରେସ ସଭାପତିଗିରିବାଳା ବେହେରା, ସୋନୁ ସ୍ୱାଇଁ ଉପସ୍ଥିତ ଥିଲେ।

## ରେଲୱେ କେବୁଲ ଚୋରି, ଅଭିଯୁକ୍ତ ଗିରଫ

କଟକ,୭।୫ (ଦିବାକର ସାହୁ)

ରେଲୱେ କେବୁଲ ଚୋରି ଅଭିଯୋଗରେ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଦାମବାଡି ଥାନା ଅଧୀନ ନୂଆସାହି ଅଞ୍ଚଳର ସରୋଜ କୁମାର ସାହୁ। ସୋମବାର ରାତିରେ କାଠଯୋଡ଼ି ରେଳ ଷ୍ଟେଶନ ନିକଟରୁ ସରୋଜ କେବୁଲ ଚୋରି କରୁଥିବାବେଳେ ଆର୍‌ପିଏଫ୍ ହାତରେ ଧରିପଡିଥିଲେ।

## ଭବିଷ୍ୟତ, ବିକାଶକୁ ଚିନ୍ତାକରି ଦଳରେ ମିଶୁଛନ୍ତି କର୍ମୀ

କଟକ, ୭।୫(ଶିଳ୍ପା ପ୍ରିୟଦର୍ଶିନୀ)

**ବିଜେଡି କର୍ମୀ ସମ୍ମିଳନୀ**

କଟକ ମହାନଗର ନିଗମ ଅଧୀନ ୪୦ ନମ୍ବର ୱାର୍ଡର ଆଇ ଲଭ କଟକ ନିକଟରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ଚୌଦ୍ୱାର-କଟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, ନଗର ସଭାପତି ମଧୁସୂଦନ ସାହୁ ଯୋଗଦେଇଥିଲେ। ଏହି ଅବସରରେ କଂଗ୍ରେସ ଓ ଭାଜପାର ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଏନେଇ ସଂତୃପ୍ତ କହିଛନ୍ତି, କର୍ମୀମାନେ ଭବିଷ୍ୟତ ଓ ବିକାଶକୁ ଚିନ୍ତାକରି ଦଳରେ ଯୋଗଦେଉଛନ୍ତି। ଏହା ହିଁ ବିରୋଧୀଙ୍କ ମୁହଁ ବନ୍ଦ କରାଇବ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ୱାର୍ଡ କର୍ପୋରେଟର, ଯୁବ ଛାତ୍ର, ମହିଳା କର୍ମୀ ଉପସ୍ଥିତ ଥିଲେ।



ବିଜେଡି କର୍ମୀ ସମ୍ମିଳନୀରେ ଦଳୀୟ ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

# ନିଖିଳାନନ୍ଦଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର

କଟକ,୭।୫(କାର୍ତ୍ତିକ ସାହୁ)



ସାହିତ୍ୟ ସମାଲୋଚକ ଡକ୍ଟର ନିଖିଳାନନ୍ଦ ପାଣିଗ୍ରାହୀଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଉଛି।

**ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ**

ଉତ୍କଳ ସାହିତ୍ୟ ସମାଜର ୧୨୨ତମ ପ୍ରତିଷ୍ଠା ଦିବସ ଓ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ ସମାରୋହ କଟକ ଶତାବ୍ଦୀ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଉତ୍କଳ ସାହିତ୍ୟ ସମାଜର ଇତିହାସ ଅତ୍ୟନ୍ତ ଗୌରବମୟ ବୋଲି କହିଥିଲେ। ବରେଣ୍ୟ ଅତିଥି ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡର ପ୍ରମୁଖ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ଜାତିର ଅସ୍ମିତା କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ନ୍ୟାୟିକ ଅଭିଲେଖାଗାରର ନିର୍ଦ୍ଦେଶକ ଲଲାଟେନ୍ଦୁ ଦାସମହାପାତ୍ର ଉତ୍କଳ ସାହିତ୍ୟ ସମାଜ: ଏକ ଆନ୍ଦୋଳନ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ଡକ୍ଟର ନିଖିଳାନନ୍ଦ ପାଣିଗ୍ରାହୀଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ଅନ୍ୟତମ ଉପସଭାପତି ମନୋଜ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ସରୋଜ ସାମଲ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଦିଲୀପ ଦାସ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ସରୋଜିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା,୭।୫(ପ୍ରଭାତ ପାରିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଅର୍ଜୁନପୁର ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଅଞ୍ଚଳର ପ୍ରଭୁରାଜ ବିଶୋଇ। ଏଥିସହିତ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପ୍ରଭୁରାଜ ଶରଧାପୁର ଆଦିବାସୀ ସାହିରେ ପରିବାର ସହ ରହୁଥିବା ବେଳେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ସୂଚନା ଅନୁଯାୟୀ, ପ୍ରଭୁରାଜ ଓ ତାଙ୍କର ଜଣେ ସାଙ୍ଗ ବାଇକ୍‌ରେ ଯାଉଥିବା ବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ପ୍ରଭୁରାଜଙ୍କ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆହତ ଯୁବକଙ୍କୁ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା କରାଯାଉଛି।

### ପୋଖରୀରେ ବୁଡ଼ି ଛାତ୍ରୀ ମୃତ

କଳାପଥର,୭।୫(ଗଙ୍ଗାଧର ସାହୁ)

ପୋଖରୀରେ ବୁଡ଼ିଯିବାରୁ ମଙ୍ଗଳବାର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ବ୍ଲକ ଅନ୍ତର୍ଗତ ପତନୀ ଗ୍ରାମର ଦିବ୍ୟଦର୍ଶିନୀ ସାହୁ (୧୧)। ସେ ପତନୀ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ। ସୂଚନା ମୁତାବକ, କୃଷ୍ଣଚନ୍ଦ୍ରପୁର ମୌଜାରେ ଥିବା ପାଟଣା ପୋଖରୀକୁ ଦିବ୍ୟଦର୍ଶିନୀ ସକାଳେ ଗାଧୋଇବାକୁ ଯାଇଥିଲେ। କୌଣସି କାରଣବଶତଃ ସେ ପୋଖରୀରେ ବୁଡିଯାଇଥିଲେ। ଖବରପାଇ କଳାପଥର ଅଗ୍ନିଶମ କର୍ମଚାରୀ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି କଳାପଥର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

ବୋଲଗଡ,୭।୫(ଦେବବ୍ରତ ହୋତା)

ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ମଧୁସୂଦନ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାସଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ, ପରୋପକାରୀ, ଧର୍ମପରାୟଣ, ନୀତିବାନ, ପରିବେଶବିତ୍, ସ୍ନେହୀ, ମିଷ୍ଟଭାଷୀ, ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ବିୟୋଗ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୋକାକୁଳ ପରିବେଶ ମଧ୍ୟରେ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରିବା ପରେ ତାଙ୍କ ବାସଭବନ ବାରିପଟେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବଡ଼ପୁଅ ପଦ୍ମ ଲୋଚନ ଦାସ ମୁଖାଗ୍ନି ଦେଇଥିଲେ।

### ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ

ବେଗୁନିଆ,୭।୫(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ପୋଲିସ ଫାଣ୍ଡି ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରିଣୀ ପ୍ରଜ୍ଞା ପରମିତା କରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ ଏବଂ ସିଆରପିଏଫ୍ ଯବାନଙ୍କ ସହିତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ବେଗୁନିଆ ନିର୍ବାଚନମଣ୍ଡଳୀର ପାଟଣାହାଟ ଛକଠାରୁ ଆରମ୍ଭ କରି ମାଣିକପୁରପାଟଣା ଛକ ପର୍ଯ୍ୟନ୍ତ ଏହି ଫ୍ଲାଗମାର୍ଚ୍ଚ ହୋଇଥିଲା। ଆସନ୍ତା ୨୫ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ମୁକ୍ତ, ସ୍ୱଚ୍ଛ ଏବଂ ନିରପେକ୍ଷ ପରିଚାଳନାକୁ ଦୃଷ୍ଟିରେ ରଖି ଫ୍ଲାଗମାର୍ଚ୍ଚ କରାଯାଇଥିଲା ବୋଲି ଥାନା ଅଧିକାରିଣୀ କର କହିଛନ୍ତି।

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୭।୫ (ସୂର୍ଯ୍ୟକାନ୍ତ ବେହେରା)

ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ବୀରେନ୍ଦ୍ର ଭୋଇ। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଫେବୃଆରୀ ୧୬ ସନ୍ଧ୍ୟାରେ ଅଭିଯୋଗକାରୀ ଜଗନ ସାହୁ ଘରକୁ ଫେରୁଥିଲେ। ଏହି ସମୟରେ କାଳିଆଣୁଣୀ ମନ୍ଦିର ନିକଟରେ ଅଭିଯୁକ୍ତ ଓ ତାଙ୍କର ସହଯୋଗୀ ବେପରୁଆ ଭାବେ ଗାଡ଼ି ଚାଳନା କରି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଏନେଇ ଜଗନ ପଚାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରି ପଳାଇଥିଲେ। ସେଠାରୁ ଜଗନ ଘରକୁ ଫେରିବାବେଳେ ସୁନ୍ଦରପଦା ଦୋମୁଖୀ ବରଗଛ ନିକଟରେ ଅଭିଯୁକ୍ତ ଓ ତାଙ୍କର ଅନ୍ୟ କେତେଜଣ ସହଯୋଗୀ ତାଙ୍କୁ ମରଣାସ୍ତ୍ରରେ ଆକ୍ରମଣ କରିଥିଲେ।

# ଭୁବନେଶ୍ୱର ଲୋକ ସଭା ଆସନ: ୧୨ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ

## ୭ ବିଧାନସଭା ଆସନ ପାଇଁ ୭୮

ଖୋର୍ଦ୍ଧା,୭।୫(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୨୫ତାରିଖରେ ମତଦାନ ହେବ। ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ୧୨ ପ୍ରାର୍ଥୀ ଏବଂ ୭ଟି ବିଧାନସଭା ଆସନ ପାଇଁ ୭୮ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି। ସେହିପରି ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ବିଧାନସଭା ଆସନ ପାଇଁ ୯ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି।

ଏପ୍ରିଲ ୨୯ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଆରମ୍ଭ ହୋଇଥିବା ବେଳେ ମେ' ୬ତାରିଖ(ସୋମବାର) ଥିଲା ଶେଷ ଦିବସ। ମଙ୍ଗଳବାର ନାମାଙ୍କନପତ୍ର ଯାଞ୍ଚ ହୋଇଥିଲା। ସମସ୍ତ ପ୍ରାର୍ଥୀ, ପ୍ରସ୍ତାବକଙ୍କ ସହ ନିଜ ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସରଙ୍କ ନିକଟରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ନାମାଙ୍କନ ବେଳେ ଦେଇଥିବା ଡକ୍ୟୁମେଣ୍ଟର ଯାଞ୍ଚ କରାଯାଇ ବୈଧ ତାଲିକା ଘୋଷଣା କରାଯାଇଛି। ରିଟର୍ନିଂ ଅଫିସରଙ୍କ ଘୋଷଣା ଅନୁଯାୟୀ, ଭୁବନେଶ୍ୱର ଲୋକସଭା ପାଇଁ ୧୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ଜଣ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି। ସେହିପରି ଜୟଦେବ ଆସନରେ ୮ପ୍ରାର୍ଥୀ, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୧୪, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୧୩, ଏକାମ୍ର ଭୁବନେଶ୍ୱରରେ ୧୨, ଜଟଣୀ ଆସନ ପାଇଁ ୯, ବେଗୁନିଆ ଆସନ ପାଇଁ ୧୨, ଖୋର୍ଦ୍ଧା ଆସନ ପାଇଁ ୧୦, ଚିଲିକା ବିଧାନସଭା ଆସନ ପାଇଁ ୯ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି।

### ଭୁବନେଶ୍ୱର ଲୋକ ସଭା ଆସନ

| ପ୍ରାର୍ଥୀ | ଦଳ |
|---|---|
| ଅପରାଜିତା ଷଡ଼ଙ୍ଗୀ | ଭାଜପା |
| ମନ୍ମଥ ରାଉତରାୟ | ବିଜେଡି |
| ସୟଦ ୟାସିର ନୱାଜ | କଂଗ୍ରେସ |
| ସୁଧାଂଶୁ ଶେଖର ଦାସ | ସ୍ୱାଧୀନ |
| ନଟବର ମହାରାଣା | ଭାରତୀୟ ବିକାଶ ପରିଷଦ |
| ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ସିପିଆଇ(ଏମ୍) |
| ଶାନ୍ତିଲତା ରାଉତ | ସୁପ୍ରିମ ଜିରୋ ପାର୍ଟି ଅଫ୍ ଭାରତ |
| ପ୍ରଦୀପ କୁମାର ସାହୁ | କଳିଙ୍ଗ ସେନା |
| ହୁଲ୍ଲାସ ସେନାପତି | ସ୍ୱାଧୀନ |
| କିଶୋର କୁମାର ସୁତାର | ସ୍ୱାଧୀନ |
| ସଙ୍ଗୀତା ପଟ୍ଟନାୟକ | ଓଡ଼ିଶା ଜନତା ପାର୍ଟି |
| ସନ୍ତୋଷ କୁମାର ମିଶ୍ର | ସ୍ୱାଧୀନ |

### ଖୋର୍ଦ୍ଧା ବିଧାନସଭା ଆସନ

| ପ୍ରାର୍ଥୀ | ଦଳ |
|---|---|
| ରାଜେନ୍ଦ୍ର ସାହୁ | ବିଜେଡି |
| ପ୍ରଶାନ୍ତ ଜଗଦେବ | ଭାଜପା |
| ସୋନାଲି ସାହୁ | କଂଗ୍ରେସ |
| ବିଶ୍ୱଜିତ ବେହେରା | ମାନସ ଲୋକଶକ୍ତି ଦଳ |
| ଗିରିଶ ଚନ୍ଦ୍ର ମହାରଣା | ସିପିଆଇ(ଏମ୍) |
| ବ୍ରହ୍ମଚାରୀ ନାୟକ | ସୁପ୍ରିମ ଜିରୋ ପାର୍ଟି ଅଫ୍ ଭାରତ |
| ରାଜକିଶୋର ନାୟକ | ବିଏସ୍‌ପି |
| ରଣଜିତ ମହାପାତ୍ର | ସ୍ୱାଧୀନ |
| ରୂପେଶ କୁମାର ବେହେରା | ସ୍ୱାଧୀନ |
| କାଳୁଚରଣ ଖଣ୍ଡେଇତରାୟ | ସ୍ୱାଧୀନ |

### ବେଗୁନିଆ ବିଧାନସଭା ଆସନ

| ପ୍ରାର୍ଥୀ | ଦଳ |
|---|---|
| ପ୍ରଦୀପ କୁମାର ସାହୁ | ବିଜେଡି |
| ପୃଥ୍ୱୀବଲ୍ଲଭ ପଟ୍ଟନାୟକ | କଂଗ୍ରେସ |
| ପ୍ରକାଶ ଚନ୍ଦ୍ର ବିଶ୍ୱାଳ | ଭାଜପା |
| ମାନସ ରଞ୍ଜନ ଦାସ | ମାନସ ଲୋକଶକ୍ତି ଦଳ |
| ସତ୍ୟବ୍ରତ ମହାପାତ୍ର | କୃପା ପାର୍ଟି |
| ସୂର୍ଯ୍ୟକାନ୍ତି ରାଉତ | ଜୟ ମହା ଭାରତ ପାର୍ଟି |
| ଜନାର୍ଦ୍ଦନ ଦଳବେହେରା | ସ୍ୱାଧୀନ |
| ପ୍ରଣବ କୁମାର ରାୟ | ସ୍ୱାଧୀନ |
| ପ୍ରଦୀପ କୁମାର ସାହୁ | ସ୍ୱାଧୀନ |
| ମନୋଜ କୁମାର ପ୍ରଧାନ | ସ୍ୱାଧୀନ |
| ଶୁଭକାନ୍ତ ଖଡିରତ୍ନ | ସ୍ୱାଧୀନ |
| ସନ୍ତୋଷ କୁମାର ସାହୁ | ସ୍ୱାଧୀନ |

### ଜଟଣୀ ବିଧାନସଭା ଆସନ

| ପ୍ରାର୍ଥୀ | ଦଳ |
|---|---|
| ବିଭୂତି ଭୂଷଣ ବଳବନ୍ତରାୟ | ବିଜେଡି |
| ବିଶ୍ୱରଞ୍ଜନ ବଡ଼ଜେନା | ଭାଜପା |
| ସନ୍ତୋଷ କୁମାର ଜେନା | କଂଗ୍ରେସ |
| ପ୍ରଦୀପ ଭୋଇ | ମାନସ ଲୋକଶକ୍ତି ଦଳ |
| ହିମାଂଶୁ କୁମାର ନାୟକ | କଳିଙ୍ଗ ସେନା |
| ପ୍ରଶାନ୍ତ କୁମାର ସାହୁ | ସ୍ୱାଧୀନ |
| ମନୋଜ କୁମାର ପ୍ରଧାନ | ସ୍ୱାଧୀନ |
| ଏମ୍‌ଡି ମନୱର ଅଲ୍ଲୀ | ସ୍ୱାଧୀନ |
| ସୁଜିତ କୁମାର ବଳବନ୍ତରାୟ | ସ୍ୱାଧୀନ |

### ଚିଲିକା ବିଧାନସଭା ଆସନ

| ପ୍ରାର୍ଥୀ | ଦଳ |
|---|---|
| ପୃଥ୍ୱୀରାଜ ହରିଚନ୍ଦନ | ଭାଜପା |
| ପ୍ରଦୀପ କୁମାର ସ୍ୱାଇଁ | କଂଗ୍ରେସ |
| ରଘୁନାଥ ସାହୁ | ବିଜେଡି |
| ସଂଗ୍ରାମୀ କେଶରୀ ପରିଡା | ଆମ୍ ଆ ଦ୍‌ମୀ ପାର୍ଟି |
| ସେଖ୍ କୌସର | ଜନତା ଦରବାର ପାର୍ଟି |
| ଭି.କାମେଶ୍ୱର ଆଚାରୀ | ସ୍ୱାଧୀନ |
| ମନ୍ମଥ କୁମାର ସିଂହ | ସ୍ୱାଧୀନ |
| ଶକ୍ତିପଦ ନାଥ | ସ୍ୱାଧୀନ |
| ସୁବ୍ରତ ହାବଡାସିଂହ | ସ୍ୱାଧୀନ |



ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ମଙ୍ଗଳବାର ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ଶିଳ୍ପାଞ୍ଚଳ ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଖୋର୍ଦ୍ଧା,୭।୫(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଶୃଙ୍ଖଳିତ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ରାତ୍ରି ପାଟ୍ରୋଲିଂ ସହ ବିଭିନ୍ନ ଛକ, ପଡୋଶୀ ଜିଲା ସୀମାରେ ଚେକିଂ ବ୍ଲକିଂ କରାଯାଉଛି। ରାତିରେ ୧୬ ଓ ୫୭ ନମ୍ବର ଜାତୀୟ ରାଜପଥରେ ଦୁଇ ଓ ଚାରି ଚକିଆ ଯାନବାହନ ଚେକିଂ ଚାଲିଛି। ମଙ୍ଗଳବାର ଶିଳ୍ପାଞ୍ଚଳ ଥାନା ପକ୍ଷରୁ ପୋଡାସାହି, ଗଡଖୋର୍ଦ୍ଧା, ମୁକୁନ୍ଦପ୍ରସାଦ ଆଦି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ବାସୁଦେବ ଜୟସିଂଙ୍କ ସମେତ ଅନ୍ୟ ଥାନା ଅଧିକାରୀ, କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ।

## ଜଳିଗଲା ଖଲି ଠୋଲା ଫ୍ୟାକ୍ଟ୍ରି



ଜଳିଯାଇଥିବା ବିଭିନ୍ନ ସାମଗ୍ରୀ।

ବେଗୁନିଆ,୭।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ତହସିଲ ଅନ୍ତର୍ଗତ ଧାନଘରନୂଆଗାଁର ଏକ ଖଲି, ଠୋଲା ଫ୍ୟାକ୍ଟ୍ରି ପରିସରରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇ ନଷ୍ଟ ହୋଇଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ସୂଚନା ମୁତାବକ, ସକାଳ ପ୍ରାୟ ୭ଟାରେ ଗ୍ରାମର ଶରତ କୁମାର ସେଠୀଙ୍କ ଫ୍ୟାକ୍ଟ୍ରି ପରିସରରେ ହଠାତ୍ ଧୂଆଁ ଦେଖାଯାଇଥିଲା। ସ୍ଥାନୀୟ ଲୋକେ ଏବଂ ଫ୍ୟାକ୍ଟ୍ରି ମାଲିକ ପହଞ୍ଚି ଦେଖିବା ବେଳକୁ ଖଲି, ଠୋଲା ସହିତ ଅନେକ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

## ଆଜି ଭାଜପାରେ ବାସନ୍ତୀ ଯୋଗଦେବା ନେଇ ଚର୍ଚ୍ଚା

ଖୋର୍ଦ୍ଧା,୭।୫(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାରେ ତୃଣମୂଳସ୍ତରରେ ବିଜେଡି ସଙ୍ଗଠନକୁ ସଜାଡ଼ିଥିବା ବାସନ୍ତୀ ମହାପାତ୍ର ସୋମବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବୁଧବାର ସେ ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି। ଭୁବନେଶ୍ୱର ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାନସଭା ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ତାଙ୍କ ସହ ଆଲୋଚନା କରି ଭାଜପାରେ ଯୋଗଦେବାକୁ ନିମନ୍ତ୍ରଣ କରିଥିବା କୁହାଯାଉଛି।

ଉଲ୍ଲେଖଥାଉ କି, ଖୋର୍ଦ୍ଧା ବିଧାନସଭା ଆସନରୁ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ବାସନ୍ତୀ ଆଶାୟୀ ରହିଥିଲେ। ଏଥିପାଇଁ ସେ ୨ବର୍ଷ ହେବ ଖୋର୍ଦ୍ଧା, ଟାଙ୍ଗୀ ବ୍ଲକରେ ତୃଣମୂଳ ସ୍ତରରେ ଦଳୀୟ ବୈଠକ ଆଦି ଜାରି ରଖିଥିଲେ। ଖୋର୍ଦ୍ଧାରେ ଶକ୍ତି ପ୍ରଦର୍ଶନ ସହ ଶତାଧିକ ସମର୍ଥକଙ୍କ ସହ ଶଙ୍ଖ ଭବନ ଆଗରେ ଟିକେଟ ପାଇଁ ଦାବି କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଟିକେଟ ଆଶାରେ ରହିଥିଲେ। ହେଲେ ଦଳ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଥିଲା। ଫଳରେ ଟିକେଟ ନ ପାଇ ବାସନ୍ତୀ ଅସନ୍ତୁଷ୍ଟ ରହିଥିଲେ। ଦୀର୍ଘ ବର୍ଷ କାର୍ଯ୍ୟ କରିବା ପରେ ଶେଷରେ ତାଙ୍କୁ ଉପେକ୍ଷା କରାଯାଇଥିବା ବାସନ୍ତୀ କହିଛନ୍ତି।

## ମାତୃଦିବସ ପାଳନ ପ୍ରସ୍ତୁତି ବୈଠକ

ବେଗୁନିଆ,୭।୫(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଆସନ୍ତା ୧୨ତାରିଖରେ ପାଳିତ ହେବ ବିଶ୍ୱ ମାତୃ ଦିବସ। ମହୀୟସୀ ସୁଲକ୍ଷଣା ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ସଲଗ୍ନ ଆମ୍ରକାନନ ପରିସରରେ ପାଳନ କରାଯିବ ବୋଲି ସ୍ଥିର ହୋଇଛି। ଏହି ଅବସରରେ ଅଞ୍ଚଳର ଦୁଇଜଣ ମହିଳାଙ୍କୁ 'ମାତୃ ସମ୍ମାନ' ରେ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକା ତଥା ରାଜ୍ୟ ମହିଳା ଆୟୋଗର ପୂର୍ବତନ ଅଧକ୍ଷା ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ.ସଂଘମିତ୍ରା ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେବେ ବୋଲି ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଆବାହକ ତଥା ଶିକ୍ଷାବିତ୍ ଡ.ହରି ପ୍ରସାଦ ଦାସଙ୍କ ଅଧକ୍ଷତାରେ ଆଦର୍ଶ କ୍ଲବ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସୁଶ୍ରୀ ସଂଘମିତ୍ରା ରଥ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭ୍ୟ ମୀର ମେହେଫୁଜ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

## କାମରେ ଲାଗୁନି ଅଳିଆ ବୁହା ଟ୍ରଲି

ବୋଲଗଡ,୭।୫(ଦେବବ୍ରତ ହୋତା)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଆର୍ଥିକ ଅନୁଦାନରେ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳରେ ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଯାପନ ପାଇଁ ପ୍ରତ୍ୟକ ପଞ୍ଚାୟତକୁ ଅଳିଆ ଆବର୍ଜନା ବୁହା ଟ୍ରଲି ତଥା ଆବର୍ଜନା ଅଳିଆ ବୁହା ଗାଡି ଯୋଗାଇ ଦିଆଯାଇଛି। ତେବେ କର୍ମଚାରୀଙ୍କ ଅଭାବରୁ ଏହି ଅଳିଆ ଆବର୍ଜନା ବୁହା ଟ୍ରଲି ଗାଡିଗୁଡିକ କାର୍ଯ୍ୟରେ ବିନିଯୋଗ ହୋଇପାରୁନି। ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟପୁର ଶାସନ ଓ ଅନ୍ୟ ପଞ୍ଚାୟତରେ ଖରା, ବର୍ଷାରେ ପଡିରହି ଗାଡ଼ିଗୁଡ଼ିକ ନଷ୍ଟ ହେଉଛି। ଏହି ଅଳିଆ ବୁହା ଟ୍ରଲି କାର୍ଯ୍ୟରେ ବିନିଯୋଗ ନ ହେବାରୁ ସ୍ୱଚ୍ଛ ପରିବେଶ ଓ ସୁସ୍ଥ ଜୀବନ ଗ୍ରାମ ଗଠନ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ।ଗ୍ରାମଗୁଡିକରେ ପ୍ରତିଦିନ ଅଳିଆ ଆବର୍ଜନା ଜମି ରହୁଥିବା ବେଳେ ଏହାକୁ ପରିଷ୍କାର ପାଇଁ ପଞ୍ଚାୟତ କୌଣସି ପଦକ୍ଷେପ ନେଉ ନ ଥିବାରୁ ସଂକ୍ରମଣ ରୋଗ ବ୍ୟାପିବା ଆଶଙ୍କା ଦେଖାଦେବା ସହ ପରିବେଶ ପ୍ରଦୂଷିତ ହେଉଛି। ଏ ସମ୍ପର୍କରେ ପାଟପୁରଶାସନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ସାହୁ କହିଛନ୍ତି, ଏହି ଅଳିଆ ବୁହା ଟ୍ରଲିକୁ ଚଲାଇବା ପାଇଁ କୌଣସି କର୍ମଚାରୀଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇନାହିଁ। ଏଥିପାଇଁ ଆର୍ଥିକ ଅନୁଦାନ ମଧ୍ୟ ମିଳୁନାହିଁ। ସେହିପରି ବୋଲଗଡ଼ ବ୍ଲକର ଆରିକମା, ସାଗରଗାଁ, ପିଚୁକୁଳି ଆଦି ପଞ୍ଚାୟତରେ ଏହି ଅଳିଆ ଟ୍ରଲି ବ୍ୟବହାର ନ ହୋଇ ପଡ଼ିରହି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି । ତେଣୁ ଜିଲାପାଳ ଚଞ୍ଚଳ ରାଣା ଏବଂ ଜିଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।




## ମାଲୁଦ-ମୋରଡ଼ା ରାସ୍ତା ମରଣଯନ୍ତା



ରାସ୍ତାରୁ ମେଟାଲ ଉଠିଯାଇଛି।

କୃଷ୍ଣପ୍ରସାଦ,୭।୫
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଜନସାଧାରଣଙ୍କ ସୁଗମ ଯାତାୟାତ ନିମନ୍ତେ ନୂତନ ରାସ୍ତା ନିର୍ମାଣ, ପୁରାତନ ରାସ୍ତାର ସ୍ଥାୟୀ ମରାମତି ଓ ରାସ୍ତାର ପୁନରୁଦ୍ଧାର ନିମନ୍ତେ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ କୋଟି କୋଟି ଖର୍ଚ୍ଚ ହେଉଛି। ହେଲେ ସ୍ଥାନୀୟ ଅଞ୍ଚଳରେ ଛକାପଞ୍ଝା ରାଜନୀତି ସାଙ୍ଗକୁ ସ୍ଥାନୀୟ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ରାସ୍ତା ମରାମତି ହୋଇପାରୁନାହିଁ। ଫଳରେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦଠାରୁ ମୋରଡ଼ା ୧୦ କି.ମି. ପର୍ଯ୍ୟନ୍ତ ରାସ୍ତାରେ ଦେଖିବାକୁ ମିଳିଛି। ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ଦୀର୍ଘ ଦିନ ହେବ ଉକ୍ତ ରାସ୍ତାର ମରାମତି କରାଯାଉ ନାହିଁ। ଫଳରେ ରାସ୍ତାରେ ଛୋଟବଡ଼ ଖାଲଖମା ହେବା ସହ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ସୂଚନା ମୁତାବକ, ଏହି ରାସ୍ତା ଦେଇ ପ୍ରତିଦିନ ଅଞ୍ଚଳର ଅଧିବାସୀ ଏବଂ ଦକ୍ଷିଣ ଓଡ଼ିଶାର ବହୁ ଯାତ୍ରୀ ପୁରୀ ଯାତାୟାତ କରିଥାନ୍ତି। ବିଶେଷକରି ବଳରାମପୁରଠାରୁ ବଉଳଭୂଇଁ ଯାଏ ରାସ୍ତା ମରଣଯନ୍ତା ପାଲଟିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରିବାକୁ ସିଆଣ୍ଡି ପଞ୍ଚାୟତ ସମିତିସଭ୍ୟ ଲଳିତ କୁମାର ତରେଇ, ସାମାଜିକ କର୍ମୀ ହରିହର ଦାସଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡାଳହଣା ରାସ୍ତା ମରାମତି ଦାବି

ନିରାକାରପୁର,୭।୫
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଢୋ ପଞ୍ଚାୟତ ଅନ୍ତର୍ଗତ କୁନିଆ ସାମନ୍ତରାୟଠାରୁ ଦିବ୍ୟସିଂହପୁର ଏବଂ ଓରବରସିଂକୁ ସଂଯୋଗ କରୁଥିବା ଡାଳହଣା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏହି ରାସ୍ତାଟି ୧୬ ନମ୍ବର ଜାତୀୟ ରାଜପଥର ଗୋଳବାଇ ଛକ ଓ ବକୁ ଛକ ଦେଇ ନୂଆଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଶତାଧିକ ଯାତ୍ରୀ ଯାତାୟାତ କରିଥାନ୍ତି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ଏବେ ଅଗମ୍ୟ ହୋଇପଡିଛି। ବନ୍ୟା ହେଲେ ଉକ୍ତ ରାସ୍ତାଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ। ଫଳରେ ରାସ୍ତାଟି ତା'ର ଅସ୍ତିତ୍ୱ ହରାଇବାରୁ ଲୋକେ ଗମନାଗମନ କରିବାରେ ହଇରାଣ ହୋଇଥାନ୍ତି। ମରାମତି ଅଭାବରୁ ଏବେ ରାସ୍ତାସାରା ଖାଲଖମା ପରିପୂର୍ଣ୍ଣ ହୋଇରହିଛି। ଏଥିସହ ଉଭୟ ପାର୍ଶ୍ୱର ଅନାବନା ଗୁଳ୍ମଲତା ମାଡିଯିବାରୁ ରାସ୍ତାଟି ସଂକୀର୍ଣ୍ଣ ହେବାରେ ଲାଗିଛି। ଫଳରେ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଆବଶ୍ୟକତା ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ରୀ ମୃତ

ବାଙ୍କୀ,୭।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ପୋଖରୀରେ ବୁଡ଼ିଯିବାରୁ ବାଙ୍କୀ ବ୍ଲକ ଅନ୍ତର୍ଗତ ପତନୀ ଗ୍ରାମର ଜଣେ ଛାତ୍ରୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁଶାନ୍ତ କୁମାର ସାହୁଙ୍କ ଝିଅ ଦିବ୍ୟଦର୍ଶିନୀ ସାହୁ (୧୧)। ସେ ସ୍ଥାନୀୟ ପତନୀ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ। କୃଷ୍ଣଚନ୍ଦ୍ରପୁର ମୌଜାସ୍ଥିତ ପାଟଣା ପୋଖରୀକୁ ସକାଳେ ଗାଧୋଇବାକୁ ଯାଇଥିଲେ, ମାତ୍ର ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ କଳାପଥର ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଯାଇ ଦିବ୍ୟଦର୍ଶିନୀଙ୍କୁ ଉଦ୍ଧାର କରି କଳାପଥର ଡାକ୍ତରଖାନାକୁ ନେଇଥିଲେ ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବିଜେଡି କର୍ମୀ ସମ୍ମିଳନୀ

କଟକ ସଦର, ୭।୫(ସୁଶାନ୍ତ କୁମାର ଜେନା): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳପଡ଼ାଠାରେ ବିଜେଡି କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ୨୦୦୦ ମସିହା ଘଟଣାର ଯେପରି ପୁନରାବୃତ୍ତି ନ ଘଟେ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଦଳୀୟ କର୍ମୀଙ୍କୁ କହିଥିଲେ। ୨୦୦୯ରୁ ଜାରି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରଖିବା ପାଇଁ ଆସନ୍ତା ନିର୍ବାଚନରେ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ବିଧାୟକ ପ୍ରାର୍ଥୀ ବେହେରା ନିବେଦନ କରିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ସର୍ବେଶ୍ୱର ପ୍ରଧାନ, ସରୋଜ ନାୟକ, ଗଣେଶ ପରିଡ଼ା, ପିଙ୍କି ଭୋଇ, ଅଜୟ ଦଳାଇ, ଶରତ କୁମାର ରାୟ, ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ୧୦ ଘଣ୍ଟା ବିଦ୍ୟୁତ୍ କାଟ,ବାରଙ୍ଗ ଅଞ୍ଚଳ ଅନ୍ଧାର

ବାରଙ୍ଗ,୭।୫(ଲିଙ୍ଗରାଜ ରାଉତ)

ଏକ ଦ୍ରୁତଗାମୀ କାର ଭାରସାମ୍ୟ ହରାଇ ମଙ୍ଗଳବାର ସକାଳେ କେନାଲ ବନ୍ଧ କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହୋଇଥିଲା। ଫଳରେ ବାରଙ୍ଗ ଅଞ୍ଚଳରେ ପ୍ରାୟ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁ ଅସହ୍ୟ ଗୁଳୁଗୁଳିରେ ଅଞ୍ଚଳବାସୀ ନାହିଁ ନ ଥିବା ହଇରାଣ ହୋଇଥିଲେ। ପ୍ରକାଶ ଯେ, ସକାଳ ୯ଟା ସମୟରେ ଏକ କାର୍ (ଓଡି୦୨-ଏଡବ୍ଲ୍ୟୁ-୫୦୮୪) ଦ୍ରୁତ ଗତିରେ ପ୍ରତାପନଗରୀ ପଟକୁ ଯାଉଥିଲା। ସେତେବେଳେ ମଧୁସୂଦନପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ କାର୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟଟି କ୍ଷତିଗ୍ରସ୍ତ ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଅନ୍ୟପଟେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ମଧ୍ୟ ଆହତ ହୋଇଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ଖୁଣ୍ଟ ମରାମତି କରିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

# ସହର ଭିତରେ ଭାରିଯାନ ଚଳାଚଳକୁ ବିରୋଧ

କଟକ,୭।୫ (ଦିବାକର ସାହୁ)


ଦୋଳମୁଣ୍ଡାଇ ଛକରେ ସ୍ଥାନୀୟ ଲୋକେ ଭାରିଯାନକୁ ଅଟକ ରଖିଛନ୍ତି।

କଟକ ଦୋଳମୁଣ୍ଡାଇ ଛକରେ ମଙ୍ଗଳବାର ଭାରିଯାନ ଚଳାଚଳକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କଟକ ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାବେଳେ ଦିନବେଳା ଭାରିଯାନ ଚଳାଚଳ କରୁଛି। ଏହାଦ୍ୱାରା ଦୁର୍ଘଟଣା ଘଟୁଛି। ଗତ ସପ୍ତାହରେ ଦୋଳମୁଣ୍ଡାଇ ଛକରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ତେଣୁ ସହର ଭିତରେ ଦିନବେଳା ଭାରିଯାନ ଚଳାଚଳ ନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ମଙ୍ଗଳବାର ପୁନର୍ବାର ଦୋଳମୁଣ୍ଡାଇ ଛକ ରାସ୍ତା ଦେଇ ୫ଟି ଟ୍ରକ୍ ଯାଉଥିବାବେଳେ ସ୍ଥାନୀୟ ଲୋକେ ଅଟକାଇଥିଲେ। ଫଳରେ କିଛି ସମୟ ପାଇଁ ରାସ୍ତା ଜାମ୍ ହୋଇଥିଲା। ଖବରପାଇ ବାଦାମବାଡି ପୋଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାସ୍ତାରୁ ହଟିଥିଲେ। ଏନେଇ ବାଦାମବାଡି ଥାନା ଆଇଆଇସି ଅଜୟ କୁମାର ରାଉଳ କହିଛନ୍ତି, ଛତ୍ରବଜାର ପଟେ ବ୍ରିଜ୍ କାମ ଜାରି ରହିଛି। ସେଥିପାଇଁ ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଭାରିଯାନ ଏହି ରାସ୍ତା ଦେଇ ସହର ବାହାରକୁ ଯିବା ପାଇଁ ଆଦେଶ ରହିଛି। ହେଲେ ସ୍ଥାନୀୟ ଲୋକେ ୨ଟା ପୂର୍ବରୁ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ତେଣୁ ପ୍ରତ୍ୟେକ ଗାଡ଼ି ପିଛା ୧ହଜାର ଟଙ୍କା ଲେଖାଏ ଚାଲାଣ କଟାଯିବା ପରେ ଗାଡ଼ିଗୁଡ଼ିକୁ ଛଡାଯାଇଛି।

# ଚୋରା ସୁନା ଅଳଙ୍କାର କିଣିବା ଅଭିଯୋଗ: ଦୋକାନୀଙ୍କୁ ଉଠାଇନେଲା ପୋଲିସ

### ପୋଲିସ ବିରୋଧରେ ଅଭିଯୋଗ କଲେ ସ୍ତ୍ରୀ

ସାଲେପୁର,୭।୫(ଅରବିନ୍ଦ ଭୂୟାଁ)

ଚୋରା ସୁନା ଅଳଙ୍କାର କିଣିବା ଅଭିଯୋଗରେ ମଙ୍ଗଳବାର ଭଦ୍ରେଶ୍ୱର ଥାନା ପୋଲିସ ଚାରିମାଣିଆ ଅଞ୍ଚଳର ଜଣେ ସୁନା ବ୍ୟବସାୟୀଙ୍କୁ ଉଠାଇ ନେଇଛି। ଏନେଇ ପରିବାର ସଦସ୍ୟଙ୍କୁ ଅବଗତ କରାଯାଇ ନଥିବାରୁ ସ୍ତ୍ରୀ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସାଲେପୁର ଥାନା ଅନ୍ତର୍ଗତ ପିକୋଳ ଅଞ୍ଚଳର ଅଜୟ କୁମାର ବେହେରା ଚାରିମାଣିଆ ବଜାରରେ ଏକ ସୁନା ଅଳଙ୍କାର ଦୋକାନ କରିଛନ୍ତି। ପ୍ରତିଦିନ ପରି ସେ ଦୋକାନ ଖୋଲି ବ୍ୟବସାୟ କରୁଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ରେ ୨ଟି ପୋଲିସ ଭ୍ୟାନ୍ ପହଞ୍ଚି ଅଜୟଙ୍କୁ ଦୋକାନରୁ ଉଠାଇ ନେଇଥିଲା। ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ପ୍ରୀତିଲତା ସାହୁ ସାଲେପୁର ଥାନା ସହ ଯୋଗାଯୋଗ କରିବାରେ ସାଲେପୁର ପୋଲିସ ତାଙ୍କୁ ଉଠାଇ ନାହିଁ ବୋଲି କହିବା ସହ ଅନ୍ୟ କେଉଁ ଅଞ୍ଚଳର ପୋଲିସ ଉଠାଇଥିବା କହିଥିଲେ। ଏପରିକି ସ୍ୱାମୀଙ୍କ ଅପରାଧ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଦେଇ ନ ଥିଲେ। ଏହାପରେ ସେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଧରିତ୍ରୀ ପ୍ରତିନିଧି ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ, ସମ୍ପୃକ୍ତ ବ୍ୟବସାୟୀ ଜଣକ ଭଦ୍ରେଶ୍ୱର ଥାନା ଅଞ୍ଚଳରୁ ଚୋରା ସୁନାରୂପା ଅଳଙ୍କାର ଓ ସାମଗ୍ରୀ କ୍ରୟ କରିଥିବାରୁ ତାଙ୍କୁ ସେଠାକାର ପୋଲିସ ଉଠାଇନେଇ ପଚରାଉଚୁରା କରୁଥିବା କହିଛନ୍ତି।

# ୨ ୱାର୍ଡରେ ଆଶୀର୍ବାଦ ଶୋଭାଯାତ୍ରା


ବାଙ୍କି ବିଧାୟକ ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ ଘର ଘର ବୁଲି ନିର୍ବାଚନ ପ୍ରଚାର କରୁଛନ୍ତି।

ବାଙ୍କୀ,୭।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବିଜୁ ଜନତଦଳ ପକ୍ଷରୁ ଏନଏସି ଅନ୍ତର୍ଗତ ୧୨ ଓ ୧୩ ନମ୍ବର ୱାର୍ଡରେ ଆଶୀର୍ବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ପ୍ରଥମେ ପ୍ରଭୁ ଜଳେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଘରକୁ ଘର ବୁଲି ଭୋଟ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ।

ନିର୍ବାଚନରେ ତାଙ୍କ ସମେତ କଟକ ଏମ୍‌ପି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ନଗର କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ସ୍ଥାନୀୟ କାଉନ୍‌ସିଲର ଜାମିନିକାନ୍ତ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, ଛାତ୍ର ବିଜେଡି ଉପସଭାପତି ପ୍ରଶାନ୍ତ ଦଳେଇ, ପି.ଚିରଞ୍ଜୀବୀ ପାତ୍ର, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ରଣପୁର ଗ୍ରାମ ପରିକ୍ରମା କରିବା ସହ ଶ୍ରୀଚନ୍ଦନପୁର କଲୋନୀର ଘରକୁ ଘର ବୁଲି ଥିଲା।

### ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ ପାଇଁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

ଭୁବନେଶ୍ୱର,୭।୫(ସତ୍ୟଜିତ୍ ରାଉତ):

ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ କାର୍ଯ୍ୟକ୍ରମ ରହିଛି। ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ବାଣୀବିହାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ରୋଡ୍ ଶୋ'କୁ ନେଇ କମିଶନରେଟ୍ ପୋଲିସ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ତାଙ୍କ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ସହ ପୋଲିସ ମଙ୍ଗଳବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ବିଏମ୍‌ସିର ଅଧିକାରୀମାନେ ମିଳିତ ଭାବେ ଏସ୍‌ପିଜି ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥା ତ୍ୱରାନ୍ୱିତ କରିଛନ୍ତି। ବ୍ଲୁ ବୁକ୍ ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ରହିଛି। ରାସ୍ତା ଦୁଇପାର୍ଶ୍ୱରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ପୋଲିସ ଟିମ୍ ସହ ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଆଦିକୁ ନିୟୋଜିତ କରାଯିବ। ରୋଡ୍ ଶୋ' ହେବାକୁ ଥିବା ରୁଟ୍‌କୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

# ୨ ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ


ମାହାଙ୍ଗାସ୍ଥିତ ଚାହାପଡ଼ା ପଞ୍ଚାୟତ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

ମାହାଙ୍ଗା ୭।୫(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡା ପଞ୍ଚାୟତସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ତ୍ରିଲୋଚନ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମୀ ସମାବେଶରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଯୋଗଦେଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ବିଧାନସଭା ଆସନର ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ସରପଞ୍ଚ ସୁନାକର ବେହେରାପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତସ୍ଥିତ ଗୋକନଠାରେ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଗୋକନ ପଞ୍ଚାୟତ ବିଜେଡି ସଭାପତି ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମାବେଶରେ ମୁଖ୍ୟ ଅତିଥିଭାବେ ବିଧାୟକ ଜେନା ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୋକନ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ଆଠଗଡ଼ରେ ୧୪, ବଡ଼ମ୍ବାରେ ୧୧, ବାଙ୍କୀରେ ୮ ପ୍ରାର୍ଥିପତ୍ର କାଏମ

### ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା

- ବଡ଼ମ୍ବା ନିର୍ବାଚନମଣ୍ଡଳୀରୁ ୨ ପ୍ରାର୍ଥୀଙ୍କ ନାମ କଟିଲା

ଆଠଗଡ/ବାଙ୍କୀ, ୭।୫(ସତ୍ୟ ପ୍ରସାଦ ରଥ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହେବା ପରେ ମଙ୍ଗଳବାରଠାରୁ ଯାଞ୍ଚ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ବଡ଼ମ୍ବା ବିଧାନସଭା ଆସନର ୨ ଜଣ ପ୍ରାର୍ଥୀଙ୍କ ନାମ କଟିଥିବା ଜଣାପଡ଼ିଛି। ସେମାନେ ହେଲେ ସ୍ୱାଧୀନ ପ୍ରାର୍ଥୀ ନିତ୍ୟାନନ୍ଦ ଖଟୁଆ ଓ ସୁପ୍ରିମ୍ ଜିରୋ ପାର୍ଟି ଅଫ ଭାରତର ପ୍ରଶାନ୍ତି ପ୍ରଧାନ। ନାମାଙ୍କନପତ୍ରରେ ନିତ୍ୟନନ୍ଦ ଖଟୁଆଙ୍କ ସତ୍ୟପାଠ ଭୁଲ ଥିଲାବେଳେ ସେ ପୁନର୍ବାର ପ୍ରାର୍ଥିପତ୍ର ଦାଖଲ କରି ନଥିଲେ। ସେହିପରି ପ୍ରଶାନ୍ତିଙ୍କ ନାମାଙ୍କନପତ୍ରରେ ବୟସ ଉଲ୍ଲେଖ ନଥିଲା। ଯାଞ୍ଚ ପ୍ରକ୍ରିୟା ପରେ ଆଠଗଡ ବିଧାନସଭା ଆସନ ପାଇଁ ୧୪ ଓ ବଡମ୍ବା ବିଧାନସଭା ଆସନ ପାଇଁ ୧୧ପ୍ରାର୍ଥିପତ୍ର କାମରହିଥିବା ଜଣାପଡ଼ିଛି। ସେହିପରି ବାଙ୍କୀ ନିର୍ବାଚନ ମଣ୍ଡଳୀରେ ୮ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବାଙ୍କୀ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ସମସ୍ତ ପ୍ରାର୍ଥିପତ୍ର ଯାଞ୍ଚ କରିଥିଲେ । ଏହାପରେ ସମସ୍ତ ୮ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ଥିବା ଜଣାପଡ଼ିଛି। ମୋଟ ୩ ବିଧାନସଭା ଆସନ ପାଇଁ ୩୩ ଜଣଙ୍କ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ଥିବା ଜଣାପଡିଛି।

### ୫୦୦ ଲିଟର ଦେଶୀ ମଦ ଜବତ

ଖୁଣ୍ଟୁଣୀ, ୭।୫(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ନାଦରା ଆଦିବାସୀ ସାହି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଝରଣା କୂଳରେ ମଙ୍ଗଳବାର ସକାଳେ ପୋଲିସ ଚଢ଼ାଉ କରି ୫୦୦ ଲିଟର ଦେଶୀ ମଦ ଓ ୪୦୦୦ ଲିଟର ପୋଚ ଓ ମଦ ରନ୍ଧା ସାମଗ୍ରୀକୁ ଜବତ କରିଛି। ଚଢ଼ାଉ ସ୍ଥାନରୁ ୩ ଜଣ ମଦ ପ୍ରସ୍ତୁତ କର୍ତ୍ତା ଖସି ପଳାଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।



ସାଧାରଣ ନିର୍ବାଚନକୁ ଅବାଧ ନିରପେକ୍ଷ କରିବା ଲାଗି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଷ୍ଟାଟିକ ସରଭେଲାନ୍ସ ଟିମ୍ ୱାନ ପକ୍ଷରୁ ବିଭିନ୍ନ ଛକ ବଜାର ଆଦି ସ୍ଥାନରେ ୨ ଚକିଆ ଓ ୪ ଚକିଆ ଯାନକୁ ଅଟକାଇ କଡ଼ାକଡି ଯାଞ୍ଚ କରାଯାଉଛି।

# ଶାନ୍ତି, ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

### ବାଙ୍କୀରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ,ପୋଲିସ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ବାଙ୍କୀ,୭।୫ (ସତ୍ୟରଞ୍ଜନ ସାହୁ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର )


ନିର୍ବାଚନ ଓ ପୋଲିସ ପର୍ଯ୍ୟବେକ୍ଷକ ନିର୍ବାଚନୀ ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

ନିର୍ବାଚନ ପର୍ଯ୍ୟବେକ୍ଷକ ତଥା ଭାରତୀୟ ପ୍ରଶାସନ ସେବା ଅଧିକାରୀ ଉମାଶଙ୍କର ସିଂହ ଓ ପୋଲିସ ପର୍ଯ୍ୟବେକ୍ଷକ ଆର.ଶିବ କୁମାର (ଭାରତୀୟ ପୋଲିସ ସେବା) ମଙ୍ଗଳବାର ଅପରାହ୍ନରେ ବାଙ୍କୀ ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ଉଭୟ ପର୍ଯ୍ୟବେକ୍ଷକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ବାଙ୍କୀ ସ୍ୱୟଂଶାସିତ କଲେଜ ପରିସରରେ ସ୍ଥାପିତ ଷ୍ଟ୍ରଙ୍ଗ ରୁମ ଏବଂ ନିର୍ବାଚନ ପରିଚାଳନା କେନ୍ଦ୍ରକୁ ଉଭୟ ପର୍ଯ୍ୟବେକ୍ଷକ ପରିଦର୍ଶନ କରି ତଦାରଖ କରିଥିଲେ।। ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ଓ ଭିଭିପିଏଟି ରଖାଯିବାର ବ୍ୟବସ୍ଥା, ବିଦ୍ୟୁତ୍ ଓ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନରେ ନିୟୋଜିତ ଅଧିକାରୀଙ୍କ ସୁରକ୍ଷା, ପାନୀୟ ଜଳ, ଯାତାୟାତ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ଏଥିସହ ନିର୍ବାଚନକୁ ଶାନ୍ତି ଓ ଶୃଙ୍ଖଳା ସହ ପରିଚାଳନା କରିବା ଉପରେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ସହ ଉମାଶଙ୍କର ଓ ଶିବ କୁମାର ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ଲଗନା ଯାଗି ଦିବ୍ୟା ଭି, ବାଙ୍କୀ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ ମହାପାତ୍ର, ଡମପଡ଼ା ବିଡିଓ ଅଂଶୁମାନ ଦାଶ ଓ ଡମପଡ଼ା ତହସିଲଦାର ସୂଚୀସ୍ମିତା ଦାଶ, ବାଙ୍କୀ ଏନ୍‌ଏସି ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅମ୍ଲାନ ଦାଶ ଓ କଲେଜ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

**Government of Odisha**
**Department of Social Security and Empowerment of Persons with Disabilities**
**No.3443/SSEPD** **Dt.04.05.2024**
SSEPD-DA6-SCH-0004-2023

**2nd CORRIGENDUM TO e-TENDER NOTICE NO. 1644 Dated 02.03.2024**

**No.gg-01:** In pursuance with Technical Committee meeting for consideration of the submissions of prospective bidders in the Pre-bid meeting held on 15.03.2024, following is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024:
1. Annexure-1: List of Equipment with Technical Specifications of the Tender Document is hereby revised by incorporating the recommendations of the technical committee. The Final List of Equipment along with Proceedings is enclosed at Annexure-1.
2.An undertaking/ affidavit should be submitted by the bidders to ensure that they have not been declared ineligible, non-performing, involved in fraud or blacklisted etc. by any State Govt. / Central Govt. /PSU and if found involved in any of the above fraudulent practices anytime, their bid may be cancelled or rejected summarily.
3.There should be service centres setup at Odisha by the selected agencies for repair, replacement and maintenance of the equipment to be installed for seamless post sales service. The agreement of the selected bidder should be legally vetted by experts so that any dispute regarding maintenance of the equipment can be addressed in time properly. 4.Department will consider installation of the equipment by the selected (L1) bidder in one or two centres initially so that after three months of operation the performance can be judged and reported on the basis of data. On the basis of satisfactory performances, installation in other centres may be considered during the year. 5.Last date for submission of e-tender bids was extended up to 27.05.2024-5 PM vide corrigendum notice No. 2593/SSEPD dtd. 22.03.2024. Technical Bids will be opened on Dt. 28.05.2024- 11.30 AM at Conference Hall of SSEPD Department, Lokseva Bhawan, Bhubaneswar.

**Sd./- Director**
**SSEPD Department**
**OIPR-46001/11/0001/2425**

## ସଂକ୍ଷେପରେ

### ରଥଯାତ୍ରା ସେବା ଶିବିର ପ୍ରସ୍ତୁତି ବୈଠକ, ବନ୍ଧୁ ମିଳନ

ପୁରୀ,୭।୫(ଅଜିତ୍ ମହାନ୍ତି)

ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ସେବା ଶିବିର ୨୦୨୪ ପାଇଁ ଡ. ଶୀଧେଶ୍ୱର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଓ ବନ୍ଧୁ ମିଳନ ମଙ୍ଗଳବାର କାର୍ଯ୍ୟକ୍ରମ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ବଳିୟାରସିଂ, ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସନ୍ତୋଷ ମହାନ୍ତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଅଧ୍ୟାପକ ସୁଶାନ୍ତ ନାୟକ, ବିଶ୍ୱଜିତ ଦାସ, ଜ୍ୟୋସ୍ନା ନାୟକ, ବୀରେନ୍ଦ୍ର ମହାନ୍ତି, ପ୍ରାକ୍ତନ ଛାତ୍ର ଶ୍ୟାମ ସୁନ୍ଦର ସେନାପତି ଅତିଥି ଭାବରେ ଯୋଗଦେଇଥିଲେ। ନିସ୍ୱାର୍ଥପର ଓ ନିଷ୍କାମ ସେବାରେ ଆନନ୍ଦ ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶିବିରରେ ପ୍ରାକ୍ତନ ସ୍ୱେଚ୍ଛାସେବୀ ଜାତୀୟ ସେବାଯୋଜନା, ଓ ପ୍ରାକ୍ତନ ଛାତ୍ରୀଛାତ୍ର ସୁରଜମଲ ସାହା ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ, ସରକାରୀ ବାଳିକା ମହାବିଦ୍ୟାଳୟ, ପୁରୀ ବାଳିକା ମହାବିଦ୍ୟାଳୟ, ଏଡି ମହାବିଦ୍ୟାଳୟ ବ୍ରହ୍ମଗିରିରୁ ଅନେକ ସ୍ୱେଚ୍ଛାସେବିନୀ ଯୋଗ ଦେଇଥିଲେ। ଚଳିତ ରଥଯାତ୍ରା ସେବାଶିବିରକୁ ସୁଚାରୁ ରୂପେ ପରିଚାଳିତ କରିବାକୁ ଓ ଭକ୍ତଙ୍କୁ ନିଷ୍କାମ ସେବା ଯୋଗାଇ ଦେବାକୁ ସମସ୍ତ ଅତିଥି ଓ ସ୍ୱେଚ୍ଛାସେବୀ ଶପଥ ନେଇଥିଲେ। ଜ୍ୟୋସ୍ନାମୟୀ ରାୟ ପ୍ରିତମ, ଶିଳ୍ପା ଆଚାର୍ଯ୍ୟ, ସନ୍ତୋଷ କୁମାର, ଜିତେନ୍ଦ୍ର ପଣ୍ଡା, ସତ୍ୟ ସୁନ୍ଦର, ଭାରତୀ ପ୍ରଧାନ, ରୁପାଲି ପ୍ରଧାନ, ଆରତୀ ପ୍ରଧାନ, ବୈଶାଖୀ ବରାଳ ଓ ଅନ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରାକ୍ତନ ବରିଷ୍ଠ ଅଧ୍ୟାପକ ସୁକାନ୍ତ ମହାନ୍ତି ଏଥିରେ ନେତୃତ୍ୱ ନେଇଥିଲେ।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଭୁବନେଶ୍ୱର,୭।୫ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀଙ୍କୁ ମହିଳା ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ଼ର ସିଦ୍ଧାନ୍ତ ନାୟକ(୨୦)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ୨୦୨୧ରେ ଅଭିଯୋଗକାରିଣୀଙ୍କ ସହିତ ଅଭିଯୁକ୍ତଙ୍କର ବିବାହ ହୋଇଥିଲା। ବିବାହର କିଛି ମାସ ଭଲରେ ବିତିଥିବାବେଳେ ଏହି ଦମ୍ପତିଙ୍କର ଗୋଟିଏ ସନ୍ତାନ ରହିଛି। ତେବେ ଅଭିଯୁକ୍ତ ଜଣକ ବାରମ୍ବାର ଯୌତୁକ ଦାବି କରି ଅଭିଯୋଗକାରିଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ବହୁବାର ଆକ୍ରମଣ କରିଥିଲେ। ଗତ ଏପ୍ରିଲ ୨୩ରେ କୌଣସି କାରଣ ନ ଥାଇ ସେ ସ୍ତ୍ରୀଙ୍କୁ ଝାଡୁରେ ଆକ୍ରମଣ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ମହିଳା ଥାନା ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ୫୭ରୁ ୫ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ

ପୁରୀ,୭।୫(ଅଜିତ୍ ମହାନ୍ତି)

ପୁରୀ ଜିଲାର ୨ ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୬ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ପୁରୀ ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ, ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ, ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ୬ଷ୍ଠ ପର୍ଯ୍ୟାୟରେ ମେ' ୨୫ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଜଗତ୍‌ସିଂହପୁର ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଜୁନ ୧ରେ ୭ମ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ୬ଷ୍ଠ ପର୍ଯ୍ୟାୟ ନିର୍ବାଚନ ପାଇଁ ଏପ୍ରିଲ ୨୯ତାରିଖରେ ବିଜ୍ଞପ୍ତି ପ୍ରକାଶ ସହ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ସମେତ ସ୍ୱାଧୀନ ଭାବରେ ଅନେକ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ଚଳିତ ନିର୍ବାଚନରେ ପୁରୀ ଲୋକ ସଭା ଓ ପୁରୀ ଲୋକ ସଭା ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ଆସନ ନିମନ୍ତେ ସମୁଦାୟ ୫୭ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ବିଭିନ୍ନ କାରଣରୁ ୫ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ୫୨ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ପୁରୀ ଲୋକ ସଭା ପାଇଁ ୮ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ରଦ୍ଦ ହୋଇଛି। ବହୁଜନ ସମାଜବାଦୀ ପାର୍ଟିରୁ ନାମାଙ୍କନ ପତ୍ର ଦାଖଲ କରିଥିବା ସନ୍ତୋଷ କୁମାର ମହାପାତ୍ର ବିନା ପାର୍ଟି ଟିକେଟ୍‌ରେ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ତାଙ୍କର ନାମାଙ୍କନ ପତ୍ର ରଦ୍ଦ ହୋଇଛି। ସେହିପରି ପୁରୀ ବିଧାନସଭା ଆସନ ନିମନ୍ତେ ୧୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୧୪ ଜଣଙ୍କ କାଏମ ରହିଛି। ତେବେ କଂଗ୍ରେସ ଟିକେଟରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ସୁଜିତ ମହାପାତ୍ରଙ୍କ ଟିକେଟ୍ ଦଳ ପକ୍ଷରୁ ପରିବର୍ତ୍ତନ କରାଯାଇଥିବା କାରଣରୁ ତାଙ୍କର କଂଗ୍ରେସ ପ୍ରାର୍ଥୀପତ୍ର ନାକଚ ହୋଇଛି। ତେବେ ତାଙ୍କର ସ୍ୱାଧୀନ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ବ୍ରହ୍ମଗିରି ଆସନ ନିମନ୍ତେ ୧୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ସେଥିମଧ୍ୟରୁ ସ୍ୱାଧୀନ ଭାବରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜୟଦେବ ପଲେଇ ଓ ଶ୍ୟାମଳେନ୍ଦୁ ପ୍ରାଧାନଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ସେହିପରି ସତ୍ୟବାଦୀ ଆସନ ନିମନ୍ତେ ୧୧ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସ୍ୱାଧୀନ ଭାବରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଭାସ୍କର ଚନ୍ଦ୍ର ସାହୁଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ପିପିଲି ନିବାର୍ଚନମଣ୍ଡଳୀ ନିମନ୍ତେ ୧୧ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସମସ୍ତଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ନେଇ ନିବାର୍ଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା, କେନ୍ଦ୍ର ପରିଦର୍ଶନ

ପୁରୀ,୭।୫(ଅଜିତ୍ ମହାନ୍ତି)

ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଛନ୍ତି। କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସରୋଜ କୁମାର ପୁରୀରେ ପହଞ୍ଚି ନିର୍ବାଚନ କାର୍ଯ୍ୟର ସମୀକ୍ଷା ମଙ୍ଗଳବାର କରିଛନ୍ତି। ସର୍କିଟ ହାଉସଠାରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଜିଲାରେ ନିର୍ବାଚନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ଗଠନ ହୋଇଥିବା ବିଭିନ୍ନ ମନିଟରିଂ ଟିମ୍ ସମ୍ପର୍କରେ ଅବଗତ କରାଇଥିଲେ। ପରେ ସମ୍ପୃକ୍ତ ଟିମ୍ ସଦସ୍ୟଙ୍କ ସହ ସରୋଜ କୁମାର ଆଲୋଚନା କରିଥିଲେ। ଏହାପରେ ପର୍ଯ୍ୟବେକ୍ଷକ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଚାଲୁଥିବା ଏମ୍‌ସିଏମ୍‌ସି କେନ୍ଦ୍ରକୁ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁଧର ମିଶ୍ର ମଧ୍ୟ ଏମ୍‌ସିଏମ୍‌ସି କେନ୍ଦ୍ର ବୁଲି ଦେଖିବା ସହ ପରିଚାଳନା ଏବଂ ବିବିଧ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ପ୍ରିଣ୍ଟ ମିଡିଆ, ଇଲେକ୍ଟ୍ରୋନିକ ମିଡିଆ, ସୋସିଆଲ ମିଡିଆରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକମାନଙ୍କୁ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ପେଡ୍ ନିଉଜ(କିଣା ଖବର)ଗୁଡିକ ଅନୁଧ୍ୟାନ କରି ଇସିଆଇର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

## ପୁରୀରେ ପହଞ୍ଚିଲେ ନିର୍ବାଚନ ପର୍ଯ୍ୟବେକ୍ଷକ

ପୁରୀ,୭।୫(ଅଜିତ୍ ମହାନ୍ତି)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମଙ୍ଗଳବାର ପୁରୀରେ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ପହଞ୍ଚିଛନ୍ତି। ୪ ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ମଦନ ପାଲସିଂ ପୁରୀରେ ପହଞ୍ଚିଛନ୍ତି। ଅନ୍ୟତମ ଖର୍ଚ୍ଚ ପର୍ଯ୍ୟବେକ୍ଷକ ୧୭ ପୁରୀ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ସୁଧାଂଶୁଧର ମିଶ୍ର ମଧ୍ୟ ପୁରୀ ଜିଲାର ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ସହ ଖୋର୍ଦ୍ଧା ଜିଲାର ଚିଲିକା, ନୟାଗଡ଼ ଜିଲାର ନୟାଗଡ଼ ଓ ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଲୋକସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ତଦାରଖ ଦାୟିତ୍ୱରେ ରହିଛନ୍ତି। କାକଟପୁର, ନିମାପଡ଼ା ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସରୋଜ କୁମାର ପୁରୀରେ ପହଞ୍ଚିଛନ୍ତି। ସେହିପରି ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ପାଇଁ ନିଯୁକ୍ତ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଡ. କୁନାଲ ପ୍ରକାଶ ପୁରୀରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ର ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିବା ସହ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଭାରତର ନିର୍ବାଚନ କମିଶନର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ପର୍ଯ୍ୟବେକ୍ଷକମାନେ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଅନୁମୋଦିତ ଖର୍ଚ୍ଚ ଆଧାରରେ ପରିଚାଳିତ ବ୍ୟବସ୍ଥାର ଅନୁଧ୍ୟାନ କରିବେ। ପ୍ରାର୍ଥୀଙ୍କ ଲୋକସଭା ନିର୍ବାଚନ କ୍ଷେତ୍ରରେ ୯୫ ଲକ୍ଷ ଟଙ୍କା ଓ ବିଧାନସଭା କ୍ଷେତ୍ରରେ ନିର୍ବାଚନ ଖର୍ଚ୍ଚ ସର୍ବାଧିକ ୪୦ ଲକ୍ଷ ଟଙ୍କା ରହିଛି। ଏହାର ଖର୍ଚ୍ଚ ତଦାରଖ ସହ କେଉଁଠାରେ ଯଦି ନିର୍ବାଚନ ଆଇନର ଉଲ୍ଲଂଘନ ହେଉଛି ବା କୌଣସି ପ୍ରାର୍ଥୀ, ରାଜନୈତିକ ଦଳ, ବ୍ୟକ୍ତି ବିଶେଷଙ୍କ ଏ ସମ୍ପର୍କରେ କୌଣସି ଅଭିଯୋଗ ରହୁଛି, ତେବେ ସେମାନେ ସାଧାରଣ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇପାରିବେ। ଖର୍ଚ୍ଚପର୍ଯ୍ୟବେକ୍ଷକ ସିଂଙ୍କ ମୋବାଇଲ ନଂ. ୮୪୮୦୮୬୯୩୫୨ ଓ ସୁଧାଂଶୁଧର ମିଶ୍ରଙ୍କ ଯୋଗାଯୋଗ ନଂ. ୮୪୮୦୮୬୯୨୦୫, ଖର୍ଚ୍ଚ ପର୍ଯ୍ୟବେକ୍ଷକ ସରୋଜ କୁମାରଙ୍କ ଯୋଗାଯୋଗ ନଂ. ୭୭୫୨୦୪୮୧୯୧ ରହିଛି। ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଡା. କୁନାଲ ପ୍ରକାଶଙ୍କ ନଂ. ୭୭୫୨୦୪୮୧୯୬ ରହିଛି। ଯଦି କୌଣସି ରାଜନୈତିକ ଦଳ, ଦଳର ପ୍ରତିନିଧି, ପ୍ରାର୍ଥୀ, ପ୍ରାର୍ଥୀଙ୍କ ପ୍ରତିନିଧି ବା ସାଧାରଣ ବ୍ୟକ୍ତି ନିର୍ବାଚନ ସମ୍ପର୍କିତ କୌଣସି ଅଭିଯୋଗ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଖର୍ଚ୍ଚ ସମ୍ପର୍କରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ କରିବାକୁ ଚାହିଁବେ, ସେମାନେ ଉପରୋକ୍ତ ନମ୍ବରରେ ବା ଲିଖିତ ଭାବେ ଦେଇପାରିବେ। ଡା. ପ୍ରକାଶଙ୍କ ସହଯୋଗୀ ଅଧିକାରୀ ବା ଲିଆସନ ଅଧିକାରୀ ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ମିଶ୍ରଙ୍କ ସହଯୋଗୀ ଅଧିକାରୀ ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ସମର୍ଥ, ସିଂଙ୍କ ସହଯୋଗୀ ଅଧିକାରୀ ଭାବେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ଦିପ୍ତୀରଞ୍ଜନ ପ୍ରଧାନ ଓ ସରୋଜ କୁମାରଙ୍କ ସହଯୋଗୀ ଅଧିକାରୀ ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ରହିଛନ୍ତି।

## 'ପଣ୍ଡୁଆରେ ଗୀତାଞ୍ଜଳି ରଚନା କରିଥିଲେ ବିଶ୍ୱକବି'

■ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ

ଭୁବନେଶ୍ୱର,୭।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ରବୀନ୍ଦ୍ର ମଣ୍ଡପ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ବିଶ୍ୱକବି ଟାଗୋର ଓଡ଼ିଶାର ରାହାମା ନିକଟସ୍ଥ ତାଙ୍କ ଜମିଦାରି ପଣ୍ଡୁଆରେ ଅବସ୍ଥାନ କଲାବେଳେ ଗୀତାଞ୍ଜଳି କାବ୍ୟ ରଚନା କରିଥିଲେ। ଗୀତାଞ୍ଜଳି କାବ୍ୟ ପାଇଁ ରବୀନ୍ଦ୍ରନାଥ ନୋବେଲ୍ ପୁରସ୍କାର ପାଇଥିଲେ। ଏହି ଗୀତାଞ୍ଜଳି କାବ୍ୟ ନାମରେ ଏକ ଟ୍ରେନ୍ ଗୀତାଞ୍ଜଳି ଏକ୍ସପ୍ରେସ୍ ଚଳାଚଳ କରୁଛି। ସେହି ଆଧାରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ଲାବଣ୍ୟବତୀ କାବ୍ୟ ନାମରେ ଏକ ଟ୍ରେନ୍ ଚଳାଚଳ ହେବା ଆବଶ୍ୟକ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। କେବଳ ସାହିତ୍ୟ ରଚନା ନୁହେଁ, ଶାନ୍ତିନିକେତନ ପ୍ରତିଷ୍ଠା କରି ତାହା ମାଧ୍ୟମରେ ନୀତିଶିକ୍ଷା ଓ ମୌଳିକ ଶିକ୍ଷା ପ୍ରଦାନ କରି ସମଗ୍ର ଭାରତବର୍ଷ ସହିତ ବିଶ୍ୱରେ ଉଚ୍ଚ ଶିକ୍ଷା ବିକାଶ ପାଇଁ ରବୀନ୍ଦ୍ରନାଥଙ୍କ ଅବଦାନ ଅତୁଳନୀୟ । ସେହିପରି ତାଙ୍କ ରଚିତ 'ଜନଗଣମନ ଅଧିନାୟକ' କବିତା ଆଜି ଭାରତବର୍ଷର ଜାତୀୟ ସଙ୍ଗୀତର ମାନ୍ୟତା ପାଇଛି। ସାହିତ୍ୟ, ସଙ୍ଗୀତ ଓ ଶିକ୍ଷା ପାଇଁ ବିଶ୍ୱକବିଙ୍କ ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ ପାଇଥିଲା।

## ଶିକ୍ଷାବିତ୍ ଶିବସୁନ୍ଦରଙ୍କ ସ୍ୱନକ୍ଷତ୍ର



ପୁରୀ,୭।୫(ଅଜିତ୍ ମହାନ୍ତି)

ପୁରୀ ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ଶିକ୍ଷାବିତ୍, ଭାଷ୍ୟକାର ଶିବସୁନ୍ଦର ମିଶ୍ରଙ୍କ ୭୪ତମ ସ୍ୱନକ୍ଷତ୍ର ଦିବସ ରାଣୀସତୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସମିତିର ସଭାପତି ପ୍ରତିଭା ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସକ ବିନୋଦ କୁମାର ପଣ୍ଡା, ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, କୈଳାସ ଚନ୍ଦ୍ର ସାହୁ, ଦାଶରଥୀ ମହାପାତ୍ର, ରେଣୁକା ମିଶ୍ର,ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରୀର ଅନେକ ସାହିତ୍ୟ, ସାମାଜିକ ଓ ଆଧାତ୍ମିକ ଅନୁଷ୍ଠାନ ପକ୍ଷରୁ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କ୍ରିଷ୍ଣା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ସଦାଶିବ ମିଶ୍ର, ପୌର୍ଣ୍ଣମାସୀ ଦେବୀ, ମିନତି ମିଶ୍ର, ସୁକାନ୍ତ ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ଅଧ୍ୟାପକ ଭାରତୀ ଭୂଷଣ ଦାସ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଶୋକ କୁମାର ମିଶ୍ର, ସସ୍ମିତା ମିଶ୍ର, ଚିନ୍ମୟୀ ଗଜେନ୍ଦ୍ର, ପ୍ରଧାନ, ବଳରାମ ଦାଶ, ପ୍ରମୋଦ କୁମାର ଦଳେଇ, ବିପିନ ଦଳେଇ, ମଞ୍ଜୁଶ୍ରୀ ମିଶ୍ର, ପ୍ରବାସିନୀ ମିଶ୍ର, ଗବେଷକ ନାରାୟଣ ନନ୍ଦ, ହରିଶଙ୍କର ମିଶ୍ର, ଆଶାଲତା ପ୍ରଧାନ, ରାନୁ ମିଶ୍ର, ପୁରୁଷୋତ୍ତମ ନନ୍ଦ, କାଶୀନାଥ ଖୁଣ୍ଟିଆ, ସତ୍ୟନାରାୟଣ ଖୁଣ୍ଟିଆ, ଅନାମ ସାହୁ, ସତ୍ୟନାରାୟଣ ମିଶ୍ର, ଦୟାନିଧି ପଣ୍ଡା, ଅଜୟ ମିଶ୍ର, ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ତାଙ୍କର ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ।

## ବୁଥ୍ ପରିଦର୍ଶନ କଲେ

ପୁରୀ,୭।୫(ଅଜିତ୍ ମହାନ୍ତି)



ନିର୍ବାଚନ ପର୍ଯ୍ୟବେକ୍ଷକମାନେ ବୁଥ୍ ପରିଦର୍ଶନ କରୁଛନ୍ତି ।

ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ କୁନାଲ ପ୍ରକାଶ ମଙ୍ଗଳବାର ପୁରୀରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ୧୦୭ ପୁରୀ, ୧୦୮ ବ୍ରହ୍ମଗିରି, ୧୦୯ ସତ୍ୟବାଦୀ ଓ ୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କାର୍ଯ୍ୟ ତଦାରଖ କରିବେ। ପ୍ରକାଶ ପୁରୀରେ ପହଞ୍ଚିବା ପରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତାଙ୍କୁ ସ୍ୱାଗତ କରିବା ସହ ନିର୍ବାଚନ ସମ୍ପର୍କରେ ଜିଲାର ପ୍ରସ୍ତୁତି ନେଇ ଅବଗତ କରାଇଥିଲେ। ପରେ ସର୍କିଟ ହାଉସଠାରେ ପର୍ଯ୍ୟବେକ୍ଷକ ପ୍ରକାଶ ସମସ୍ତ ରିଟର୍ନିଂ ଅଫିସରଙ୍କ ସହ ଆଲୋଚନା କରିଥିଲେ। ରିଟର୍ନିଂ ଅଫିସରମାନେ ସେମାନଙ୍କ ନିର୍ବାଚନମଣ୍ଡଳୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଜିଲାପାଳ ସ୍ୱାଇଁଙ୍କ ସହ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ ପ୍ରମୁଖ ଯୋଗଦେଇଥିଲେ। ପରେ ପ୍ରକାଶ ପୁରୀ ପୌରପାଳିକା ଅନ୍ତର୍ଗତ ୯୨, ୯୩, ୯୪, ୯୫, ୧୫୫, ୧୫୬ ଓ ୧୫୭ ନମ୍ବର ବୁଥ୍‌କୁ ପରିଦର୍ଶନ କରି ଭୋଟରମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବୁଥ୍‌ଗୁଡ଼ିକରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପର୍ଯ୍ୟବେକ୍ଷକଙ୍କୁ ସହଯୋଗ କରିଥିଲେ। ପରେ ପର୍ଯ୍ୟବେକ୍ଷକ ଇଭିଏମ୍ ଓ୍ୟାର ହାଉସ୍ ପରିଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟରେ ଲିଆସନ୍ ଅଧିକାରୀଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସହଯୋଗ କରିଥିଲେ।

## ପ୍ରାର୍ଥୀଙ୍କ ପାଇଁ ପିପୁଲ୍ ତରଫରୁ ୭ ଦଫା ଦାବିପତ୍ର

ପୁରୀ,୭।୫(ଅଜିତ୍ ମହାନ୍ତି)




ନିର୍ବାଚନ ମହାପର୍ବରେ ସାମିଲ ହେଉଥିବା ସମସ୍ତ ପ୍ରାର୍ଥୀଙ୍କ ପାଇଁ ଲିଗ୍ ଅଫ ର୍ୟାଡିକାଲ ରିଫର୍ମ (ପିପୁଲ୍) ପକ୍ଷରୁ ଏକ ସଚେତନମୂଳକ ପ୍ରଚାର ପତ୍ର ବଣ୍ଟାଯାଉଛି। ଏହା ସହ ୧ ହଜାର ଦସ୍ତଖତ ସମ୍ବଳିତ ଜନଅଭିଯୋଗ ଆଧାରିତ ସ୍ମାରକ ପତ୍ର ରାଷ୍ଟ୍ରପତିଙ୍କୁ ପଠାଯାଉଛି। ଏନେଇ ପିପୁଲ୍ ପକ୍ଷରୁ ସ୍ଥାନୀୟ କୁଳମଣି ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ଆବାହାକ ସୁରେନ୍ଦ୍ର ତପସ୍ବୁ ସୂଚନା ଦେଇ କହିଥିଲେ, ଚଳିତ ନିର୍ବାଚନରେ ଭାଗ ନେଇଥିବା ସମସ୍ତ ପ୍ରାର୍ଥୀଙ୍କୁ ପ୍ରଶ୍ନ ଭିତ୍ତିକ ପ୍ରଚାରପତ୍ର ଜରିଆରେ ପ୍ରଶ୍ନ କରାଯାଇଛି। ଜମି, ଜଙ୍ଗଲ, ଜଳ, ଖଣି ଭଳି ପ୍ରାକୃତିକ ସଂସଦର ସବୁନିଯୋଗିତା ଭିତ୍ତିରେ ପ୍ରାକୃତିକ ସଂସଦ ଆୟୋଗ ଗଠନ, ଉପକୂଳ ସ୍ୱାର୍ଥ ବିରୋଧୀ ସମୁଦ୍ର ଗର୍ଭର ଖଣି ଲିଜ୍‌କୁ ତୁରନ୍ତ ବାତିଲ କରିବା, ବେଳାଭୂମିରେ ପରିବେଶ ସୁରକ୍ଷା ଦୃଷ୍ଟିରେ ଯେକୌଣସି ବୃହତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ନିଷେଧ କରି ବ୍ୟାପକ ବନୀକରଣ କରବା, ମହିଳାଙ୍କ ଗର୍ଭଧାରଣ କରିବାର ଅଧିକାରକୁ ସାମ୍ବିଧାନିକ ମୌଳିକ ଅଧିକାର ପରିସରଭୁକ୍ତ କରିବା, ଏକ ଭାଗ ଅତି ଧନିକ ଉପରେ କର୍ପୋରେଟ ଟ୍ୟାକ୍ସ ବୃଦ୍ଧି କରି ନବେ ଭାଗ ଜନ ସମୁଦାୟଙ୍କୁ ସମ୍ପୂର୍ଣ୍ଣ ଟିକସ ମୁକ୍ତ କରିବା ଆଦି ୭ ଦଫା ଜନ ଅଭିଯୋଗ ଭିତ୍ତିକ ଏକ ହଜାର ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ନେଇ ଖବରଦାତା ସମ୍ମିଳନୀରେ ତପସୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ସାହୁ, ସୀତାକାନ୍ତ ମହାନ୍ତି, ପ୍ରତାପ ଚିନ୍ନରା ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମାଲୁଦ-ମୋରଡ଼ା ରାସ୍ତା ମରଣଯନ୍ତା

କୃଷ୍ଣପ୍ରସାଦ,୭।୫ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ରାସ୍ତାରୁ ମେଟାଲ ଉଠିଯାଇଛି।

ଜନସାଧାରଣଙ୍କ ସୁଗମ ଯାତାୟାତ ନିମନ୍ତେ ନୂତନ ରାସ୍ତା ନିର୍ମାଣ, ପୁରାତନ ରାସ୍ତାର ସ୍ଥାୟୀ ମରାମତି ଓ ରାସ୍ତାର ପୁନରୁଦ୍ଧାର ନିମନ୍ତେ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ କୋଟି କୋଟି ଖର୍ଚ୍ଚ ହେଉଛି। ହେଲେ ସ୍ଥାନୀୟ ଅଞ୍ଚଳରେ ଛକାପଞ୍ଝା ରାଜନୀତି ସାଙ୍ଗକୁ ସ୍ଥାନୀୟ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ରାସ୍ତା ମରାମତି ହୋଇପାରୁନାହିଁ। ଫଳରେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦଠାରୁ ମୋରଡ଼ା ୧୦ କି.ମି. ପର୍ଯ୍ୟନ୍ତ ରାସ୍ତାରେ ଦେଖିବାକୁ ମିଳିଛି। ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ଦୀର୍ଘ ଦିନ ହେବ ଉକ୍ତ ରାସ୍ତାର ମରାମତି କରାଯାଉ ନାହିଁ। ଫଳରେ ରାସ୍ତାରେ ଛୋଟବଡ଼ ଖାଲଖମା ହେବା ସହ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ନଜର ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ସୂଚନା ମୁତାବକ, ଏହି ରାସ୍ତା ଦେଇ ପ୍ରତିଦିନ ଅଞ୍ଚଳର ଅଧିବାସୀ ଏବଂ ଦକ୍ଷିଣ ଓଡ଼ିଶାର ବହୁ ଯାତ୍ରୀ ପୁରୀ ଯାତାୟାତ କରିଥାନ୍ତି। ବିଶେଷକରି ବଳରାମପୁରଠାରୁ ବଉଳଭୂଇଁ ଯାଏ ରାସ୍ତା ମରଣଯନ୍ତା ପାଲଟିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରିବାକୁ ସିଆଣି ପଞ୍ଚାୟତ ସମିତିସଭ୍ୟ ଲଳିତ କୁମାର ତରେଇ, ସାମାଜିକ କର୍ମୀ ହରିହର ଦାସଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡାଳହଣା ରାସ୍ତା ମରାମତି ଦାବି

ନିରାକାରପୁର,୭।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ କୁନିଆ ସାମନ୍ତରାୟଠାରୁ ଦିବ୍ୟସିଂହପୁର ଏବଂ ଓରବରସିଂକୁ ସଂଯୋଗ କରୁଥିବା ଡାଳହଣା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏହି ରାସ୍ତାଟି ୧୬ ନମ୍ବର ଜାତୀୟ ରାଜପଥର ଗୋଳବାଇ ଛକ ଓ ବକୁ ଛକ ଦେଇ ନୂଆଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଶତାଧିକ ଯାତ୍ରୀ ଯାତାୟାତ କରିଥାନ୍ତି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ଏବେ ଅଗମ୍ୟ ହୋଇପଡିଛି। ବନ୍ୟା ହେଲେ ଉକ୍ତ ରାସ୍ତାଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ। ଫଳରେ ରାସ୍ତାଟି ତା'ର ଅସ୍ତିତ୍ୱ ହରାଇବାରୁ ଲୋକେ ଗମନାଗମନ କରିବାରେ ହଇରାଣ ହୋଇଥାନ୍ତି। ମରାମତି ଅଭାବରୁ ଏବେ ରାସ୍ତାସାରା ଖାଲଖମା ପରିପୂର୍ଣ୍ଣ ହୋଇରହିଛି। ଏଥିସହ ଉଭୟ ପାର୍ଶ୍ୱର ଅନାବନା ଗୁଳ୍ମଲତା ମାଡିଯିବାରୁ ରାସ୍ତାଟି ସଂକୀର୍ଣ୍ଣ ହେବାରେ ଲାଗିଛି। ଫଳରେ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଆବଶ୍ୟକତା ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



Government of Odisha
Department of Social Security
and Empowerment of Persons with Disabilities
No.3443/SSEPD Dt.04.05.2024
SSEPD-DA6-SCH-0004-2023

2nd CORRIGENDUM TO
e-TENDER NOTICE NO. 1644 Dated 02.03.2024

No.gg-01: In pursuance with Technical Committee meeting for consideration of the submissions of prospective bidders in the Pre-bid meeting held on 15.03.2024, following is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024:
1. Annexure-1: List of Equipment with Technical Specifications of the Tender Document is hereby revised by incorporating the recommendations of the technical committee. The Final List of Equipment along with Proceedings is enclosed at Annexure-1.
2. An undertaking/ affidavit should be submitted by the bidders to ensure that they have not been declared ineligible, non-performing, involved in fraud or blacklisted etc. by any State Govt. / Central Govt. /PSU and if found involved in any of the above fraudulent practices anytime, their bid may be cancelled or rejected summarily.
3. There should be service centres setup at Odisha by the selected agencies for repair, replacement and maintenance of the equipment to be installed for seamless post sales service. The agreement of the selected bidder should be legally vetted by experts so that any dispute regarding maintenance of the equipment can be addressed in time properly. 4. Department will consider installation of the equipment by the selected (L1) bidder in one or two centres initially so that after three months of operation the performance can be judged and reported on the basis of data. On the basis of satisfactory performances, installation in other centres may be considered during the year. 5. Last date for submission of e-tender bids was extended up to 27.05.2024-5 PM vide corrigendum notice No. 2593/SSEPD dtd. 22.03.2024. Technical Bids will be opened on Dt. 28.05.2024- 11.30 AM at Conference Hall of SSEPD Department, Lokseva Bhawan, Bhubaneswar.

Sd./- Director
SSEPD Department
OIPR-46001/11/0001/2425

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ ପାଇଁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

**ଭୁବନେଶ୍ୱର,୭।୫(ସତ୍ୟଜିତ୍ ରାଉତ):** ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ କାର୍ଯ୍ୟକ୍ରମ ରହିଛି। ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ବାଣୀବିହାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ରୋଡ୍ ଶୋ'କୁ ନେଇ କମିଶନରେଟ୍ ପୋଲିସ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ତାଙ୍କ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ସହ ପୋଲିସ ମଙ୍ଗଳବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ବିଏମ୍‌ସିର ଅଧିକାରୀମାନେ ମିଳିତ ଭାବେ ଏସ୍‌ପିଜି ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥା ତ୍ୱରାନ୍ୱିତ କରିଛନ୍ତି। ବ୍ଲୁ ବୁକ୍ ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ରହିଛି। ରାସ୍ତା ଦୁଇପାର୍ଶ୍ୱରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ପୋଲିସ ଟିମ୍ ସହ ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଆଦିକୁ ନିୟୋଜିତ କରାଯିବ। ରୋଡ୍ ଶୋ' ହେବାକୁ ଥିବା ରୁଟ୍‌କୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

**ଖୋର୍ଦ୍ଧା,୭।୫(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଅର୍ଜୁନପୁର ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଅଞ୍ଚଳର ପ୍ରଭୁରାଜ ବିଶୋଇ। ଏଥିସହିତ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପ୍ରଭୁରାଜ ଶରଧାପୁର ଆଦିବାସୀ ସାହିରେ ପରିବାର ସହ ରହୁଥିବା ବେଳେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ସୂଚନା ଅନୁଯାୟୀ, ପ୍ରଭୁରାଜ ଓ ତାଙ୍କର ଜଣେ ସାଙ୍ଗ ବାଇକ୍‌ରେ ଯାଉଥିବା ବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ପ୍ରଭୁରାଜଙ୍କ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆହତ ଯୁବକଙ୍କୁ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା କରାଯାଉଛି।

### ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**କଳାପଥର,୭।୫(ଗଙ୍ଗାଧର ସାହୁ):** ପୋଖରୀରେ ବୁଡ଼ିଯିବାରୁ ମଙ୍ଗଳବାର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ବ୍ଲକ ଅନ୍ତର୍ଗତ ପତନୀ ଗ୍ରାମର ଦିବ୍ୟଦର୍ଶିନୀ ସାହୁ (୧୧)। ସେ ପତନୀ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ। ସୂଚନା ମୁତାବକ, କୃଷ୍ଣଚନ୍ଦ୍ରପୁର ମୌଜାରେ ଥିବା ପାଟଣା ପୋଖରୀକୁ ଦିବ୍ୟଦର୍ଶିନୀ ସକାଳେ ଗାଧୋଇବାକୁ ଯାଇଥିଲେ। କୌଣସି କାରଣବଶତଃ ସେ ପୋଖରୀରେ ବୁଡ଼ିଯାଇଥିଲେ। ଖବରପାଇ କଳାପଥର ଅଗ୍ନିଶମ କର୍ମଚାରୀ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି କଳାପଥର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# 'ଭୋଟ ଦେଲେ ଗଣତନ୍ତ୍ର ସୁଦୃଢ଼ ହେବ'

### ମତଦାନ ପାଇଁ ଶପଥ ପାଠ, ପଥପ୍ରାନ୍ତ ନାଟକରେ ସଚେତନତା

ଭୁବନେଶ୍ୱର, ୭।୫(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ବିଏମ୍‌ସି ଓ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ମହାନଗର ନିଗମ ଅଞ୍ଚଳର ସମସ୍ତ ଭୋଟର ଯେପରି ଆସନ୍ତା ୨୫ତାରିଖରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ, ସେଥିପାଇଁ ଜନଜାଗରଣ ସୃଷ୍ଟି କରାଯାଉଛି। ବିଏମ୍‌ସି ପକ୍ଷରୁ ୱାକାଥନ, ମାରାଥନ୍, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା, ନୂତନ ଭୋଟରଙ୍କୁ ସମ୍ବର୍ଦ୍ଧିତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବାବେଳେ ମଙ୍ଗଳବାର ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ସମସ୍ତ ଆବାସିକ କଲ୍ୟାଣ ସଂଘ (ଆରଡବ୍ଲ୍ୟୁଏ)ର ସଭାପତି ଓ ସମ୍ପାଦକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସିର ୩ଟିଯାକ ଜୋନ୍‌ରୁ ୨ଶହରୁ ଅଧିକ ଆବାସିକ କଲ୍ୟାଣ ସଂଘର କର୍ମକର୍ତ୍ତା ଏଥିରେ ଯୋଗଦେଇ ମତଦାନ କରିବାକୁ ଶପଥ ନେଇଥିଲେ।



କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ 'ମତଦାନ' ମଞ୍ଚସ୍ଥ କରାଯାଉଛି।

ସମାଜର ସାମଗ୍ରିକ ବିକାଶ ପାଇଁ ଉପଯୁକ୍ତ ନେତା ନିର୍ବାଚିତ କରିବାକୁ ହେଲେ ସମସ୍ତ ଭୋଟର ମତଦାନ କରିବା ଦରକାର। ଏହାଦ୍ୱାରା ଗଣତନ୍ତ୍ର ସୁଦୃଢ ହେବ ଏବଂ ଦେଶର ବିକାଶ ଦ୍ରୁତଗତିରେ ଆଗେଇବ ବୋଲି ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା କହିଥିଲେ। ରାଜଧାନୀରେ ଅଧିକ ଶିକ୍ଷିତ ଲୋକ ବସବାସ କରୁଥିଲେ ମଧ୍ୟ ମତଦାନ ହାର କମ୍ ରହୁଛି। ତେଣୁ ଭୋଟରମାନେ ଯେପରି ମତଦାନ କେନ୍ଦ୍ରକୁ ଯାଇ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ସେଥିପାଇଁ ସଂଘର କର୍ମକର୍ତ୍ତାମାନେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆଗେଇ ଆସିବା ପାଇଁ କୁହାଯାଇଥିଲା। ଭୁବନେଶ୍ୱର ଅଞ୍ଚଳରେ ୫ଶହରୁ ଅଧିକ ଆବାସିକ କଲ୍ୟାଣ ସଂଘ ରହିଛି। ତେଣୁ ପ୍ରତ୍ୟେକ ସୋସାଇଟି ଚେଷ୍ଟା କଲେ ଭୁବନେଶ୍ୱରର ଭୋଟଦେବା ହାର ଅଧିକରୁ ଅଧିକ ହୋଇପାରିବ। ଅପରପକ୍ଷେ ୮୫ବର୍ଷରୁ ଅଧିକ ବୟସର ଲୋକଙ୍କୁ ଘରୁ ଆଣିବା ବ୍ୟବସ୍ଥା, ବୁଥ୍‌ଗୁଡିକରେ ମହିଳା ଅଧିକାରୀ ଏବଂ କର୍ମଚାରୀ ରହିବା ବ୍ୟବସ୍ଥା, ଆପ୍ ଦ୍ୱାରା ନିଜ ବୁଥ୍ ବାବଦରେ ଜାଣିବା ଏବଂ ଗ୍ରୀଷ୍ମପ୍ରବାହ ଜାରି ରହିଲେ ପ୍ରତ୍ୟେକ ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘନ କର, ଭୁବନେଶ୍ୱର ଉପଜିଲାପାଳଙ୍କ ସମେତ ଟିମ୍ ବିଏମ୍‌ସି ଓ ଖୋର୍ଦ୍ଧା ଜିଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜାଗରଣ ନାଟ୍ୟ ସଂସ୍ଥାର କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ 'ମତଦାନ' ମଞ୍ଚସ୍ଥ ହୋଇଥିଲା।

# ଭୁବନେଶ୍ୱର ଲୋକ ସଭା ଆସନ: ୧୨ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ

ଖୋର୍ଦ୍ଧା,୭।୫(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୨୫ତାରିଖରେ ମତଦାନ ହେବ। ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ୧୨ ପ୍ରାର୍ଥୀ ଏବଂ ୭ଟି ବିଧାନସଭା ଆସନ ପାଇଁ ୭୮ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି। ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ବିଧାନସଭା ଆସନ ପାଇଁ ୯ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି। ଏପ୍ରିଲ ୨୯ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଆରମ୍ଭ ହୋଇଥିବା ବେଳେ ମେ' ୬ ତାରିଖ(ସୋମବାର) ଥିଲା ଶେଷ ଦିବସ। ମଙ୍ଗଳବାର ନାମାଙ୍କନପତ୍ର ଯାଞ୍ଚ ହୋଇଥିଲା। ସମସ୍ତ ପ୍ରାର୍ଥୀ ପ୍ରସ୍ତାବକଙ୍କ ସହ ନିଜ ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସରଙ୍କ ନିକଟରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ନାମାଙ୍କନ ବେଳେ ଦେଇଥିବା କାଗଜପତ୍ର ଯାଞ୍ଚ କରାଯାଇ ବୈଧ ତାଲିକା ଘୋଷଣା କରାଯାଇଛି। ରିଟର୍ନିଂ ଅଫିସରଙ୍କ ଘୋଷଣା ଅନୁଯାୟୀ, ଭୁବନେଶ୍ୱର ଲୋକ ସଭା ପାଇଁ ୧୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ଜଣ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି। ସେହିପରି ଜୟଦେବ ଆସନରେ ୮ପ୍ରାର୍ଥୀ, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୧୪, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୧୩, ଏକାମ୍ର ଭୁବନେଶ୍ୱରରେ ୧୨, ଜଟଣୀ ଆସନ ପାଇଁ ୯, ବେଗୁନିଆ ଆସନ ପାଇଁ ୧୨, ଖୋର୍ଦ୍ଧା ଆସନରେ ୧୦, ଚିଲିକା ବିଧାନସଭା ଆସନ ପାଇଁ ୯ ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି।

**ଭୁବନେଶ୍ୱର ଲୋକ ସଭା ଆସନ**

| ପ୍ରାର୍ଥୀ | ଦଳ |
|---|---|
| ଅପରାଜିତା ଷଡ଼ଙ୍ଗୀ | ଭାଜପା |
| ମନ୍ମଥ ରାଉତରାୟ | ବିଜେଡି |
| ସୟଦ ୟାସିର ନୱାଜ | କଂଗ୍ରେସ |
| ସୁଧାଂଶୁ ଶେଖର ଦାସ | ସ୍ୱାଧୀନ |
| ନଟବର ମହାରାଣା | ଭାରତୀୟ ବିକାଶ ପରିଷଦ |
| ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ସିପିଆଇ(ଏମ୍) |
| ଶାନ୍ତିଲତା ରାଉତ | ସୁପ୍ରିମ ଜିରୋ ପାର୍ଟି ଅଫ୍ ଭାରତ |
| ପ୍ରଦୀପ କୁମାର ସାହୁ | କଳିଙ୍ଗ ସେନା |
| ହୁଲ୍ଲାସ ସେନାପତି | ସ୍ୱାଧୀନ |
| କିଶୋର କୁମାର ସୁତାର | ସ୍ୱାଧୀନ |
| ସଙ୍ଗୀତା ପଟ୍ଟନାୟକ | ଓଡ଼ିଶା ଜନତା ପାର୍ଟି |
| ସନ୍ତୋଷ କୁମାର ମିଶ୍ର | ସ୍ୱାଧୀନ |

# ଉତ୍ତର ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଚାର



ଉତ୍ତର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ, ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ଅଞ୍ଚଳବାସୀ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର,୭।୫(ଅନୁରାଧା ମହାରଣା)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବିଜୁ ଜନତା ଦଳ (ବିଜେଡି)ର ନିର୍ବାଚନ ପ୍ରଚାର ତଥା କର୍ମୀ ସମ୍ମିଳନୀ ହୋଇଯାଇଛି। ରଙ୍ଗମାଟିଆ, ସାଲିଆସାହି ଆଦି ଅଞ୍ଚଳରେ ଆୟୋଜିତ କର୍ମୀ ସମ୍ମିଳନୀରେ ସହସ୍ରାଧିକ କର୍ମୀ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ, ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ମେୟର ସୁଲୋଚନା ଦାସ, ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହିତ ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଏବଂ ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସପକ୍ଷରେ ମତ ଦେବାକୁ କର୍ମୀମାନେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା କୁଞ୍ଜ ବିହାରୀ ଦାସ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ପ୍ରେମାନନ୍ଦ ଜେନା, ପୂଜା ବେହେରା, ମହିଳା ନେତ୍ରୀ ସୂର୍ଯ୍ୟକାନ୍ତି ଜେନା, ଯୁବନେତା ସବ୍ୟସାଚୀ ସାହୁ, ପ୍ରଶାନ୍ତ ସ୍ୱାଇଁ, ଦାମୋଦର ବେହେରା, ରଙ୍ଗମାଟିଆ ଗ୍ରାମର ମୁରବି ଅଶୋକ ପାତ୍ର, ଯୋଗେନ୍ଦ୍ର ମହାରଣା, ଭ୍ରମରବର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ସେହିପରି ବିଏମ୍‌ସି ୱାର୍ଡ ନଂ.୧୨ର ପ୍ରେସ୍‌ଛକ କାଳୀମନ୍ଦିରଠାରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ସମସ୍ତ ସଫେଇ କର୍ମଚାରୀଙ୍କୁ ନେଇ ଏକ ସାମୂହିକ ବୈଠକ ସହିତ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ଭୁବନେଶ୍ୱରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ବଜାୟ ରଖିବାରେ ଏହି ସଫେଇ କର୍ମଚାରୀଙ୍କ ଉଦ୍ୟମକୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଜୟନ୍ତୀ ସାହୁ, ଭୋଳାନାଥ ମହାରଣା, ଅଶୋକ ରାଜ, ସବ୍ୟସାଚୀ ସାହୁ, ପିଙ୍କି ସ୍ୱାଇଁ, ପ୍ରସନ୍ନ ସାହୁ ଏବଂ ମହିଳା ନେତ୍ରୀ ସୂର୍ଯ୍ୟକାନ୍ତି ଜେନା ପ୍ରମୁଖ ଯୋଗଦେଇଥିଲେ।

## ଶିଳ୍ପାଞ୍ଚଳ ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଖୋର୍ଦ୍ଧା,୭।୫ (ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଶୃଙ୍ଖଳିତ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ରାତ୍ରି ପାଟ୍ରୋଲିଂ ସହ ବିଭିନ୍ନ ଛକ, ପଡୋଶୀ ଜିଲା ସୀମାରେ ଚେକିଂ ବ୍ଲକିଂ କରାଯାଉଛି। ରାତିରେ ୧୬ ଓ ୫୭ ନମ୍ବର ଜାତୀୟ ରାଜପଥରେ ଦୁଇ ଓ ଚାରି ଚକିଆ ଯାନବାହନ ଚେକିଂ ଚାଲିଛି। ମଙ୍ଗଳବାର ଶିଳ୍ପାଞ୍ଚଳ ଥାନା ପକ୍ଷରୁ ପୋଡାସାହି, ଗଡଖୋର୍ଦ୍ଧା, ମୁକୁନ୍ଦପ୍ରାସଦ ଆଦି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ବାସୁଦେବ ଜୟସିଂଙ୍କ ସମେତ ଅନ୍ୟ ଥାନା ଅଧିକାରୀ, କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ।

# ଆଜି ଭାଜପାରେ ବାସନ୍ତୀ ଯୋଗଦେବା ନେଇ ଚର୍ଚ୍ଚା

ଖୋର୍ଦ୍ଧା,୭।୫(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାରେ ତୃଣମୂଳସ୍ତରରେ ବିଜେଡି ସଙ୍ଗଠନକୁ ସଜାଡ଼ିଥିବା ବାସନ୍ତୀ ମହାପାତ୍ର ସୋମବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବୁଧବାର ସେ ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି। ଭୁବନେଶ୍ୱର ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାନସଭା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ତାଙ୍କ ସହ ଆଲୋଚନା କରି ଭାଜପାରେ ଯୋଗଦେବାକୁ ନିମନ୍ତ୍ରଣ କରିଥିବା କୁହାଯାଉଛି। ଉଲ୍ଲେଖଥାଉ କି, ଖୋର୍ଦ୍ଧା ବିଧାନସଭା ଆସନରୁ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ବାସନ୍ତୀ ଆଶାୟୀ ରହିଥିଲେ। ଏଥିପାଇଁ ସେ ୨ବର୍ଷ ହେବ ଖୋର୍ଦ୍ଧା, ଟାଙ୍ଗୀ ବ୍ଲକରେ ତୃଣମୂଳ ସ୍ତରରେ ଦଳୀୟ ବୈଠକ ଆଦି ଜାରି ରଖିଥିଲେ। ଖୋର୍ଦ୍ଧାରେ ଶକ୍ତି ପ୍ରଦର୍ଶନ ସହ ଶତାଧିକ ସମର୍ଥକଙ୍କ ସହ ଶଙ୍ଖ ଭବନ ଆଗରେ ଟିକେଟ ପାଇଁ ଦାବି କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଟିକେଟ ଆଶାରେ ରହିଥିଲେ। ହେଲେ ଦଳ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଥିଲା। ଫଳରେ ଟିକେଟ ନ ପାଇ ବାସନ୍ତୀ ଅସନ୍ତୁଷ୍ଟ ରହିଥିଲେ। ଦୀର୍ଘ ବର୍ଷ କାର୍ଯ୍ୟ କରିବା ପରେ ଶେଷରେ ତାଙ୍କୁ ଉପେକ୍ଷା କରାଯାଇଥିବା ବାସନ୍ତୀ କହିଛନ୍ତି।



ଭୁବନେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ଏକାମ୍ର ବିଧାନସଭା ଆସନର ପ୍ରାର୍ଥୀ ବାବୁ ସିଂଙ୍କ ଜନସମ୍ପର୍କ ପଦଯାତ୍ରା।



ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଜନସମ୍ପର୍କ ପଦଯାତ୍ରାରେ ଭୋଟରଙ୍କୁ ଭେଟୁଛନ୍ତି।

# ୪ ଯନ୍ତ୍ରୀଙ୍କୁ ବଦଳି ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି

ପୁରୀ,୭।୫(ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀର ଖୋଲାଖୋଲି ଉଲଘଂନ ପୁରୀ ଜିଲାରେ ଦେଖିବାକୁ ମିଳିଛି। ଦୀର୍ଘ ୧୫ରୁ ୨୦ବର୍ଷ ଧରି ୪ଜଣ ଯନ୍ତ୍ରୀ ଗୋଟିଏ ବିଭାଗରେ କାର୍ଯ୍ୟ କରୁଥିବାନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଶ୍ରୀକ୍ଷେତ୍ର ସ୍ୱାଭିମାନ ମଞ୍ଚର ମୁଖ୍ୟ ସଂଯୋଜକ ସୁକାନ୍ତ କୁମାର ଲେଙ୍କା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ସରକାରଙ୍କ ଚାକିରୀ ନିୟମକୁ ଫୁଁ କରି ଦୀର୍ଘଦିନ ହେବ ଜିଲାର ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିବାହୀଯନ୍ତ୍ରୀ ଭାବେ ୪ଜଣ କାର୍ଯ୍ୟ କରୁଛନ୍ତି। ଯନ୍ତ୍ରୀମାନେ ହେଉଛନ୍ତି ପୁରୀ ଜଳ ସେଚନ ବିଭାଗରେ କାର୍ଯ୍ୟ କରୁଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ମକରା ବେହେରା, ପିପିଲି ଜଳ ସେଚନ ବିଭାଗରେ କାର୍ଯ୍ୟ କରୁଥିବା ସହକାରୀ ନର୍ବାହୀ ଯନ୍ତ୍ରୀ ବିଚିତ୍ରା ନନ୍ଦ ମାଝି, ବ୍ରହ୍ମଗିରି ସୁନାମୁହିରେ କାର୍ଯ୍ୟକରୁଥିବା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଡୋରା ଏବଂ ପୁରୀ ଜଳସେଚନ ବିଭାଗରେ କାର୍ଯ୍ୟ କରୁଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ତନୁଜ ରାଉତ। ଆସନ୍ତା ନିର୍ବାଚନରେ ଉକ୍ତ ଯନ୍ତ୍ରୀମାନେ ସରକାରଙ୍କ ପାଇଁ ଭିତିରିଆ ପ୍ରଚାର କରିବା ସହ ଟଙ୍କା କାରବାର କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଉକ୍ତ ଯନ୍ତ୍ରୀମାନଙ୍କୁ ଜିଲାରୁ ଅନ୍ୟତ୍ର ସ୍ଥାନକୁ ତୁରନ୍ତ ବଦଳି କରିବା ପାଇଁ ଲେଙ୍କା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି।

# 'ପଣ୍ଡୁଆରେ ଗୀତାଞ୍ଜଳି ରଚନା କରିଥିଲେ ବିଶ୍ୱକବି'

### ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ



ଭୁବନେଶ୍ୱର,୭।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ରବୀନ୍ଦ୍ର ମଣ୍ଡପ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ବିଶ୍ୱକବି ଟାଗୋର ଓଡ଼ିଶାର ରାହାମା ନିକଟସ୍ଥ ତାଙ୍କ ଜମିଦାରି ପଣ୍ଡୁଆରେ ଅବସ୍ଥାନ କଲାବେଳେ ଗୀତାଞ୍ଜଳି କାବ୍ୟ ରଚନା କରିଥିଲେ। ଗୀତାଞ୍ଜଳି କାବ୍ୟ ପାଇଁ ରବୀନ୍ଦ୍ରନାଥ ନୋବେଲ୍ ପୁରସ୍କାର ପାଇଥିଲେ। ଏହି ଗୀତାଞ୍ଜଳି କାବ୍ୟ ନାମରେ ଏକ ଟ୍ରେନ୍ ଗୀତାଞ୍ଜଳି ଏକ୍ସପ୍ରେସ୍ ଚଳାଚଳ କରୁଛି। ସେହି ଆଧାରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ଲାବଣ୍ୟବତୀ କାବ୍ୟ ନାମରେ ଏକ ଟ୍ରେନ୍ ଚଳାଚଳ ହେବା ଆବଶ୍ୟକ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। କେବଳ ସାହିତ୍ୟ ରଚନା ନୁହେଁ, ଶାନ୍ତିନିକେତନ ପ୍ରତିଷ୍ଠା କରି ତାହା ମାଧ୍ୟମରେ ନୀତିଶିକ୍ଷା ଓ ମୌଳିକ ଶିକ୍ଷା ପ୍ରଦାନ କରି ସମଗ୍ର ଭାରତବର୍ଷ ସହିତ ବିଶ୍ୱରେ ଉଚ୍ଚ ଶିକ୍ଷା ବିକାଶ ପାଇଁ ରବୀନ୍ଦ୍ରନାଥଙ୍କ ଅବଦାନ ଅତୁଳନୀୟ । ସେହିପରି ତାଙ୍କ ରଚିତ 'ଜନଗଣମନ ଅଧିନାୟକ' କବିତା ଆଜି ଭାରତବର୍ଷର ଜାତୀୟ ସଙ୍ଗୀତର ମାନ୍ୟତା ପାଇଛି। ସାହିତ୍ୟ, ସଙ୍ଗୀତ ଓ ଶିକ୍ଷା ପାଇଁ ବିଶ୍ୱକବିଙ୍କ ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ ପାଇଥିଲା। ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ସୁଧାଂଶୁ ମାରିକ, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ପଣ୍ଡିତ ସର୍ବେଶ୍ୱର ଦାଶ, ଅକ୍ଷୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**Government of Odisha**
**Department of Social Security and Empowerment of Persons with Disabilities**

**No.3443/SSEPD** **Dt.04.05.2024**

SSEPD-DA6-SCH-0004-2023

**2nd CORRIGENDUM TO e-TENDER NOTICE NO. 1644 Dated 02.03.2024**

**No.gg-01:** In pursuance with Technical Committee meeting for consideration of the submissions of prospective bidders in the Pre-bid meeting held on 15.03.2024, following is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024:
1. Annexure-1: List of Equipment with Technical Specifications of the Tender Document is hereby revised by incorporating the recommendations of the technical committee. The Final List of Equipment along with Proceedings is enclosed at Annexure-1.
2. An undertaking/ affidavit should be submitted by the bidders to ensure that they have not been declared ineligible, non-performing, involved in fraud or blacklisted etc. by any State Govt. / Central Govt. /PSU and if found involved in any of the above fraudulent practices anytime, their bid may be cancelled or rejected summarily.
3. There should be service centres setup at Odisha by the selected agencies for repair, replacement and maintenance of the equipment to be installed for seamless post sales service. The agreement of the selected bidder should be legally vetted by experts so that any dispute regarding maintenance of the equipment can be addressed in time properly. 4. Department will consider installation of the equipment by the selected (L1) bidder in one or two centres initially so that after three months of operation the performance can be judged and reported on the basis of data. On the basis of satisfactory performances, installation in other centres may be considered during the year. 5. Last date for submission of e-tender bids was extended up to 27.05.2024-5 PM vide corrigendum notice No. 2593/SSEPD dtd. 22.03.2024. Technical Bids will be opened on Dt. 28.05.2024- 11.30 AM at Conference Hall of SSEPD Department, Lokseva Bhawan, Bhubaneswar.

**Sd./- Director**
**SSEPD Department**

**OIPR-46001/11/0001/2425**

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଭୁବନେଶ୍ୱର,୭।୫ (ସୂର୍ଯ୍ୟକାନ୍ତ ବେହେରା): ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀଙ୍କୁ ମହିଳା ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ଼ର ସିଦ୍ଧାନ୍ତ ନାୟକ(୨୦)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ୨୦୨୧ରେ ଅଭିଯୋଗକାରିଣୀଙ୍କ ସହିତ ଅଭିଯୁକ୍ତଙ୍କର ବିବାହ ହୋଇଥିଲା। ବିବାହର କିଛି ମାସ ଭଲରେ ବିତିଥିବାବେଳେ ଏହି ଦମ୍ପତିଙ୍କର ଗୋଟିଏ ସନ୍ତାନ ରହିଛି। ତେବେ ଅଭିଯୁକ୍ତ ଜଣକ ବାରମ୍ବାର ଯୌତୁକ ଦାବି କରି ଅଭିଯୋଗକାରିଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ବହୁବାର ଆକ୍ରମଣ କରିଥିଲେ। ଗତ ଏପ୍ରିଲ ୨୩ରେ କୌଣସି କାରଣ ନ ଥାଇ ସେ ସ୍ତ୍ରୀଙ୍କୁ ଝାଡ଼ୁରେ ଆକ୍ରମଣ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ମହିଳା ଥାନା ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### 'ପଣ୍ଡୁଆରେ ଗୀତାଞ୍ଜଳି ରଚନା କରିଥିଲେ ବିଶ୍ୱକବି'

■ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ

ଭୁବନେଶ୍ୱର,୭।୫(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ରବୀନ୍ଦ୍ର ମଣ୍ଡପ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ବିଶ୍ୱକବି ଟାଗୋର ଓଡ଼ିଶାର ରାହାମା ନିକଟସ୍ଥ ତାଙ୍କ ଜମିଦାରି ପଣ୍ଡୁଆରେ ଅବସ୍ଥାନ କଲାବେଳେ ଗୀତାଞ୍ଜଳି କାବ୍ୟ ରଚନା କରିଥିଲେ। ଗୀତାଞ୍ଜଳି କାବ୍ୟ ପାଇଁ ରବୀନ୍ଦ୍ରନାଥ ନୋବେଲ୍ ପୁରସ୍କାର ପାଇଥିଲେ। ଏହି ଗୀତାଞ୍ଜଳି କାବ୍ୟ ନାମରେ ଏକ ଟ୍ରେନ୍ ଗୀତାଞ୍ଜଳି ଏକ୍ସପ୍ରେସ୍ ଚଳାଚଳ କରୁଛି। ସେହି ଆଧାରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ଲାବଣ୍ୟବତୀ କାବ୍ୟ ନାମରେ ଏକ ଟ୍ରେନ୍ ଚଳାଚଳ ହେବା ଆବଶ୍ୟକ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। କେବଳ ସାହିତ୍ୟ ରଚନା ନୁହେଁ, ଶାନ୍ତିନିକେତନ ପ୍ରତିଷ୍ଠା କରି ତାହା ମାଧ୍ୟମରେ ନୀତିଶିକ୍ଷା ଓ ମୌଳିକ ଶିକ୍ଷା ପ୍ରଦାନ କରି ସମଗ୍ର ଭାରତବର୍ଷ ସହିତ ବିଶ୍ୱରେ ଉଚ୍ଚ ଶିକ୍ଷା ବିକାଶ ପାଇଁ ରବୀନ୍ଦ୍ରନାଥଙ୍କ ଅବଦାନ ଅତୁଳନୀୟ। ସେହିପରି ତାଙ୍କ ରଚିତ 'ଜନଗଣମନ ଅଧିନାୟକ' କବିତା ଆଜି ଭାରତବର୍ଷର ଜାତୀୟ ସଙ୍ଗୀତର ମାନ୍ୟତା ପାଇଛି। ସାହିତ୍ୟ, ସଙ୍ଗୀତ ଓ ଶିକ୍ଷା ପାଇଁ ବିଶ୍ୱକବିଙ୍କ ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ ପାଇଥିଲା। ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ସୁଧାଂଶୁ ମାଳିକ, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ପଣ୍ଡିତ ସର୍ବେଶ୍ୱର ଦାଶ, ଅକ୍ଷୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ରେଲୱେ କେବୁଲ ଚୋରି, ଅଭିଯୁକ୍ତ ଗିରଫ

କଟକ,୭।୫ (ଦିବାକର ସାହୁ): ରେଲୱେ କେବୁଲ ଚୋରି ଅଭିଯୋଗରେ ରେଳ ସୁରକ୍ଷା ବଳ(ଆରପିଏଫ୍) ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଦାମବାଡି ଥାନା ଅଧୀନ ନୂଆସାହି ଅଞ୍ଚଳର ସରୋଜ କୁମାର ସାହୁ। ସୋମବାର ରାତିରେ କାଠଯୋଡ଼ି ରେଳ ଷ୍ଟେଶନ ନିକଟରୁ ସରୋଜ କେବୁଲ ଚୋରି କରୁଥିବାବେଳେ ଆର୍‌ପିଏଫ୍ ହାତରେ ଧରିପଡିଥିଲେ।

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଲା କାର୍, ୧୦ ଘଣ୍ଟା ବିଦ୍ୟୁତ୍ କାଟ

ବାରଙ୍ଗ,୭।୫(ଲିଙ୍ଗରାଜ ରାଉତ): ଏକ ଦ୍ରୁତଗାମୀ କାର ଭାରସାମ୍ୟ ହରାଇ ମଙ୍ଗଳବାର ସକାଳେ କେନାଲ ବନ୍ଧ କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହୋଇଥିଲା। ଫଳରେ ବାରଙ୍ଗ ଅଞ୍ଚଳରେ ପ୍ରାୟ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁ ଅସହ୍ୟ ଗୁଳୁଗୁଳିରେ ଅଞ୍ଚଳବାସୀ ନାହିଁ ନ ଥିବା ହଇରାଣ ହୋଇଥିଲେ। ପ୍ରକାଶ ଯେ, ସକାଳ ୯ଟା ସମୟରେ ଏକ କାର୍ ଦ୍ରୁତ ଗତିରେ ପ୍ରତାପନଗରୀ ପଟକୁ ଯାଉଥିଲା। ସେତେବେଳେ ମଧୁସୂଦନପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟଟି କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

# ଦୋଷୀଙ୍କୁ ଗିରଫ ଦାବିରେ ଥାନା ଘେରାଉ

ଭୁବନେଶ୍ୱର, ୭।୫(ବନ୍ଦନା ସେଠୀ)



ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ କେନ୍ଦ୍ରକରି ୱାର୍ଡ ନଂ. ୫୫ର କର୍ପୋରେଟର ନୃପେଶ ନାୟକଙ୍କୁ ରବିବାର ପୁରୁଣା ଭୁବନେଶ୍ୱର ରଥ ରୋଡ୍‌ରେ କେତେଜଣ ଲୋକ ଆକ୍ରମଣ କରିଥିଲେ। ଏନେଇ ନୃପେଶ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାର ୨ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ନ ଥିବାରୁ ମଙ୍ଗଳବାର ସମ୍ପୃକ୍ତ ୱାର୍ଡର ବାସିନ୍ଦା ଲିଙ୍ଗରାଜ ଥାନା ଘେରାଉ କରିଥିଲେ। ପୋଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ଅପରପକ୍ଷେ ବର୍ଷା ପବନରେ ଶନିବାରଠାରୁ ସମ୍ପୃକ୍ତ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଥିବାରୁ ସ୍ଥାନୀୟ ଲୋକେ ୨ଦିନ ଧରି ଅନ୍ଧାରରେ ରହିଥିଲେ। ତେଣୁ ମଙ୍ଗଳବାର ସ୍ଥାନୀୟ ୱାର୍ଡର ପ୍ରାୟ ୨ଶହ ମହିଳା ଏକାଠି ହୋଇ ପୋଲିସ ଓ ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ବିଦ୍ୟୁତ୍ ଖୁଣ୍ଟ ପୋତିଥିଲେ। ତେବେ ଖୁଣ୍ଟ ପୋତାଯାଇଥିବା ସ୍ଥାନ ବ୍ୟକ୍ତିଗତ ଜାଗା ବୋଲି ଅଭିଯୋଗ ହେଉଥିବାରୁ ଖୁବ୍ ଶୀଘ୍ର ବିଏମ୍‌ସି ପକ୍ଷରୁ ପୁନର୍ବାର ସେଠାରେ ଡିମାର୍କେଶନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି କର୍ପୋରେଟରଙ୍କ ନାମରେ ପାଲଟା ଅଭିଯୋଗ ହୋଇଥିବାରୁ ମଙ୍ଗଳବାର ଡିସିପି ଅଫିସରୁ ତାଙ୍କୁ ପଚରାଉଚରା ପାଇଁ ଡକରା ଆସିଥିଲା। ନୃପେଶ ଅନ୍ୟ ୫ଜଣ କର୍ପୋରେଟରଙ୍କ ସହ ମିଶି ଡିସିପି ଅଫିସ ଯାଇ ଅଧିକାରୀଙ୍କୁ ଭେଟି ଘଟଣାର ମୀମାଂସା ନେଇ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ରଥ ରୋଡ୍‌ରେ ଥିବା ଉକ୍ତ ଇଲେକ୍ଟ୍ରିକ୍ ଖୁଣ୍ଟ ଶନିବାର ଉପୁଡ଼ି ପଡ଼ିଥିଲା। ରବିବାର ନୃପେଶ ଦିନ ପ୍ରାୟ ୧ଟା ବେଳେ ଖୁଣ୍ଟ ପୋତୁଥିଲେ। ଏହି ସମୟରେ ସ୍ଥାନୀୟ ସୁଆର ସାହିର ୩ ଜଣ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀମାନେ ନୃପେଶଙ୍କ ସହ ବଚସା କରିବା ସହ ମାଡ଼ ମାରିଥିଲେ। ଜନସ୍ୱାର୍ଥ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଉପରେ ଏଭଳି ଆକ୍ରମଣ ହୋଇଥିବାରୁ ସେ ନ୍ୟାୟ ମାଗିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରପକ୍ଷରୁ ମଧ୍ୟ ନୃପେଶଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ ହୋଇଥିଲା। ବାଉରିଆ ପଣ୍ଡାଙ୍କ ପୁଅ ଶ୍ୟାମ ପଣ୍ଡା ଏନେଇ ଏତଲା ଦେଇଥିଲେ। ଯେଉଁ ସ୍ଥାନରେ ଉକ୍ତ ଖୁଣ୍ଟଟି ରହିଥିଲା ସେଠାରୁ କିଛିଦୂର ଛାଡ଼ି ତାଙ୍କ ବ୍ୟକ୍ତିଗତ ଜାଗାରେ ଖୁଣ୍ଟ ପୋତାଯାଉଥିବାରୁ ସେ ବିରୋଧ କରିଥିଲେ ବୋଲି ଦର୍ଶାଇଥିଲେ। ଝଗଡ଼ା ସମୟରେ ନୃପେଶ ମଧ୍ୟ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଥିଲା।

**କର୍ପୋରେଟରଙ୍କୁ ମାଡ଼ ଘଟଣା**

**ଉପୁଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ପୋତିଲେ ମହିଳା**

# ସ୍ତ୍ରୀ ହତ୍ୟା ଘଟଣାରେ ସ୍ୱାମୀଙ୍କୁ ଆଜୀବନ ଜେଲ

କଟକ,୭।୫(କାର୍ତ୍ତିକ ସାହୁ)

ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ କଟକ ଜିଲା ଓ ସେସନ୍ସ କୋର୍ଟ ଅଭିଯୁକ୍ତ ସ୍ୱାମୀ କାଠଯୋଡ଼ି ବସ୍ତିର ଗୋବିନ୍ଦ ଓରଫ କବଳ ମୁଣ୍ଡାଙ୍କୁ ଆଜୀବନ କାରାଦଣ୍ଡାଦେଶ ନିମନ୍ତେ ରାୟ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତ ୧୦,୦୦୦ ଟଙ୍କା ଜରିମାନା ପ୍ରଦାନ ନିମନ୍ତେ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟରେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଗୋବିନ୍ଦ ୧୬ ବର୍ଷ ତଳେ ସାବିତ୍ରୀ ମୁଣ୍ଡାଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ ଥିଲେ। ଗୋବିନ୍ଦ ପ୍ରତିଦିନ ମଦ ପିଇ ଘରକୁ ଆସୁଥିବାରୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ଅର୍ଥାଭାବ ପୂରଣ ପାଇଁ ସାବିତ୍ରୀ ଜଣଙ୍କ ଘରେ ଚାକରାଣୀ ଭାବେ କାମ କରୁଥିଲେ। ୨୦୨୧ ଜୁନ୍ ୬ରେ ଘରୁ ୭ହଜାର ଟଙ୍କା ଓ ସୁନା କାନଫୁଲ ଚୋରି ହୋଇଥିବା ଗୋବିନ୍ଦ ଜାଣିବାକୁ ପାଇଥିଲେ। ସେହିଦିନ ସନ୍ଧ୍ୟାରେ ଏହାକୁ ନେଇ ଗୋବିନ୍ଦ ସାବିତ୍ରୀଙ୍କୁ ଗାଳିଗୁଲଜ କଲେ। ପରେ ଗୋବିନ୍ଦ ଉତ୍କ୍ଷିପ୍ତ ହୋଇ ଏକ ଲୁହାରଡ୍‌ରେ ସାବିତ୍ରୀଙ୍କ ମୁଣ୍ଡ ଓ ଗୋଡ଼କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେବାରୁ ସାବିତ୍ରୀ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେବା ସହ ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସାବିତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସାବିତ୍ରୀଙ୍କ ସମ୍ପର୍କୀୟ ସାରଥି କିସ୍କୋଙ୍କ ଅଭିଯୋଗ ଆଧାରରେ ମର୍କତନଗର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ଗୋବିନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ତଦନ୍ତ କରି ପୋଲିସ ଚାର୍ଜଶିଟ୍ କୋର୍ଟରେ ଦାଖଲ କରିଥିଲା। ଜିଲା ଓ ସେସନ୍ସ ଜଜ୍ ସଞ୍ଜୟ ରଞ୍ଜନ ବହିଦାର ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଆଧାରକରି ମଙ୍ଗଳବାର ମାମଲାର ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।



ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଭୁବନିପୁର ଗ୍ରାମରେ ଅନୁଷ୍ଠିତ ତାଳସଜ ମେଳଣରେ ବିରାଜମାନ ଠାକୁର।

# ତାଳସଜ ମେଳଣ

ନିମାପଡ଼ା,୭।୫(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବହୁପୁରାତନ ଭୁବନିପୁର ଗ୍ରାମରେ ତାଳସଜ ମେଳଣ ଅନୁଷ୍ଠିତ ହୋଇଯାଇଛି। ବୈଶାଖ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ୨ଦିନ ଧରି ଏହା ଅନୁଷ୍ଠିତ ହୋଇଥାଏ। ସର୍ବନିମ୍ନ ୫ରୁ ସର୍ବାଧିକ ୯ଟି ଦୋଳବିମାନରେ ପାଖଆଖ ଗ୍ରାମରୁ ଠାକୁର ମେଳଣସ୍ଥଳୀକୁ ବିଜେ କରିଥିଲେ। ସୋମବାର ପ୍ରତ୍ୟୁଷରୁ ଠାକୁରମାନେ ସୁସଜ୍ଜିତ ବିମାନରେ ବାଣ, ବାଦ୍ୟ, ରୋଷଣୀ ସହିତ ବିରାଟ ପଟୁଆରରେ ମେଳଣସ୍ଥଳୀକୁ ବିଜେ କରିଥିଲେ। ସୋମବାର ଦିନତମାମ ଠାକୁରଙ୍କ ନୀତିକାନ୍ତି କରାଯିବା ସହିତ ଦେବ ସଭା ମଣ୍ଡପରେ ହୋମ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ରାତିରେ ଆତସବାଜି ପ୍ରଦର୍ଶନ ପରେ ଠାକୁରମାନେ ଆସ୍ଥାନ ଛାଡିଥିଲେ। ତାଳସଜ ମେଳଣ ପରମ୍ପରା ବହୁ ପ୍ରାଚୀନ। ପୂର୍ବେ ମେଳଣରେ ପ୍ରଚୁର ପରିମାଣରେ ତାଳସଜ ବିକ୍ରୟ କରାଯାଉଥିରୁ ଏହାକୁ ତାଳସଜ ମେଳଣ କୁହାଯାଏ ବୋଲି ଗ୍ରାମର ପୁରୁଖା ବ୍ରଜମୋହନ ବରାଳ ଏବଂ ପବିତ୍ର ମୋହନ ବରାଳ କୁହନ୍ତି। ଚଳିତବର୍ଷ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ଶହ ସମ୍ପର୍ଣ୍ଣ ହୋଇଛି।

# ନିଖିଳାନନ୍ଦଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର

କଟକ,୭।୫(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜର ୧୨୨ତମ ପ୍ରତିଷ୍ଠା ଦିବସ ଓ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ ସମାରୋହ କଟକ ଶତାବ୍ଦୀ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଉତ୍କଳ ସାହିତ୍ୟ ସମାଜର ଇତିହାସ ଅତ୍ୟନ୍ତ ଗୌରବମୟ ବୋଲି କହିଥିଲେ। ବରେଣ୍ୟ ଅତିଥି ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡର ପ୍ରମୁଖ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ଜାତିର ଅସ୍ମିତା କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ନ୍ୟାୟିକ ଅଭିଲେଖାଗାରର ନିର୍ଦ୍ଦେଶକ ଲଲାଟେନ୍ଦୁ ଦାସମହାପାତ୍ର ଉତ୍କଳ ସାହିତ୍ୟ ସମାଜ: ଏକ ଆନ୍ଦୋଳନ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ଡକ୍ଟର ନିଖିଳାନନ୍ଦ ପାଣିଗ୍ରାହୀଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ଅନ୍ୟତମ ଉପସଭାପତି ମନୋଜ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ମନ ମୋହିଲା ଓଡ଼ିଶୀ ନୃତ୍ୟ

ସାକ୍ଷୀଗୋପାଳ,୭।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)



ସତ୍ୟବାଦୀ ବ୍ଲକର ସାରଙ୍ଗଯୋଡ଼ି ପଞ୍ଚାୟତର ଲୋକକଳା ଗ୍ରାମରେ ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ସାରଙ୍ଗଯୋଡ଼ି ସଂକୀର୍ତ୍ତନ ଓ ଲୋକସଂସ୍କୃତି ମହୋତ୍ସବ-୨୦୨୪ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ରାଜ୍ୟର ପ୍ରତିଷ୍ଠିତ ସଂକୀର୍ତ୍ତନ ଗାୟକ ଗୁରୁ ସଦାନନ୍ଦ ପ୍ରଧାନ, ଗୁରୁ ପୂର୍ଣ୍ଣଚନ୍ଦ୍ର ବାରିକ୍ ଓ ଗୁରୁ ଜଗନ୍ନାଥ ପାତ୍ର ଓ ସାଥୀ ଉଚ୍ଚକୋଟୀର ସଂକୀର୍ତ୍ତନ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୋଟିପୁଅ ଗୁରୁ ଗୋବିନ୍ଦଚନ୍ଦ୍ର ପାଳ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦେବୀ ପ୍ରସାଦ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ପିପିଲି ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ପ୍ରହ୍ଲାଦ ରାଉତ, ନିମାପଡ଼ା ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ପବିତ୍ରମୋହନ ପ୍ରଧାନ, ସାରଙ୍ଗଯୋଡ଼ି ଦେଶକୋଠ ସଭାପତି କେଦାରନାଥ ମହାପାତ୍ରଙ୍କ ସହ ଉଭୟ ଆୟୋଜକ ଅନୁଷ୍ଠାନ ସଭାପତି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଦେବଦତ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗୁରୁ କୁଳମଣି ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଦୁର୍ଗେଶ ପ୍ରସାଦ ମିଶ୍ର ଅତିଥି ପରିଚୟ ଦେଇଥିଲେ। ବିଜୟ ପଟ୍ଟନାୟକ, କୈଳାସଚନ୍ଦ୍ର ବିଶ୍ୱାଳ ସଂଯୋଜନା କରିଥିଲେ। କ୍ଷେତ୍ରପାଳୀ ମୃଦଙ୍ଗ ଅନୁଷ୍ଠାନର ସମ୍ପାଦକ ରମେଶଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବଦ୍ରିନାରାୟଣ ଖୁଣ୍ଟିଆଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ, ଡିଆର୍‌ବି ଡ୍ୟାନ୍ସ ଗ୍ରୁପର ବିବିଧ ନୃତ୍ୟ, ଖଲ୍ଲିକୋଟର ପଥରା ଗ୍ରାମରୁ ଆସିଥିବା ବିଶିଷ୍ଟ ମୃଦଙ୍ଗ ଗୁରୁ ଭାସ୍କର ଦାସଙ୍କ ଦ୍ୱାରା ପ୍ରଶିକ୍ଷିତ ଶିଶୁ କଳାକାରଙ୍କ ମୃଦଙ୍ଗ ବାଦ୍ୟ, କୈଳାସ ଗୋଟିପୁଅ ଅନୁଷ୍ଠାନର ଗୋଟିପୁଅ ନୃତ୍ୟ ଓ ସ୍ଥାନୀୟ ଶିଶୁ କଳାକାରଙ୍କ ଓଡ଼ିଶୀ ନୃତ୍ୟ ମନୋମୁଗ୍ଧକର ହୋଇଥିଲା। ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ସଙ୍ଗୀତ କ୍ଷେତ୍ରରେ ଭୁବନେଶ୍ୱର ମିଶ୍ରଙ୍କ ଅବଦାନ ଅତୁଳନୀୟ




ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର,୭।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଙ୍ଗୀତ ଜଗତର ଉଜ୍ଜ୍ୱଳ ନକ୍ଷତ୍ର ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ୩୧ତମ ପୁଣ୍ୟତିଥି ମଙ୍ଗଳବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଙ୍ଗୀତର ବିକାଶ କ୍ଷେତ୍ରରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଅବଦାନ ଅତୁଳନୀୟ। ସେ ଓଡ଼ିଶୀ ସଙ୍ଗୀତର ସ୍ୱର ଦେଉଥିବାବେଳେ ତାହାକୁ ନୃତ୍ୟରେ ଗୁରୁ କେଳୁଚରଣ ମହାପାତ୍ର ପରିବେଷଣ କରୁଥିଲେ। ଜଣେ ସଙ୍ଗୀତ ଗୁରୁ ଭାବେ ସେ ଅଗଣିତ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସମାଜରେ ସୁପ୍ରତିଷ୍ଠିତ କରିପାରିଛନ୍ତି। 'ଭୁବନ ହରି' ନାମରେ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସହ ମିଶି ସେ ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ରାଜ୍ୟରେ ସଙ୍ଗୀତର ବିକାଶରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ଗୁରୁ କେଶବ ଚନ୍ଦ୍ର ରାଉତ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅକ୍ଷୟ ଜେଠୀ, ବିଜୟ ସାହୁ, କାରୁବାକୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାକୁ ନେଇ ଉତ୍ତେଜନା, ରାସ୍ତାରୋକୋ

ନିମାପଡ଼ା,୭।୫(ବିଚିତ୍ରାନନ୍ଦ ସାହୁ)




ନିମାପଡ଼ା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ ଷ୍ଟାଇଲ ବଜାର ସମ୍ମୁଖରେ ମଙ୍ଗଳବାର ଏକ ବାଲି ବୋଝେଇ ହାଇୱା (ଏମ୍‌ଏଚ୍‌୪୨ଏକ୍ୟୁ୭୬୮୮) ଧକ୍କାରେ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ହେଲେ ନିମାପଡ଼ା ଥାନା ଅଧୀନ ଅଂଶାଲୋ ଗ୍ରାମର ପୂଜାସ୍ମିତା ବେହେରା (୩୨)। ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଆହତ ମହିଳାଙ୍କୁ କ୍ଷତିପୂରଣ ଯୋଗାଇ ଦେବା ସହ ହାଇୱା ଚାଳକଙ୍କୁ ଗିରଫ କରାଯିବାକୁ ଦାବି କରିଥିଲେ। ଜନଗହଳିପୂର୍ଣ୍ଣ ନିମାପଡ଼ା ଛକ ବଜାର ରୁଟରେ ସକାଳ ୯ଟାରୁ ହାଇୱା, ବାଲି ଗୋଡ଼ି ବୋଝେଇ ଭାରିଯାନ ବନ୍ଦ କରିବା ଦାବିରେ ଶତାଧିକ ଉତ୍ତ୍ୟକ୍ତ ଲୋକ ଦୁର୍ଘଟଣାସ୍ଥଳରେ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏସ୍‌ଆଇ ଦିଲୀପ ପଣ୍ଡା, ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ଆହତ ମହିଳାଙ୍କ ଶ୍ୱଶୁର ବିଶ୍ୱଜିତ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ହାଇୱାକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

ପୂଜାସ୍ମିତା ତାଙ୍କ ସ୍ୱାମୀ ବ୍ୟୋମକେଶ ସାହୁଙ୍କ ସହ ସ୍କୁଟିରେ ନିମାପଡ଼ା ଆସୁଥିବାବେଳେ ଦ୍ରୁତ ଗତିରେ ଆସୁଥିବା ହାଇୱାଟି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣଙ୍କ ତଳେ ପଡ଼ିଯିବାରୁ ହାଇୱାଟି ତାଙ୍କ ଗୋଡ଼ରେ ଚଢି ଯାଇଥିଲା। ଗୁରୁତର ଅବସ୍ଥାରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ସ୍ଥାନୀୟ ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ଚାଳକ ହାଇୱା ଛାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜନଗହଳିପୂର୍ଣ୍ଣ ନିମାପଡ଼ା ଛକ ରାସ୍ତାରେ ଭାରିଯାନ ଚଳାଚଳ ସକାଳ ୯ରୁ ରାତି ୧୦ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ନିକଟରେ ଦାବି କରିଛନ୍ତି।

**ହାଇୱା ଧକ୍କାରେ ସ୍କୁଟି ଆରୋହୀ ଗୁରୁତର**

Government of Odisha
Department of Social Security
and Empowerment of Persons with Disabilities

No.3443/SSEPD Dt.04.05.2024

SSEPD-DA6-SCH-0004-2023

**2nd CORRIGENDUM TO**
**e-TENDER NOTICE NO. 1644 Dated 02.03.2024**

**No.gg-01:** In pursuance with Technical Committee meeting for consideration of the submissions of prospective bidders in the Pre-bid meeting held on 15.03.2024, following is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024:
1. Annexure-1: List of Equipment with Technical Specifications of the Tender Document is hereby revised by incorporating the recommendations of the technical committee. The Final List of Equipment along with Proceedings is enclosed at Annexure-1.
2. An undertaking/ affidavit should be submitted by the bidders to ensure that they have not been declared ineligible, non-performing, involved in fraud or blacklisted etc. by any State Govt. / Central Govt. /PSU and if found involved in any of the above fraudulent practices anytime, their bid may be cancelled or rejected summarily.
3. There should be service centres setup at Odisha by the selected agencies for repair, replacement and maintenance of the equipment to be installed for seamless post sales service. The agreement of the selected bidder should be legally vetted by experts so that any dispute regarding maintenance of the equipment can be addressed in time properly. 4. Department will consider installation of the equipment by the selected (L1) bidder in one or two centres initially so that after three months of operation the performance can be judged and reported on the basis of data. On the basis of satisfactory performances, installation in other centres may be considered during the year. 5. Last date for submission of e-tender bids was extended up to 27.05.2024-5 PM vide corrigendum notice No. 2593/SSEPD dtd. 22.03.2024. Technical Bids will be opened on Dt. 28.05.2024- 11.30 AM at Conference Hall of SSEPD Department, Lokseva Bhawan, Bhubaneswar.

Sd./- Director
SSEPD Department

OIPR-46001/11/0001/2425

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୦୫।୨୦୨୪

| ୩,୦୩, ୮୪୧ ଟଙ୍କା | |
|---|---|
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୨୧.୫୦୦ ଗ୍ରାମ୍ |

# ଖପୁରିରୁ ବାହାରିଲା ୭କେଜି ଟ୍ୟୁମର

## ଏମ୍ସର ସଫଳତା, ଭାରତରେ ଦ୍ୱିତୀୟ

ଭୁବନେଶ୍ୱର,୭।୫(ଅସମାପିକା ସାହୁ)

ଏମ୍ସ ଭୁବନେଶ୍ୱରରେ ଏକ ବିରଳ ସିନୋଭିଆଲ ସାର୍କୋମା ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି। ଜଣେ ୫୧ବର୍ଷୀୟ ବ୍ୟକ୍ତିଙ୍କ ଖପୁରିର ଉପର ଅଂଶରୁ ପ୍ରାୟ ୭କେଜିର ଟ୍ୟୁମର ବାହାର କରାଯାଇଛି, ଯାହାକି ଭାରତରେ ଦ୍ୱିତୀୟ ବୋଲି କୁହାଯାଇଛି। ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି ଏମ୍ସ।

ସୂଚନାନୁସାରେ, ପଶ୍ଚିମବଙ୍ଗର ରବୀନ୍ଦ୍ର ବିଶୁଇ (୫୧)ଙ୍କ ଖପୁରିର ଉପର ଅଂଶ (ସ୍କାଲ୍ପ)ରୁ ପ୍ରାୟ ୭କେଜି ଓଜନର ବିରଳ ସିନୋଭିଆଲ ସାର୍କୋମା ଟ୍ୟୁମରକୁ ସଫଳତାର ସହିତ ଅସ୍ତ୍ରୋପଚାର କରାଯାଇଛି। ଦୁଇଦଶନ୍ଧି ହେବ ସେ ଏହି ଟ୍ୟୁମରରେ ପୀଡ଼ିତ ଥିଲେ। ମାତ୍ର ଗତ କିଛି ମାସ ମଧ୍ୟରେ ଏହା ବହୁମାତ୍ରାରେ ବୃଦ୍ଧି ପାଇ ପ୍ରାୟ ୭କେଜିରେ ପହଞ୍ଚିଥିଲା, ଯାହା ତାଙ୍କ ଜୀବନକୁ ଦୁର୍ବିଷହ କରିପକାଇଥିଲା। ସେ ଏହି ବିରଳ ଟ୍ୟୁମର ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରୁ ନିରାଶ ହୋଇ ଫେରିବା ପରେ ଏମ୍ସ ଭୁବନେଶ୍ୱରର ପ୍ଲାଷ୍ଟିକ ସର୍ଜରି ବିଭାଗକୁ ଆସିଥିଲେ। ବିରଳ ସିନୋଭିଆଲ ସାର୍କୋମା ଟ୍ୟୁମର୍ ଭାବେ ଚିହ୍ନଟ ହେଲା ପରେ ପାରମ୍ପରିକ ଚିକିତ୍ସା ପଦ୍ଧତି ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତେବେ ଏପରି କାର୍ଯ୍ୟକୁ ସୁଚାରୁରୂପେ ସମ୍ପନ୍ନ କରିବା ଲାଗି ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ଲାଷ୍ଟିକ ସର୍ଜରି ବିଭାଗ ମୁଖ୍ୟ ଡା. ସଞ୍ଜୟ କୁମାର ଗିରିଙ୍କ ନେତୃତ୍ୱରେ ଇଣ୍ଟରଭେନ୍ସନାଲ ରେଡିଓଲୋଜି, ସର୍ଜିକାଲ ଅଙ୍କୋଲୋଜି, ନ୍ୟୁରୋ ସର୍ଜରି, ପ୍ଲାଷ୍ଟିକ ସର୍ଜରି, ଆନାସ୍ଥେସିଓଲୋଜି ଏବଂ ପାଥୋଲୋଜି ବିଶେଷଜ୍ଞଙ୍କୁ ନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇ ଏହି ଅପରେଶନ ନିମନ୍ତେ ରଣନୀତି ପ୍ରସ୍ତୁତ ହୋଇଥିଲା। ଅତ୍ୟନ୍ତ ଜଟିଳ ପଦ୍ଧତି ସହାୟତାରେ ଦୀର୍ଘ ୭ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ମାରାତ୍ମକ ଟ୍ୟୁମରର ସଫଳ ଅସ୍ତ୍ରୋପଚାର ସମାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ୬ୟୁନିଟ ରକ୍ତ ବ୍ୟବହାର ହୋଇଥିଲା। ସଫଳ ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଅଧିକ ନିରୀକ୍ଷଣ ଏବଂ ଚିକିତ୍ସା ପ୍ରଦାନ ନିମିତ୍ତ ୱାର୍ଡକୁ ସ୍ଥାନାନ୍ତର କରିବା ପୂର୍ବରୁ ୨୪ ଘଣ୍ଟା ପାଇଁ ଆଇସିୟୁରେ ରଖାଯାଇଥିଲା।

ଦୀର୍ଘବର୍ଷ ହେବ ଭୋଗୁଥିବା ଏହି ମାରାତ୍ମକ ଟ୍ୟୁମରକୁ କାଢ଼ି ଏମ୍ସର ଡାକ୍ତରୀଦଳ ତାଙ୍କୁ ଏକ ନୂତନ ଜୀବନ ଦେଇଥିବା ରବୀନ୍ଦ୍ର ବିଶୁଇ ପ୍ରକାଶ କରିଛନ୍ତି। ଖପୁରିର ଉପରଭାଗରେ ସାଧାରଣତଃ ଏଭଳି ଟ୍ୟୁମର ଦେଖାଯାଇ ନ ଥାଏ। ମାତ୍ର ଥରେ ହେଲେ ଏହା ପ୍ରାଣଘାତୀ ସାବ୍ୟସ୍ତ ହୋଇଥାଏ। ତେଣୁ ଅତ୍ୟନ୍ତ ସତର୍କତାର ସହିତ ଏହାକୁ କଢ଼ା ନ ଗଲେ ରୋଗୀ ପାଇଁ ଏହା ବିପଦପୂର୍ଣ୍ଣ ପ୍ରତିପାଦିତ ହୋଇଥାଏ। ଭାରତରେ ଏପରି ଅସ୍ତ୍ରୋପଚାର ଦ୍ୱିତୀୟ ଥର ପାଇଁ ସମ୍ପାଦିତ ହୋଇଥିବା କୁହାଯାଉଛି। ଏହି ବିରଳ ଅପରେଶନରେ ସମ୍ପୃକ୍ତ ଥିବା ଡାକ୍ତରୀ ଦଳ ତଥା ସମସ୍ତ ଅଂଶୀଦାରଙ୍କୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଅଭିନନ୍ଦନ ଜଣାଇଛନ୍ତି। ଏମ୍ସ ଭୁବନେଶ୍ୱର ରାଜ୍ୟ ତଥା ପଡ଼ୋଶୀ ରାଜ୍ୟବାସୀଙ୍କୁ ସର୍ବଦା ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ପ୍ରତିବଦ୍ଧ ଥିବା ଡା. ବିଶ୍ୱାସ କହିଛନ୍ତି। ଏମ୍ସ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା ଏଥିପାଇଁ ଡାକ୍ତରୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଅସ୍ତ୍ରୋପଚାର ପରେ ରବୀନ୍ଦ୍ର ବିଶୁଇଙ୍କ ସହ ଡାକ୍ତରୀ ଦଳ।

# ଆଜି ୬ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

## ବନକଲାଗି ନୀତି, ଅନବସର କାର୍ଯ୍ୟ ହେବ

**ପୁରୀ,୭।୫(ଅଜିତ୍ ମହାନ୍ତି):** ବୈଶାଖ ମାସ ଅମାବାସ୍ୟା ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ସେହିପରି ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଥିବାରୁ ବୁଧବାର ଅନବସର ନୀତି ସମ୍ପୃକ୍ତ କେତେକ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ ସମ୍ପାଦିତ ହେବ। ବୁଧବାର ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମଙ୍ଗଳବାର ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାବେଳେ ଦତ୍ତମହାପାତ୍ର ସେବକମାନେ ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ବନକଲାଗି ଓ ଅନବସର ପିଣ୍ଡିରେ ଥିବା କାର୍ଯ୍ୟ ସରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ।

# ଟଙ୍କା ଲୁଟ୍ ଘଟଣା, ଅଭିଯୁକ୍ତ ଗିରଫ

**କଟକ,୭।୫ (ଦିବାକର ସାହୁ):** ଲୁଟ୍ ଘଟଣାରେ କ୍ୟାଣ୍ଟନମେଣ୍ଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଉତ୍ତମ କୁମାର। ତାଙ୍କଠାରୁ ୨ଟି ମୋବାଇଲ ଫୋନ୍, ୩୪୦୦ ଟଙ୍କା ଓ ଲୁଟ୍ ଘଟଣାରେ ବ୍ୟବହୃତ ଅଟୋ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲା କୁଆଖିଆ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା କଟକ ବାରବାଟୀ ଷ୍ଟାଡିୟମ୍‌ର ୨ନଂ ଗେଟ୍ ନିକଟରେ ପଇଡ ବ୍ୟବସାୟ କରନ୍ତି। ଫେବୃଆରୀ ୨୮ ତାରିଖ ରାତି ସାଢେ ୮ଟାରେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି ୧୫ଟି ପଇଡ ପାର୍ସଲ କରିବା ପାଇଁ ଅର୍ଡର କରିଥିଲେ। ପରେ ବ୍ୟକ୍ତି ଜଣଙ୍କ ପାଖ ଦୋକାନରୁ ଥଣ୍ଡା ପାନୀୟ କିଣି ଆଣି ପୂର୍ଣ୍ଣଚନ୍ଦ୍ରଙ୍କୁ ପିଇବାକୁ ଦେଇଥିଲେ। ଏହାପରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହି ସମୟରେ ଅଟୋରେ ଥିବା ଅନ୍ୟ ୨ଜଣ ଅଭିଯୁକ୍ତ ଆସି ତାଙ୍କ ନିକଟରୁ ୫୮ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ଏ ନେଇ ପୂର୍ଣ୍ଣଚନ୍ଦ୍ର ଥାନାରେ ଏତଲା ଦେଇଥିଲେ।



**ପୁରୀ:** ଆସନ୍ତା ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀ ପରିସରସ୍ଥ ଚନ୍ଦନ ଚକଡ଼ାକୁ ସୁସଜ୍ଜିତ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ନରାଜରୁ କୁଟୁରା ଉଦ୍ଧାର

ବାରଙ୍ଗ,୭।୫(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ନିକଟସ୍ଥ ନରାଜ ଗ୍ରାମରୁ ମଙ୍ଗଳବାର ସକାଳେ ଏକ କୁଟୁରା ଉଦ୍ଧାର ହୋଇଛି। ଉଦ୍ଧାର କୁଟୁରାଟି ଅଣ୍ଡିରା ହୋଇଥିବାବେଳେ ତା'ର ବୟସ ୭/୮ ବର୍ଷ ହେବ ବୋଲି ଜଣାପଡ଼ିଛି। ମଙ୍ଗଳବାର ବଡ଼ିଭୋର ସମୟରେ କୁକୁରମାନଙ୍କ କବଳରୁ ନିଜକୁ ବଞ୍ଚାଇବାକୁ ଯାଇ କୁଟୁରାଟି ନରାଜ ଗ୍ରାମ ଆଡ଼େ ଆସୁଥିବା କେତେଜଣ ଲୋକ ଦେଖିଥିଲେ। କୁଟୁରାଟି ଜୀବନ ବଞ୍ଚାଇବାକୁ ଯାଇ ନରାଜ ଗ୍ରାମର ମହେଶ୍ୱର ରାଉତଙ୍କ ଗୁହାଳ ଘରେ ପଶିଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ଚନ୍ଦକା ଡମପଡ଼ା ଅଭୟାରଣ୍ୟର ବନବିଭାଗ କର୍ମଚାରୀ ଆସି କୁଟୁରାଟିକୁ ଉଦ୍ଧାର କରି ଅଭୟାରଣ୍ୟରେ ପୁଣି ଛାଡ଼ି ଦେଇଥିଲେ।

# ଅକ୍ଷୟତୃତୀୟାରେ ରାତି ୩ରୁ ଶ୍ରୀମନ୍ଦିର ଦ୍ୱାରଫିଟା

ପୁରୀ,୭।୫(ଅଜିତ୍ ମହାନ୍ତି)

ଆସନ୍ତା ୧୦ ତାରିଖ ପବିତ୍ର ଅକ୍ଷୟତୃତୀୟାଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ କାର୍ଯ୍ୟର ଅନୁକୂଳ ହେବ। ଏଥିସହ ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଏଥିନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀବିଗ୍ରହଙ୍କ ଅକ୍ଷୟତୃତୀୟାର ନୀତି ନିର୍ଘଣ୍ଟ ପ୍ରକାଶ କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ ଅକ୍ଷୟତୃତୀୟା ଦିନ ରାତ୍ର ୩ଟାରେ ଶ୍ରୀମନ୍ଦିରର ଦ୍ୱାରଫିଟା ଯିବ। ୩ଟା ୩୦ରେ ଭିତରଶୋଧ, ୪ଟାରେ ମଙ୍ଗଳଆଳତି, ୪ଟା ୩୦ରେ ମଇଲମ ଓ ତଡପଲାଗି, ୫ଟା ୩୦ରେ ଅବକାଶ, ସକାଳ ୬ଟାରେ ରୋଷହୋମ, ୬ଟା ୧୫ରେ ସୂର୍ଯ୍ୟପୂଜା, ସକାଳ ୬ଟା ୩୦ରେ ଦ୍ୱାରପାଳ ପୂଜା, ୬ଟା ୩୦ ବେଶ ଶେଷ, ୭ଟାରେ ଗୋପାଳବଲ୍ଲଭ ନୀତି, ୭ଟା ୩୦ରୁ ୯ଟାରେ ସକାଳଧୂପ (କେବଳ କୋଠଭୋଗ), ପୂର୍ବାହ୍ନ ୧୦ଟାରେ ମଇଲମ ଓ ଯାତ୍ରାଙ୍ଗୀ ମହାସ୍ନାନ, ୧୦ଟା ୪୦ରେ ଚନ୍ଦନ ବେଢା, ୧୧ଟା ୩୦ରେ ଖଇକୋରା ଭୋଗ, ମଧ୍ୟାହ୍ନ ୧୨ଟାରେ ସର୍ବାଙ୍ଗ, ଅପରାହ୍ନ ୧ଟାରେ ବେଶ ଶେଷ, ଦକ୍ଷିଣୀ ଘର ଭୋଗ ଶେଷ, ୧ଟାରୁ ୨ଟା ୩୦ରେ ଘଣ୍ଟଛତା ଯାତ ଭୋଗ ଓ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ୩ଟାରେ ଦ୍ୱାଦଶଯାତ୍ରା ଓ ନକ୍ଷତ୍ର ବନ୍ଦାପନା, ୩ଟା ୧୫ରେ ଜୟ ବିଜୟ ଦ୍ୱାରରେ ଭୋଗ ବନ୍ଦାପନା, ୩ଟା ୩୦ରେ ବିମାନକୁ ବିଜେ, ୪ଟାରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବା, ୪ଟା ୩୦ରେ ଭୋଗମଣ୍ଡପ, ୫ଟାରୁ ୫ଟା ୪୫ରେ ମଇଲମ ଓ ବେଶ, ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ସନ୍ଧ୍ୟାଧୂପ (କେବଳ କୋଠଭୋଗ), ୮ଟା ୩୦ଟାରେ ମଇଲମ, ୯ଟା ୧୫ରେ ଆଇଟଲାଗି, ୧୦ଟାରେ ପଣାଭୋଗ ଓ ଚନ୍ଦନ ଠାକୁର ବାହୁଡ଼ା ବିଜେ, ୧୦ଟା ୩୦ରେ ମଇଲମ ଓ ଚନ୍ଦନଲାଗି, ରାତ୍ର ୧୧ଟା ୩୦ଟାରେ ବଡସିଂହାର ବେଶ, ୧୨ଟାରେ ବଡସିଂହାର ଭୋଗ ଏବଂ ରାତି ୧୨ଟା ୩୦ରେ ରାତ୍ର ପହୁଡ଼ ସମ୍ପନ୍ନ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ୧୫ ତାରିଖ ନୀଳାଦ୍ରି ମହୋଦୟାଷ୍ଟମୀ, ୨୨ ତାରିଖ ନୃସିଂହ ଜନ୍ମ ଏବଂ ୨୯ ତାରିଖ ଭଉଁରି ଯାତ୍ରାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି ଥିବାରୁ ଉକ୍ତ ଦିନଗୁଡ଼ିକରେ ରାତ୍ର ୩ଟାରୁ ଶ୍ରୀମନ୍ଦିର ଦ୍ୱାରା ଖୋଲାଯାଇ ନୀତିକାନ୍ତି ଆରମ୍ଭ ହେବ। ଅପରପକ୍ଷରେ ସାଧାରଣ ଦିନର ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ୪ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ନୀତିକାନ୍ତି ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମରଜିତ୍



@ ଦେବାଶିଷ



@ ରଶ୍ମିତା



@ ବୁବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରୋବୋଟିକ୍ସ ରିସର୍ଚ୍ଚରେ ଓଡ଼ିଆ ପୁଅ ଚିନ୍ମୟଙ୍କ ଅନ୍ତର୍ଜାତୀୟ ସଫଳତା

ଭୁବନେଶ୍ୱର, ୭।୫(ବନ୍ଦନା ସେଠୀ)

ରୋବୋଟିକ୍ସ ରିସର୍ଚ୍ଚ କ୍ଷେତ୍ରରେ ଅନ୍ତର୍ଜାତୀୟ ସଫଳତା ହାସଲ କରିଛନ୍ତି ଓଡ଼ିଆ ପୁଅ ଚିନ୍ମୟ ମିଶ୍ର। ତାଙ୍କ ଗବେଷଣା ଓ ଅନୁସନ୍ଧାନ ପାଇଁ ସେ ୟୁରୋପୀୟ ଏବଂ ପାଶ୍ଚାତ୍ୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ସ (ଲାଇକ୍ ଚାଟ୍‌ଜିପିଟି) ବ୍ୟବହାର କରି ରୋବୋଟରେ ଆବେଗକୁ ସ୍ୱୟଂଚାଳିତ କରିବା ଆଜି ବିଶ୍ୱର ଅଗ୍ରଣୀ ଅନୁସନ୍ଧାନ ଭାବେ ପରିଗଣିତ ହୋଇଛି, ଯାହା ମାନବ-ରୋବଟ ମଧ୍ୟରେ ଯୋଗାଯୋଗ ଓ ଭାବ ଆଦାନ ପ୍ରଦାନ କାର୍ଯ୍ୟକୁ ଅନେକ ସହଜ କରିବ। ଏଥିରେ ଚିନ୍ମୟଙ୍କ ଗବେଷଣା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅବଦାନ ଭାବେ ଉଭା ହୋଇଛି। ମାନବ-ରୋବଟ ପାରସ୍ପରିକ ଯୋଗାଯୋଗ ସମୟରେ ଏକ ରୋବଟର ଭାବକୁ ସ୍ୱୟଂଚାଳିତ କରିବା ପାଇଁ ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ସ ଲାଇକ୍ ଚାଟ୍‌ଜିପିଟିଗୁଡ଼ିକର ପ୍ରୟୋଗ ବିଶ୍ୱରେ ପ୍ରଥମ ହୋଇଥିବାରୁ ଅନେକ ପ୍ରଶଂସା ସାଉଁଟୁଛି। ସମ୍ବଲପୁରର ବୁର୍ଲାଠାରେ ଜନ୍ମଗ୍ରହଣ କରିଥିବା ଚିନ୍ମୟ ପୁରୀ ଓ ଜୟପୁରର ବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ। ଏହାପରେ ସେ ଭୁବନେଶ୍ୱରରେ ଆଇଟିଇଆର୍ ଇଞ୍ଜିନିୟରିଂ କଲେଜ ଓ ଜର୍ମାନୀର କାଇଜରସ୍ଲଟର୍ଣ୍ଣରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଏବେ ସେ ନେଦରଲାଣ୍ଡ ମାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସାଇକୋଲିଙ୍ଗୁଇଷ୍ଟିକ୍ସରେ ମଲ୍ଟିମୋଡାଲ ଭାଷା ବିଭାଗରେ ଜଣେ ପୋଷ୍ଟ ଡକ୍ଟରାଲ ରିସର୍ଚ୍ଚର ଭାବେ କାର୍ଯ୍ୟରତ। ରୋବୋଟିକ୍ସ ରିସର୍ଚ୍ଚ କ୍ଷେତ୍ରରେ ଏହି ସଫଳତା ପରେ ସେ ଖୁବ୍ ଶୀଘ୍ର ଓଡ଼ିଶାକୁ ଫେରି ରୋବୋଟିକ୍ସ କ୍ଷେତ୍ରରେ କିଛି ନୂଆ ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି।



# 'ସଫଳତା ପାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କର'

## ବିଶ୍ୱ ଦକ୍ଷତା କେନ୍ଦ୍ର 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗର ୩ୟ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୭।୫(ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରର 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗର ତୃତୀୟ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କ୍ୟାରିୟରରେ ସଫଳତା ପାଇବାକୁ ହେଲେ ଲକ୍ଷ୍ୟ ଧାର୍ଯ୍ୟ କରିବା ସହିତ କଠିନ ପରିଶ୍ରମ କରିବାକୁ ପଡ଼ିବ। ତେଣୁ ବିଶ୍ୱ ଦକ୍ଷତା କେନ୍ଦ୍ର ଭଳି ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ରରେ ତାଲିମ ନେଇ ବାହାରୁଥିବା ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ବୋଲି ତାଙ୍କର ଆଶା ରହିଥିବା ସେ ପ୍ରକାଶ କରିଥିଲେ। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ପ୍ରତିଯୋଗିତାମୂଳକ ବଜାରରେ ନିଜ ଦକ୍ଷତା ପ୍ରଦର୍ଶନ କରି କିପରି ପ୍ରତିଷ୍ଠିତ ହେବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୦୨୩-୨୪ ବ୍ୟାଚ୍‌ରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସମାବର୍ତ୍ତନ ଉତ୍ସବ ଅବସରରେ ପ୍ରତ୍ୟେକ ଟ୍ରେଡ୍‌ରୁ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। 'ବ୍ୟୁଟି ୱେଲ୍‌ନେସ ଆଣ୍ଡ ସ୍ପା' ଟ୍ରେଡ୍‌ର ଛାତ୍ରୀ ଅଞ୍ଜୁମ ଆର୍ ପରୱିନଙ୍କୁ ସ୍ୱର୍ଣ୍ଣ, ସୁସ୍ମିତା ନାଥଙ୍କୁ ରୌପ୍ୟ ଏବଂ ଏସ୍. ଗୌତମୀ ରାଓଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି। 'ହେୟାର ଫ୍ୟାଶନ ଆଣ୍ଡ ଡିଜାଇନ' ଟ୍ରେଡ୍‌ରେ ଅମ୍ରିତା ବିଶ୍ୱାଳଙ୍କୁ ସ୍ୱର୍ଣ୍ଣ, ସି.ଏଚ୍. କୀର୍ତ୍ତନିଆଙ୍କୁ ରୌପ୍ୟ ଏବଂ ବନଜ୍ୟୋସ୍ନା ଆଇଚଙ୍କୁ ବ୍ରୋଞ୍ଜ ପଦକ ଦିଆଯାଇଛି। ସେହିପରି ଡମ୍ବରୁଧର ବାରିକଙ୍କୁ ସ୍କୁଲ ଅଫ୍ ସର୍ଭିସେସ ବିଭାଗରେ ବେଷ୍ଟ ଟ୍ରେନି ଭାବେ ସମ୍ମାନିତ କରାଯାଇଛି। ସମାବର୍ତ୍ତନ ଉତ୍ସବରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି. ଥମ୍ବିରାଜା ସ୍ୱାଗତ ଭାଷଣ ଏବଂ ଉପାଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ସର୍ଭିସେସ୍‌ର ନିର୍ଦ୍ଦେଶକ ଲିମ୍ ଲାଇ ସୁନ୍, ସ୍କୁଲ ଅଫ ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ ପିଚାଇନ ଆନ୍ଥୋନିସାମି ପ୍ରମୁଖ ଯୋଗ ଦେଇଥିଲେ।





ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର।

# ଜଳୁଛି ଜଙ୍ଗଲ, ଅସୁରକ୍ଷିତ ବନ୍ୟଜନ୍ତୁ

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଲୋକେ ଗରମରେ ସନ୍ତୁଳି ହେଉଥିବାବେଳେ ଜଙ୍ଗଲ ନିଆଁ ସମସ୍ୟାକୁ ଦ୍ୱିଗୁଣିତ କରି ଦେଉଛି। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ପାହାଡ଼ ତଳି ଅଞ୍ଚଳରେ ତାପମାତ୍ରା ବହୁତ ବଢ଼ିଯାଉଛି। ମାନବକୃତ ଓ ପ୍ରାକୃତିକ ଦୁର୍ବିପାକ ଯୋଗୁ ଏହି ନିଆଁ ଲାଗୁଛି। ଜଙ୍ଗଲ ନିଆଁ ନିୟନ୍ତ୍ରଣ, ବନଜାତ ଦ୍ରବ୍ୟ, ବନ୍ୟ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ ଏଥିରେ ଆଶାନୁରୂପ ସଫଳତା ମିଳୁନାହିଁ। ରାଉରକେଲା ବନଖଣ୍ଡ ଅଧୀନ ୬ଟି ଫରେଷ୍ଟ ରେଞ୍ଜ ବାଙ୍କି, ବିଶ୍ରା, ବୀରମିତ୍ରପୁର, କୁଆଁରମୁଣ୍ଡା, ପାନପୋଷ ଓ ରାଜଗାଙ୍ଗପୁର ଜଙ୍ଗଲରେ ପ୍ରତିବର୍ଷ ଖରାଦିନେ ନିଆଁ ଲାଗୁଛି। ୨୦୨୧-୨୨ ଅପେକ୍ଷା ୨୦୨୩ରେ ରାଉରକେଲା ବନବିଭାଗ ଅନ୍ତର୍ଗତ ୬ଟି ଫରେଷ୍ଟ ରେଞ୍ଜରେ ଅଗ୍ନିକାଣ୍ଡଜନିତ ଘଟଣା ବଳବତ୍ତର ରହିଛି।

ରାଉରକେଲାର ୬ଟି ଫରେଷ୍ଟ ରେଞ୍ଜରେ ବନ ଅଗ୍ନିକାଣ୍ଡ ସମ୍ବନ୍ଧୀୟ ମିଳିଥିବା ରିପୋର୍ଟ ଅନୁସାରେ, ୨୦୨୧ ଆର୍ଥିକ ବର୍ଷରେ ବାଙ୍କି ଫରେଷ୍ଟ ରେଞ୍ଜରେ ମୋଟ ୨୮୧ଟି ବନ କ୍ଷେତ୍ରାଞ୍ଚଳରେ ନିଆଁ ଲାଗିଥିଲା। ଫଳରେ ୨୯.୪୭ ହେକ୍ଟର ପରିବ୍ୟାପ୍ତ ମୂଲ୍ୟବାନ ବୃକ୍ଷ ଏବଂ ଜୀବଜନ୍ତୁ ପ୍ରଭାବିତ ହୋଇଥିଲେ। ୨୦୨୨ରେ ଉକ୍ତ ଫରେଷ୍ଟ ରେଞ୍ଜରେ ୩୯ବନ କ୍ଷେତ୍ରାଞ୍ଚଳର ୦.୬୩୧ ହେକ୍ଟର, ୨୦୨୩ ଆର୍ଥିକବର୍ଷରେ ୧୦୧ ବନ କ୍ଷେତ୍ରାଞ୍ଚଳର ୪.୮୬୩ ହେକ୍ଟର, ବିଶ୍ରା ଫରେଷ୍ଟ ରେଞ୍ଜରେ ୨୦୨୧ରେ ୨୪ ବନ କ୍ଷେତ୍ରାଞ୍ଚଳର ୪.୧ ହେକ୍ଟର, ୨୦୨୨ରେ ୧୧ଟି ବନ କ୍ଷେତ୍ରାଞ୍ଚଳର ୦.୧୮ ହେକ୍ଟର ବ୍ୟାପି ନିଆଁ ଲାଗିଥିଲା। ମାତ୍ର ୨୦୨୩ ଆର୍ଥିକବର୍ଷରେ ୪୭ଟି ବନ କ୍ଷେତ୍ରାଞ୍ଚଳର ୦.୨୩୬ ହେକ୍ଟର ଜଙ୍ଗଲରେ ନିଆଁ ଲାଗିଥିଲା। ବୀରମିତ୍ରପୁର ଫରେଷ୍ଟ ରେଞ୍ଜରେ ୨୦୨୧ରେ ୬୩ କ୍ଷେତ୍ରାଞ୍ଚଳରେ ୨.୬୮ହେକ୍ଟର, ୨୦୨୨ରେ ୯ଟି ବନ କ୍ଷେତ୍ରାଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା। ୨୦୨୩ରେ ୨୮ଟି ବନ କ୍ଷେତ୍ରାଞ୍ଚଳରେ ନିଆଁଲାଗି ୧୦.୪୬୯ ହେକ୍ଟର ବୃକ୍ଷଲତା ଜୀବଜନ୍ତୁ ପ୍ରଭାବିତ ହୋଇଥିଲେ। ସେହିଭଳି କୁଆଁରମୁଣ୍ଡା ଫରେଷ୍ଟ ରେଞ୍ଜରେ ୨୦୨୧ରେ ୧୫୦ଟି ବନାଞ୍ଚଳର ୮.୫୫ହେକ୍ଟର ବନଜଙ୍ଗଲ, ୨୦୨୨ରେ ୧୯ଟି ବନକ୍ଷେତ୍ରାଞ୍ଚଳର ୦.୩୮୧ ହେକ୍ଟର, ୨୦୨୩ରେ ୮୫ଟି ବନ କ୍ଷେତ୍ରାଞ୍ଚଳର ୧୦.୬୯ହେକ୍ଟର, ପାନପୋଷ ଫରେଷ୍ଟ ରେଞ୍ଜରେ ୨୦୨୧ରେ ୯୦ଟି ବନ କ୍ଷେତ୍ରାଞ୍ଚଳର ୨୩.୦୦୩ ହେକ୍ଟର, ୨୦୨୨ରେ ୨୪ଟି ବନ କ୍ଷେତ୍ରାଞ୍ଚଳର ୫.୯୫ ହେକ୍ଟର, ୨୦୨୩ରେ ୬୮ବନ କ୍ଷେତ୍ରାଞ୍ଚଳର ୯.୯୪ ହେକ୍ଟର, ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜରେ ୨୦୨୧ରେ ୨୨୫ଟି ବନ କ୍ଷେତ୍ରାଞ୍ଚଳର ୪୧.୪୮୨ହେକ୍ଟର, ୨୦୨୨ରେ ୩୩ଟି ବନ କ୍ଷେତ୍ରାଞ୍ଚଳର ୩.୮୭୬ହେକ୍ଟର, ୨୦୨୩ରେ ୧୬୮ଟି ବନ କ୍ଷେତ୍ରାଞ୍ଚଳର ୧୧.୪୪୮ହେକ୍ଟରରେ ନିଆଁ ଲାଗି ଜଙ୍ଗଲ ଓ ଜୀବଜନ୍ତୁ ପ୍ରଭାବିତ ହୋଇଥିଲେ। ତେବେ ୩ ବର୍ଷରେ ହୋଇଥିବା ଜଙ୍ଗଲ ନିଆଁ ମାମଲାକୁ ପ୍ରତିଶତରେ ଆକଳନ କରାଗଲେ ୨୦୨୧ରେ ୬ଟି ଫରେଷ୍ଟ ରେଞ୍ଜରେ ୮୩୩ଟି ବନ କ୍ଷେତ୍ରାଞ୍ଚଳର ୧୦୯ହେକ୍ଟର, ୨୦୨୨ରେ ୧୩୫ଟି ବନ କ୍ଷେତ୍ରାଞ୍ଚଳର ୧୨.୫ ହେକ୍ଟର, ୨୦୨୩-୨୪ ଆର୍ଥିକ ବର୍ଷରେ ୪୯୭ଟି ବନ କ୍ଷେତ୍ରାଞ୍ଚଳର ୪୭.୭ ହେକ୍ଟରରେ ନିଆଁ ଲିଗିଥିଲା। ଏ ନେଇ ବନବିଭାଗ ପକ୍ଷରୁ ସଚେତନତା ସହ କମ୍ପାଉଣ୍ଡ ମନି ଆକାରରେ ୧୩ଲକ୍ଷ ୧୦ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଅନ୍ୟପଟେ ଜଙ୍ଗଲ ନିଆଁ ସମ୍ପର୍କରେ ସୂଚନା ଦେଉଥିବା ବ୍ୟକ୍ତିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଉଛି। ଏନେଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ କ୍ରମଶଃ ଜଙ୍ଗଲରେ ଅଗ୍ନିକାଣ୍ଡ ହ୍ରାସ ପାଉଛି। ଏଥିପାଇଁ ତୃଣମୂଳ ସ୍ତରରେ ସଚେତନତା କରାଯାଉଛି। ଏଥିରେ ଅଙ୍କୁଶ ଲଗାଇବାକୁ ହେଲେ ଜନ ସଚେତନତା ନିହାତି ଆବଶ୍ୟକ ବୋଲି ସେ କହିଥିଲେ।



ଜଙ୍ଗଲରେ ଲାଗିଥିବା ନିଆଁକୁ ବନ କର୍ମଚାରୀ ଲିଭାଉଛନ୍ତି।

## ୫ମ ଥର ରାଷ୍ଟ୍ରପତି ଭାବେ ଶପଥ ନେଲେ ପୁଟିନ୍

**ମସ୍କୋ,୭।୫**

ଭ୍ଲାଡିମିର୍ ପୁଟିନ୍ ରେକର୍ଡ ୫ମ ଥର ପାଇଁ ରୁଷିଆ ରାଷ୍ଟ୍ରପତି ଭାବେ ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଚଳାଇବା ସହ ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ସଫା କରି ପୁଟିନ୍ ସବୁ କ୍ଷମତା ନିଜ ହାତମୁଠାରେ ରଖିଛନ୍ତି। କ୍ରେମ୍ଲିନ୍‌ରେ ଶପଥ ଗ୍ରହଣ ଉତ୍ସବ ସହ ତାଙ୍କର ପଞ୍ଚମ ପାଳି ଶାସନ ଆରମ୍ଭ ହୋଇଛି। ତେବେ ୟୁକ୍ରେନ୍ ଉପରେ ଯୁଦ୍ଧକୁ ବିରୋଧକରି ଆମେରିକା ସମେତ ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ଉକ୍ତ ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିଛନ୍ତି। ୧୯୯୯ରୁ ପୁଟିନ୍ କ୍ରମାଗତ ୨୫ ବର୍ଷ ହେଲା କ୍ଷମତାରେ ରହିଛନ୍ତି। ଜୋଶେଫ ଷ୍ଟାଲିନ୍‌ଙ୍କ ପରେ ପୁଟିନ୍ ଦୀର୍ଘଦିନ ଶାସନରେ ରହିଥିବା କ୍ରେମଲିନ୍ ନେତା। ଗତ ମାର୍ଚ୍ଚରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ସେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ। ରୁଷିଆର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସେ ପୁଣି ୬ ବର୍ଷ କ୍ଷମତାରେ ରହିବେ।



## ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୭।୫(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ମଙ୍ଗଳବାର ୨ ଲକ୍ଷ ପୁରସ୍କାର ଘୋଷିତ ଜଣେ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ମାଡ ଡିଭିଜନ ପ୍ଲାଟୁନ ନଂ. ୨୧ର ଜଣେ ସକ୍ରିୟ ମାଓବାଦୀ ମୁଚାକୀ ଜଗା ଆତ୍ମସମର୍ପଣ କରିଛନ୍ତି। ଉକ୍ତ ମାଓବାଦୀଙ୍କ ନିଜ ଗ୍ରାମ କହ୍ନାଇଗୁଡା ହୋଇଥିବା ବେଳେ ସେ ସୁକ୍‌ମା ପୋଲିସ ଅନୁବିଭାଗ ଅଧିକାରୀ ପରମେଶ୍ୱର ତିଲକଦାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ସହଯୋଗ, ପ୍ରଚେଷ୍ଟା ଯୋଗୁ ସେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କୁସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସହ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସୁକ୍‌ମା ପୋଲିସ ସୂତ୍ରରୁ ପ୍ରକାଶ।

## କଂଗ୍ରେସରେ ମିଶିଲେ ଶତାଧିକ ବିଜେଡି, ଭାଜପା କର୍ମୀ

**କଟକ,୭।୫(ଶିଳ୍ପା ପ୍ରିୟଦର୍ଶିନୀ)**

ବାରବାଟୀ-କଟକ ଯୁବ କଂଗ୍ରେସର ମିଶ୍ରଣ ପର୍ବ ସ୍ଥାନୀୟ ଟାଉନ୍ ହଲ୍‌ରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ରାଉତରାୟ ଯୋଗଦେଇଥିଲେ। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ସଚ୍ଚିନ ମୁଖୀ ଓ ବିଜେଡି ଉପସଭାପତି ସେକ୍ ଅସ୍‌ଲମ୍‌ଙ୍କ ନେତୃତ୍ୱରେ ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପୁଅ ଚିତ୍ରଭାନୁ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି ଏବଂ ଭାଜପା କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ପକ୍ଷରୁ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଘର ଘର ବୁଲି ଲୋକଙ୍କୁ ଅବଗତ କରାଯିବା ସହ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏ ନେଇ ସୋଫିଆ କହିଛନ୍ତି, ବିଜେଡି ଓ ଭାଜପାର ବହୁ ସଂଖ୍ୟକ ଯୁବ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ହିଁ କଂଗ୍ରେସ ଦଳ କେତେ ମଜଭୁତ ତାହା ବଖାଣୁଛି। କଟକ ପାଇଁ ଲଢ଼ିବା ଓ ବିକାଶ ଦିଗରେ ସ୍ୱର ଉଠାଇ ତାହାକୁ କାର୍ଯ୍ୟରେ ପରିଣତ କରିବା କଂଗ୍ରେସର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ନଗର ଯୁବ କଂଗ୍ରେସ୍‌ର ପୂର୍ବତନ ସଭାପତି ବିକି ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ଆର୍ଯ୍ୟବୀର ଲେଙ୍କା, ବରିଷ୍ଠ ନେତା ସୂର୍ଯ୍ୟକାନ୍ତ ରାଉତ, ସେକ୍ ଆବିଦ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଶୃଙ୍ଖଳିତ ନିର୍ବାଚନ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ହୋଇଛି

**ଅନୁଗୋଳ,୭।୫ (ଅମିତ କୁମାର ସାମଲ)**

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ କୁମାର ଷଡ଼ଙ୍ଗୀ ମଙ୍ଗଳବାର ଅନୁଗୋଳ ଗସ୍ତରେ ଆସି ନିର୍ବାଚନ ପ୍ରସ୍ତୁତି ପରଖିଛନ୍ତି। ଅନୁଗୋଳ ସମେତ ଉତ୍ତରାଞ୍ଚଳ ରେଞ୍ଜ ଓ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜର ୮ଟି ଜିଲାରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରସ୍ତୁତି ଏବଂ ପରିଚାଳନା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବ୍ୟାପକ ପୋଲିସ ପ୍ରସ୍ତୁତି ହୋଇଥିବା ଡିଜିପି ସୂଚନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି (ଲ'ଆଣ୍ଡ ଅର୍ଡର) ସଞ୍ଜୟ କୁମାର, ଏଡିଜି(ଅପରେଶନ) ଏସ୍ ଦେବଦର ସିଂ, ଡିଆଇଜି(ଏସ୍‌ଆଇଡବ୍ଲ୍ୟୁ) କନୱର ବିଶାଲ ସିଂ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କ ସମେତ ଉଭୟ ରେଞ୍ଜ ଅଧୀନ ୮ ଜିଲାର ଏସ୍‌ପି ଉପସ୍ଥିତ ଥିଲେ। ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଷଡ଼ଙ୍ଗୀ କହିଥିଲେ, ଉତ୍ତରାଞ୍ଚଳ ଓ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜରେ ସମୁଦାୟ ୪ଟି ସଂସଦୀୟ କ୍ଷେତ୍ର ଓ ୨୮ଟି ବିଧାନସଭା କ୍ଷେତ୍ର ରହିଛି। ନିର୍ବାଚନ ପରିଚାଳନା ପାଇଁ ଜାନୁଆରୀ ପ୍ରଥମ ସପ୍ତାହରୁ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଜାନୁଆରୀ ପହିଲାରୁ ଏପର୍ଯ୍ୟନ୍ତ ଉତ୍ତରାଞ୍ଚଳ ଓ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜରେ ୭୫ଟି ଚୋରା ବନ୍ଧୁକ ଜବତ କରାଯାଇଛି। ୧ ଲକ୍ଷ ୮୨ ହଜାର ଲିଟର ବେଆଇନ ମଦ ଜବତ କରାଯାଇଛି। ୩ ହଜାର ୨୮୬ଟି ମାମଲା ରୁଜୁ କରାଯାଇ ୩ ହଜାର ୨୮୬ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରାୟ ୩୩ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ୧୦୪ଟି ମାମଲ ରୁଜୁ କରାଯାଇ ୧୭୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମୋବାଇଲ ପାଟ୍ରୋଲିଂ, ଷ୍ଟାଟିଷ୍ଟିକ୍ସ ଟିମ୍, ମୋବାଇଲ ସ୍କାଡ୍, କୁଇକ୍ ରିଆକ୍ସନ ଫୋର୍ସ ସକାଗ ରଖାଯାଇଛି। ପ୍ରତି ବିଧାନସଭା କ୍ଷେତ୍ର ପାଇଁ ୨ରୁ ୪ କମ୍ପାନୀ ପର୍ଯ୍ୟନ୍ତ ସେଣ୍ଟ୍ରାଲ ପାରା ମିଲିଟାରି ଫୋର୍ସ ରଖାଯାଇଛି। ପ୍ରତି ଜିଲାରେ ଏବେ ୧ରୁ ୨ଟି ଅର୍ଦ୍ଧ ସାମରିକ ବାହିନୀ ଫୋର୍ସ ରହିଛି। ଛତିଶଗଡ଼ ସୀମାଠାରୁ ନେଇ ବିଭିନ୍ନ ଚେକପୋଷ୍ଟରେ ୨୪ ଘଣ୍ଟିଆ ଯାଞ୍ଚ ଚାଲିଛି। ଅନ୍ତଃଜିଲା ଚେକ ପୋଷ୍ଟରେ ଜଡ଼ାକଡ଼ି ଯାଞ୍ଚ କରାଯାଉଛି। ସହର ଭିତରେ ଥିବା ସମ୍ବେଦନଶୀଳ ଅଞ୍ଚଳରେ ନାକା ଲଗାଯାଇଛି। ଝାରସୁଗୁଡ଼ା ଓ ସମ୍ବଲପୁର ଭଳି ସମ୍ବେଦନଶୀଳ ଜିଲାରେ ପୋଲିସ ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିବା ବେଳେ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହେବା ନେଇ ଡିଜିପି ଆଶାବାଦୀ ଥିବା ପ୍ରକାଶ କରିଥିଲେ।



ବୈଠକରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ଅଧିକାରୀମାନେ।

### ଅନୁଗୋଳରେ ୮ ଜିଲାର ସ୍ଥିତି ପରଖିଲେ ଡିଜିପି

## ନିର୍ବାଚନୀ ଇସ୍ତାହାର ଜାରି କରିପାରୁନି ବିଜେଡି: ସଜ୍ଜନ

**ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର)**

ସାଧାରଣତଃ ନିର୍ବାଚନ ସମୟରେ ସରକାରରେ ଥିବା ରାଜନୈତିକ ଦଳଗୁଡ଼ିକ ଗତ ୫ବର୍ଷରେ କ'ଣ କରିଛନ୍ତି ବା ଆଗାମୀ ଦିନରେ ସରକାରକୁ ଆସିଲେ କ'ଣ ସବୁ କରିବେ ସେସବୁ ଲୋକଙ୍କ ନିକଟରେ ରଖିଥାନ୍ତି। କେନ୍ଦ୍ର ସରକାର ଗତ ୧୦ ବର୍ଷରେ ଯାହା କରିଛନ୍ତି ତାକୁ ଉପସ୍ଥାପିତ କରିବା ସହ ଆଗାମୀ ୫ ବର୍ଷରେ ଓଡ଼ିଶାରେ କ'ଣ କରିବାକୁ ଚାହୁଁଛନ୍ତି ତାହାର ରୋଡ୍ ମ୍ୟାପ୍ ସ୍ପଷ୍ଟଭାବେ ରାଜ୍ୟବାସୀଙ୍କ ପାଖରେ ଉପସ୍ଥାପିତ କରିଛନ୍ତି। ହେଲେ ରାଜ୍ୟରେ ୨୫ବର୍ଷ ଧରି ଚାଲିଥିବା ବିଜେଡି ସରକାର ଗତ ୫ ବର୍ଷରେ କ'ଣ କରିଛନ୍ତି ତା'ର ହିସାବ ଦେଇପାରିନାହାନ୍ତି। ଏପରି କି ଆଗାମୀ ୫ବର୍ଷରେ ବିଜେଡି କ'ଣ କରିବାକୁ ଚାହୁଁଛି ତାହାର ରୋଡ୍ ମ୍ୟାପ୍ ଅଥବା କୌଣସି ମାନିଫେଷ୍ଟୋ(ନିର୍ବାଚନୀ ଇସ୍ତାହାର) ମଧ୍ୟ ଜାରି କରିନାହିଁ ବୋଲି ଭାଜପା ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସଜ୍ଜନ କହିଛନ୍ତି, ବିଜେଡି କେବଳ ମିଥ୍ୟା ଅଭିଯୋଗ କରୁଛି। ବର୍ତ୍ତମାନ ଭୋଟ ଯାହା ନାଁରେ ମଗାଯାଉଛି, ସେ ସରକାର ଚଳାଉନାହାନ୍ତି। ସରକାର ଆଉ ଜଣେ ଚଳାଉଛନ୍ତି। ବିଜେଡିର ନେତା କ୍ୟାମ୍ପେନ କରୁ ନାହାନ୍ତି ବରଂ ତାଙ୍କ ଗୁମାସ୍ତା କରୁଛନ୍ତି। ଅନୁଚରମାନେ କେବଳ ମିଛ କହୁଛନ୍ତି। ସ୍ୱର୍ଗତ ବିଜୁବାବୁଙ୍କ ନାଁରେ ଯେଉଁ ଦଳ ତିଆରି ହୋଇଛି, ସେ ଯେଉଁ ଓଟିଏମ୍ ଶିଳ୍ପାନୁଷ୍ଠାନ ଗଢ଼ିଥିଲେ ତା'ର ସ୍ଥିତି କ'ଣ ବିଜେଡି ତାହାର ଉତ୍ତର ଦେଉ। ଦ୍ୱନ୍ଦ୍ୱ, ଛନ୍ଦ, କପଟର ଉତ୍ତର ଆଗାମୀ ଜୁନ୍ ୪ରେ ଓଡ଼ିଶାବାସୀ ଦେବେ। ଏ ସରକାର ନିଶ୍ଚିତ ବଦଳିବ ବୋଲି ସଜ୍ଜନ କହିଛନ୍ତି।

## ସୀତାରାଣୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ହାଟଡିହୀ,୭।୫(ଶୁଭକାନ୍ତ ନାୟକ/ପାର୍ଥ ସୌରଭ ସା)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାସଙ୍ଗ ଗ୍ରାମର ଶିକ୍ଷାବିତ ସ୍ୱର୍ଗତଃ ଭାଗିରଥି ବିଶ୍ୱାଳଙ୍କ ଧର୍ମପତ୍ନୀ ତଥା 'ଧରିତ୍ରୀ' ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳଙ୍କ ମା' ସୀତାରାଣୀଙ୍କ ବିୟୋଗରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶାସଙ୍ଗ ଯଜ୍ଞ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ହାଟଡିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଘସିପୁରା ବ୍ଲକ ବିଇଓ ତପୋଧନ ସ୍ୱାଇଁ, ଶିକ୍ଷାବିତ ନରହରି ରାଉତ, ପୂର୍ବତନ ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ କାହ୍ନୁ ଚରଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସୀତାରାଣୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ 'ସୀତାରାଣୀ ସ୍ମରଣେ' ଏକ ପୁସ୍ତକ ସଂକଳନ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜିଲା ପରିଷଦ ସଦସ୍ୟ ବିଦ୍ୟାଧର ବିଶ୍ୱାଳ, ଶାସଙ୍ଗ ସରପଞ୍ଚ ମଧୁସ୍ମିତା ସ୍ୱାଇଁ, ନିରଞ୍ଜନ ସାମଲ, ଅନାମ ଚରଣ ବରାଳ, ଅନାଦି ଚରଣ ବିଶ୍ୱାଳ, ଜାନକୀଲତା ବିଶ୍ୱାଳ ଓ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗ୍ରାମବାସୀ, ବନ୍ଧୁ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ଧାନବିଲରେ ଦନ୍ତାହାତୀର ମୃତଦେହ

**ଭବାନୀପାଟଣା,୭।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅଧୀନ ଏମ୍.ରାମପୁର ରେଞ୍ଜ ଅଞ୍ଚଳରେ ମଙ୍ଗଳବାର ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ଏହି ରେଞ୍ଜର ଗୌଡ଼ କର୍ଲାଖୁଣ୍ଟା ଗ୍ରାମ ନିକଟରେ ମଧ୍ୟାହ୍ନରେ ଧାନବିଲରେ ଦନ୍ତାହାତୀ ମରି ପଡ଼ିଥିବାର ଦେଖି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇ ଏମ୍.ରାମପୁର ରେଞ୍ଜ ଅଧିକାରୀ ତଥା ଏସିସିଏଫ୍ ଅସିତ କୁମାର ଦାଶ ସଦଳବଳ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପ୍ରାଣୀ ସମ୍ପଦ ବିଭାଗ



ଧାନବିଲରେ ଦନ୍ତାହାତୀର ମୃତଦେହ ପଡ଼ିଛି।

### କାରଣ ଅସ୍ପଷ୍ଟ

ଡାକ୍ତରୀ ଦଳ ଦ୍ୱାରା ହାତୀର ମୃତଦେହ ବ୍ୟବଚ୍ଛେଦ କରାଗଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସିସିଏଫ ଦାଶ ପ୍ରକାଶ କରିଛନ୍ତି। ହାତୀଟି ଧାନ ଫସଲ ଖାଇବାକୁ ଆସିଥିବା ବେଳେ କୌଣସି କାରଣରୁ ମୃତ୍ୟୁ ଘଟିଛି। ଗାଁ ଲୋକଙ୍କ କହିବା ମୁତାବକ, ସୋମବାର ବିଳମ୍ବିତ ରାତିରେ ହାତୀର ଚିତ୍କାର ଶୁଣିବାକୁ ମିଳିଥିଲା। ତେବେ ଏହି ଅଞ୍ଚଳରେ ବର୍ଷର ସବୁ ସମୟରେ ହାତୀ ଚଳପ୍ରଚଳ କରୁଥିବାରୁ କେହି ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ହାତୀମୃତ୍ୟୁର କାରଣ ଜାଣିବା ପାଇଁ ବିଦ୍ୟୁତ୍ ବିଭାଗ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ରାତି ହୋଇଯିବା କାରଣରୁ ସମସ୍ତ କାର୍ଯ୍ୟ ବୁଧବାର ସକାଳୁ ହେବ। ବର୍ତ୍ତମାନ ହାତୀର ମୃତଦେହକୁ ବନ ବିଭାଗ କର୍ମଚାରୀମାନେ ଜଗି ରହିଛନ୍ତି।

## ତୁର୍କୀ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଓଡ଼ିଆ ପୁଅ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍




କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀଙ୍କ ଚର୍ଚ୍ଚିତ ଏକ କାର୍ଟୁନ ତୁର୍କୀରେ ପ୍ରଦର୍ଶିତ ହୋଇଛି।

**ବଲାଙ୍ଗୀର,୭।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ଗତ ୫ ତାରିଖରେ ବିଶ୍ୱ କାର୍ଟୁନିଷ୍ଟ ଦିବସ ପାଳନ ଅବସରରେ ତୁର୍କୀର ଏକ୍ ବିଶ୍ୱବିଦ୍ୟାଳୟ ଆବାହକତ୍ୱରେ ଆୟୋଜିତ ଇଣ୍ଟରନ୍ୟାଶନାଲ ଅନ୍‌ଲାଇନ୍ ଜୁରିଡ୍ ଗ୍ରୁପ୍ କାର୍ଟୁନ୍ ପ୍ରଦର୍ଶନୀରେ ଓଡ଼ିଶାର ଜଣାଶୁଣା କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ ବ୍ୟଙ୍ଗଚିତ୍ର ସ୍ଥାନ ପାଇଛି। ଏଥିରେ ନେକ୍‌ଡେଟ୍ ବୁଡାକ୍ ସଭାପତି ତଥା ଡ. କେମ୍ ଗୁଜେଲୋଗ୍ଲୁ କ୍ୟୁରେଟର୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଓ ୧୬ ଜଣିଆ ବିଚାରକମଣ୍ଡଳୀ ବିଶ୍ୱର କୋଣ ଅନୁକୋଣରୁ ୭୨ଟି କାର୍ଟୁନ୍‌କୁ ପ୍ରଦର୍ଶନୀ ପାଇଁ ନିର୍ବାଚିତ କରିଥିଲେ। ଏହି ଅବସରରେ ଏକ କାର୍ଟୁନ ପୁସ୍ତିକା ମଧ୍ୟ ୟୁନିଭର୍‌ସିଟି ୱେବ୍‌ସାଇଟରେ ଉନ୍ମୋଚିତ ହୋଇଛି। ବିଶ୍ୱସ୍ତରରେ କାର୍ଟୁନିଷ୍ଟମାନଙ୍କୁ ଯୋଡିବା, ହାସ୍ୟ ରସାତ୍ମକ ଭାବର ପ୍ରଭାବକୁ ବିସ୍ତାରିତ କରିବା, ଗଠନମୂଳକ ଆଲୋଚନା ତଥା ହସିବା-ହସାଇବା କଳାକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ। ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ମନୁଷ୍ୟକୃତ କର୍ମ ହେତୁ ସର୍ବଦା ଜର୍ଜରିତ ବିଶ୍ୱ ପରିବେଶର ଏକ ବାସ୍ତବ ଚିତ୍ର ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀରେ ସୁରକ୍ଷାର ଉତ୍ତରଦାୟିତ୍ୱକୁ ନେଇ ଏକ ବଳିଷ୍ଠ ବାର୍ତ୍ତା ପ୍ରଦାନ କରାଯାଇଛି। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଅନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପରିପକ୍ୱ ହେଲେ ...

ନିଜ ଉତ୍ତରାଧିକାରୀ ଘୋଷଣା କରିବେ ବୋଲି ମାୟାବତୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ସୂଚନା ଦେଇଛନ୍ତି। ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ କହିଛନ୍ତି, ଦଳ ଓ ବହୁଜନ ଆନ୍ଦୋଳନର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ଏହି ଦୁଇ ଗୁରୁଦାୟିତ୍ୱରୁ ହଟାଯାଉଛି। ସେ ସମ୍ପୂର୍ଣ୍ଣ ପରିପକ୍ୱ ହେବା ପରେ ପୁଣି ଫେରିବେ। କିନ୍ତୁ ଆକାଶଙ୍କ ବାପା ଆନନ୍ଦ କୁମାର ବିଏସ୍‌ପିରେ ନିଜ ଦାୟିତ୍ୱ ତୁଲାଇଚାଲିବେ। ପ୍ରକାଶ ଯେ, ଲଣ୍ଡନରେ ଏମ୍‌ବିଏ ପଢ଼ିଥିବା ଆକାଶ ଆନନ୍ଦଙ୍କୁ ଗତ ଡିସେମ୍ବର ୧୦ରେ ମାୟାବତୀ ଏହି ଉତ୍ତରଦାୟିତ୍ୱ ଦେଇଥିଲେ। କିନ୍ତୁ ଆକାଶ ନିକଟରେ ସୀତାପୁରରେ ନିର୍ବାଚନ ପ୍ରଚାର ବେଳେ ଭାଜପାକୁ ତାଲିବାନ୍ ସହ ତୁଳନା କରିଥିଲେ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ତାଙ୍କ ବିରୋଧରେ ଜିଲା ପ୍ରଶାସନ ମାମଲା ରୁଜୁ କରିଛି। ଏଥିଲାଗି ମାୟାବତୀ ନିଜ ପୁତୁରା ଏବେ ବି ଅପରିପକ୍ୱ ବୋଲି ବୁଝିପାରିଛନ୍ତି।

## କାର୍‌ରୁ ୫ ଲକ୍ଷ ଟଙ୍କା ଜବତ

**ବଲାଙ୍ଗୀର, ୭।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର-ଟିଟିଲାଗଡ ରାସ୍ତାର ବିଜାଖମନ ନିକଟରେ ସୋମବାର ରାତିରେ ପୋଲିସ ପକ୍ଷରୁ ଗାଡି ଯାଞ୍ଚ ଚାଲିଥିବା ବେଳେ ଏକ କାର୍‌ରୁ ୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏହି ଟଙ୍କା କାହାର ପୋଲିସ କିଛି ବି ସୂଚନା ଦେଇନାହିଁ। ଜବତ ଟଙ୍କା ଓ କାର୍ ଚାଳକଙ୍କୁ ଫ୍ଲାଇଂ ସ୍କାଡ୍‌କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଟଙ୍କା କେଉଁ ଠାରୁ କେଉଁଠିକୁ ଯାଉଥିଲା ସେ ନେଇ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୮/୨୦୨୪ Bhubaneswar, Wednesday, May 8/ 2024

# କ୍ୟାପିଟାଲ୍ସର ଷଷ୍ଠ ବିଜୟ

ନୂଆଦିଲ୍ଲୀ,୭।୫

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମଙ୍ଗଳବାର ରାଜସ୍ଥାନ ରୟାଲ୍ସକୁ ୨୦ ରନରେ ହରାଇ ଷଷ୍ଠ ବିଜୟ ହାସଲ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ଜେକ୍ ଫ୍ରେଜର ମ୍ୟାକଗୁର୍କ୍ ଓ ଅଭିଷେକ ପୋରେଲ୍‌ଙ୍କ ଅର୍ଦ୍ଧଶତକ ବଳରେ କ୍ୟାପିଟାଲ୍ସ ୨୦ ଓଭରରେ ୮ ଉଇକେଟରେ ୨୨୧ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୨୦ ଓଭରରେ ୮ ଉଇକେଟ ହରାଇ ୨୦୧ ରନ୍ କରିଥିଲା।

ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ତେବେ ଜେକ୍ ଫ୍ରେଜର ମ୍ୟାକଗୁର୍କ ଧୂଆଁଧାର ବ୍ୟାଟିଂ କରି ଅଭିଷେକ ପୋରେଲ(୬୫)ଙ୍କ ସହ ପ୍ରଥମ ଉଇକେଟରେ ୬୦ ରନ୍ ଯୋଡିଥିଲେ। ମାତ୍ର ୨୦ ବଲ୍ ଖେଳି ୭ ଚୌକା ଓ ୩ ଛକା ସହ ୫୦ ରନ୍ କରି ସେ ଆଉଟ ହୋଇଥିଲେ। ୬୮ ରନ୍‌ରେ ୨ ଉଇକେଟର ପତନ ପରେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ଅଭିଷେକ ପୋରେଲ। ଅକ୍ଷର ପଟେଲ(୧୫)ଙ୍କୁ ସାଥୀ କରି ସେ ୪୨ ରନ୍ ଯୋଡିଥିଲେ। ଅଭିଷେକ ୩୬ ବଲ୍ ଖେଳି ୭ ଚୌକା ଓ ୩ ଛକା ସହାୟତାରେ ୬୫ ରନ୍ କରିଥିଲେ। ଶେଷ ଆଡକୁ ଗୁଲବଦ୍ଦିନ ନାଇବ ୧୯ ଓ ଟ୍ରିଷ୍ଟାନ ଷ୍ଟବ୍ସ ୪୧ ରନ୍ କରିବାରୁ କ୍ୟାପିଟାଲ୍ସ ୨୨୧ ରନ୍‌ରେ ପହଞ୍ଚିଥିଲା। ରାଜସ୍ଥାନର ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଚମତ୍କାର ବୋଲିଂ କରି ୩/୨୪ର ଫିଗର ହାସଲ କରିଥିଲେ। ୨୨୨ ରନ୍ ଲକ୍ଷ୍ୟରେ ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ୍ ଲଢୁଆ ବ୍ୟାଟିଂ କରି ୮୬ ରନ୍ କରିଥିଲେ। ୪୬ ବଲ୍ ଖେଳି ସେ ୮ ଚୌକା ଓ ୬ ଛକା ମାରିଥିଲେ। ଚଳିତ ସିଜନର ପଞ୍ଚମ ଅର୍ଦ୍ଧଶତକ ମାରିଥିଲେ ମଧ୍ୟ ଅନ୍ୟ ଖେଳାଳିଙ୍କ ସହାୟତା ନ ମିଳିବାରୁ ରାଜସ୍ଥାନ ବିଜୟ ଲକ୍ଷ୍ୟରୁ ୨୦ ରନ୍ ଦୂରରେ ରହି ଯାଇଥିଲା। ଅନ୍ୟ ଖେଳାଳିଙ୍କ ମଧ୍ୟରେ ରିୟାନ ପରାଗ ୨୭, ଶୁଭମ ଦୁବେ ୨୫ ଓ ଜୋଶ ବଟଲର ୧୯ ରନ୍ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କୁଲଦୀପ ଯାଦବ, ମୁକେଶ କୁମାର ଓ ଖଲିଲ ଅହମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ହାଇଦ୍ରାବାଦ ବନାମ ଲକ୍ଷ୍ନୌ

ସ୍ଥାନ: ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୫ | ୧୨ | +୦.୭୦୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୬ | ୫ | ୧୨ | -୦.୦୬୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୬ | ୫ | ୧୨ | -୦.୩୭୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ କିଙ୍ଗ୍ସ | ୧୧ | ୪ | ୭ | ୮ | -୦.୧୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ଗୁଜରାଟ ଟାଇଟନ୍ସ | ୧୧ | ୪ | ୭ | ୮ | -୧.୩୨୦ |



ଉଇକେଟ ନେବା ପରେ କୁଲ୍‌ଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୨୧/୮ (ଅଭିଷେକ ପୋରେଲ-୬୫, ଜେକ୍ ଫ୍ରେଜର ମ୍ୟାକଗୁର୍କ୍-୫୦, ଟ୍ରିଷ୍ଟାନ ଷ୍ଟବ୍ସ-୪୧, ଆର. ଅଶ୍ୱିନ-୩/୨୪, ସନ୍ଦୀପ ଶର୍ମା-୧/୪୨, ଟ୍ରେଣ୍ଟ ବୋଲ୍ଟ-୧/୪୮)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୦୧/୮(ସଞ୍ଜୁ ସାମସନ୍-୮୬, ରିୟାନ ପରାଗ-୨୭, ଶୁଭମ ଦୁବେ-୨୫, କୁଲଦୀପ ଯାଦବ-୨/୨୫, ମୁକେଶ କୁମାର-୨/୩୦, ଖଲିଲ ଅହମଦ-୨/୪୭)।

# ବାରାଣସୀରେ ରାତ୍ରିଯାପନ କଲେ କେକେଆର୍ ଖେଳାଳି

ନୂଆଦିଲ୍ଲୀ, ୭।୫(ପି.ଟି.)

କୋଲକାତା ନାଇଟ ରାଇଡର୍ସ (କେକେଆର) ଖେଳାଳିମାନେ ବିମାନଯୋଗେ ଲକ୍ଷ୍ନୌରୁ କୋଲକାତା ଯାଉଥିବା ବେଳେ ପ୍ରତିକୂଳ ପାଗ ଯୋଗୁ ଏକାଧିକ ଥର ସେମାନଙ୍କୁ ଗତିପଥ ବଦଳାଇବାକୁ ପଡ଼ିଛି। ଶେଷରେ ସେମାନଙ୍କୁ ବାରାଣସୀରେ ଗୋଟିଏ ରାତି ବିତାଇବାକୁ ହୋଇଛି। ରବିବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୯୮ରନରେ ବିଜୟ ପରେ ଶ୍ରେୟସ ଆୟରଙ୍କ ଦଳ ସୋମବାର ସନ୍ଧ୍ୟାରେ ଅର୍ଥାତ ୫ଟା ୪୫ ମିନିଟରେ କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଦଳ ଗନ୍ତବ୍ୟସ୍ଥଳରେ ୭ଟା ୩୫ରେ ପହଞ୍ଚିବାର ଥିଲା। ମାତ୍ର ପ୍ରତିକୂଳ ପାଗ ଯୋଗୁ ବିମାନ ପାଇଁ କୋଲକାତା ଅବତରଣ ଅସମ୍ଭବ ଥିଲା। ଫଳରେ ବିମାନଟି ଗତିପଥ ବଦଳାଇ ପ୍ରଥମେ ଗୁଆହାଟୀ ଓ ପରେ ବାରାଣସୀ ଗସ୍ତ କରିଥିଲା। କେକେଆର୍ ଖେଳାଳିମାନେ ସେଠାରେ ଏକ ହୋଟେଲରେ ରାତ୍ରିଯାପନ କରିବା ପରେ ମଙ୍ଗଳବାର ଅପରାହ୍ଣରେ କୋଲକାତା ଗସ୍ତ କରିଥିଲେ। ସୌଭାଗ୍ୟବଶତଃ ମୁମ୍ବାଇ ବିପକ୍ଷ କେକେଆର୍ ପରବର୍ତ୍ତୀ ଗେମ୍ ମେ' ୧୧ରେ ଇଡେନଗାର୍ଡେନ୍ସଠାରେ ଖେଳିବ। ଦଳ ଏହାର ଶେଷ ଦୁଇ ଲିଗ୍ ମ୍ୟାଚ ଯଥାକ୍ରମେ ମେ' ୧୩ରେ ଅହମ୍ମଦାବାଦଠାରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଏବଂ ମେ' ୧୯ରେ ଗୁଆହାଟୀଠାରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି।



ବାରାଣସୀରେ ନୌକାରେ ଯିବା ଅବସରରେ କୋଲକାତା ନାଇଟ ରାଇଡର୍ସ ଖେଳାଳି ମନୀଷ ପାଣ୍ଡେ, କେ.ଏସ.ଭରତ ଓ ଶେର୍ଫାନେ ରଥରଫୋର୍ଡ।

# ଦେବାଶିଷ, ଆହାନ, ସୋହିନୀ ବିଜୟୀ

ଭୁବନେଶ୍ୱର, ୭।୫ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଦେବାଶିଷ ସାହୁଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ମଙ୍ଗଳବାର ୧୮ ବର୍ଷରୁ କମ୍ ବାଳକ ପ୍ରି-କ୍ୱାର୍ଟର ଫାଇନାଲରେ ସେ ୬-୨, ୪-୦ରେ ଅଗ୍ରଣୀ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଅଶ୍ୱଜିତ ସେନ୍‌ଜାମ ରିଟାୟର୍ଡ ହୋଇ ଯାଇଥିଲେ। ବାଳିକା ବିଭାଗରେ ଓଡ଼ିଶାର ଆହାନ ୫-୭, ୬-୧, ୬-୧ ସେଟ୍‌ରେ ଐଶ୍ୱର୍ଯ୍ୟା ଯାଦବଙ୍କୁ ପରାସ୍ତ କରିଛନ୍ତି। ସେହିପରି ସୋହିନୀ ସଞ୍ଜୟ ମହାନ୍ତି ପ୍ରତିପକ୍ଷ ପାର୍ଥସାରଥୀ ଅରୁନ ମୁନ୍ଧେଙ୍କୁ ୬-୪, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ଅଭିପ୍ସା ଦେହୁରି କିନ୍ତୁ ପ୍ରିଶା ନିଖିଲ ସିନ୍ଦେଙ୍କଠାରୁ ହାରି ଯାଇଛନ୍ତି। ଆହାନ ଓ ସୋହିନୀ ସେମାନଙ୍କ ପାର୍ଟନର ସହ ଡବଲ୍ସ ମ୍ୟାଚରେ ମଧ୍ୟ ବିଜୟ ହାସଲ କରିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ